

ନକ୍ସଲବାଦ ଉପରେ ଆଲୋଚନା କଲେ ଶାହ | ୬

ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ବକ୍ସ ଅଫିସ୍‌ରେ ଧମାଲ କରୁଛି ବାବୁସାନଙ୍କ 'ବୋଉ ବୁଟୁ ଭୂତ' | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୮୩ Vol. 22 No-83 23 JUNE 2025 MONDAY, BHUBANESWAR ସୋମବାର, ୨୩ ଜୁନ୍ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦

## ସଂକ୍ଷେପରେ...

### ଅଟକିଲା ହୀରାଖଣ୍ଡ ଏକ୍ସପ୍ରେସ୍

ଜୟପୁର, ୨୨।୬: ଜଗଦଳପୁରରୁ ଭୁବନେଶ୍ୱର ଆସୁଥିବା ହୀରାଖଣ୍ଡ ଏକ୍ସପ୍ରେସ୍‌ର ବଗିରୁ ବଗି ଅଲଗା ହେବାପରେ ଏହା ଆମଗୁଡ଼ାରେ ଅଟକି ରହିଥିଲା। ଦୁଇଟି ବଗି ଇଞ୍ଜିନରୁ ଅଲଗା ହୋଇଯାଇଥିଲା। ରେଳ କର୍ମଚାରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ବଗିଗୁଡ଼ିକୁ ମରାମତି କରିଥିଲେ। ଦୀର୍ଘ ୩ ଘଣ୍ଟା ପରେ ଟ୍ରେନ୍‌ଟି ଗନ୍ତବ୍ୟସ୍ଥଳରେ ଯାଇଥିବା ସୂଚନା ଦିଆଯାଇଛି। ତେବେ ସମସ୍ତ ଯାତ୍ରୀ ସୁରକ୍ଷିତ ରହିଥିବା ଜଣାପଡ଼ିଛି।

### ମଝି ସମୁଦ୍ରରେ ବୁଡ଼ିଗଲା ୨ ଟ୍ରଲର

ଦୀଘା, ୨୨।୬: ରବିବାର ପୂର୍ବାହ୍ନରେ ପଶ୍ଚିମବଙ୍ଗର ଦୀଘାଠାରୁ ୧୦୦କିମି ଦୂର ଜମ୍ବୁଦ୍ୱୀପ ନିକଟରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଦୁଇଟି ଟ୍ରଲର ବୁଡ଼ି ଯାଇଥିବା ସୂଚନା ମିଳିଛି। ଏହି ଦୁଇଟି ଟ୍ରଲରରେ ୨୯ଜଣ ମତ୍ସ୍ୟଜୀବୀ ରହିଥିଲେ। ତେବେ ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ସୂଚନା ମିଳିଛି।


### ବାଇକ୍‌କୁ ପିଟିଲା ଟ୍ରକ୍, ୨ ମୃତ

ରାଜଗାଙ୍ଗପୁର, ୨୨।୬(ଭାସ୍କର ନ୍ୟୁଜ): ରବିବାର ପୂର୍ବାହ୍ନରେ ରାଜଗାଙ୍ଗପୁର ବଡ଼ପାଲି ଟୋଲ୍‌ଗେଟ୍ ନିକଟରେ ଏକ ବାଇକ୍‌କୁ ଦ୍ରୁତଗାମୀ ଟ୍ରକ୍ ପିଟିବା ଫଳରେ ବାଇକ୍‌ରେ ଥିବା ୨ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟଜଣେ ଗୁରୁତର ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏହି ଘଟଣାପରେ ଟ୍ରକ୍ ଡ୍ରାଇଭର ଫେରାର ହୋଇଯାଇଛି। ପୋଲିସ ଦୁଇ ମୃତକଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁକରି ଦୁଇଟିଯାକ ଗାଡ଼ିକୁ ଜବତ କରିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଏକ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

ସେନ୍‌ସେକ୍ସ: ୮୨,୪୦୮.୧୭
ସର୍ବାଧିକ: ୩୩.୪ ଡିଗ୍ରୀ
ସର୍ବନିମ୍ନ: ୨୭.୮ ଡିଗ୍ରୀ

**୨୨।୬।୨୦୨୫ ର ମତାମତ**

ପର୍ଯ୍ୟଟନ କନକ୍ଲେଭ ରାଜ୍ୟର ପର୍ଯ୍ୟଟନ ବିକାଶକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ କି?




**ଆଜିର ପ୍ରସଙ୍ଗ**

ଇସ୍ରାଏଲ-ଇରାନ ଯୁଦ୍ଧରେ ଆମେରିକା ପ୍ରବେଶ କରିବା ଠିକ୍ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ରଥଯାତ୍ରା ସ୍ୱତନ୍ତ୍ର ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ

# ଅଘଟଣ ଶୂନ୍ୟ ରଥଯାତ୍ରା ଲକ୍ଷ୍ୟ



**ରଥଯାତ୍ରା ଆମ ସଂସ୍କୃତିର ଗୌରବମୟ ପରିଚୟ**

**ସୁପରିଚାଳନା ପାଇଁ ପ୍ରଶାସନ ସଂପୂର୍ଣ୍ଣ ପ୍ରସ୍ତୁତ**

**ଭକ୍ତମାନଙ୍କ ସୁରକ୍ଷା ନେଇ ପଦକ୍ଷେପ**

**ପୁରୀ ଜଗିବ ଏଆଇ କ୍ୟାମେରା: ଡିଜିପି**

ଭୁବନେଶ୍ୱର/ପୁରୀ, ୨୨।୬(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ପୁରୀ ପୌରସଂସ୍ଥାର ଟାଉନ ହଲଠାରେ ରଥଯାତ୍ରା ପରିଚାଳନା ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରି କହିଛନ୍ତି ଯେ, ରଥଯାତ୍ରାର ସୁପରିଚାଳନା ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛି। ବୈଠକରେ ମୁଖ୍ୟମନ୍ତ୍ରୀ ରଥଯାତ୍ରାକୁ ସମ୍ପୂର୍ଣ୍ଣ ଭାବେ ଅଘଟଣ-ମୁକ୍ତ (ଓଭମସୟରଭସ୍ତ ରଝ୍ଵରର) କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ପୋଲିସ ନିୟୋଜନ, ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା, ଅଗ୍ନିଶମ ସୁରକ୍ଷା ବ୍ୟବସ୍ଥା ଆଦି ସମସ୍ତ କାର୍ଯ୍ୟଗୁଡିକୁ ସଠିକ ଭାବେ ପରିଚାଳନା କରି ଶ୍ରଦ୍ଧାଳୁ ମାନେ ଯେପରି ଶୃଙ୍ଖଳିତ • ପୃଷ୍ଠା ୫ ଦେଖନ୍ତୁ

### ଧର୍ମପତ୍ନୀଙ୍କ ସହ ଅଲାରନାଥଙ୍କୁ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ



ପୁରୀ, ୨୨।୬ (ଭାସ୍କର ନ୍ୟୁଜ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ପୁରୀ ଜିଲ୍ଲା ଅନ୍ତର୍ଗତ ବ୍ରହ୍ମଗିରି ଅଲାରନାଥଙ୍କ ପୀଠରେ ଧର୍ମ ପତ୍ନୀଙ୍କୁ ନେଇ ଅନବସର ଦର୍ଶନ କରିଛନ୍ତି। ରଥଯାତ୍ରାର ସମୀକ୍ଷା ବୈଠକ ଯୋଗଦେଇ ସେଠାରୁ ବାହାରି ଅପରାହ୍ନ ୪ଘଣ୍ଟିକା ସମୟରେ ବ୍ରହ୍ମଗିରି ଅଲାରନାଥଙ୍କ ପିଠରେ ପହଞ୍ଚିଥିଲେ । ସେଠାରେ ଶ୍ରଦ୍ଧାଳୁ ଓ କର୍ମୀ ମାନଙ୍କ ହରିବୋଲ ହୁଳହୁଳି ଧ୍ୱନିରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରି ଅଲାରନାଥଙ୍କ ଅନବସର ଦର୍ଶନ କରିଥିଲେ। ପରେ ପରେ ମନ୍ଦିର ପରିସରରେ ଥିବା ମା ଲକ୍ଷ୍ମୀଙ୍କୁ ଦର୍ଶନ କରି ସାରି ଚୈତନ୍ୟଙ୍କ ଭାବର ଶିଳାକୁ ଦର୍ଶନ କରିଥିଲେ। ପରେ ଶ୍ରୀ ଅଲାରନାଥ ଙ୍କ ସେବାୟତଙ୍କ ସହ ଧର୍ମ ପତ୍ନୀଙ୍କୁ ନେଇ ମୁଖ୍ୟମନ୍ତ୍ରୀ ଫଟୋ ଉଠାଇ ହାତଟେକି ଜୟ ଅଲାରନାଥ ଧ୍ୱନି ଦେଇ ସିଂହ ଦ୍ୱାରକୁ ଯାଇଥିଲେ। ଏହି କାର୍ଯ୍ୟକ୍ରମ ରେ ସ୍ଥାନୀୟ ବିଧାୟିକା ଉପାସନା ମହାପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଏବଂ ରାଜ୍ୟ ବିଜେପି ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ ଉପସ୍ଥିତ ଥିଲେ।

## ଇରାନ ରାଷ୍ଟ୍ରପତିଙ୍କ ସହ କଥା ହେଲେ ମୋଦୀ

# ଶାନ୍ତି ଆଲୋଚନା ପାଇଁ ଆହ୍ୱାନ

**ଇରାନ-ଇସ୍ରାଏଲ ଯୁଦ୍ଧରେ ଆମେରିକାର ଏଣ୍ଟ୍ରି**

**୩ ଆଣବିକ କ୍ଷେତ୍ର ଉପରେ କ୍ଷେପଣାସ୍ତ୍ର ମାଡ଼**

**ଇସ୍ରାଏଲର ୧୪ ସହରକୁ ଇରାନର ଟାର୍ଗେଟ, ୩୫ ମିସାଇଲ ମାଡ଼**



ନୂଆଦିଲ୍ଲୀ, ୨୨।୬: ଗତ କିଛିଦିନ ହେବ ଇରାନ ଓ ଇସ୍ରାଏଲ ମଧ୍ୟରେ ଭୟାବହ ସଂଘର୍ଷ ଲାଗି ରହିଛି। ଦଶମ ଦିନରେ ମଧ୍ୟ ଉଭୟପକ୍ଷ ଉଭୟପକ୍ଷକୁ ଆକ୍ରମଣ କରିବାରେ ବ୍ୟସ୍ତ ରହିଛନ୍ତି। ତେବେ ଏସବୁ ଭିତରେ ଏହି ଯୁଦ୍ଧରେ ଆମେରିକା ଏଣ୍ଟ୍ରି ମାରିଛି। ଆମେରିକା ସେନା ପକ୍ଷରୁ ଇରାନର ତିନୋଟି ପରମାଣୁ କ୍ଷେତ୍ର ଉପରେ ବଡ଼ ଧରଣର ଆକ୍ରମଣ କରାଯାଇଛି। ଫର୍ଡୋ, ନତାଞ୍ଜ ଓ ଏସଫହାନ ପରମାଣୁ କ୍ଷେତ୍ର ଉପରେ ଆମେରିକାର ଆକ୍ରମଣ ପରେ ବ୍ୟାପକ କ୍ଷୟକ୍ଷତି ଘଟିଥିବା ସୂଚନା ମିଳିଛି। ଆମେରିକାର ଆକ୍ରମଣ ପରେ ଇରାନ ପକ୍ଷରୁ ଆମେରିକା ନାଗରିକଙ୍କ ଉପରେ ଆକ୍ରମଣ କରାଯିବ ବୋଲି ଇରାନ ପକ୍ଷରୁ କଡ଼ା ଚେତାବନୀ ଦିଆଯାଇଛି। ସେହିପରି ଇସ୍ରାଏଲର ୧୪ଟି ସହରକୁ ଇରାନ ଟାର୍ଗେଟ କରି ୩୫ଟି ବାଲିଷ୍ଟିକ ମିସାଇଲ ମାଡ଼ କରିଥିବା ସୂଚନା ମିଳିଛି। ଏସବୁ ଭିତରେ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇରାନ ରାଷ୍ଟ୍ରପତି ମସୁଦ ପେଜେସକିୟନଙ୍କ ସହ ଟେଲିଫୋନ ଯୋଗେ ଦୀର୍ଘ ୪୫ ମିନିଟ୍ ଧରି କଥା ହୋଇଥିବା ସୂଚନା ମିଳିଛି। ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ତତ୍କାଳ ଉତ୍ତେଜନା ହ୍ରାସ, ଆଲୋଚନା ଓ କୂଟନୀତି ପାଇଁ ଆହ୍ୱାନ

**ଘନଉଛି ତୃତୀୟ ବିଶ୍ୱଯୁଦ୍ଧ ଭୟ**

ଦେଇଛନ୍ତି । ଆଲୋଚନା ପରେ ମୋଦୀ ତାଙ୍କ ସୋସିଆଲ ମିଡିଆ 'ଏକ୍ସ'ରେ ପୋଷ୍ଟକରି କହିଛନ୍ତି ଯେ ଇରାନ ରାଷ୍ଟ୍ରପତିଙ୍କ ସହ କଥା ହୋଇଛି। ବର୍ତ୍ତମାନର ସ୍ଥିତି ନେଇ ଆଲୋଚନା କରାଗଲା। ଏହି ଅବସରରେ ସେ ଶାନ୍ତି, ସ୍ଥିରତା ଓ ସୁରକ୍ଷା ପାଇଁ ପୁଣିଥରେ ଆହ୍ୱାନ ଦେଇଥିଲେ। ତେବେ ଆମେରିକାର ଏଣ୍ଟ୍ରିକୁ ନେଇ ଇରାନ କଡ଼ା ସମାଲୋଚନା କରିଛି। ଇରାନର ସର୍ବୋଚ୍ଚ ନେତା ଆୟୋତୋଲା ଖୋମିନି ସତର୍କ କରାଇଛନ୍ତି ଯେ ଆମେରିକାକୁ ଏଥିପାଇଁ ଅପୂରଣୀୟ କ୍ଷତି ସହିବାକୁ ପଡ଼ିବ। ଅନ୍ୟପକ୍ଷରେ ଇରାନ ବିଦେଶ ମନ୍ତ୍ରଣାଳୟ କହିଛି ଯେ ଆମେରିକା ଆକ୍ରମଣ ପରେ କ୍ଷେତ୍ରୀୟ ଯୁଦ୍ଧ ଆରମ୍ଭ ହେବାର ସମ୍ଭାବନା ରହିଛି। ଦୁଇଦେଶ ମଧ୍ୟରେ ହୋଇଥିବା ସଂଘର୍ଷରେ ବର୍ତ୍ତମାନ ସୁଦ୍ଧା ୮୬୫ଜଣଙ୍କର ମୃତ୍ୟୁ ହୋଇଛି। ସେହିପରି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟରେସ୍ ଆମେରିକାର ଆକ୍ରମଣ ଉପରେ ଗଭୀର ଚିନ୍ତାପ୍ରକଟ କରିଛନ୍ତି। ଏହାଦ୍ୱାରା ସଂଘର୍ଷ ନିୟନ୍ତ୍ରଣ ବାହାରକୁ ଯିବ ବୋଲି ସେ ଆଶଙ୍କା ପ୍ରକଟ କରିଛନ୍ତି। ଏସବୁ ଭିତରେ ଏହି ଯୁଦ୍ଧ ତୃତୀୟ ବିଶ୍ୱଯୁଦ୍ଧ ରୂପ ନେଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

# ନବୀନଙ୍କ ସଫଳ ଅସ୍ତ୍ରୋପଚାର



ମୁମ୍ବାଇ/ଭୁବନେଶ୍ୱର, ୨୨।୬(ବ୍ୟୁରୋ): ବିରୋଧୀଦଳ ନେତା ତଥା ବିଜୁ ଜନତାଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କର ରବିବାର ମୁମ୍ବାଇସ୍ଥିତ କୋକିଲାବେନ୍ ଧିରୁଭାଇ ଅମ୍ବାନୀ ହସ୍ପିଟାଲରେ ସର୍ଭାଇକାଲ ଆର୍ଥାଇଟିସ୍‌ର ସଫଳ ଅସ୍ତ୍ରୋପଚାର କରାଯାଇଛି। ଏହି ଅସ୍ତ୍ରୋପଚାର ତାଙ୍କ ବ୍ୟକ୍ତିଗତ ଡାକ୍ତର ରମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ କରାଯାଇଥିବା ସୂଚନା ଦିଆଯାଇଛି। ଅସ୍ତ୍ରୋପଚାର ପରେ ଡାକ୍ତର ପଣ୍ଡା ସୂଚନା ଦେଇ କହିଛନ୍ତି ଯେ ନବୀନ ବାବୁଙ୍କୁ ବର୍ତ୍ତମାନ ନିରୀକ୍ଷଣରେ ରଖାଯାଇଛି। ସେ ୨ରୁ ୩ଦିନ ଅବଜରଭେସନରେ ରହିବେ। ତାଙ୍କୁ ୫ରୁ ୭ ଦିନ ଭିତରେ ଡିସଚାର୍ଜ କରାଯିବ ବୋଲି ସେ ଆଶା ପ୍ରକାଶ କରିଥିଲେ। ସେ କହିଥିଲେ ଯେ ସେ ଖୁବ୍ ସକ୍ରିୟ ଓ ସଚେତନ ରହିଥିବାବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ପ୍ରାୟ ୨ ଘଣ୍ଟାଧରି ଚାଲିଥିବା ଏହି ଅସ୍ତ୍ରୋପଚାର ଏସିଆନ୍ ହାର୍ଟ ଇନଷ୍ଟିଚ୍ୟୁଟର ଡାକ୍ତରଙ୍କ ଉପସ୍ଥିତିରେ ଅଭିଜ୍ଞ ଏକ ଡାକ୍ତରୀ ଟିମ୍ ଦ୍ୱାରା କରାଯାଇଥିଲା। ଅପରେସନ ସମୟରେ ନବୀନଙ୍କ ଭାଇ ପ୍ରେମ ପଟ୍ଟନାୟକ ଓ ଭାଉଜ ମଧ୍ୟ ଉପସ୍ଥିତ ରହିଥିଲେ। ଡାକ୍ତର ରମାକାନ୍ତ ପଣ୍ଡା ତାଙ୍କ ଚିକିତ୍ସାର ତଦାରଖ କରିବେ। ସୂଚନାଯୋଗ୍ୟ ଯେ ନବୀନଙ୍କ ହସ୍ପିଟାଲରେ ଭର୍ତ୍ତି ହେବା ଖବର ପ୍ରଚାର ହେବାପରେ ଦଳମତ ନିର୍ବିଶେଷରେ ଦଳୀୟ ନେତାମାନେ ଓ କର୍ମୀମାନେ ଠାକୁରଙ୍କୁ ପ୍ରାର୍ଥନା କରିଥିଲେ। ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ସମେତ ରାଜ୍ୟର ବହୁ ମନ୍ଦିରରେ ତାଙ୍କ ଆଶୁ ଆରୋଗ୍ୟ କାମନା କରି ପୂଜାପାଠ କରାଯିବା ସହ ଦୀପଦାନ ମଧ୍ୟ କରାଯାଇଥିଲା।

## କମୁଛି ବନ୍ୟା, ବଢୁଛି ଦୁର୍ଦ୍ଦଶା

# ଉତ୍ତର ବାଲେଶ୍ୱର ସ୍ଥିତି ଗମ୍ଭୀର

- ବିପଦ ସଙ୍କେତ ତଳେ ବନ୍ୟାଜଳ
- ୬ଟି ପଞ୍ଚାୟତର ୨୦ ଗ୍ରାମ ପ୍ରଭାବିତ
- ବହୁ ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ
- ହଜାର ହଜାର ଲୋକ ଜଳବନ୍ଦୀ



ବାଲେଶ୍ୱର, ୨୨।୬(ଭାସ୍କର ନ୍ୟୁଜ): ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ସୁବର୍ଣ୍ଣରେଖାରେ ଆସିଥିବା ବନ୍ୟାଜଳ ହ୍ରାସ ପାଇବାରେ ଲାଗିଛି। ଏପରିକି ରବିବାର ରାଜଘାଟଠାରେ ସୁବର୍ଣ୍ଣରେଖା ବିପଦ ସଂକେତ ତଳେ ପ୍ରବାହିତ ହେଉଛି । ତେବେ ବନ୍ୟାଜଳ କମୁଛି ସିନା, ଲୋକଙ୍କ ଦୁର୍ଦ୍ଦଶା ବଢି ବଢି ଚାଲିଛି। ବାଲେଶ୍ୱର ଜିଲ୍ଲାର ଭୋଗରାଇ, ବସ୍ତା, ବାଲିଆପାଳ ଓ ଜଳେଶ୍ୱର ବ୍ଲକର ଅନେକ ଗାଁ ପାଣିଘେରରେ ରହିଛି। ହଠାତ୍ ବନ୍ୟା ଆସିବା ଫଳରେ ବାଲିଆପାଳ, ମଧୁପୁରା, ଅସ୍ତି, ଜାମକୁଣ୍ଡା, ବିଷ୍ଣୁପୁର ଆଦି ୬ଟି ପଞ୍ଚାୟତର ୨୦ଟି ଗାଁ ଏହି ବନ୍ୟାଜଳରେ ପ୍ରଭାବିତ ହୋଇଛି। ସେହିପରି ଚୌଧୁରୀକୁଦ, ବିଷ୍ଣୁପୁର, ଚଢବସ୍ତକାଳରୋହି, ପାଳଚର୍ମ୍ମ, ଜାମକୋଣ୍ଡା, କୁହ୍ଲାଚଢ, ତାଳପଦା, ବଡ଼ ତାଳପଦା ସମେତ ବହୁ ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ମଧ୍ୟ ହୋଇପଡ଼ିଛି। ଏବେ ବି ଗାଁ ଭିତରେ ୩ରୁ ୪ ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଛି। ଯୁଆଡ଼େ ଦେଖିବ ଖାଲି ପାଣି ଆଉ ପାଣି। ସେହିପରି ଭୋଗରାଇ ବ୍ଲକର ବହୁ ଲୋକଙ୍କ ଆସବାବପତ୍ର ନଷ୍ଟ ହୋଇଯାଇଛି। ବିଭିନ୍ନ ଘର ପାଣିରେ ବୁଡ଼ି ରହିଥିବାବେଳେ ଲୋକେ ଗୃହପାଳିତ ପଶୁ ଓ କୁନି କୁନି ପିଲାଙ୍କୁ ନେଇ ନଦୀବନ୍ଧ ଉପରେ ଆଶ୍ରୟ ନେଇଛନ୍ତି। ୨୦ରୁ ଉର୍ଦ୍ଧ୍ୱ ପରିବାରର ଘର ବନ୍ୟାପାଣିରେ ସଂପୂର୍ଣ୍ଣ ବୁଡ଼ିଯାଇଛି। ୧୫ ପରିବାର ପିଲାଛୁଆଙ୍କୁ ନେଇ ରାସ୍ତାରେ ପଲିଥିନ ଟାଙ୍ଗି ରହିଥିବା ଦେଖିବାକୁ ମିଳୁଛି। ବନ୍ୟାଯୋଗୁ ଏକର ଏକର ପରିବା ଓ ନଳିତା ଚାଷ ନଷ୍ଟ ହୋଇଛି। ସେହିପରି ଶନିବାର ବନ୍ୟାଜଳରେ ଭାସି ଯାଇଥିବା ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବାଲେଶ୍ୱର ଉପଜିଲ୍ଲାପାଳ ସୂଚନା ଦେଇଛନ୍ତି। ତାଙ୍କ ପରିବାରକୁ ରେଡକ୍ରସ ପକ୍ଷରୁ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ଲୋକଙ୍କୁ ରିଲିଫ ଯୋଗାଇବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଉଛି। ଆଶାକର୍ମୀମାନେ ଗାଁକୁ ଗାଁ ବୁଲି ଲୋକଙ୍କୁ ଔଷଧ ବାଣ୍ଟୁଛନ୍ତି।

## ତୀର୍ଯ୍ୟକ


ଅର୍ଚ୍ଚିତ ଅନିର୍ବାଣ



ମୌସୁମୀ ଆସିଲା, ଆସି ଫେରିଗଲା
ଲଘୁଚାପ ଦେଲା ମାଡ଼
ଉତ୍ତର ଓଡ଼ିଶା ବନ୍ୟାରେ ଭାସିଲା
ବହିଲାକି ଅବା ଝଡ଼
ନମାନିଲା ବନ୍ଧବାଡ଼
ଘର ଓ ବାହାର ସବୁ ଜଳାର୍ଣ୍ଣବ
ଲଦି ଦୁଃଖର ପାହାଡ଼...।

## ସମ୍ପୂର୍ଣ୍ଣ ସୁସ୍ଥ ହେଲେ ମହାପ୍ରଭୁ

# ଗଜପତିଙ୍କୁ ଅବଗତ କଲେ ଦଇତାପତି ସେବକ



ପୁରୀ, ୨୨।୬ (ଭାସ୍କର ନ୍ୟୁଜ) : ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ସୁବାସିତ ଜଳରେ ମହାପ୍ରଭୁ ଦିବ୍ୟସ୍ନାନ କରି ଜ୍ୱରରେ ପିଡୀତ ହୋଇଥିବା ବେଳେ ଶନିବାର ଏକାଦଶୀ ତିଥିରେ ଖଳିଲାଗି ଓ ଦଶମୂଳ ମୋଦକ ସେବନ କରି ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି। ଅଣସରର ଦ୍ୱାଦଶୀ ତିଥିରେ ଶ୍ରୀଜିଉ ମାନଙ୍କର ଅନୁଷ୍ଠିତ ହୋଇଛି ରାଜପ୍ରାସାଦ ବିଜେ ନୀତି। ଶ୍ରୀମନ୍ଦିରରେ ସକାଳ ଧୂପ ନୀତି ବଢ଼ିବା ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇ ବେହେରଣ ଦ୍ୱାର ଫିଟିବା ସହ ଶ୍ରୀମନ୍ଦିରରୁ ଶ୍ରୀନହରକୁ ରାଜପ୍ରସାଦ ବିଜେ କରାଯାଇଛି। ମହାପ୍ରଭୁ ଏବେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଥିବା ବେଳେ ଏହି ଖବର ଗଜପତି ମହାରାଜାଙ୍କୁ ସୂଚିତ କରାଇବା ନିମନ୍ତେ ଦଇତାପତି ଓ ବିଦ୍ୟାପତି ଶ୍ରୀଜୀଉଙ୍କ ପ୍ରସାଦ ରୂପେ କରାଳ, ଚନ୍ଦନ, ପାଟବସ୍ତ୍ରକୁ ନେଇ ଶ୍ରୀମନ୍ଦିରରୁ ଶ୍ରୀନହରକୁ ବିଜେ କରିଛନ୍ତି। ପରେ ଗଜପତିଙ୍କ ଶ୍ରୀହସ୍ତ ଛୁଆଁ ବସ୍ତ୍ର ବା ଶାଢୀକୁ ମୁଣ୍ଡରେ ବାନ୍ଧିଛନ୍ତି ଦଇତାପତି ସେବକ। ଯାହାକୁ ଶାଢୀବନ୍ଧା ନୀତି କୁହନ୍ତି। ଅନ୍ୟପଟେ ଗଜପତିଙ୍କ ସହ ଶୃଙ୍ଖଳିତ ରଥଯାତ୍ରା ପାଇଁ ସେବାୟତ ମାନେ ଆଲୋଚନା କରିଥିଲେ। ଅନ୍ୟପଟେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଆବଶ୍ୟକ କାଠ ସମସ୍ୟା ଦୂର କରିବା ପାଇଁ ରାଜ୍ୟ ସରକାର ଏବେ ଠାରୁ ଉଦ୍ୟମ ନ କଲେ ସମସ୍ୟା ଉପୁଜିପାରେ। ଶ୍ରୀଜଗନ୍ନାଥ ବନ ପ୍ରକଳ୍ପର କଣ ସ୍ଥିତି ରହିଛି ସେ ନେଇ ଏକ ପୂର୍ଣ୍ଣାଙ୍ଗ ରିପୋର୍ଟ ଏଯାଏଁ ଜଙ୍ଗଲ ଓ ପରିବେଶ ବିଭାଗ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରିନାହିଁ। ପୂର୍ବରୁ ପର୍ଯ୍ୟାପ୍ତ ଜଙ୍ଗଲ ଥିଲା ଓ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ କାଠର ସମସ୍ୟା ନଥିଲା।ରଥଯାତ୍ରାରେ କାଠ ବ୍ୟତୀତ ଅନ୍ୟ କୌଣସି ସାମଗ୍ରୀ ବ୍ୟବହାର କରାଯାଇପାରିବ ନାହିଁ। ତେଣୁ ରଥ କାଠ ଅଭାବକୁ ପୂରଣ କରିବା ପାଇଁ ଏବେ ଠାରୁ ରାଜ୍ୟ ସରକାର ତତ୍ପର ହେବା ଆବଶ୍ୟକ ବୋଲି ଗଜପତି ଦିବ୍ୟସିଂହ ଦେବ କହିଛନ୍ତି।ଆଜି ରାଜପ୍ରସାଦ ବିଜେ ନୀତି ପରେ ଶ୍ରୀନହର ଠାରେ • ପୃଷ୍ଠା ୫ ଦେଖନ୍ତୁ

## ପହଲଗାମ ଆକ୍ରମଣ ମାମଲା

# ଆତଙ୍କବାଦୀଙ୍କ ୨ ସହଯୋଗୀ ଗିରଫ




ଶ୍ରୀନଗର, ୨୨।୬: ଜାତୀୟ ତଦନ୍ତକାରୀ ସଂସ୍ଥା(ଏନଆଇଏ)କୁ ରବିବାର ବଡ଼ ସଫଳତା ମିଳିଛି। ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟାଇଥିବା ଆତଙ୍କବାଦୀଙ୍କୁ ଆଶ୍ରୟ ଦେଇଥିବା ଅଭିଯୋଗରେ ଦୁଇଜଣଙ୍କୁ ଗିରଫ କରିଛି ସଂସ୍ଥା। ଜମ୍ମୁ-କାଶ୍ମୀର ଅନନ୍ତନାଗର ପହଲଗାମରେ ଆତଙ୍କବାଦୀମାନେ ଏପ୍ରିଲ ୨୨ରେ ଏକ ଭୟଙ୍କର ଆକ୍ରମଣ କରିଥିଲେ, ଯେଉଁଥିରେ ୨୬ ନିରୀହ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲା ଏବଂ ୧୬ ଜଣ ଗୁରୁତର ଭାବେ ଆହତ ହୋଇଥିଲେ। ଏନ୍‌ଆଇଏ ଅନୁସାରେ, ପହଲଗାମ ବଟକୋଟର ପରଭେଜ ଅହମ୍ମଦ ଜୋଥର ଏବଂ ପହଲଗାମର ହିଲ ପାର୍କର ବଶୀର ଅହମ୍ମଦ ଜୋଥର ଆକ୍ରମଣରେ ସାମିଲ ଥିବା ତିନି ଜଣ ସଶସ୍ତ୍ର ଆତଙ୍କବାଦୀଙ୍କ ପରିଚୟ ପ୍ରକାଶ କରିଛନ୍ତି। ଏଥିସହ ସେମାନେ ନିଷିଦ୍ଧ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୈବା (ଏଲଇଟି) ସହ ଜଡ଼ିତ ପାକିସ୍ତାନୀ ନାଗରିକ ବୋଲି ମଧ୍ୟ ନିଶ୍ଚିତ କରିଛନ୍ତି। ଏନଆଇଏର ତଦନ୍ତ ଅନୁଯାୟୀ, ପରଭେଜ ଓ ବଶୀର ଆକ୍ରମଣ ପୂର୍ବରୁ ହିଲ ପାର୍କର ଏକ କୁଟୀରରେ ତିନି ଜଣ ସଶସ୍ତ୍ର ଆତଙ୍କବାଦୀଙ୍କୁ ଜାଣିଶୁଣି ଆଶ୍ରୟ ଦେଇଥିଲେ। ଦୁହେଁ ଆତଙ୍କବାଦୀମାନଙ୍କୁ ଭୋଜନ, ଆଶ୍ରୟ ଏବଂ ଲଜିଷ୍ଟିକ୍ ସହାୟତା ଯୋଗାଇଥିଲେ, ଯେଉଁମାନେ ସେହି ଦୁର୍ଭାଗ୍ୟଜନକ ଦ୍ୱିପ୍ରହରରେ ପର୍ଯ୍ୟଟକମାନଙ୍କୁ ସେମାନଙ୍କ ଧାର୍ମିକ ପରିଚୟ ଆଧାରରେ ବାଛି ବାଛି ହତ୍ୟା କରିଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର



ମାହାଙ୍ଗା (ଭାସ୍କର ନ୍ୟୁଜ୍): ସରକାର ରାଜ୍ୟରେ ବନ୍ଦ ପଡିଥିବା ବିଦ୍ୟାଳୟ ଗୁଡିକର ପୁନଃଉଦ୍ଧାର ନିମନ୍ତେ ଘୋଷଣା କରିବା କ୍ଷଣି ମାହାଙ୍ଗା ବିଧାୟକ ଶରଦ ପ୍ରସାଦ ପ୍ରଧାନ ମାହାଙ୍ଗା ବ୍ଲକରେ ବନ୍ଦ ପଡ଼ିଥିବା ୫୧ ଗୋଟି ବିଦ୍ୟାଳୟ ମଧ୍ୟରୁ ୧୪ ଗୋଟି ବିଦ୍ୟାଳୟ କୁ ଖୋଲିବା ପାଇଁ ସିଆରସିସିମାନଙ୍କୁ ଅବଗତ କରିଛନ୍ତି । ଫଳରେ ବର୍ଷ ଆରମ୍ଭରୁ ମାହାଙ୍ଗାରେ ସରକାରୀ ବିଦ୍ୟାଳୟ ସଂଖ୍ୟା ବଢିବା ସହ ପାଖ ଅଂଚଳର ଛାତ୍ର ଛାତ୍ରୀ ମାନେ ଉପକୃତ ହୋଇପାରିବେ । ଖୋଲିବାକୁ ଥିବା ୧୪ ଗୋଟି ବିଦ୍ୟାଳୟ ହେଉଛି ଝିଙ୍କ ଭାସୁଲେଇ ସୋରଳ ପ୍ରାଥମିକ ବିଦ୍ୟାଳୟ, ପୁରୁଷୋତ୍ତମପୁର ପ୍ରାଥମିକ ବିଦ୍ୟାଳୟ, ମଙ୍ଗଳପୁର ପ୍ରାଥମିକ ବିଦ୍ୟାଳୟ, ଶଣାଗୋଲ ପ୍ରାଥମିକ ବିଦ୍ୟାଳୟ, ପହିଗୋପାଳପୁର ପ୍ରାଥମିକ ବିଦ୍ୟାଳୟ,ଦୁବେଇପୁର ପ୍ରୋଜେକ୍ଟ ପ୍ରାଥମିକ ବିଦ୍ୟାଳୟ, ଧଉଳିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଡ଼ିହିଗୋପା ପ୍ରାଥମିକ ବିଦ୍ୟାଳୟ, ମାଟିପାରିଲୋ ପ୍ରାଥମିକ ବିଦ୍ୟାଳୟ, ସରଦା ପ୍ରାଥମିକ ବିଦ୍ୟାଳୟ, ଧାରୋ ଶ୍ୟାମସୁନ୍ଦର ପ୍ରାଥମିକ ବିଦ୍ୟାଳୟ, ରହଣିଆ ପ୍ରାଥମିକ ବିଦ୍ୟାଳୟ, ବାସସରପୁର ପ୍ରାଥମିକ ବିଦ୍ୟାଳୟ, ଗିରିଧାରୀ ପ୍ରାଥମିକ ବିଦ୍ୟାଳୟ, ମାଣିଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଲଳିତଗିରି ନୋଡାଲ ହାଇସ୍କୁଲ, ପଶ୍ଚିମ କୁରୁଙ୍ଗ ପ୍ରାଥମିକ ବିଦ୍ୟାଳୟ, ଭୋଳିଦାସ ପୁର ପ୍ରାଥମିକ ବିଦ୍ୟାଳୟ, କୁଳଗୋପାଳପୁର ପ୍ରାଥମିକ ବିଦ୍ୟାଳୟ, ରାଧାକୃଷ୍ଣ ପ୍ରୋଜେକ୍ଟ ୟୁଜି ହାଇସ୍କୁଲ, ଆର ଏନ ନୋଡାଲ ବିଦ୍ୟାପୀଠ କୋଠପଦା, ଗୌଡ଼ଗୋପା ପ୍ରାଥମିକ ବିଦ୍ୟାଳୟ, ମାଟିପାରିଲୋ ହରିଜନସାହି ପ୍ରୋଜେକ୍ଟ ପ୍ରାଥମିକ ବିଦ୍ୟାଳୟ, ତୁଳସୀପୁର ପ୍ରାଥମିକ ବିଦ୍ୟାଳୟ, ଭଗବତୀ ବିଦ୍ୟାପୀଠ, ଗୋକୁଳପୁର ୟୁପିଏମ ବିଦ୍ୟାଳୟ, କାଳିଅଣ୍ଟି ୟୁପିଏମି ବିଦ୍ୟାଳୟ , ରାଧାକୃଷ୍ଣ ପ୍ରୋଜେକ୍ଟ ୟୁଜି ବିଦ୍ୟାଳୟ । ବିଧାୟକଙ୍କ ଏଭଳି କାର୍ଯ୍ୟକୁ ମାହାଙ୍ଗା ଅଂଚଳରେ ପ୍ରଶଂସା କରାଯିବା ସହିତ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କୁହାଯାଇଛି।



## ଗୋରୁ ଗାଡ଼ି ଓ ବାଲି ବୋଝେଇ ହାଇୱା ଜବତ





ପରଜଙ୍ଗ (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅଞ୍ଚଳ ୧୪୯ନଂ ଜାତୀୟ ରାଜପଥ ଝଣଜାହାଳ ନିକଟସ୍ଥ ଏକ ଶାଳ ଜଙ୍ଗଲ ଭିତରେ କିଛି ଗୋରୁ ଚୋରା ଚାଲାଣ ପାଇଁ ଉଦ୍ୟମ ହେଉଥିବା ବେଳେ, ଶନିବାର ରାତିରେ ପୋଲିସ ଚଢ଼ଉ କରି ଜବତ କରିଥିବା ଜଣାପଡିଛି । ସୂଚନା ମୁତାବକ ଗୋରୁ ମାଫିଆମାନେ ଆଖପାଖ ଅଂଚଳରୁ ଗୋରୁମାନଙ୍କୁ ଯୋଗାଡ଼ କରି ଚାଲାଣ ନିମନ୍ତେ ରାସ୍ତା ପାର୍ଶ୍ୱବର୍ତ୍ତୀ ଜଙ୍ଗଲ ମଧ୍ୟରେ ରଖିଥିଲେ । କୌଣସି ସୂତ୍ରରୁ ଖବର ପାଇ ପରଜଙ୍ଗ ଥାନା ଏସ୍ଆଇ ବେଦଗ୍ରାହୀ ମହାନ୍ତି ଓ ଦଦରାଘାଟି ଫାଣ୍ଡି ଅଧିକାରୀ ଶକ୍ତିପ୍ରସାଦ ସାହୁ ମିଳିତ ଭାବରେ ସଦଳବଳେ ଗୋରୁଥିବା ଜାଗା ନିକଟରେ ପହଞ୍ଚି ଥିବାବେଳେ ସେଠାରୁ ପୋଲିସଙ୍କୁ ଦେଖି ଗୋରୁ ମାଫିଆମାନେ ଫେରାର ହୋଇ ଯାଇଥିଲେ । ଫଳରେ ସେଠାରେ ବନ୍ଧା ହୋଇଥିବା ୨୦ଟି ଗୋରୁ ତତ୍‌ସହିତ ଏକ ବୋଲେରୋ ଭିତରେ ପଛ ସିଟ ଖୋଲି ୬ଗୋଟି ଗୋରୁଙ୍କୁ ପୁରାଇ ଚାଲାଣ ପାଇଁ ସଜବାଜ ହୋଇଥିବା ବେଳେ ପୋଲିସ ବୋଲେରୋ ଏବଂ ଗୋରୁମାନଙ୍କୁ ଜବତ କରିଛି । ଏଥିସହିତ ମାଫିଆଙ୍କର ଦୁଇଟି ବାଇକ ପୋଲିସ ଜବତ କରି ଅଧିକ ତଦନ୍ତ ଜାରି ରଖିଛି । ଆଉ ମଧ୍ୟ ସେହି ପୋଲିସ ଟିମ ରାତିରେ ରାଜପଥ ଉପରୁ ବେଆଇନ ଭାବେ ନେଉଥିବା ଏକ ବାଲିବୋଝେଇ ଦଶଚକିଆ ହାଇୱା , ଗାଡିକୁ ଜବତ କରି ଦଦରାଘାଟି ଫାଣ୍ଡିକୁ ନେଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି ।

## ବ୍ଲକ୍, ତହସିଲ ଓ ବିଇଓ ଅଫିସରେ କର୍ମଚାରୀ ଅଭାବ, କାର୍ଯ୍ୟ ବାଧାପ୍ରାପ୍ତ

ରଘୁନାଥପୁର(ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ,ତହସିଲ ଓ ବିଇଓ ଅଫିସରେ (ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ) କର୍ମଚାରୀ ଅଭାବରୁ ବିଭିନ୍ନ ପ୍ରକାର ଜନକଲ୍ୟାଣ ମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ଲୋକେ ଯେକୌଣସି କାର୍ଯ୍ୟରେ ଉକ୍ତ କାର୍ଯ୍ୟାଳୟ ଆସି ଉପଯୁକ୍ତ ସେବା ପାଇବାରୁ ବଞ୍ଚିତ ହେଉଥିବାର ଦେଖାଯାଉଛି । ବ୍ଲକରେ ଏବିଡିଓ, କନିଷ୍ଠ ଯନ୍ତ୍ରୀ ୫ ଜଣ, ଜିପିଇଓ ୧, ପ୍ରୋଗ୍ରେସ ଆସିଷ୍ଟାଣ୍ଟ ୧, ଡ୍ରାଇଭର ୧, ବିଏସଏଓ ୧, ସିନିଅର ଆସିଷ୍ଟାଣ୍ଟ ୨, ଜୁନିଅର ଆସିଷ୍ଟାଣ୍ଟ ୧, ପିଇଓ ୫, ଏଡିଇଓ ୮ ଓ ୪ ପିଅନ ପଦବୀ ଖାଲି ପଡିଛି । ସେହିପରି ତହସିଲ ଓ ବିଭିନ୍ନ ଆରଆଇ ସର୍କଲରେ ସିନିଅର ଆସିଷ୍ଟାଣ୍ଟ ୧, ଏଆରଆଇ ୫, ଅମିନ ୩, ପିଅନ ୧୧, ଡ୍ରାଇଭର ୧, ଚେନ୍‌ମ୍ୟାନ ୧ ଓ ୨ ପ୍ରୋସେସର ପଦବୀ ଖାଲି ପଡିଛି । ଅତିରିକ୍ତ ତହସିଲଦାରଙ୍କୁ ସବ୍‌ରେଜିଷ୍ଟ୍ରାର ଦାୟିତ୍ୱ ଦିଆଯାଇଥିବାରୁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ବିଇଓ ଦାୟିତ୍ୱରେ ବିରିଡି ବ୍ଲକ ଶିକ୍ଷାଧିକାରୀ ଥିବାବେଳେ, ୧ ଏଡିଇଓ ଓ ମୁଖ୍ୟ କିରାଣି ପଦବୀ ଖାଲି ପଡିଛି । ଆସନ୍ତା ଜୁନ ୩୦ ରେ ଜଣେ ଏବିଇଓ ଅବସର ନେବା ପରେ ଏକମାତ୍ର ଏବିଇଓଙ୍କ ଦ୍ୱାରା କାମକାର୍ଯ୍ୟ ହେବା ଅସମ୍ଭବ ହୋଇପଡିବ । ଅନ୍ୟ ବ୍ଲକର ଡେପୁଟି ଓ ବିଏସଏଓଙ୍କୁ ଏହି ବ୍ଲକରେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବାବେଳେ ଦୁଇଟି ସ୍ଥାନରେ ଉପଯୁକ୍ତ ସେବା ଯୋଗାଇବା ସେମାନଙ୍କ ପାଇଁ ସମ୍ଭବ ହେଉନାହିଁ । ରାଜ୍ୟ ସରକାରଙ୍କ ପକ୍ଷରୁ ସାଧାରଣଜନତାଙ୍କୁ ତୁରନ୍ତ ସେବା ଉପଲବ୍ଧ କରାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟପକ୍ଷେ ବିଭିନ୍ନ କାର୍ଯ୍ୟାଳୟରେ କର୍ମଚାରୀ ଅଭାବ ଏଥିରେ ପ୍ରତିବନ୍ଧକ ସାଜିଛି ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି।

## ପାହାଳ ବଜାରକୁ ଅଗ୍ନିଶମ କେନ୍ଦ୍ର ସ୍ଥାନାନ୍ତରଣକୁ ବିରୋଧ




ଫୁଲନଖରା(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ମହାନଗର ନିଗମ ୪ ୱାର୍ଡ଼ ଅନ୍ତର୍ଗତ ପାହାଳ ବଜାର ଠାରେ ଦୀର୍ଘ ୩/୪ ବର୍ଷଧରି ଅଗ୍ନିଶମ ସେବାକେନ୍ଦ୍ର ଅଫିସ୍ ରହିଅଛି । ଏହି ଦମକଳ ଅଫିସର ସ୍ଥାୟୀ ଗୃହ ନିର୍ମାଣ ନିମନ୍ତେ ପାହାଳ ବଜାର ନିକଟ ୩୪୦ ପ୍ଲଟକୁ ନିର୍ମାଣ କରାଯିବା ପାଇଁ ସରକାରଙ୍କ ତରଫରୁ ଅନୁମୋଦିତ ହୋଇଥିବାବେଳେ ଏହି ଖାଲିଥିବା ପ୍ଲଟରେ ଧାନସେବା ସମବାୟ ସମିତିର ଧାନ ମଣ୍ଡି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଅଞ୍ଚଳର ଲୋକ ଆଶ୍ରୟ ନେବା ରିଲିଫ କାର୍ଯ୍ୟକ୍ରମ ବଣ୍ଟନ, ଅଞ୍ଚଳରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟର ବାର୍ଷିକ କ୍ରୀଡା, ବିଭିନ୍ନ ପ୍ରକାର ସଭାସମିତି ଓ ଗ୍ରାମର ସାଂସ୍କୃତିକ କାର୍ଯ୍ୟକ୍ରମ ଗ୍ରାମର ଅପେରା ଏହିସବୁ କାର୍ଯ୍ୟକ୍ରମରେ ଉକ୍ତ ଜାଗାଟି ଆବହମାନ କାଳରୁ ବ୍ୟବହାର ହୋଇ ଆସୁଛି । ଏହି ଅଞ୍ଚଳରେ ଆହୁରି ଅନେକ ଖାଲିସ୍ଥାନ ସହିତ ପାହାଳର ମେନ୍ ରୋଡକୁ ଲାଗିଥିବା ପୁରୁଣା ଥାନା ଓ ମୁଖ୍ୟରୋଡକୁ ଲାଗିଥିବା ନୂତନ ଥାନା ପାଖରେ ଯଥେଷ୍ଟ ଜାଗା ଥିବାବେଳେ ଖେଳପଡ଼ିଆ ଭାବେ ବ୍ୟବହୃତ ହୋଇଥିବା ସର୍ବସାଧାରଣଙ୍କ ଜାଗାଉପରେ ସ୍ଥାୟୀ ଅଗ୍ନିଶମ କାର୍ଯ୍ୟାଳୟ ନିର୍ମାଣ ହେବ ପାଇଁ ସ୍ଥିର କରାଯାଇଥିବାରୁ ଏହାକୁ ପାହାଳ ଅଞ୍ଚଳର ଗ୍ରାମବାସୀମାନେ ବିରୋଧ କରି ସାମ୍ବାଦିକ ସମ୍ମିଳନୀରେ କହିଥିଲେ କି ସରକାରଙ୍କ ତରଫରୁ ଆମ୍ଭ ଗ୍ରାମବାସୀଙ୍କୁ କୌଣସି ସୂଚନା ଦିଆଯାଇନାହିଁ କି ଜନପ୍ରତିନିଧି ମାନଙ୍କ ସହିତ କୌଣସି ଆଲୋଚନା କରାଯାଇନାହିଁ । ତୁରନ୍ତ ଅଞ୍ଚଳର ଜନସାଧାରଣଙ୍କ ସମୂହ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହାକୁ ଉପଯୁକ୍ତ ଜାଗାରେ ନିର୍ମାଣ କରିବାକୁ ପାହାଳ ଗ୍ରାମ୍ୟ କମିଟି ସଭାପତି ତଥା ବରିଷ୍ଠ ନାଗରିକ କମିଟିର ସଭାପତି ପଦ୍ମନାଭ ପଟ୍ଟନାୟକ, ସ୍ଥାନୀୟ କର୍ପୋରେଟର ସୁକୁମାର ସାହୁ, ପାହାଳ ମିଠା ବଜାରର ଅକ୍ଷୟ କୁମାର ଲେଙ୍କା,ପୂର୍ବତନ ସରପଞ୍ଚ ବଂଶୀଧର ଭୋଳ, ସୁଧୀର କୁମାର ପଟ୍ଟନାୟକ,ଖଗେଶ୍ୱର ପଟ୍ଟନାୟକ, ବିକଳ ପଟ୍ଟନାୟକ, ସ୍ୱାକ୍ଷର ରଞ୍ଜନ ମହାନ୍ତି, ମାଗୁଣି ଚରଣ ସାହୁ, ପ୍ରମୋଦ ପଟ୍ଟନାୟକ, ଆଲୋକ ପଟ୍ଟନାୟକ,ପ୍ରଶାନ୍ତ ଦାଶ,ନିହାର ରଞ୍ଜନ ପଟ୍ଟନାୟକ, ତିଲୋତ୍ତମା ପଟ୍ଟନାୟକ, ସସ୍ମିତା ପଟ୍ଟନାୟକ, ଆଦିକନ୍ଦ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକଙ୍କ ସମେତ ୧୦୦ରୁ ଉର୍ଦ୍ଧ୍ୱ ଅଞ୍ଚଳର ମାନ୍ୟଗଣ୍ୟ ଭଦ୍ରବ୍ୟକ୍ତିଙ୍କ ସହ ମହିଳା ଓ ପୁରୁଷମାନେ ଉପସ୍ଥିତ ରହି ସାମ୍ବାଦିକଙ୍କୁ ସୂଚନା ଦେଇଛନ୍ତି । ଖୁବ୍ ଶୀଘ୍ର ଲୋକପ୍ରିୟ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏ ସମ୍ବନ୍ଧରେ ଅବଗତ କରାଇବେ ବୋଲି ପ୍ରକାଶ କରିଛନ୍ତି ।

## ରାସ୍ତାରେ ଘରର ଶୌଚ ପାଣି ଛାଡିବାକୁ ବିରୋଧ




କେନ୍ଦୁଝର(ଭାସ୍କର ନ୍ୟୁଜ୍): ରାସ୍ତାରେ ଜନୈକ ବ୍ୟକ୍ତି ଗାଧୁଆ ଘରର ଦୂଷିତ ପାଣି ଛାଡି ସମସ୍ତଙ୍କୁ ହଇରାଣ କରିବା ଓ ଅସଭ୍ୟ ଭାଷା ପ୍ରୟୋଗ କରିବା ସହ ହତ୍ୟା ଧମକ ଦେଇଥିବା ନେଇ କେନ୍ଦୁଝର ଟାଉନ ଥାନାରେ କଲୋନୀବାସୀଙ୍କ ପକ୍ଷରୁ ଏକ ଲିଖିତ ଅଭିଯୋଗ ହୋଇଛି ।ଏନେଇ କେନ୍ଦୁଝଗଡ ପୌରପାଳିକା ୯ନଂ ୱାର୍ଡ କାଶିପୁର ଗ୍ରାମବାସୀ ଟାଉନ ଥାନା ଓ କେନ୍ଦୁଝରଗଡ଼ ପୌରପାଳିକାରେ ଅଭିଯୋଗ କରିଛନ୍ତି । ସୂଚନାଯୋଗ୍ୟ ଯେ, ଚମ୍ପୁଆ ଉଚ୍ଚବାଲି ଗ୍ରାମର କାଳିଚରଣ ନାଏକ ସେଠାରେ ଘର କରି ରହିଛନ୍ତି । ସେ ବିନା ଅନୁମତିରେ ସରକାରୀ ମହିଳା ମହାବିଦ୍ୟାଳୟର ଶତାଧିକ ଛାତ୍ରୀଙ୍କୁ ଭଡା ସୂତ୍ରରେ ରଖି ଏକ ମେସ୍ ଚଳାଉଛନ୍ତି । ସାଧାରଣ କଲୋନୀବାସୀଙ୍କ ଚଳପ୍ରଚଳ ରାସ୍ତାରେ ଯାବତୀୟ ମଇଳାପାଣି ଛାଡୁଥିବା ଯୋଗୁଁ ଦୁର୍ଗନ୍ଧରେ ନାକ ଫାଟି ପଡୁଥିବା ବେଳେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଥିବାରୁ ଲୋକେ ବିରୋଧ କରିଥିଲେ ।ମାତ୍ର କାଳିଚରଣ ସ୍ତ୍ରୀ ଲୋକମାନଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ବିରୋଧ କଲେ ହତ୍ୟା କରିବାକୁ ସେ ଧମକ ଦେଇଥିବା ଅଭିଯୋଗ ହୋଇଛି। ଇତିମଧ୍ୟରେ ତାଙ୍କ ନାମରେ ଟାଉନ ଥାନାରେ ଅଭିଯୋଗ ହୋଇଥିଲେହେଁ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଟାଉନଥାନା ପୋଲିସ ଶନିବାର ସନ୍ଧ୍ୟାରେ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିବାବେଳେ କେନ୍ଦୁଝରଗଡ଼ ପୌର ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ କଲୋନୀର ବାସିନ୍ଦା ଦାବି କରିଛନ୍ତି।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ, ସାବତ ମା ଓ ସ୍ତ୍ରୀ ଅଟକ

ଜଳେଶ୍ୱର(ଭାସ୍କର ନ୍ୟୁଜ୍): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଦକ୍ଷିଣ ପ୍ରହରାଜପୁର ପଂଚାୟତ ମାଗୁଣିଆପଡା ଗାଁର ରମାକାନ୍ତ ଘୋଷ (୩୮) କିଛିମାସ ଧରି ଗୋବରଘଟା ପଂଚାୟତର ଅଗ୍ରୱାଲା ଛକଠାରେ ବସବାସ କରି ଆସୁଥିଲେ । ସ୍ତ୍ରୀ ଜହ୍ନବୀ ଏକ ପାନ ଦୋକାନ କରି ଚଳୁଥିବା ବେଳେ ସ୍ୱାମୀ ରମାକାନ୍ତ ପୁନା ଠାରେ ଶ୍ରମିକଭାବେ କାମ କରି ଆସୁଥିଲେ । ଗତ କିଛିଦିନ ପୂର୍ବରୁ ରମାକାନ୍ତ ପୁନାରୁ ଫେରି ଏଠାରେ ରହୁଥିବା ବେଳେ ଆଜି ସକାଳେ ତାର ଶରୀର ଫାଶୀରେ ଝୁଲୁଥିବା ଦେଖିବାକୁ ମିଳିଥିଲା । କିନ୍ତୁ ତାର ପାଦ ମାଟିରେ ଲାଗି ରହିଥିବାରୁ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଥିଲା । ପୋଲିସ୍ ସ୍ଥାନୀୟ ଲୋକଙ୍କ ବୟାନ ଆଧାରରେ ସାବତମା ଓ ସ୍ତ୍ରୀକୁ ଅଟକ ରଖି ପଚରାଉଚରା କରୁଛି ।

# ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ



ବ୍ୟାସନଗର(ଭାସ୍କର ନ୍ୟୁଜ୍): ଦାନଗଦୀ ବ୍ଲକ ଟୋଲକାନୀ ସ୍ଥିତ ଝାଡେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି । ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ପଣ୍ଡା ଏହାକୁ ଉଦ୍‌ଘାଟନ କରି କହିଲେ ଯେ ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଏହା ସମସ୍ତଙ୍କର ଆବଶ୍ୟକ। ୨୦୧୫ ମସିହାରୁ ଏହି ଦିବସ ପାଳନ ଆରମ୍ଭ ହୋଇ ଆଜି ୧୧ବର୍ଷରେ ପହଞ୍ଚିଛି, ଯାହା ଭାରତ ତଥା ଓଡ଼ିଶା ପାଇଁ ଗର୍ବ ଓ ଆତ୍ମବିଶ୍ୱାସରଏକ ମହତ୍ତ୍ୱପୂର୍ଣ୍ଣ ଅବସର। ଅଧ୍ୟାପକ ଡ. କ୍ଷିରୋଦ ବେହେରା, ଧ୍ୟାନ, ପ୍ରାଣାୟାମ, ଭ୍ରମରୀ ପ୍ରାଣାୟାମ ଓ ବିଭିନ୍ନ ପ୍ରକାର ବ୍ୟାୟାମ ସମ୍ପର୍କରେ ସୂଚନା ଦେଇ ଯୋଗାଭ୍ୟାସ କରାଇଥିଲେ। ଏଥିରେ ଅଧ୍ୟାପିକା ମୀରମ୍ବିକା ସାହୁ, ଲକ୍ଷ୍ମୀଧର ବେହେରା, ରଞ୍ଜନ କୁମାର ସାହୁ, ତୋଫାନ କୁମାର ଜେନା, ଖଗେଶ ଜେନା, ବାଇଧର ସାହୁ, ପାରିଜାତ ମହାନ୍ତି, ଗୋବର୍ଦ୍ଧନ ସାହୁ,ରଞ୍ଜନ କୁମାର ଖଣ୍ଡା, ଶ୍ରୀମନ୍ତ ନାୟକ, ଅମର ସେଠୀ, ଇତିଶ୍ରୀ ମଲ୍ଲିକ, କଲ୍ୟାଣୀ ମହାନ୍ତ, ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ,ମନୋରଂଜନ ବିଶ୍ୱାଳ, ବ୍ରିଜେଶ ବେହେରା ଓ ସମସ୍ତ କର୍ମଚାରୀ ଏଥିରେ ଯୋଗ ଦେଇଥିଲେ।



ବେତନଟୀ (ଭାସ୍କର ନ୍ୟୁଜ୍): ବେତନଟୀ ବ୍ଲକ ପ୍ରଶାସନ ପକ୍ଷରୁ ଏମପିସି ହାଇସ୍କୁଲ ପରିସରରେ ଆୟୋଜିତ ବ୍ଲକସ୍ତରୀୟ ଆନ୍ତର୍ଜାତୀୟ ଯୋଗଦିବସ -୨୦୨୫ କାର୍ଯ୍ୟକ୍ରମ ଆଜି ଉଦ୍‌ଯାପିତ ହୋଇଯାଇଛି । ଏମପିସି ହାଇସ୍କୁଲ ର ପ୍ରଧାନଶିକ୍ଷକ ଅର୍ଜୁନ ସିଂଙ୍କ ସଂଯୋଜନା ଏବଂ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବେତନଟୀ ବିଡ଼ିଓ ସୁଶାନ୍ତ କୁମାର ସୁତାର ଯୋଗଦାନ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବରେ ବେତନଟୀ ମଣ୍ଡଳ ସଭାପତି ଜୀବନ ପରିଡା, ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ବିପିଏମ ସସ୍ମିତା ଦାସ , ଜିପିଇଓ ସବ୍ୟସାଚୀ ଦାସ , କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏକ ସୁସ୍ଥ, ସୁନ୍ଦର ଏବଂ ନିରାମୟ ଜୀବନ ଯାପନ ପାଇଁ ଯୋଗାଭ୍ୟାସ ଦୈନନ୍ଦିନ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା । ଯୋଗାଭ୍ୟାସ ଏବଂ ପ୍ରାଣାୟାମ ମଣିଷକୁ ଶାରୀରିକ ଏବଂ ମାନସିକ ସ୍ତରରେ ସୁସ୍ଥରଖିବା ସହିତ ବୌଦ୍ଧିକ ବିକାଶରେ ମଧ ବେଶ ସହାୟକ ହୋଇଥାଏ ବୋଲି ମତ ପ୍ରକାଶ ପାଇଥିଲା । ଯୋଗ ପ୍ରଶିକ୍ଷକ ଜୀବନ ବେହେରା, ମାନସୀ ବେହେରା ଓ ସସ୍ମିତା ବେହେରା ପ୍ରମୁଖ ଶତାଧିକ ଛାତ୍ରଛାତ୍ରୀଙ୍କ ସମେତ ଅତିଥି ଅଧିକାରୀଙ୍କୁ ବହୁ ଗୁରୁତ୍ୱପୂର୍ଣ୍ଣ ଏବଂ ଆବଶ୍ୟକ ଯୋଗାଭ୍ୟାସ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

ଭୁବନ(ଭାସ୍କର ନ୍ୟୁଜ୍): ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ପଞ୍ଚାୟତ ସମିତି ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ୍ ପରିସରରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି । ନଗରପାଳ ଶୁଭେନ୍ଦୁ କୁମାର ସାହୁ,ବିଡ଼ିଓ ଆୟୁଷୀ ମହାପାତ୍ର, ବିଧାୟକଙ୍କ ପ୍ରତିନିଧି ସଞ୍ଜୟ କୁମାର ଦାସ,କାଉନସିଲର ପପୁ କୁମାର ସାହୁ, ଗୋଷ୍ଠୀ ସଂଗଠିକା ଚିକୁମିନା ପଟ୍ଟନାୟକ, ପ୍ରାଣକୃଷ୍ଣ ଓଝା,କନିଷ୍ଠ ଯନ୍ତ୍ରୀ ସୁରେନ୍ଦ୍ରନାଥ ସାହୁ, ଇନଡୋର ଷ୍ଟାଡିୟମ୍ ଇନଚାର୍ଜ ବିକାଶ କୁମାର ସାହୁଙ୍କ ସମେତ ଏନ୍‌ଏସି ଏବଂ ବ୍ଲକ କର୍ମଚାରୀମାନେ ଉପସ୍ଥିତ ରହି ଯୋଗାଭ୍ୟାସ କରିଥିଲେ । ନିୟମିତ ଯୋଗ ପ୍ରାଣାୟାମ ଅଭ୍ୟାସ ଦ୍ୱାରା ବୋଧ ଶକ୍ତି ଓ ଆତ୍ମଜ୍ଞାନ ଉଦୟ ହୋଇଥାଏ । ଦେହ ଓ ମନ ସୁସ୍ଥ ରହିବା ସହିତ ରୋଗ ପ୍ରତିଷେଧକ ବୃଦ୍ଧି ପାଇଥାଏ । ପ୍ରତ୍ୟେକ ବ୍ୟକ୍ତି ବ୍ୟସ୍ତ ବହୁଳ ଜୀବନରୁ କିଛି ସମୟ ବାହାର କରି ପ୍ରତିଦିନ ଯୋଗ ଅଭ୍ୟାସ ଓ ପ୍ରାଣାୟାମ କରିବାକୁ ଶପଥ ଗ୍ରହଣ କରିଥିଲେ। ପରେ ଷ୍ଟାଡିୟମ୍ ପରିସରରେ ୧୫୦ ଏବଂ ମହିଳା ମହାବିଦ୍ୟାଳୟ ପରିସରରେ ଅଧକ୍ଷ ଦିଲ୍ଲୀପ କୁମାର ଦାସ ଙ୍କ ଉପସ୍ଥିତିରେ ୧୫୦ ବୃକ୍ଷ ରୋପଣ କରାଯାଇଥିଲା ।



ଜଳେଶ୍ୱର(ଭାସ୍କର ନ୍ୟୁଜ୍): ଶନିବାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଜଳେଶ୍ୱରର ୧୧ତମ ଆନ୍ତର୍ଜାତୀୟ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରାଧା ରଂଜନ ବାଗ ଅତିଥି ପରିଚୟ ସହ ଯୋଗ ଦିବସର ଉଦ୍ଦେଶ୍ୟ ଆଲୋକପାତ କରିଥିଲେ। ସଂପାଦକ ଶ୍ରୀଯୁକ୍ତ ଗିରୀଶ କୁମାର ପାଣିଗ୍ରାହୀ ଯୋଗ ଦିବସ ଆବଶ୍ୟକତା ସମ୍ବନ୍ଧରେ ଅବଗତ କରେଇଥିଲେ, ସଭାପତି ଶଶିକାନ୍ତ ପ୍ରଧାନ , ଶୁଭ୍ରାଂଶୁ ଶେଖର ଦାସ ମହାପାତ୍ର, ବିମ୍ବାଧର ମହାନ୍ତି ଏବଂ ମୁଖ୍ୟ ଅତିଥି ନଗେନ୍ଦ୍ର କର ପତଞ୍ଜଳୀ ଯୋଗ ଗୁରୁ ଭାବରେ ଯୋଗଦାନ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଗୁରୁଜୀ ରଣଜିତ କୁମାର ସାହୁ ଯୋଗର ଆଭିମୁଖ୍ୟ କଥନ ଓ ବରିଷ୍ଠ ଗୁରୁଜୀ ନରହରି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ ।ମୁଖ୍ୟ ଅତିଥି ଯୋଗର ଆବଶ୍ୟକତା ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖନ ଛୋଟ ଛୋଟ ଆସନ ମାଧ୍ୟମରେ ଆଲୋଚନା କରିଥିଲେ। ସମସ୍ତ ଗୁରୁଜୀ ଗୁରୁମା ଉମାଶଙ୍କର ପାଳ, ଦେବୀ ରାଣୀ ଦାସମହାପାତ୍ର, ରଣଜିତ କୁମାର ସାହୁ, ସୁଧାଂଶୁ ଶେଖର ଦାସ ମହାପାତ୍ର, ଅଜିତ କୁମାର ପଣ୍ଡା, ଅନନ୍ତ ଭୂୟାଁ, ଶୁଭ୍ରାଂଶୁ କୁମାର ମହାନ୍ତି, ମମତା ରାଣୀ ଦାସ, ସୂର୍ଯ୍ୟେନ୍ଦୁ କୁମାର ଦାଶ,ଜ୍ୟୋତିର୍ମୟ ମିଶ୍ର, ଲିପସୀତା ବେହେରା, ସଂଗୀତା ଶତପଥୀ,ଶୁଚିସ୍ମିତା ଗନ୍ତାୟତ ଓ ଜ୍ୟୋତିର୍ମୟ ପଣ୍ଡା ଇତ୍ୟାଦି ତଥା ଅପା ମାନେ ଓ ଶିଶୁ ଭାଇ ଭଉଣୀ ମାନଙ୍କର ସହଯୋଗ କରିଥିଲେ।



ଚଣ୍ଡିଖୋଲ(ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲା ଅନ୍ତର୍ଗତ ନୂଆହାଟ ସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପରିପ୍ରେକ୍ଷୀରେ କ୍ରୀଡ଼ା ବିଭାଗ ଓ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସାମୁହିକ ଯୋଗଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ପବିତ୍ର ମୋହନ ମହଲା ଏହି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିବା ସହ ଅନ୍ତର୍ଜାତୀୟ ଯୋଗ ଦିବସ ତାପର୍ଯ୍ୟକୁ ବିଶ୍ଳେଷଣ କରି ପ୍ରତ୍ୟେକ ମଣିଷଙ୍କ ବୌଦ୍ଧିକ ଓ ଶାରୀରିକ ଦକ୍ଷତାର ବିକାଶ ପାଇଁ ଯୋଗର ଭୂମିକା ଅପରିହାର୍ଯ୍ୟ ତାହା ଦର୍ଶାଇଥିଲେ। କ୍ରୀଡା ସଂସଦର ସଂପାଦକ ଶମ୍ଭୁନାଥ ହେମ୍ବ୍ରମ ସ୍ୱାଗତ ଅଭିଭାଷଣରେ ଯୋଗର ମହତ୍ତ୍ୱ ଦର୍ଶାଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏହା ସୁଦୂର ପ୍ରସାରୀ ବୋଲି କହିଥିଲେ। କ୍ରୀଡ଼ା ଶିକ୍ଷକ ଅଶୋକ କୁମାର ଖୁଣ୍ଟିଆ



ଯୋଗାଭ୍ୟାସର ବିଭିନ୍ନ ଆସନ ପ୍ରଦର୍ଶନ କରିବା ସ୍ଥଳେ ତାଙ୍କ ସହିତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଛାତ୍ର ଛାତ୍ରୀ ତଥା ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ମାନେ ଯୋଗାଭ୍ୟାସ ପ୍ରଦର୍ଶନ କରିଥିଲେ। ଏହି ପରିପ୍ରେକ୍ଷୀରେ ଆର୍ନ୍ତଜାତୀୟ ଯୋଗ ଦିବସର ଦଶ ବର୍ଷ ପୂର୍ତ୍ତି ଉପଲକ୍ଷେ ବୃକ୍ଷରୋପଣ କରାଯାଇଥିଲା। ଜାତୀୟ ସେବା ଯୋଜନା ର ସଂଯୋଜକ ଅଧାପକ କିଶୋର କୁମାର ସାହୁ, ସଂଯୋଜିକା ଅଧ୍ୟାପିକା ଗୀତାଞ୍ଜଳି ମହାନ୍ତି ଏହାକୁ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ର ଅଧ୍ୟାପକ ନାରାୟଣ ଚନ୍ଦ୍ର ମୁଦୁଲି, ପ୍ରଦୀପ କୁମାର ବରାଳ,ଭାଗ୍ୟଧର ନାୟକ, ସଂଜିତ୍ କୁମାର ମହାନ୍ତି ଡ. ସାମୁଏଲ ଲିମା ଅଶୋକକୁମାର ସାହୁ, ହରି ନାରାୟଣ ସାହୁ, ଦୀପକ କୁମାର ମିଶ୍ର, ଦୀପକ କୁମାର ଦାସ, ଗିରିଶ୍ କୁମାର ରାଉଳ,ସନ୍ତୋଷ କୁମାର ପୃଷ୍ଟି, ସତ୍ୟ ପ୍ରକାଶ ନାୟକ, ପ୍ରୀତମ୍ ମିଶ୍ର, ପୂର୍ଣ୍ଣଚନ୍ଦ୍ର ସାହୁ, ଅଧ୍ୟାପିକା ସରିତା ସେଠୀ, ନିରୁପମା ସ୍ୱାଇଁ, ଶୁଭ ଶ୍ରୀ ସାହୁ,ଶଶ୍ମିତା ପରିଡ଼ା, ହେମଲତା ସାହୁ, ପ୍ରସନ୍ନଜିତ୍ ସାମଲ, ଗିରିଧାରୀ ନାୟକ,ବିଶ୍ୱଜିତ୍ ମହାନ୍ତି, ସୁଷମା ବେହେରା, ବଗୁଲିବାରିକ ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। ପୂର୍ବାହ୍ନ ୬ଟା ୩୦ ମିନିଟ୍ ସମୟରେ ଛାତ୍ରଛାତ୍ରୀମାନେ ନିଜ ନିଜର ନାମ ପଞ୍ଜୀକରଣ କରିବା ପରେ ପୂର୍ବାହ୍ନ ସାତ ଘଟିକା ସମୟରେ ଯୋଗଭ୍ୟାସ ପ୍ରକିୟା ଆରମ୍ଭ ହୋଇ ସାତଟା ୪୫ ମିନିଟ୍ ସମୟରେ ଉଦ୍‌ଯାପିତ ହୋଇଥିଲା।



ଟାଙ୍ଗୀ (ଭାସ୍କର ନ୍ୟୁଜ୍): ସାରା ବିଶ୍ୱ ଏକାଦଶ ଅନ୍ତଃରାଷ୍ଟ୍ରୀୟ ଯୋଗ ଦିବସ ପାଳନ କରୁଥିବା ବେଳେ ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ସଦର ମହକୁମା ଟାଙ୍ଗୀ ପଞ୍ଚାୟତ ପରିସରରେ ସରପଞ୍ଚ କିଶୋର କୁମାର ବେହେରା ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା ଯୋଗ ଦିବସ। ଏଥିରେ ଟାଙ୍ଗୀ ପଞ୍ଚାୟତର ଜନ ପ୍ରତିନିଧି , ସାଧାରଣ ଜନତା , ଆଇନଜୀବୀ, ଯୁବଗୋଷ୍ଠୀ, ବୁଦ୍ଧିଜୀବୀ ଓ ସମାଜସେବୀ ସାମିଲ ହୋଇଥିଲେ। ପ୍ରଶିକ୍ଷକ ଭାବେ କ୍ରୀଡା ପ୍ରଶିକ୍ଷକ ତଥା କ୍ରୀଡ଼ା ସଂଗଠକ ବିଜୟ କୁମାର ରାଉତ ସାମିଲ ହୋଇ ଯୋଗ ଶିକ୍ଷା ଦେଇଥିଲେ। ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଲଳିତ ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପଶ୍ଚିମବଙ୍ଗରୁ ଆସିଥିବା ଜ୍ୟୋତିର୍ବିଦ କିଶୋର କୁମାର ଅତିଥିରୂପେ ଯୋଗ ଦେଇଥିଲେ । ସୁସ୍ଥ ନିରାମୟ ଜୀବନ ଯାପନ ପାଇଁ ଦୈନିକ ଯୋଗାଭ୍ୟାସର ଆବଶ୍ୟକତା ରହିଛି ବୋଲି ଆଦର୍ଶ ଶିକ୍ଷକ ଲଳିତ ନାରାୟଣ ମହାପାତ୍ର କହିଥିଲେ । ଠିକ୍ ସେହିପରି କୁହୁଡ଼ି ଗ୍ରାମର କ୍ଷେତ୍ରବାସୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୁହୁଡି ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସତ୍ୟଭାମା ବେହେରା ଏବଂ ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ ଏହି ଯୋଗ ଦିବସର ଉପକାରୀତା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସ୍କୁଲର କ୍ରୀଡା ଶିକ୍ଷକ ସୁମନ୍ତ କୁମାର ପ୍ରଧାନ ପରିଚାଳନା କରିଥିଲେ। ସେହିପରି ପାରିଓରଡ଼ ହାଇସ୍କୁଲରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ତ୍ରିଲୋଚନ ମିଶ୍ର ଛାତ୍ର ଛାତ୍ରୀମାନଙ୍କୁ ଯୋଗର ଉପକାରୀତା ବର୍ଣ୍ଣନା କରିଥିବାବେଳେ କ୍ରୀଡା ଶିକ୍ଷକ ଲକ୍ଷ୍ମୀଧର ପାତ୍ର ଏହାକୁ ପରିଚାଳନା କରିଥିଲେ। ଖୋର୍ଦ୍ଧା ଜିଲ୍ଲା କୁହୁଡି, ରତନପୁର, ସୋରଣ, ଚଣ୍ଡେଶ୍ୱର ର ବିଭିନ୍ନ ସ୍କୁଲ, କଲେଜ, ଅନୁଷ୍ଠାନ ଓ ସାଧାରଣଙ୍କ ମଧ୍ୟରେ ଏହି ଦିବସ ପାଳନ ହୋଇଯାଇଛି ।

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍): ମଞ୍ଜୁରୀରୋଡ଼ର ବିଭିନ୍ନ ସ୍ଥାନରେ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରାଯାଇଛି। ମଞ୍ଜୁରୀରୋଡ଼ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଡାକ୍ତର ଦେବାଶିଷ ପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୋଗ ଦିବସ ପାଳନ କରାଯାଇଥିଲା। ଏଥିରେ ମଞ୍ଜୁରୀରୋଡ଼ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି, ବରିଷ୍ଠ ନାଗରିକ, ବ୍ୟବସାୟୀମାନେ ଯୋଗଦେଇ ଯୋଗ କରିଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ରଶ୍ମିରଞ୍ଜନ ସାହୁ,ଯୋଗ ପ୍ରଶିକ୍ଷିକା ପ୍ରୀତି ନିବେଦିତା ଜେନା ଯୋଗର ଉପକାରୀତା ସହ ଯୋଗ ପ୍ରଶିକ୍ଷଣ ଦେଇଥିଲେ। ଫାର୍ମାସିଷ୍ଟ ପ୍ରଣତି ପହି, କର୍ମଚାରୀ ରୁନୁବାଳା ମହାପାତ୍ର, ପ୍ରଶାନ୍ତ ବାରିକ,ଶ୍ରୀଧର ଜେନା, ବିକାଶ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଭାରତୀୟ ଜନତା ପାର୍ଟି ସୁବର୍ଣ୍ଣମୁଖୀ ମଣ୍ଡଳ ଶାଖା ପକ୍ଷରୁ ରାଜେନ୍ଦ୍ରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଯୋଗ ଦିବସ ପାଳନ କରାଯାଇଥିଲା। ଯୋଗଗୁରୁ ଶ୍ରୀପତି



ମୁନି, ପ୍ରକାଶ ମହାପାତ୍ର, ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ତପନ କୁମାର ସାହୁ, ବିଜେପି ଜିଲ୍ଲା ସମ୍ପାଦକ ତପସ୍ୱିନୀ ମହାପାତ୍ର, ମଣ୍ଡଳ ସଭାପତି ପ୍ରଣବ ରାଉତ, କୈଳାସ ସାହୁ, ତରଣୀସେନ ପଣ୍ଡା, ପ୍ରଦୀପ ପାଢ଼ୀ, ଗୋପିନାଥ କର ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଯୋଗ ଦିବସ ପାଳନ କରାଯାଇଥିଲା। ଶିବମୁନି ଯୋଗାଶ୍ରମଠାରେ ସଭାପତି ଶ୍ରୀପତି ମୁନିଙ୍କ ସଂଯୋଜନାରେ ଯୋଗ ଦିବସ ପାଳନ କରାଯାଇଥିଲା।

ଚାନ୍ଦବାଲି (ଭାସ୍କର ନ୍ୟୁଜ୍): ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଦେଶର କୋଣ ଅନୁକୋଣରେ ପାଳିତ ହେଉଛି। ଭଦ୍ରକ ଜିଲ୍ଲା ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦେଖିବାକୁ ମିଳିଥିଲା ନିଆରା ଚିତ୍ର। ଏଠାରେ ଯୋଗ ଗୁରୁ ସାଜି ଖୋଦ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମେଡିକାଲ ଅଫିସର ଡ଼ଃ. ଅଶୋକ ମିଶ୍ର ଯୋଗ ଶିକ୍ଷାଦାନ କରୁଥିଲେ। ଏହି ଶିବିରରେ ଅନ୍ତର୍ଜାତୀୟ ଯୋଗଦିବସ ପାଳିତ ହୋଇଛି। ମେଡିକାଲ ସଭାଗୃହରେ ଯୋଗ ଶିକ୍ଷକ ଭାବରେ ଯୋଗ ଶିକ୍ଷା ଦାନ କରିଛନ୍ତି। ମେଡିକାଲ କର୍ମଚାରୀ, ଡାକ୍ତର ଏବଂ ଆଟେଣ୍ଡାଣ୍ଟ ମାନେ ଯୋଗ କରିଥିଲେ। ସେହିପରି ବ୍ଲକ ପକ୍ଷରୁ ପ୍ରତ୍ୟେକ ପଞ୍ଚାୟତ ଏବଂ ବିଜ୍ଞାପିତ ଅଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ଏଥିରେ ବ୍ଲକର ସମସ୍ତ କର୍ମଚାରୀ ସମେତ ଯୁବଗୋଷ୍ଠୀ ମହିଳା ଗୋଷ୍ଠୀ, ଏସଏଚଜି ଗ୍ରୁପର ସଦସ୍ୟ ସାମିଲ ହୋଇ ଯୋଗ କରିଥିଲେ। ଯୋଗ ଗୁରୁ ସୂର୍ଯ୍ୟକାନ୍ତ ମହାନ୍ତିଙ୍କ ଏନଏସି ସ୍ମାର୍ଟ ପାର୍କରେ ଯୋଗ ଶିକ୍ଷାଦାନ କରାଯାଇଥିଲା



କାଳିଆପାଣି ,(ଭାସ୍କର ନ୍ୟୁଜ୍): ଓଡିଶା ଖଣି ନିଗମ ପରିଚାଳିତ କାଳିଆପାଣି ହାଇସ୍କୁଲ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପ୍ରଧାନ ଶିକ୍ଷୟତ୍ରୀ ଜ୍ୟୋତ୍ସ୍ନା ରାଣୀ ଜେନାଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ନିୟମିତ ଯୋଗ ପ୍ରାଣାୟାମ ଅଭ୍ୟାସ ଦ୍ୱାରା ବୋଧଶକ୍ତି ଓ ଆତ୍ମଜ୍ଞାନ ଉଦୟ ହୋଇଥାଏ ବୋଲି ସେ ପ୍ରକାଶ କରିଥିଲେ । ବିଶ୍ୱବାସୀଙ୍କ ପାଇଁ ଯୋଗ ପ୍ରାଣାୟାମ ଆମର ମୁନି ଋଷିମାନଙ୍କର ଏକ ଅମୂଲ୍ୟ ଦାନ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ଜୋସ୍ନାରାଣୀ ଜେନା କହିବା ସହ ପ୍ରତ୍ୟେକ ବ୍ୟକ୍ତି ବ୍ୟସ୍ତ ବହୁଳ ଜୀବନରୁ କିଛି ସମୟ ବାହାର କରି ନିଶ୍ଚିତ ଯୋଗ ଅଭ୍ୟାସ କରନ୍ତୁ ବୋଲି ପରାମର୍ଶ ଦେଇଥିଲେ । ପ୍ରତିଦିନ ସମସ୍ତେ ଯୋଗ ଅଭ୍ୟାସ ଓ ପ୍ରାଣାୟମ କରିବା ପାଇଁ ଶପଥ ଗ୍ରହଣ କରିଥିଲେ । ବିଦ୍ୟାଳୟ ପକ୍ଷରୁ ଯୁଧିଷ୍ଠିର ସାହୁ, ସ୍ମୃତିରଞ୍ଜନ ମଣ୍ଡଳ , ସୂର୍ଯ୍ୟବଂଶୀ ତ୍ରିପାଠୀ, ଈଶ୍ୱର ମହାନ୍ତ , ଅନୁରୂପା କାନୁନଗୋ ,ଚିନ୍ମୟୀ ଦାସ ,ଅର୍ଚନା ସ୍ୱାଇଁ ,ସୋନାଲି ମୁଦୁଲି ,ମଧୁସ୍ମିତା ପରିଡା , ଅନୁରାଧା ମିଶ୍ର ,ଗୀତାଞ୍ଜଳି ସାହୁ , ଦ୍ରୌପଦୀ ସାହୁ, ଜିତେନ୍ଦ୍ର ଜେନା ଆଦି ଶିକ୍ଷକ ଶିକ୍ଷୟତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରିଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର





କଟକ(ଭାସ୍କର ନ୍ୟୁଜ୍): ଓଡ଼ିଆ ବିଶ୍ୱକୋଷ 'ଜ୍ଞାନମଣ୍ଡଳ'ର ରଚୟିତା, ପଣ୍ଡିତ, ଗବେଷକ, ସାମ୍ବାଦିକ, ସଂସ୍କାରକ, ଓଡ଼ିଆ ଅସ୍ମିତାର ବାର୍ତ୍ତାବହ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋଙ୍କ ୩୬ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି । ସତୀଚଉରା ଶ୍ମଶାନରେ ସ୍ମୃତିସ୍ତମ୍ଭରେ ଡ଼ାକ୍ତର ରବି ରଞ୍ଜନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ପ୍ରାରମ୍ଭରେ ଡ଼ଃ ପାବକ କାନୁନ୍‌ଗୋ, ପ୍ରସେନଜିତ୍ ମହାନ୍ତି, ଉତ୍ତରା ଲେଙ୍କା ପହଲଗାମ ମୃତକ ଓ ସହୀଦଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ବିନୋଦ କାନୁନ୍‌ଗୋ ଶିଶୁ ସାହିତ୍ୟକୁ ନୂଆଧାରା ଦେଇଥିଲେ । ନିରକ୍ଷରତା ଓ ଅଜ୍ଞତା ବିରୋଧରେ ନିରନ୍ତର ସଂଗ୍ରାମ ଚଳାଇଥିଲେ । ମେୟର ସୁବାସ ସିଂ, ପ୍ରଶାନ୍ତ ଦାସ, ଡ଼ଃ ହେମନ୍ତ ପରିଡ଼ା, ରମାକାନ୍ତ ନାଥ, ଚିତ୍ତରଞ୍ଜନ ମହାନ୍ତି, ଡ଼ଃ ସତ୍ୟ ରାୟ, ସମରେନ୍ଦ୍ର ଘୋଷ, ଶ୍ୟାମସୁନ୍ଦର ସାହୁ, ବିଶ୍ୱଜିତ ରାୟ, ଅନ୍ତର୍ଯ୍ୟାମୀ ବରାଳ, ବୈଦ୍ୟନାଥ ବେହେରା ପ୍ରମୁଖ ସ୍ମୃତିଚାରଣ କରିଥିଲେ ।

## ୟୁଜି ନାମଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ

# ୪୫ ହଜାର ୫୦୨ ବିଦ୍ୟାର୍ଥୀ ମନୋନୀତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଉଚ୍ଚଶିକ୍ଷା ବିଭାଗ ଅଧୀନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ସ୍ନାତକ ତଥା ୟୁଜି ପାଠ୍ୟକ୍ରମରେ ନାମଲେଖା ପାଇଁ ରବିବାର ପ୍ରଥମ ପର୍ଯ୍ୟାୟର ୨ୟ ରାଉଣ୍ଡ ମେଧାତାଲିକା ପ୍ରକାଶପାଇଛି । ସାମ୍ସ ମାଧ୍ୟମରେ ହେଉଥିବା ଏହି ନାମଲେଖା ପ୍ରକ୍ରିୟାରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଷୟ କଟ୍ ଅଫ୍ ମାର୍କ ରେକର୍ଡ ସୃଷ୍ଟି କରିଛି । କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ରେଭେନ୍ସା ଶୀର୍ଷରେ ରହିଥିବା ବେଳେ ସେଲ୍ଫ ଫାଇନାନ୍ସ ପାଠ୍ୟକ୍ରମରେ ବିଜେବି, ଆଇନ ବିଭାଗରେ ବିଶ୍ୱବିଦ୍ୟାଳୟ ଆଇନ ମହାବିଦ୍ୟାଳୟର କଟ୍ ଅଫ୍ ମାର୍କ ଶୀର୍ଷରେ ରହିଛି । ୨୦୨୫-୨୬ ଶିକ୍ଷାବର୍ଷରେ ୨ ଲକ୍ଷ ୭୪ ହଜାର ୩୬୫ ସିଟ୍‌ରେ ନାମଲେଖା ପାଇଁ ୨ଲକ୍ଷ ୬୫ହଜାର ୫୯୦ ଛାତ୍ରଛାତ୍ରୀ ଆବେଦନ କରିଥିଲେ । ସେମାନଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୧ ଲକ୍ଷ ୭୫ ହଜାର ୭୨୨ ଛାତ୍ରଛାତ୍ରୀ ନାମଲେଖା ଲାଗି ଯୋଗ୍ୟ ବିବେଚିତ ହୋଇଥିବା ବେଳେ ସେଥିରୁ ପ୍ରଥମ ପର୍ଯ୍ୟାରେ ୭୯ହଜାର ୭୫୨ଜଣ ନାମଲେଖାଇଥିଲେ । ତେବେ ପ୍ରଥମ ପର୍ଯ୍ୟାୟରେ ଚୟନ ହୋଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ୭୦ହଜାର ୭୪୫ଜଣ ଛାତ୍ର, ୧ ଲକ୍ଷ ୪ହଜାର ୯୬୭ଜଣ ଛାତ୍ରୀ ଓ ୧୦ଜଣ କିନ୍ନର ରହିଛନ୍ତି । କଳାରେ ୧ ଲକ୍ଷ ୭ ହଜାର ୬୯, ବିଜ୍ଞାନରେ ୪୫ ହଜାର ୮୫୫, ବାଣିଜ୍ୟରେ ୧୬ହଜାର ୨୦୫, ସଂସ୍କୃତରେ ୩,୩୭୧, ସେଲ୍ଫ ଫାଇନାନ୍ସିଂରେ ୩,୦୫୧ ଓ ଆଇନ ବିଭାଗରେ ୧୭୧ ଜଣ ଯୋଗ୍ୟ ବିବେଚିତ ହୋଇଥିଲେ । ସେହିପରି ଆଜି ପ୍ରକାଶ ପାଇଥିବା ଦ୍ୱିତୀୟ ପର୍ଯ୍ୟାୟରେ ୪୫ହଜାର ୫୦୨ଜଣ ନାମଲେଖା ଲାଗି ମନୋନୀତ ହୋଇଥିବା ବେଳେ ସେଥିରୁ ଛାତ୍ରଙ୍କ ସଂଖ୍ୟା ୨୦ହଜାର ୩୧ଜଣ ରହିଥିବା ବେଳେ ଛାତ୍ରୀଙ୍କ ସଂଖ୍ୟା ୨୫ହଜାର ୪୬୮ଜଣ ଏବଂ ୩ଜଣ କିନ୍ନର ରହିଛନ୍ତି । ମନୋନୀତ ହୋଇଥିବା ଆବେଦନକାରୀଙ୍କ ମଧ୍ୟରୁ ବିଜ୍ଞାନ ଷ୍ଟ୍ରୀମ ଲାଗି ୧୭ହଜାର ୧୯୩ଜଣ ରହିଥିବା ବେଳେ କଳାରେ ୨୩ହଜାର ୯୯୬ଜଣ, ବାଣିଜ୍ୟରେ ୨୭୫୭ଜଣ, ଶାସ୍ତ୍ରୀରେ ୨୦୦ଜଣ, ସେଲ୍ଫଫାଇନାନ୍ସରେ ୧୩୦୯ ଏବଂ ଆଇନ୍ ପାଠ୍ୟକ୍ରମରେ ୪୭ଜଣ ଚୟନ ହୋଇଛନ୍ତି । ଦ୍ୱିତୀୟ ପର୍ଯ୍ୟାୟରେ ଯେଉଁ ଛାତ୍ରଛାତ୍ରୀ ମନୋନୀତ ହୋଇଥିବେ ସେମାନେ ଆସନ୍ତାକାଲି ୧୦ଟାରୁ ୨୫ତାରିଖ ଅପରାହ୍ଣ ସନ୍ଧ୍ୟା ୫ଟା ମଧ୍ୟରେ ନାମଲେଖା କରିପାରିବେ । ସେହିପରି ଶେଷ ପର୍ଯ୍ୟାୟ ମେଧା ତାଲିକା ଜୁଲାଇ ୧ରେ ପ୍ରକାଶ ପାଇବା ସହ ୨ରୁ ୪ ତାରିଖ ପର୍ଯ୍ୟନ୍ତ ନାମଲେଖା ଚାଲିବ । କଳା ବିଭାଗ ସାଧାରଣ ବର୍ଗରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଷୟର କଟ୍ ଅଫ୍ ମାର୍କ ସର୍ବାଧିକ ୯୧% ରହିଛି । ଫିଜିକାଲ ସାଇନ୍ସରେ ରେଭେନ୍ସାର ପଦାର୍ଥ ବିଜ୍ଞାନ ବିଷୟର କଟ୍ ଅଫ୍ ମାର୍କ ୯୨.୮୦%, ବାୟୋଲୋଜି ସାଇନ୍ସରେ ରେଭେନ୍ସା ପ୍ରାଣୀ ବିଜ୍ଞାନ ବିଷୟର କଟ୍ ଅଫ୍ ମାର୍କ ୯୨.୨୦%, ବାଣିଜ୍ୟରେ ୮୯.୮୩% ହୋଇଛି । ସେଲ୍ଫ ଫାଇନାନ୍ସିଂ ବିଭାଗରେ କମ୍ପ୍ୟୁଟର ସାଇନ୍ସ ବିଷୟରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର କଟ୍ ଅଫ୍ ମାର୍କ ସର୍ବାଧିକ ୮୭.୫୦% ଓ ବିଶ୍ୱବିଦ୍ୟାଳୟ ଆଇନ ବିଶ୍ୱବିଦ୍ୟାଳୟର ୫ ବର୍ଷିଆ ଇଣ୍ଟିଗ୍ରେଟେଡ୍ ବିଏଲ୍‌ଏଲ୍‌ବି ପାଠ୍ୟକ୍ରମର କଟ୍ ଅଫ୍ ମାର୍କ ୮୪.୪୦% ରହିଥିବା ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି ।

## ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ବିଜେଡି ପକ୍ଷରୁ ପୂଜାର୍ଚ୍ଚନା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନବୀନଙ୍କ ସଫଳ ଅସ୍ତ୍ରୋପଚାର କାମନା କରି ପ୍ରଭୁ ଲିଙ୍ଗରାଜଙ୍କ ନିକଟରେ ପୂଜାର୍ଚ୍ଚନା କରିଛନ୍ତି ବିଜେଡ଼ି କର୍ମୀ । ରବିବାର ମୁମ୍ବାଇର ଏକ ଘରୋଇ ହସ୍ପିଟାଲରେ ବିଜେଡ଼ି ସଭାପତି ନବୀନ ପଟ୍ଟନାୟକଙ୍କର ଅପରେସନ ହୋଇଛି । ଅସ୍ଥିମଜ୍ଜାଗତ ସମସ୍ୟା ଜନିତ ଅସ୍ତ୍ରୋପଚାର ହେବାକୁ ଥିବା ବେଳେ ଏହି ଅସ୍ତ୍ରୋପଚାର ସଫଳ ହେବା ସାଙ୍ଗକୁ ସେ ସୁସ୍ଥ ହୋଇ ଶୀଘ୍ର ଫେରନ୍ତୁ ବୋଲି କାମନା କରିଛନ୍ତି କର୍ମୀ । ଆଜି ବରିଷ୍ଠ ବିଜେଡ଼ି ନେତା ଅଶୋକ ପଣ୍ଡା, ଦେବୀ ମିଶ୍ର, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଭୁବନେଶ୍ୱର ମେୟର ସୁଲୋଚନା ଦାସ ପ୍ରମୁଖ ଦୀପ ପ୍ରଜ୍ୱଳନ କରି ପ୍ରଭୁ ଲିଙ୍ଗରାଜ ଓ ମାତା ଭୁବନେଶ୍ୱରୀଙ୍କ ପାଖରେ ଶୁଭ ମନାସିଛନ୍ତି । ଏହି ଅବସରରେ ବରିଷ୍ଠ ବିଜେଡ଼ି ନେତା ଦେବୀ ମିଶ୍ର କହିଛନ୍ତି ଖୁବଶୀଘ୍ର ଆମ ନେତା ଫେରିବେ ଓ ପ୍ରଭୁ ଲିଙ୍ଗରାଜଙ୍କ ଦର୍ଶନ କରିବେ ।

## ପେଟ୍ରୋଲ ପକାଇ ଡ୍ରେସ୍ ଦୋକାନ ଜାଳିଦେଲେ ଦୁର୍ବୃତ୍ତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏୟାରପୋର୍ଟ ନୂଆ ରୋଡ଼ରେ ଦୁର୍ବୃତ୍ତଙ୍କ କାରନାମା । ବିଳମ୍ବିତ ରାତିରେ ମାତିଲେ ଦୁର୍ବୃତ୍ତ ଓ ଏକ ଡ୍ରେସ ଦୋକାନରେ ନିଆଁ ଲଗାଉଥିବା ଭୟଙ୍କର ଭିଡ଼ିଓ ବା ସିସିଟିଭି ସାମ୍ନାକୁ ଆସିଛି ଓ ଦୁଇଜଣ ଦୁର୍ବୃତ୍ତ ଆସି ପେଟ୍ରୋଲ ପକାଇ ଜାଳିଦେଉଥିବା ଦେଖିବାକୁ ମିଳିଛି । ଦୋକାନ ଆଗରେ ରଖା ଯାଇଥିବା ବାଇକ ସମ୍ପୂର୍ଣ୍ଣ ପୋଡ଼ି ନଷ୍ଟ ହୋଇଯାଇଛି । ଘଟଣାସ୍ଥଳରେ ଖଣ୍ଡଗିରି ଥାନା ପୋଲିସର ଛାନଭିନ କରୁଥିବା ବେଳେ ଜଣଙ୍କୁ ଅଟକ ରଖାଯାଇଛି ।

## ଧାନ କିଣା ଅବଧି ବୃଦ୍ଧି ପାଇଁ ବିଜେଡିର ଦାବି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜୁଲାଇ ୧୫ ଯାଏ ଧାନ କିଣା ଅବଧି ବଢାଇବାକୁ ବିଜେଡି ଦାବି କରିଛି । ବିଜେଡି ବିଧାୟକ ପ୍ରଦୀପ ଦିଶାରି କହିଛନ୍ତି ଅନେକ ମଣ୍ଡିରେ ଧାନ ଉଠାଇବା ବନ୍ଦ ହୋଇଗଲାଣି । ମଣ୍ଡିରେ ତାଲା ପକେଇଦେଲେଣି । ଚାଷୀଙ୍କୁ ମନାକରୁଛନ୍ତି ଆଉ ମଣ୍ଡିକୁ ଧାନ ଆଣ ନାହିଁ । ଜୁଲାଇ ୧୫ ଯାଏ ଧାନକିଣା ଅବଧି ବଢାନ୍ତୁ ସରକାର ।

## ଶ୍ରୀଦୁର୍ଗା ସାହିତ୍ୟ ସଂସଦର ମାସିକ ସାହିତ୍ୟ ଆସର

## ସମାଜକୁ ସୁଧାରିବା ଦିଗରେ କବିତାର ଭୂମିକା ଗୁରୁତ୍ୱପୂର୍ଣ୍ଣ



କଟକ(ଭାସ୍କର ନ୍ୟୁଜ୍): ଜନମାନସରେ କବିତା ସବୁଠୁ ଅଧିକ ଆଦର ଲାଭ କରିଆସିଛି । କବିତା କେବଳ ଆନନ୍ଦ ଦିଏନାହିଁ, ସମାଜକୁ ସୁଧାରିବା ଦିଗରେ ମଧ୍ୟ ଏହାର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ଯେତେ ଭଲ କବିତା ପ୍ରକାଶ ପାଇବ, ସମାଜର ସେତେ ଉପକାର ସାଧିତ ହେବ ବୋଲି ବିଶିଷ୍ଟ ସାହିତ୍ୟିକମାନେ ମତବ୍ୟକ୍ତ କରିଛନ୍ତି । ରବିବାର ପୂର୍ବାହ୍ନରେ ଖପୁରିଆ ଶିଳ୍ପାଞ୍ଚଳ ଅନ୍ତର୍ଗତ ସିଦ୍ଧିଦୁର୍ଗା ମଣ୍ଡପରେ 'ଶ୍ରୀଦୁର୍ଗା ସାହିତ୍ୟ ସଂସଦ'ର ମାସିକ ସାହିତ୍ୟ ଆସରରେ ମଞ୍ଚାସୀନ ସାହିତ୍ୟିକମାନେ ଏହିମତେ ମତ ପ୍ରକାଶ କରିଛନ୍ତି । ସଂସଦର ସଭାପତି ପଣ୍ଡିତ ଡକ୍ଟର ଚୈତନ୍ୟ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆସରକୁ ବିଶିଷ୍ଟ ସାହିତ୍ୟିକ ଡକ୍ଟର ରବୀନ୍ଦ୍ର କୁମାର ବିହାରୀ ଉଦ୍ଘାଟନ କରିଥିଲେ । ଏଥିରେ ପଣ୍ଡିତ ଡକ୍ଟର ଅଭୟ କୁମାର ଦାଶ, ପଣ୍ଡିତ ଡକ୍ଟର ନୀଳକଣ୍ଠ ରାଉତ, କୈଳାସ ଚନ୍ଦ୍ର ଜେନା, ବ୍ରହ୍ମାନନ୍ଦ ବିଶ୍ୱାଳ, ପତିତପାବନ ମହାପାତ୍ର ଓ ଚୈତନ୍ୟ ରାଉତ ମଞ୍ଚାସୀନ ଅତିଥି ଭାବରେ ଯୋଗଦେଇ କବିତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଗୀତାଞ୍ଜଳି ପୃଷ୍ଟି ଓ ପ୍ରମିଳା ପତିଙ୍କ ସଂଯୋଜନାରେ ୭୦ରୁ ଅଧିକ କବି ସ୍ୱରଚିତ କବିତା ପାଠ କରିଥିଲେ । ପରେ କବିତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସୁକାନ୍ତି ମହାନ୍ତି ଓ ଛବିରାମ ସେଠୀଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ସାଧାରଣ ସଂପାଦକ ରାଜୀବ କୁମାର ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଏବଂ ସଂଗଠନ ସଂପାଦକ ସୁରେନ୍ଦ୍ର ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।

## ୨୬ ନମ୍ବର ୱାର୍ଡରେ ନୂତନ କାର୍ଯ୍ୟର ଶୁଭାରମ୍ଭ



କଟକ(ଭାସ୍କର ନ୍ୟୁଜ୍): କଟକ ସହରର ଏକ ପ୍ରମୁଖ ସ୍ଥାନ ହେଉଛି ଶିଳ୍ପୀ କୁମ୍ଭାର ସାହି ଆଗକୁ ଗଣେଶ ପୂଜା ଆସୁଥିବାରୁ ସାହି କମିଟି ଏକ ସାଧାରଣସଭାରେ କର୍ପୋରେଟର ଗଗନ ଓଝାଙ୍କୁ ସାହିରେ ଥିବା ଖରାପ ରାସ୍ତାର ସମାଧାନ କିଭଳି ପୂଜା ପୂର୍ବରୁ ସରିବ ଏକ ଲିଖିତ ଅଭିଯୋଗ କରିଥିଲେ । ରବିବାର କର୍ପୋରେଟର ଗଗନ ଓଝାଙ୍କ ଦ୍ୱାରା ସାହିର ସମସ୍ତ ମୁରବୀ ମାନଙ୍କ ଉପସ୍ଥିତିରେ ନୂତନ କାର୍ଯ୍ୟର ଶୁଭାରମ୍ଭ କରାଯାଇଛି । ସାହିର ଅଧିକାରୀ ସୁରେନ୍ଦ୍ର ମୁଦୁଲି, ସମ୍ପାଦକ ଜୟକୃଷ୍ଣ ମୁଦୁଲି, ସଭାପତି ବିଶ୍ୱନାଥ ବେହେରା, ପୂର୍ବତନ ସମ୍ପାଦକ ପ୍ରଦୀପ ସେନାପତି, ପୂଜକ ରବିନାରାୟଣ ଶତପଥୀ, ଉପଦେଷ୍ଟା କେଦାରନାଥ ବେହେରା, ବୀରକିଶୋର ମୁଦୁଲି, ସୁଧାକର ମୁଦୁଲି, ସହସମ୍ପାଦକ ତପନ ବେହେରା, ଲକ୍ଷ୍ମୀଧର ପରିଡା, ରାଜେନ୍ଦ୍ର ମୁଦୁଲି, ଦେବେନ୍ଦ୍ର ମୁଦୁଲି, ସଞ୍ଜୟ ବେହେରା, ଲକ୍ଷ୍ମଣ ବେହେରା, ରାଜେନ୍ଦ୍ର ବେହେରା, ପପୁନା ବେହେରା, ଜଗନ୍ନାଥ ମୁଦୁଲି, ନରେନ୍ଦ୍ର ମୁଦୁଲି, ସେକ ରାଜୁ, ବିନୋଦ ବେହେରା, ହରିଶ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ ।

## ଖରିଫରେ ୧୮ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ଟାର୍ଗେଟ୍



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଖରିଫରେ ୧୮ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ କରାଯିବ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ମନ୍ତ୍ରୀ କହିଛନ୍ତି ଯେ, ରବିରେ ଆମ ୭୪ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ କରିଥିଲୁ । ଆମର ଉଦ୍ଦେଶ୍ୟ ହେଉଛି ଚାଷୀଙ୍କର ଟୋକନ ଲାପସ ନ ହେଉ । ଚାଷୀ ହଇରାଣ ନ ହୁଅନ୍ତୁ । ବର୍ଷା ହେଲେ ଧାନ ଉଠି ପାରିବ ନାହିଁ । ଧାନ ଓଦା ହୋଇଯିବ କେମିତି ଉଠାଇବୁ । ଧାନ ଓଦା ହୋଇଗଲେ ଆଦ୍ରତା ବଢ଼ିଯିବ । ଆଉ କିଛି ହୋଇପାରିବ ନାହିଁ । ଜୁନ ୩୦ ସୁଦ୍ଧା ସବୁ ଧାନ ଉଠାଇଦେବୁ । ଧାନ କିଣା ଏବେ ଜୋରସୋର ଚାଲିଛି ବୋଲି ମନ୍ତ୍ରୀ କହିଛନ୍ତି ।

## ରିଲିଫ୍ ବଣ୍ଟନ ତଦାରଖ ପାଇଁ ପ୍ରଦେଶ କଂଗ୍ରେସର କମିଟି ଗଠନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବାଲେଶ୍ୱର ଜିଲ୍ଲାର ଭୋଗରାଇ, ବାଲିଆପାଳ ଓ ଜଳେଶ୍ୱର ଅଞ୍ଚଳର ବନ୍ୟା ପ୍ଲାବିତ ଲୋକଙ୍କର ଉଦ୍ଧାର କାର୍ଯ୍ୟ ଓ ରିଲିଫ୍ ବଣ୍ଟନ କାର୍ଯ୍ୟକ୍ରମକୁ ତଦାରଖ କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ବାଲେଶ୍ୱର ପୂର୍ବତନ ସାଂସଦ ପ୍ରାର୍ଥୀ ତଥା ଏଆଇସିସି ସଦସ୍ୟ ନବଜ୍ୟୋତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି । ଏହି କମିଟି ସହିତ ପିସିସିର ଉପସଭାପତି ତଥା ବାଲେଶ୍ୱର ଜିଲ୍ଲା ସଂଗଠନ ଦାୟିତ୍ୱରେ ଥିବା ଦେବାଶିଷ ପଟ୍ଟନାୟକ ବନ୍ୟା ପ୍ଲାବିତ ଅଞ୍ଚଳକୁ ଗସ୍ତ କରିବେ ଓ ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ଯୋଗଦାନ କରିବେ ।

## 'ପଦ୍ମଶ୍ରୀ' ବିନୋଦ କାନୁନଗୋଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ଧର୍ମେନ୍ଦ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): 'ପଦ୍ମଶ୍ରୀ' ବିନୋଦ କାନୁନଗୋଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଓଡ଼ିଆ ବିଶ୍ୱକୋଷ 'ଜ୍ଞାନମଣ୍ଡଳ'ର ରଚୟିତା ତଥା ଗବେଷକ 'ପଦ୍ମଶ୍ରୀ' ବିନୋଦ କାନୁନଗୋଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ।

## ବିଶାଳ ସନାତନ ହିନ୍ଦୁ ଏକତା ପଦଯାତ୍ରା ସମ୍ପନ୍ନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରସିଦ୍ଧ ବାଗେଶ୍ୱର ଧାମ ପୀଠାଧୀଶ୍ୱର ବାବା ଧୀରେନ୍ଦ୍ର ନାଥ ଶାସ୍ତ୍ରୀଙ୍କ ଆହ୍ୱାନ କ୍ରମେ ଆଜି ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ଏକ ଐତିହାସିକ ଓ ଭବ୍ୟ 'ସନାତନ ହିନ୍ଦୁ ଏକତା ପଦଯାତ୍ରା' ଆୟୋଜିତ ହୋଇଥିଲା । ପଦଯାତ୍ରା ଲିଙ୍ଗରାଜ ମନ୍ଦିରରୁ ଆରମ୍ଭ ହୋଇ ରାମ ମନ୍ଦିରରେ ସମାପନ ହୋଇଥିଲା । ଏହି ଐତିହାସିକ ପଦଯାତ୍ରାରେ ଶତାଧିକ ଭକ୍ତ ଓ ଅନ୍ୟ ହିନ୍ଦୁ ସଂଗଠନର ସଦସ୍ୟମାନେ ଅଂଶଗ୍ରହଣ କରି ଏକ ପ୍ରଭାବୀ ମନୋମୋହକ ଦୃଶ୍ୟ ସୃଷ୍ଟି କରିଥିଲେ । ଏହି ପଦଯାତ୍ରା ମାଧ୍ୟମରେ ସଂଘବଦ୍ଧ ଭାବେ ଦାବି ହୋଇଥିଲା ଯେ ଭାରତ ଏକ ହିନ୍ଦୁ ରାଷ୍ଟ୍ର ଏବଂ ଏହି ଦେଶର ମୂଳ ପରିଚୟ ସନାତନ ହିନ୍ଦୁ ଧର୍ମର ଐତିହ୍ୟ ଓ ସଂସ୍କୃତିକୁ ରାଷ୍ଟ୍ରୀୟ ସ୍ୱୀକୃତି ଦେବାର ସମୟ ଆସିଯାଇଛି । ସନାତନ ଧର୍ମ ହିଁ ଭାରତର ମୂଳ ଆଧାରଶିଳା ଏବଂ ଆଧ୍ୟାତ୍ମିକ ଆଦର୍ଶ, ଯାହା ଜନମାନସରେ ନୈତିକତା, ଆଶା ଓ ଏକତାର ଦୀପ ପ୍ରଜ୍ୱଳିତ କରେ । ଏହି ପଦଯାତ୍ରା ଦ୍ୱାରା ଆହ୍ୱାନ ଦିଆଯାଇଛି ଯେ ଏହି ଦେଶର ଗରିମା, ସଂସ୍କୃତି ଓ ଧର୍ମୀୟ ଚିହ୍ନକୁ ରକ୍ଷା କରିବା ଏବଂ ଭାରତକୁ ଏକ ଅଧିକ ଗୌରବମୟ ହିନ୍ଦୁ ରାଷ୍ଟ୍ର ଭାବେ ଘୋଷଣା କରିବାକୁ ସରକାର ଅବିଳମ୍ବେ ଆବଶ୍ୟକୀୟ ପଦକ୍ଷେପ ନିଅନ୍ତୁ । ପଦଯାତ୍ରାର ଅନ୍ତିମ ସ୍ଥଳୀ ରାମ ମନ୍ଦିର ସମ୍ମୁଖରେ ଅନେକ ସଂଗଠନ ଓ ଧାର୍ମିକ ନେତାଙ୍କ ଉପସ୍ଥିତିରେ ଭବ୍ୟ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ କାର୍ଯ୍ୟକ୍ରମର ଆବାହକ ଦେବାଶିଷ ନାୟକ ଏହି ଆନ୍ଦୋଳନକୁ ଭବିଷ୍ୟତରେ ଜନ ଆନ୍ଦୋଳନର ରୂପ ଦେବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ରାଷ୍ଟ୍ରୀୟ ହିନ୍ଦୁ ସଙ୍ଗଠନ ପକ୍ଷରୁ ଓଡ଼ିଶା ମୁଖ୍ୟ ଜେନେରାଲ୍ ଦୀନବନ୍ଧୁ ଷଡ଼ଙ୍ଗୀ ସାରା ବିଶ୍ୱରେ ହିନ୍ଦୁ ଧର୍ମର ଐତିହ୍ୟ ଓ ସଂସ୍କୃତିର ସୁରକ୍ଷା ସହ ସନାତନୀ ହିନ୍ଦୁ ମାନଙ୍କର ସୁରକ୍ଷା ନିମନ୍ତେ ଭାରତକୁ ହିନ୍ଦୁ ରାଷ୍ଟ୍ର ଘୋଷଣା କରିବା ନିତାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ନିକଟରେ ବାଂଲାଦେଶର ହିନ୍ଦୁମାନଙ୍କ ଗଣହତ୍ୟା ବେଳେ ଭାରତ ସରକାରଙ୍କ ପକ୍ଷରୁ କୌଣସି ପ୍ରକାର ଆନୁଷ୍ଠାନିକ ପଦକ୍ଷେପ ଗ୍ରହଣ କରାଯାଇନଥିବା କ୍ଷୋଭର ବାତାବରଣ ସୃଷ୍ଟି କରିଥିଲା । ଏଥିପାଇଁ ସମ୍ବିଧାନର ସିକୁଲାର୍ ଶବ୍ଦ ହିଁ ସମସ୍ୟା କରିଥିଲା ବୋଲି ସେ ଅଭିଯୋଗ କରିଥିଲେ । ରାଷ୍ଟ୍ରୀୟ ହିନ୍ଦୁ ମହାସଙ୍ଘ, ଓଡ଼ିଶା ପକ୍ଷରୁ ପଣ୍ଡିତ ବିଶ୍ୱେଶ୍ୱର ପାଣିଗ୍ରାହୀ ଏହି ବିଶାଳ ସମାବେଶର ସମର୍ଥନ କରିବା ସହ ହିନ୍ଦୁ ରାଷ୍ଟ୍ର ଘୋଷଣା କରିବା ପାଇଁ ନିଜ ସଂଗଠନ ପକ୍ଷରୁ ସମର୍ଥନ ଜଣାଇଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଦେବସେନା ପକ୍ଷରୁ ଓଡ଼ିଶା ଯୁବ ଅଧ୍ୟକ୍ଷ ସୁଶୀଲ କୁମାର ବେହେରା, ସନାତନୀ କେଶରୀୟା ହିନ୍ଦୁ ବାହିନୀ ପକ୍ଷରୁ ପ୍ରଦ୍ୟୁମ୍ନ ଦାଶ, ସନ୍ତୋଷ କୁମାର ଭୋଳ, ରାଜୀବ ମିଶ୍ର, ଭୂପେଶ ନାୟକ, ସୌରଭ କର, ଅମରେନ୍ଦ୍ର ପ୍ରସାଦ ସାହୁ, ଉଜ୍ଜଳ ପଣ୍ଡା, ଜଗନ୍ ପାତ୍ର, ସୁଦର୍ଶନ ବିଶ୍ୱାଳଙ୍କ ସମେତ ଅନେକ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ ।

## ନିର୍ମାଣ ହେବ ନୂଆ ଆଲୁମୁନିୟମ ପ୍ଲାଣ୍ଟ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶିଳ୍ପର ହବ୍ ହେବ ଢେଙ୍କାନାଳ । କାମାକ୍ଷାନଗରରେ ନୂଆ ଆଲୁମୁନିୟମ ପ୍ଲାଣ୍ଟ ତିଆରି ହେବ । ପ୍ଲାଣ୍ଟ ନିର୍ମାଣ ପାଇଁ ନିବେଶ ହେବ ୧ ଲକ୍ଷ ୨୮ ହଜାର କୋଟି ଟଙ୍କା । ପ୍ରାୟ ୪୦ ହଜାର ଯୁବକ ଯୁବତୀଙ୍କୁ ରୋଜଗାର ମିଳିବ । ଗତ ୧୬ ତାରିଖରେ ଏଥିପାଇଁ ଅନୁମୋଦନ ଦେଇଛନ୍ତି ରାଜ୍ୟ ସରକାର । ଖୁବ ଶୀଘ୍ର ପ୍ରଧାନମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀ ଏହାର ଶିଳାନ୍ୟାସ କରିବେ ବୋଲି ଖାଦ୍ୟ ଯୋଗାଣମନ୍ତ୍ରୀ କୃଷ୍ଣ ପାତ୍ର ସୂଚନା ଦେଇଛନ୍ତି । ସେହିପରି ସୋଲାର ପ୍ରୋଜେକ୍ଟ କମ୍ପାନୀ ୱାରେ ଢେଙ୍କାନାଳ ଛାଡିବା କଥାକୁ ଖଣ୍ଡନ କରିଛନ୍ତି ମନ୍ତ୍ରୀ । ଓଡିଶା ଛାଡିବା ନେଇ କମ୍ପାନୀ କେବେ କହିନଥିଲା । କାମ ଆରମ୍ଭ ହୋଇ ସାରିଥିବା ବେଳେ କିଛି ଲୋକ ଏହାକୁ ଭୁଲ ପ୍ରଚାର କରୁଛନ୍ତି ବୋଲି କହିଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ ।

## ସରିଲା ନବମ ବାର୍ଷିକ ଆଳାପ ମହୋତ୍ସବ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗୁରୁ ଶ୍ରୀ ନିମାକାନ୍ତ ରାଉତରାୟଙ୍କ ଦ୍ୱାରା ପ୍ରତିଷ୍ଠିତ ତଥା ଓଡ଼ିଶୀ ସଙ୍ଗୀତ ପାଇଁ ଉତ୍ସର୍ଗୀକୃତ ଅନୁଷ୍ଠାନ ଞଆଳାପ କଲଚୁରାଲ ଟ୍ରଷ୍ଟ'ର ୯ମ ବାର୍ଷିକ ମହୋତ୍ସବ ଭୁବନେଶ୍ୱର ସ୍ଥିତ ଗୁରୁ ଶ୍ରୀ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରସ୍ଥ ଉତ୍କଳ ରଙ୍ଗମଞ୍ଚରେ ଉଦ୍‌ଯାପିତ ହୋଇଯାଇଛି । ଏହି ସାରସ୍ୱତ ଉତ୍ସବରେ ଅତିଥି ଭାବେ ଯୋଗଦେଇଥିଲେ ବିଧାୟକ ଅରୁଣ କୁମାର ସାହୁ, ବରିଷ୍ଠ ସେବାୟତ ଶ୍ରୀଜଗନ୍ନାଥ ପୁରୀ ସୁଦର୍ଶନ ପୂଜାପଣ୍ଡା, କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ପ୍ରଫେସର ଗୁରୁ ଶ୍ରୀ ରାମହରି ଦାସ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧକ୍ଷ ଡଃ ବିଜୟ କୁମାର ଜେନା, ମୁମ୍ବାଇ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡଃ ଦୀପା ମିଶ୍ର, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡଃ ଜଗନ୍ନାଥ କୁଅଁର, ଅନୁଷ୍ଠାନର ସଭାପତି ବଦ୍ରିନାରାୟଣ ମହାନ୍ତି ଓ ସଂପାଦକ ଗୁରୁ ଶ୍ରୀ ନିମାକାନ୍ତ ରାଉତରାୟ । ଅନୁଷ୍ଠାନର ସଭାପତି ବଦ୍ରିନାରାୟଣ ମହାନ୍ତି ମଞ୍ଚାସୀନ ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ଅନୁଷ୍ଠାନର ଲକ୍ଷ ଓ ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ । ପୂଜ୍ୟପୂଜାକୁ ସମ୍ମାନ ଜଣାଇ ଓଡ଼ିଶୀ ସଙ୍ଗୀତର ମହାଗୁରୁ ଘନଶ୍ୟାମ ପଣ୍ଡାଙ୍କୁ ପ୍ରଥମେ ଶିଷ୍ୟମାନେ ପାଦପୂଜା କରିଥିଲେ । ଆଳାପ କଲଚ୍‌ରାଲ ଟ୍ରଷ୍ଟ ତରଫରୁ ଗୁରୁଜୀଙ୍କୁ ଅଙ୍ଗବସ୍ତ୍ର, ପୁଷ୍ପଗୁଚ୍ଛ, ସନନ୍ଦ ପତ୍ର, ଟ୍ରଫି, ଓ ଆର୍ଥିକ ରାଶି ପଚାଶ ହଜାର ଟଙ୍କା ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଜୀବନ ବ୍ୟାପି ସଙ୍ଗୀତ ସାଧନା ପାଇଁ ଓଡ଼ିଶାର ପଶ୍ଚିମାଞ୍ଚଳର ସଙ୍ଗୀତ ସାଧକ ସନ୍ତୋଷ ସୁନା ଙ୍କୁ ମଧ୍ୟ ଆଳାପ ଅନୁଷ୍ଠାନ ତରଫରୁ ଜୀବନ ବ୍ୟାପି ସିଦ୍ଧି ସମ୍ମାନରେ ଉପାୟନ, ପୁଷ୍ପଗୁଚ୍ଛ, ସନନ୍ଦ ପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଗୁରୁ ଶ୍ରୀ ନିମାକାନ୍ତ ରାଉତରାୟଙ୍କ ଶିଷ୍ୟ ଓ ପ୍ରଶିଷ୍ୟ ମାନଙ୍କ ଦ୍ୱାରା ଦିବା ଦଶ ଘଟିକା ଠାରୁ ରାତ୍ର ଦଶଟା ପର୍ଯ୍ୟନ୍ତ ଆମ ପାରମ୍ପରିକ ଓଡ଼ିଶୀ ସଙ୍ଗୀତର, ଚଉପଦୀ, ଚଉତିଶା, ଚମ୍ପୂ, ଗୀତଗୋବିନ୍ଦ, ଛାନ୍ଦ, ଭଜନ ପରିବେଷଣ କରାଯାଇଥିଲା । ଓଡ଼ିଶା ତଥା ଓଡ଼ିଶା ବାହାରୁ ଦୁଇ ଶହରୁ ଉର୍ଦ୍ଧ୍ୱ କଳାକାର ଆମ ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତ ପରିବେଷଣ କରିଥିବାରୁ ଶିଳ୍ପୀ ମାନଙ୍କୁ ଅନୁଷ୍ଠାନ ତରଫରୁ ପ୍ରଶଂସା ପତ୍ର ଓଟ୍ରଫି ପ୍ରଦାନ କରାଯାଇ ଥିଲା । ଏହି କାର୍ଯ୍ୟକ୍ରମକୁ ଡଃ ମୃତ୍ୟୁଞ୍ଜୟ ରଥ ଓ ପ୍ରାଧ୍ୟାପକ ଲୋକନାଥ ମହାନ୍ତି ସଂଯୋଜନା କରିଥିଲେ । ଗୁରୁ ଶ୍ରୀ ନିମାକାନ୍ତ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

## ରଥଯାତ୍ରା ସମୟରେ ହେବ ୩୬୫ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୁରୀରେ ହେବାକୁ ଥିବା ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ମହୋତ୍ସବକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ଓଡ଼ିଶା ଏବଂ ପଡ଼ୋଶୀ ରାଜ୍ୟଗୁଡ଼ିକର ତୀର୍ଥଯାତ୍ରୀ ଏବଂ ପରିଦର୍ଶକ ମାନଙ୍କ ସୁଗମ ଯାତ୍ରା ସୁନିଶ୍ଚିତ କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରିଛି । ରଥଯାତ୍ରା ୨୦୨୫ ସମୟରେ ନିୟମିତ ଚଳାଚଳ କରୁଥିବା ଟ୍ରେନ ବ୍ୟତୀତ ୩୬୫ଟି ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରାଇବା ପାଇଁ ରେଳବାଇ ପକ୍ଷରୁ ବ୍ୟବସ୍ଥା କରାଯାଉଅଛି । ଏହି ସ୍ୱତନ୍ତ୍ର ଟ୍ରେନ ସେବାଗୁଡ଼ିକ ରାଜ୍ୟର ବିଭିନ୍ନ ସ୍ଥାନରୁ ଚଳାଚଳ କରାଯିବାକୁ ଯୋଜନା କରାଯାଇଛି ଏବଂ ରଥଯାତ୍ରା ମହୋତ୍ସବର ପ୍ରମୁଖ ଦିନଗୁଡ଼ିକରେ ବିଶେଷ ଗୁରୁତ୍ୱ ଦିଆଯିବାକୁ ମଧ୍ୟ ବିଶେଷ ଧ୍ୟାନ ଦିଆଯାଉଅଛି ଯାହା ରାଉରକେଲା, ବୀରମିତ୍ରପୁର, ବାଙ୍ଗିରିପୋଷି, ଜୁନାଗଡ଼ ରୋଡ୍, ବାଦାମପାହାଡ଼, ବୌଦ୍ଧ, ଜଗଦଲପୁର, ବାଲେଶ୍ୱର, ଅନୁଗୁଳ, ଗୁଣୁପୁର, ରାୟଗଡ଼ା, ପାରାଦୀପ, ଭଦ୍ରକ, କେନ୍ଦୁଝର, ଦଶପଲ୍ଲା, ଖୋର୍ଦ୍ଧା ରୋଡ୍, ଭଦ୍ରକ, ସମ୍ବଲପୁର, ତାଳଚେର, କଟକ, ବ୍ରହ୍ମପୁର, ଢେଙ୍କାନାଳ, ବଡ଼ବିଲ, ପଲାସା ଏବଂ ବିଶାଖାପାଟଣା (ଆନ୍ଧ୍ର ପ୍ରଦେଶ), ଜଗଦଳପୁର ଓ ଗୋଣ୍ଡିଆ (ଛତିଶଗଡ଼) ଏବଂ ସାନ୍ତ୍ରାଗାଛି / କଲିକତା (ପଶ୍ଚିମବଙ୍ଗ) ସହିତ ଟ୍ରେନ ସେବା ସଂଯୋଗ କରିବ । ଏହି ବ୍ୟାପକ ରେଳ ସଂଯୋଗୀକରଣ କେବଳ ମହୋତ୍ସବ ସମୟରେ ତୀର୍ଥଯାତ୍ରୀଙ୍କ ବିପୁଳ ସଂଖ୍ୟାକୁ ପୂରଣ କରିବ ନାହିଁ ବରଂ ଦୂରଦୂରାନ୍ତ ଏବଂ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକର ଲୋକଙ୍କ ପାଇଁ ଯାତ୍ରାକୁ ଯଥେଷ୍ଟ ସହଜ କରିବ । ଗୁଣ୍ଡିଚା ଯାତ୍ରା, ସନ୍ଧ୍ୟା ଦର୍ଶନ, ବାହୁଡା ଯାତ୍ରା ଏବଂ ସୁନାବେଶ ବ୍ୟତୀତ ରଥଯାତ୍ରା ମହୋତ୍ସବର ଅନ୍ୟ ଦିନଗୁଡ଼ିକ ଉପରେ ମଧ୍ୟ ଧ୍ୟାନ ଦିଆଯାଇଛି ଯେଉଁଥିରେ ରାଉରକେଲା, ବାଦାମପାହାଡ଼, ବୀରମିତ୍ରପୁର, ବାଙ୍ଗିରିପୋଷି, ବାଲେଶ୍ୱର, ବଡ଼ବିଲ, ଅନୁଗୁଳ, ପାରାଦୀପ, ଭଦ୍ରକ, କେନ୍ଦୁଝର, ପଲାସା, ଦଶପଲ୍ଲା, ଖୋର୍ଦ୍ଧା ରୋଡ୍, ବଡ଼ବିଲ, ଜଗଦଳପୁର ଓ ଗୋଣ୍ଡିଆ (ଛତିଶଗଡ଼), ସନ୍ତ୍ରାଗାଛି (ପଶ୍ଚିମବଙ୍ଗ) ଏବଂ ପଲାସା ଓ ବିଶାଖାପାଟଣା (ଆନ୍ଧ୍ରପ୍ରଦେଶ) ବ୍ୟତୀତ ଅନ୍ୟାନ୍ୟ ସ୍ଥାନରୁ ଉତ୍ସର୍ଗୀକୃତ ସେବା ଉପଲବ୍ଧ ହେବ । ଚଳିତ ବର୍ଷ ରଥଯାତ୍ରା ବ୍ୟବସ୍ଥା ୨୦୨୪ ରଥଯାତ୍ରା ତୁଳନାରେ ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧିକୁ ସୁନିଶ୍ଚିତ କରିଛି ଯେତେବେଳେ ୩୧୫ ଟି ସ୍ୱତନ୍ତ୍ର ଟ୍ରେନ ପରିଚାଳିତ ହୋଇଥିଲା । ଏହି ବର୍ଦ୍ଧିତ ସଂଖ୍ୟା ସହିତ ପୂର୍ବ ତଟ ରେଳପଥ ଓଡ଼ିଶାର ସବୁଠାରୁ ପ୍ରସିଦ୍ଧ ଆଧ୍ୟାତ୍ମିକ ପର୍ବ ସମୟରେ ସମସ୍ତ ଭକ୍ତଙ୍କ ପାଇଁ ନିରାପଦ, ଆରାମଦାୟକ ଏବଂ ଦକ୍ଷ ଯାତ୍ରା ସୁବିଧା ପ୍ରଦାନ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ପୁନଃସ୍ଥାପିତ କରୁଅଛି ।

ଓଡ଼ିଶା ଭାସ୍କର
ସମ୍ପାଦକୀୟ



ଏ ଦୁନିଆ ପାନ୍ଥଶାଳେ ନିତି କେତେ ପାନ୍ଥ
ଆସୁଛନ୍ତି ଭିକ୍ଷୁପରି, ଶୂନ୍ୟ କରି ହାତ।
ଯିବ ପୁଣି ଏକା ଶୂନ୍ୟେ ଫେରି ନିଜ ପଥେ,
ମିଳନର ଆଡ଼ମ୍ବର ଲିଭିଯିବ ସତେ।

-ସଚ୍ଚିଦାନନ୍ଦ ରାଉତରାୟ



ଈର୍ଷା ଏବଂ ଘୃଣାର ନିଆଁରେ ଜଳୁଥିବା ଏଇ ଦୁନିଆରେ ହସ ଓ ଖୁସି କେବେବି ସ୍ଥାୟୀ ହୋଇପାରିବ ନାହିଁ।

-ଗୌତମ ବୁଦ୍ଧ



## ଭାରତରେ ମହିଳା ସତରେ ଅସୁରକ୍ଷିତ ?

# ଆମେରିକାର ସତର୍କ ସୂଚନା ଚିନ୍ତାଜନକ

ଅତୀତରେ ଆମ ଦେଶରେ ପୁରୁଷ ପ୍ରଧାନ ସମାଜ ବ୍ୟବସ୍ଥାରେ ମହିଳାମାନଙ୍କୁ ଦୁର୍ବଳା ଅବଳା ଭାବରେ ବିଚାର କରାଯାଇ ଘରର ଚାରିକାନ୍ଥ ଭିତରେ ସେମାନଙ୍କୁ ଆବଦ୍ଧ ରଖାଯାଉଥିଲା। ମାତ୍ର ଯୁଗ ବଦଳିବା ସହିତ ମହିଳାମାନେ ଅଧିକ ସଚେତନ ହେବା ସଙ୍ଗେ ସଙ୍ଗେ ଆଜି ସବୁ କ୍ଷେତ୍ରରେ ପୁରୁଷଙ୍କ ସମକକ୍ଷ ହୋଇଛନ୍ତି। ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ମହିଳାମାନେ ପୁରୁଷଙ୍କୁ ପଛରେ ପକାଇ ଅଧିକ କୃତିତ୍ୱ ହାସଲ କରୁଥିବା ବେଳେ ବିମାନ ଚାଳନା, ସେନାବାହିନୀରେ ଯୋଗଦାନ, ମହାକାଶ ବିଜ୍ଞାନ ଗବେଷଣା କ୍ଷେତ୍ରରେ ଅଂଶଗ୍ରହଣ କରି ସେମାନେ କମ୍ ସଫଳତା ଅର୍ଜନ କରୁନାହାନ୍ତି। ସମଗ୍ର ନାରୀ ସମାଜ ଆଜି ଆତ୍ମନିର୍ଭରଶୀଳତା ପଥରେ ଅଗ୍ରସର ହେଉଛି କହିଲେ ଅତ୍ୟୁକ୍ତି ହେବନାହିଁ। ମାତ୍ର ମାତୃଶକ୍ତିର ଏହି ଜୟଯାତ୍ରା ସମୟରେ ଭାରତରେ ଆଇନଶୃଙ୍ଖଳା ପରିସ୍ଥିତି ଓ ମହିଳାଙ୍କ ନିରାପତ୍ତା ନେଇ ଯୁକ୍ତରାଷ୍ଟ୍ର ଆମେରିକାର ଟ୍ରମ୍ପ୍ ପ୍ରଶାସନ ଶନିବାର ଜାରି କରିଥିବା ଏକ କଠୋର ଯାତ୍ରା ନିର୍ଦ୍ଦେଶାବଳୀ ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଛି। ଏଥିରେ ଆମେରିକୀୟମାନଙ୍କୁ ଭାରତ ଯାତ୍ରା ସମୟରେ ଅଧିକ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି। କାରଣ ଅପରାଧ, ମହିଳାଙ୍କୁ ଦୁଷ୍କର୍ମ ଓ ଆତଙ୍କବାଦୀ କାର୍ଯ୍ୟକଳାପ ଦୃଷ୍ଟିରୁ ଭାରତକୁ ଭ୍ରମଣରେ ଆସିବା ବିପଦ ହୋଇପାରେ ବୋଲି ଏଥିରେ କୁହାଯାଇଛି। ଭାରତରେ ଏବେ ଦୁଷ୍କର୍ମ ହାର ସବୁଠାରୁ ଦ୍ରୁତଗତିରେ ବୃଦ୍ଧି ପାଉଥିବାର ଏହି ନିର୍ଦ୍ଦେଶାବଳୀରେ ଉଲ୍ଲେଖ ରହିବା ସହିତ ଓଡ଼ିଶା ସମେତ ଦେଶର ୬ଟି ରାଜ୍ୟ ପାଇଁ ବିଶେଷ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। ଏହି ପୃଷ୍ଠଭୂମିରେ କିଛିମାସ ପୂର୍ବେ ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଏକ ରିପୋର୍ଟରେ ମଧ୍ୟ ଚିନ୍ତାଜନକ ତଥ୍ୟ ପ୍ରଦାନ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ସ୍ୱୀକାରୋକ୍ତି ଅନୁଯାୟୀ ଆମ ଦେଶରେ ଗତ ୨୦୧୯ରୁ ୨୦୨୧ ମସିହା ମଧ୍ୟରେ ୧୩ଲକ୍ଷ ୧୩ ହଜାରରୁ ଅଧିକ ମହିଳା ନିଖୋଜ ହୋଇଥିଲେ, ଯେଉଁମାନଙ୍କର ଆଦୌ ପତ୍ତା ମିଳୁନାହିଁ। ମଧ୍ୟପ୍ରଦେଶରୁ ସର୍ବାଧିକ ମହିଳା ନିଖୋଜ ଥିବା ସ୍ଥଳେ ଦ୍ୱିତୀୟ ସ୍ଥାନରେ ପଶ୍ଚିମବଙ୍ଗ, ତୃତୀୟ ସ୍ଥାନରେ ମହାରାଷ୍ଟ୍ର ଥିବାର ରିପୋର୍ଟରେ ଉଲ୍ଲେଖ ରହିଛି। ଆମ ରାଜ୍ୟ ଓଡ଼ିଶା ମଧ୍ୟ ଏ କ୍ଷେତ୍ରରେ ଚତୁର୍ଥ ସ୍ଥାନରେ ରହିଛି। ଆଲୋଚ୍ୟ ଦୁଇବର୍ଷ ଭିତରେ ୧୮ବର୍ଷରୁ ଅଧିକ ବୟସର ୧୦ଲକ୍ଷ ୬୧ହଜାର ୬୪୮ମହିଳା ଏବଂ ଏହାଠାରୁ କମ୍ ବୟସର ୨ଲକ୍ଷ ୫୫ ହଜାର ୪୩୦ଝିଅଙ୍କର କୌଣସି ଖୋଜ ଖବର ମିଳୁନାହିଁ। ସେମାନେ କୁଆଡ଼େ ଗଲେ ତାହା ମଧ୍ୟ କେହି କହିପାରୁନାହାନ୍ତି। ଏହି ଦୁଇବର୍ଷ ମଧ୍ୟରେ ମଧ୍ୟପ୍ରଦେଶରୁ ୧ଲକ୍ଷ ୬୦ ହଜାର ୧୮୦ଜଣ ଅଠର ବର୍ଷରୁ ଅଧିକ ବୟସର ମହିଳା ଓ ୩୮ ହଜାର ୨୩୪ କମ୍ ବୟସର ଝିଅ ନିରୁଦ୍ଦିଷ୍ଟ ହୋଇଛନ୍ତି। ପଶ୍ଚିମବଙ୍ଗରେ ୧ଲକ୍ଷ ୫୬ ହଜାର ୯୦୫ଜଣ ମହିଳା ଓ ୩୬ ହଜାର ୩୦୬ କମ୍ ବୟସର ଝିଅଙ୍କ ପତ୍ତା ମିଳୁନାହିଁ। ସେହିପରି ମହାରାଷ୍ଟ୍ରରେ ୧ଲକ୍ଷ ୭୮ ହଜାର ୪୦୦ ମହିଳା ନିଖୋଜ ଥିବାସ୍ଥଳେ ଅଠର ବର୍ଷରୁ କମ୍ ବୟସର ୧୩ ହଜାର ୩୩ ଝିଅଙ୍କ କୌଣସି ସନ୍ଧାନ ମିଳୁନାହିଁ। ଓଡ଼ିଶାରେ ୨୦୧୯ରୁ ୨୦୨୧ ମସିହା ଦୁଇବର୍ଷ ଭିତରେ ୭୦ହଜାର ୨୨୨ମହିଳା ଓ ୧୬ ହଜାର ୬୪୯ କମ୍ ବୟସର ଝିଅ ନିଖୋଜ ଥିବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ରିପୋର୍ଟରେ ଦର୍ଶାଯାଇଛି। ତେବେ ପ୍ରଶ୍ନ ଉଠୁଛି, ଦୁଇବର୍ଷ ଭିତରେ ଏତେ ସଂଖ୍ୟକ ମହିଳା ଗଲେ କୁଆଡେ, ସେମାନଙ୍କୁ କିଏ ନିଖୋଜ କରିଛି, ନିଖୋଜ ପଛର କାରଣ କ'ଣ ହୋଇପାରେ। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ତଥ୍ୟକୁ ଭିତ୍ତିକରି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏହି ରିପୋର୍ଟ ପ୍ରସ୍ତୁତ କରିଛି। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କେନ୍ଦ୍ର ସରକାର ନିଜର ବୟାନ ରଖିଛନ୍ତି ଏବଂ ମହିଳାଙ୍କ ସୁରକ୍ଷା ନିମନ୍ତେ ଗ୍ରହଣ କରୁଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଛନ୍ତି। ଦେଶରେ ଯୌନ ଅପରାଧ ରୋକିବାକୁ ଅପରାଧିକ ଆଇନ (ସଂଶୋଧନ) ଅଧିନିୟମ-୨୦୧୩ ରହିଥିବାବେଳେ ୧୨ବର୍ଷରୁ କମ୍ ବୟସର ଝିଅଙ୍କୁ ଦୁଷ୍କର୍ମ ମାମଲାରେ ଦୋଷୀଙ୍କୁ ମୃତ୍ୟୁଦଣ୍ଡ ଦେବା ଲାଗି ମଧ୍ୟ ୨୦୧୮ ମସିହାର ଆଇନରେ ବ୍ୟବସ୍ଥା ହୋଇଛି। ସରକାରଙ୍କ ସମସ୍ତ ପଦକ୍ଷେପ ସତ୍ତ୍ୱେ ଦୁଇବର୍ଷରେ ଲକ୍ଷ ଲକ୍ଷ ମହିଳା ନିଖୋଜ ହେବା ଘଟଣା ଆଇନ ଶୃଙ୍ଖଳା ସ୍ଥିତି ଉପରେ ନିଶ୍ଚିତ ଭାବରେ ପ୍ରଶ୍ନଚିହ୍ନ ଆଙ୍କୁଛି। ଏବେ ଭାରତର ସ୍ଥିତି ନେଇ ଆମେରିକାର କଠୋର କାର୍ଯ୍ୟାନୁଷ୍ଠାନ ନିଶ୍ଚିତ ଭାବରେ ଚିନ୍ତାଜନକ ମନେହେଉଛି।

# ଅସହିଷ୍ଣୁ ରୋଗର ଚିକିତ୍ସା ଜରୁରି



ଡ. ସତ୍ୟ ନାରାୟଣ ମିଶ୍ର
ସହ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର,
ଏମ୍-୭୯, ମଧୁସୂଦନ ନଗର, ୟୁନିଟ-୪
ଭୁବନେଶ୍ୱର, ମୋ: ୯୯୩୭୩୪୫୯୦୦

ରୋଗ ହେଉଛି ଏକ ଅବସ୍ଥା ଯାହା ଶରୀରର ଗତାନୁଗତିକ କାର୍ଯ୍ୟରେ ବାଧା ସୃଷ୍ଟି କରି ଶରୀରକୁ ପୀଡା ଦେଇଥାଏ ଯାହା ମଣିଷର ସ୍ୱାସ୍ଥ୍ୟକୁ ଆଘାତ ଦେଇଥାଏ। ପ୍ରତ୍ୟେକ ଜୀବ, ଉଭୟ ଉଦ୍ଭିଦ ଓ ପ୍ରାଣୀ, ରୋଗରେ ପୀଡ଼ିତ ହୋଇଥାନ୍ତି। ଉଦ୍ଭିଦ ମାନଙ୍କର ରୋଗକୁ ମଣିଷ କେବଳ ଦୃଶ୍ୟମାନ କରି ରୋଗର ଉପଚାର କରୁଥିବାବେଳେ, ପ୍ରାଣୀ ମାନଙ୍କ ମଧ୍ୟରେ ମଣିଷ କେବଳ କୌଣସି ରୋଗରେ ଆକ୍ରାନ୍ତ ହେଲେ ଶରୀରର ପୀଡା ହେତୁ ବ୍ୟକ୍ତ କରିଥାଏ। ମାତ୍ର ଅନ୍ୟ ପ୍ରାଣୀମାନେ ରୋଗରେ ଆକ୍ରାନ୍ତ ହେଲେ ବ୍ୟକ୍ତ କରିପାରିନଥାନ୍ତି। ତେଣୁ ମଣିଷ ଶରୀରରେ ରୋଗ ସୃଷ୍ଟି ହେଲେ ତାହାର ତୁରନ୍ତ ଉପଚାର କରି ସେଥିରୁ ଆରୋଗ୍ୟ ହେବା ପାଇଁ ମଣିଷ ସଦା ସର୍ବଦା ଯତ୍ନବାନ ହୋଇଥାଏ ଓ ସେଥିପାଇଁ ମଣିଷ ନିଜର ସମସ୍ତ ଧନ ସମ୍ପତ୍ତିକୁ ବିକ୍ରି କରିଦେଇଥାଏ କେବଳ ରୋଗରୁ ମୁକ୍ତି ପାଇବା ପାଇଁ। ମଣିଷ ଜାଣିଥାଏ ଯେ ସ୍ୱାସ୍ଥ୍ୟ ହିଁ ସମ୍ପଦ, ମାତ୍ର ମଣିଷ କେତେକ କ୍ଷେତ୍ରରେ ଅଜ୍ଞାତରେ ବା ଅବହେଳା ହେତୁ ରୋଗରେ ଆକ୍ରାନ୍ତ ହୋଇଥାଏ ତ ପୁଣି କେତେବେଳେ ପରିବେଶ ଓ ଜଳବାୟୁ ଦ୍ୱାରା ଆକ୍ରାନ୍ତ ହୋଇଥାଏ। ସଭ୍ୟତାର ଅୟମାରମ୍ଭରୁ ମଣିଷ ଶରୀରରେ ରୋଗ ଥିଲା କି ନାହିଁ ତାହା ସିଦ୍ଧାନ୍ତରେ ଉପନୀତ ହୋଇନପାରିଲେ ମଧ୍ୟ ସଭ୍ୟତାର ଦ୍ରୁତ ଅଭିବୃଦ୍ଧି ସହିତ ମଣିଷର ନୂଆ ନୂଆ ରୋଗ ମଧ୍ୟ ସୃଷ୍ଟି ହେଉଛି ଓ ବର୍ତ୍ତମାନ ମଣିଷ କେବଳ ରୋଗ ଦ୍ୱାରା ଆକ୍ରାନ୍ତ ହୋଇ ଅନେକ ସମୟରେ ରୋଗ ସହିତ ଲଢେଇ କରୁଛି। କେତେବେଳେ ମଣିଷ ରୋଗ ସହ ଲଢେଇ କରି ଜୟ ହେଉଛି ତ ପୁଣି କେତେବେଳେ ରୋଗ ସହ ଲଢେଇ କରି ପରାଜୟ ବରଣ କରୁଛି ଓ ପ୍ରତିଫଳନ ସ୍ୱରୂପ ରୋଗୀ ମୃତ୍ୟୁମୁଖରେ ପଡୁଛି। ରୋଗ ସାଧାରଣତଃ ଜୀବାଣୁ ଦ୍ୱାରା ସଂକ୍ରମିତ ହୋଇଥାଏ। ବର୍ତ୍ତମାନ ଶହ ଶହ ବିଭିନ୍ନ ରୋଗ ମଣିଷ ଶରୀରରେ ବିଦ୍ୟମାନ ଓ ପ୍ରତ୍ୟେକଙ୍କର ନିଜସ୍ୱ ଲକ୍ଷଣ ତଥା ଚିହ୍ନର ଏକ ନିର୍ଦ୍ଦିଷ୍ଟ ଅବସ୍ଥିତି ଅଛି, ଯାହା ଡାକ୍ତରଙ୍କୁ ସମସ୍ୟା ନିର୍ଣ୍ଣୟ କରିବାରେ ସକ୍ଷମ କରିଥାଏ। ରୋଗ ହେଉଛି ଏକ ନିର୍ଦ୍ଦିଷ୍ଟ ଅସ୍ୱାଭାବିକ ଅବସ୍ଥା ଯାହା ଅଣୁଜୀବର ସମସ୍ତ କିମ୍ବା କେତେକ ଅଂଶର ଗଠନ ବା କାର୍ଯ୍ୟକୁ ନକାରାତ୍ମକ ଭାବରେ ପ୍ରଭାବିତ କରିଥାଏ। ସାଧାରଣତଃ ଜୀବାଣୁ ସଂକ୍ରମଣ, କୋଷିକା ଜୀବ, କବକ, ପରଜୀବୀ ଆଦି ଦ୍ୱାରା ରୋଗ ସୃଷ୍ଟି ହୋଇଥାଏ, ତାହା ପୁଣି ମଣିଷର ଅଜ୍ଞାତରେ ହୋଇଥାଏ। ଶାରୀରିକ ରୋଗକୁ ମଣିଷ ଅଭିନବ ଜ୍ଞାନ କୌଶଳ ଓ ବିଭିନ୍ନ ପଦ୍ଧତି ଦ୍ୱାରା ଚିହ୍ନିତ କରି ତାହାର ଉପଚାର ମଧ୍ୟ ତଦନୁଯାୟୀ କରିଥାଏ ଓ ଆରୋଗ୍ୟ ହେବା ପାଇଁ ମଧ୍ୟ ଚେଷ୍ଟା କରିଥାଏ। ଉକ୍ତ ପଦ୍ଧତିରେ ରୋଗ ଚିହ୍ନିତ କରି ଚିକିତ୍ସା କରିବା ସହଜ ସାଧ୍ୟ ହୋଇଥାଏ। ମାତ୍ର ଯେତେବେଳେ ମଣିଷକୁ ଅଜଣା ରୋଗ ଆକ୍ରାନ୍ତ କରିଥାଏ ସେତେବେଳେ ରୋଗୀକୁ ଚିକିତ୍ସା କରିବା ଅତ୍ୟନ୍ତ କଷ୍ଟ ହୋଇଥାଏ କାରଣ ରୋଗର ସୃଷ୍ଟି ବା ଲକ୍ଷଣ ଦ୍ୱାରା ଚିକିତ୍ସାର କୌଶଳ ପରିଚାଳିତ ହୋଇଥାଏ। ଶରୀରକୁ ରୋଗ ହେଲେ ତାହା ଚିକିତ୍ସା ପଦ୍ଧତି ଦ୍ୱାରା ନିୟନ୍ତ୍ରିତ ହୋଇପାରିଥାଏ, ମାତ୍ର ମଣିଷକୁ ଅଜଣା ରୋଗ ଯେତେବେଳେ ମାନସିକ ସ୍ତରରେ ଓ ଅନ୍ତରରେ ଆକ୍ରାନ୍ତ କରିଥାଏ ତାହାକୁ ନିରୂପଣ କରିବା ଓ ତାହାର ଚିକିତ୍ସା କରି ନିୟନ୍ତ୍ରଣ କରିବା ଅତ୍ୟନ୍ତ କଷ୍ଟ ସାଧ୍ୟ। କାରଣ ରୋଗକୁ ଚିହ୍ନିତ କରିପାରିଲେ ତାହାର ନିରାକରଣ କରାଯାଇଥାଏ। ବର୍ତ୍ତମାନର ମଣିଷ ଶାରୀରିକ ରୋଗ ଅପେକ୍ଷା ମାନସିକ ଓ ଅନ୍ତର୍ନିହିତ ରୋଗରେ ଅଧିକ ଆକ୍ରାନ୍ତ ହୋଇ ଅଜଣା ରୋଗରେ ପୀଡ଼ିତ। ଚିକିତ୍ସକ ନିକଟକୁ ରୋଗର ନିରାକରଣ ତଥା ଚିକିତ୍ସା ପାଇଁ ଯାଇ ମଧ୍ୟ ମଣିଷ ନିରାଶ ହୋଇ ଆସୁଛି, କାରଣ ଚିକିତ୍ସକଙ୍କ ନିକଟରେ ମଧ୍ୟ ରୋଗୀ କିଛି କହିପାରି ନଥାଏ ଯେ ତାଙ୍କର କ'ଣ ହୋଇଛି। ଯେତେବେଳେ ମଣିଷ ନିଜେ ନିଜର ରୋଗର କାରଣ, ସେତେବେଳେ ତାହା ଅଜଣା ରୋଗର ସଂଜ୍ଞା ନେଇ ଜୀବନ ଅତିବାହିତ କରିବାକୁ ପଡିଥାଏ।

ଅଜଣା ରୋଗ ହେଉଛି ଏଭଳି ଏକ ରୋଗ ତାହା କେବଳ ରୋଗୀଙ୍କୁ ଜଣାଥାଏ ଓ ତାହା ହେଉଛି ନିଜ ମଧ୍ୟରେ ଥିବା ମାନସିକ ବିଷାଦର ପରିପ୍ରକାଶ। ମାନସିକ ରୋଗ, ଯାହାକୁ ମାନସିକ ସ୍ୱାସ୍ଥ୍ୟ ବ୍ୟାଧି ମଧ୍ୟ କୁହାଯାଏ, ଯାହା ମଣିଷର ମନୋବଳ, ଚିନ୍ତା ଓ ଆଚରଣ ଉପରେ ପ୍ରଭାବ ପକାଇଥାଏ। ଏହା ଉଦାସୀନତା, ଚିନ୍ତା ଜନିତ ରୋଗ, ଅସ୍ୱାଭାବିକ ଚିନ୍ତାଧାରା, ଧାରଣା, ଭାବନା, ଆଚରଣ ଏବଂ ଅନ୍ୟମାନଙ୍କ ସହିତ ସମ୍ପର୍କର ମିଶ୍ରଣ ଦ୍ୱାରା ବର୍ଣ୍ଣିତ। ବର୍ତ୍ତମାନ ସମାଜରେ ମଣିଷ ନିକଟରେ ସବୁକିଛି ଥାଇ ମଧ୍ୟ ମଣିଷ ଘୃଣା, ହିଂସା, ଅହଙ୍କାର, ହୀନମନ୍ୟତା, ଅସୁୟାଭାବ ଆଦିର ଶିକାର ହୋଇ ଅଜଣା ରୋଗରେ ନିଜେ ଆକ୍ରାନ୍ତ ହେଉଛି। ଘୃଣା, ହିଂସା, ଅହଙ୍କାର ଆଦି ମନୁଷ୍ୟର ହୃଦୟ, ପ୍ରାଣ ଓ ଶରୀରର ଏକ ଅଜଣା ରୋଗ। ଏହା ଜଟିଳ, ବିଚ୍ଛିନ୍ନ, ବିନାଶକାରୀ ଉଦ୍ଦେଶ୍ୟ ସହିତ ଜଡିତ ତଥା ବ୍ୟକ୍ତି, ଗୋଷ୍ଠୀ ଓ ସମ୍ପ୍ରଦାୟ ପାଇଁ ସଂକ୍ରାମକ ଏବଂ କ୍ଷତି ହେବାର ଫଳାଫଳ ସହ ନିମର୍ଜିତ। ଘୃଣା, ହୀନମନ୍ୟତା, ଅସହିଷ୍ଣୁତା ଆଦି ସାଧାରଣତଃ ଭୟ, ଅସୁରକ୍ଷିତତା କିମ୍ବା ଅବିଶ୍ୱାସରୁ ଆସିଥାଏ। ନିଜକୁ ଅନ୍ୟମାନଙ୍କ ସହିତ ନକାରାତ୍ମକ ଦୃଷ୍ଟିକୋଣରେ ତୁଳନା କରି ନିଜର କ୍ଷତି ମଣିଷ ନିଜେ ହିଁ କରିଥାଏ। ଉକ୍ତ ନକାରାତ୍ମକ ଶକ୍ତି ଗୁଡିକ ମସ୍ତିଷ୍କର ରସାୟନ ବିଜ୍ଞାନକୁ ପରିବର୍ତ୍ତନ କରେ ଓ ମସ୍ତିଷ୍କରେ ଗତିର ଯୋଜନା ତଥା କାର୍ଯ୍ୟକାରିତା ପାଇଁ ଦାୟୀ କୋଷକୁ ଉତ୍ସାହିତ କରେ। ଅନେକ ସମୟରେ ମଣିଷ ପ୍ରାୟତଃ ଘୃଣାର ଭାବନାକୁ ଅଣଦେଖା କରନ୍ତି ବା ଅନ୍ୟମାନଙ୍କୁ ସେମାନଙ୍କର ଘୃଣା ପାଇଁ ଦୋଷ ଦିଅନ୍ତି। ଅସୁୟାଭାବ, ବିଦ୍ୱେଷ ଏକ ସଂକ୍ରାମକ ରୋଗ ଓ ଅନ୍ତର୍ଜାତୀୟ ଚିନ୍ତାଧାରାର ଜରୁରୀକାଳୀନ ସ୍ୱାସ୍ଥ୍ୟ ପରିସ୍ଥିତି ବୋଲି ମନେ କରାଯାଇଥାଏ। ହିଂସାକୁ ଏକ ସଂକ୍ରାମକ ରୋଗ, ଜନସ୍ୱାସ୍ଥ୍ୟ ସମସ୍ୟା ଓ ସ୍ୱାସ୍ଥ୍ୟର ଏକ ବିଡମ୍ବନା ଭାବରେ ସ୍ୱୀକୃତି ଦିଆଯିବା ଉଚିତ୍।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ହିଂସା, ଘୃଣା ଆଦିକୁ ଏକ ଜନସ୍ୱାସ୍ଥ୍ୟ ସମସ୍ୟା ଭାବରେ ଅଭିହିତ କରିଛନ୍ତି ଓ ଏକ ଆକଳନ ଅନୁସାରେ ପ୍ରତିବର୍ଷ ବିଶ୍ୱରେ ୧.୬ ନିୟୁତରୁ ଉର୍ଦ୍ଧ୍ୱ ଲୋକ ହିଂସାରେ ପ୍ରାଣ ନାଶ ହେଉଛି। ମାନସିକ ବିଭେଦ, ଅସହିଷ୍ଣୁତା, ହିଂସା ଆଦି ଏକ ଏକ ବିଷ ଯାହା ମଣିଷର ଆତ୍ମାକୁ ପ୍ରଦୂଷିତ କରିଥାଏ ଓ ମଣିଷର ଚତୁଃପାର୍ଶ୍ୱରେ ରହିଥିବା ସମସ୍ତ ସମ୍ପର୍କକୁ ପ୍ରବେଶ କରିପାରେ ଯାହାର ପ୍ରତିଫଳନ ହୋଇଥାଏ ଜଣେ ଅନ୍ୟକୁ ଘୃଣା କରିବା ଓ ଅବିଶ୍ୱାସ କରିବା। ଯେଉଁ ହାତ ଆଘାତ ଦେଇଥାଏ, ସେହି ହାତ ମଧ୍ୟ ସାନ୍ତ୍ୱନା ଦେବାର ସାମର୍ଥ୍ୟ ବହନ କରିଥାଏ ଓ ତାହା କେବଳ ସମ୍ଭବ ହୋଇଥାଏ ମାନସିକ ଭାରସାମ୍ୟ ଓ ସକାରାତ୍ମକ ଚିନ୍ତାଧାରାର ପ୍ରୟୋଗ ହେତୁ। ନିଜମଧ୍ୟରେ ଥିବା ଲୁକ୍କାୟିତ କୁଗୁଣ ଗୁଡିକ ମଣିଷ ସହଜରେ ନିଜର ଭୁଲ୍‌କୁ ସ୍ୱୀକାର କରିପାରେ ନାହିଁ। କାରଣ ମଣିଷ ସବୁବେଳେ ଭାବିଥାଏ ଭୁଲ୍ ସ୍ୱୀକାର କରିନେଲେ ନିଜର ସମ୍ମାନ ହାନି ହୋଇଯାଏ ବା କୌଣସି କ୍ଷେତ୍ରରେ ସମର୍ପଣ ବା ସ୍ୱୀକୃତି କରିନେଲେ ମଣିଷର ସମ୍ମାନରେ ଆଘାତ ଆସିଥାଏ। ମାତ୍ର ତାହା ମଣିଷକୁ ସଫଳ କରିବାକୁ ଚେଷ୍ଟା କରିଥାଏ ବୋଲି ମଣିଷ ହୃଦୟଙ୍ଗମ ନକରି ବରଂ ଅଜଣା ରୋଗରେ ପୀଡିତ ହୋଇ ନିଜର ବହୁମୂଲ୍ୟ ଜୀବନକୁ ନିଜେ ଧ୍ୱଂସ କରିଥାଏ। ବର୍ତ୍ତମାନ ସମାଜରେ ମଣିଷ ନିକଟରେ ଅନେକ କିଛି ଉପଭୋଗ୍ୟ ବସ୍ତୁ ରହିଛି ଓ ସୁବିଧା ସୁଯୋଗ ମଧ୍ୟ ରହିଛି, ହେଲେ ମଣିଷ ତାହାର ସଦ୍‌ବ୍ୟବହାର କରିବା ପାଇଁ ଅନିଚ୍ଛୁକ ଓ ଅସମର୍ଥ। ଫଳତଃ ମଣିଷ କାହାର ଉତ୍କର୍ଷ ବା ପ୍ରତିଷ୍ଠାରେ ଯେତିକି ଆନନ୍ଦ ବା ଖୁସି ନହୁଏ, କାହାର କ୍ଷତି ବା ଅସୁବିଧା ହେଲେ ଅଧିକ ଆନନ୍ଦିତ ହୋଇଥାଏ। କାରଣ ମଣିଷ ମଧ୍ୟରେ ବର୍ତ୍ତମାନ ମାନବିକ ଦୃଷ୍ଟିକୋଣ, ମର୍ଯ୍ୟାଦା, ସହନଶୀଳତା, ଧୈର୍ଯ୍ୟ ଆଦି ଗୁଣଗୁଡିକର କ୍ରମଶଃ ଊଣା ଉପଲବ୍ଧି ହେଉଅଛି। ମଣିଷକୁ ଯେତେବେଳେ କୌଣସି ଦୁରାରୋଗ ବା ଅଜଣା ରୋଗ ଆକ୍ରାନ୍ତ କରିଥାଏ, ସେତେବେଳେ ମଣିଷର ମାନସିକ ଅବସ୍ଥା ନିୟନ୍ତ୍ରିତ ନଥାଏ। ହେଲେ ବର୍ତ୍ତମାନ ମଣିଷ ନିଜେ ନିଜର ରୋଗ ସୃଷ୍ଟିର କର୍ତ୍ତା। ସନ୍ତୁଳିତ ଆହାର ସହିତ ସୁନିୟନ୍ତ୍ରିତ ଜୀବନଶୈଳୀ ତଥା ସକାରାତ୍ମକ ଦୃଷ୍ଟିକୋଣ ମଣିଷକୁ ଅନେକ କିଛି ପ୍ରଚ୍ଛନ୍ନରେ ପ୍ରଦାନ କରିଥାଏ, ହେଲେ ମଣିଷ ଯେହେତୁ ପ୍ରତ୍ୟକ୍ଷରେ ତାହା ଉପଲବ୍ଧି କରିପାରୁନାହିଁ ସେ ଦୃଷ୍ଟିରୁ ମଣିଷ ତାହାର ଗୁରୁତ୍ୱକୁ ଉପଲବ୍ଧି କରିପାରୁନାହିଁ। ତେଣୁ ମଣିଷ ସମାଜ ଶରୀର ରୋଗକୁ ନିୟନ୍ତ୍ରିତ କରିବା ପାଇଁ ଯେଉଁଭଳି ବ୍ୟଗ୍ର ଓ ସଚେତନ, ସେହିଭଳି ନିଜର ମନରୁ, ହୃଦୟରୁ ସୃଷ୍ଟି ହେଉଥିବା ଅଜଣା ରୋଗକୁ ପ୍ରତିହତ ନକଲେ ସମୟ ଆସିବ ମଣିଷ ସମାଜ ସଂପୂର୍ଣ୍ଣ ଅଜଣା ରୋଗରେ ଆକ୍ରାନ୍ତ ହୋଇଯିବ।

# ଜ୍ଞାନର ଗନ୍ତାଘର ଅସୀମ



ଲଳିତ ମୋହନ ମିଶ୍ର
କୁରାଳ, ନୟାଗଡ଼
ମୋ: ୯୪୩୭୯୮୫୮୬୬

ଆଜିଜ୍ଞାସାର ଅନ୍ତ ନାହିଁ। ଜ୍ଞାନର ଗନ୍ତାଘର ଅସୀମ। ମୃତ୍ୟୁ ପର୍ଯ୍ୟନ୍ତ ମନୁଷ୍ୟକୁ ଶିକ୍ଷା ଗ୍ରହଣ କରିବାକୁ ପଡିବ। ଯେ କହେ ମୁଁ ସର୍ବ ଜ୍ଞାନୀ, ସେ ସବୁଠାରୁ ମୂର୍ଖ। କାହାକୁ କେବେ ବି ଛୋଟ ବୋଲି ମନେ କର ନାହିଁ। ଥରେ ବିଖ୍ୟାତ ଦାର୍ଶନିକ ଓ ବିଦ୍ୱାନ ପ୍ଲେଟୋଙ୍କୁ କିଛି ଲୋକ ମିଶିବାକୁ ଆସିଥିଲେ। ପ୍ଲେଟୋ ସେମାନଙ୍କର ସମସ୍ତ ପ୍ରଶ୍ନର ଉତ୍ତର ଦେଉଥିଲେ ଏବଂ ପରେ ସେମାନଙ୍କୁ କିଛି ପ୍ରଶ୍ନ ପଚାରିଥିଲେ। ଆଗନ୍ତୁକ ମାନେ ପ୍ଲେଟୋଙ୍କ ଠାରୁ କିଛି ଶିଖିବାକୁ ଆସିଥିଲେ କିନ୍ତୁ ପ୍ଲେଟୋ ସେମାନଙ୍କ ଠାରୁ ଶିଖିଲେ। ଏହା ଦେଖି ସେମାନେ ଆଶ୍ଚର୍ଯ୍ୟ ହେଲେ। ଏବଂ ମନକୁ ମନ ଭାବି ହେଲେ - ପ୍ଲେଟୋଙ୍କୁ ଲୋକମାନେ ଜ୍ଞାନୀ ବୋଲି ଅତିରଞ୍ଜିତ କରି କହୁଛନ୍ତି। ତାଙ୍କୁ ଯେତେ ମହାନ୍ ବିଦ୍ୱାନ ବୋଲି କୁହାଯାଏ, ସେ ସେତିକି ମହାନ୍ ବିଦ୍ୱାନ ନୁହଁନ୍ତି। ସେ ଆମ୍ଭମାନଙ୍କ ପରି ଜଣେ ସାଧାରଣ ବ୍ୟକ୍ତି। ସେମାନେ ଚାଲିଯିବା ପରେ, ପ୍ଲେଟୋଙ୍କୁ ତାଙ୍କର ଜଣେ ଶିଷ୍ୟ କହିଲେ - ଆପଣ ବିଶ୍ୱପ୍ରସିଦ୍ଧ ବିଦ୍ୱାନ ଜ୍ଞାନୀ ଦାର୍ଶନିକ। ଲୋକମାନେ ଆପଣଙ୍କ ଠାରୁ କିଛି ଶିଖିବା ଜାଣିବା ଏବଂ ବୁଝିବା ପାଇଁ ଆସିଥିଲେ କିନ୍ତୁ ଆପଣ ସେମାନଙ୍କୁ ବିଭିନ୍ନ ପ୍ରକାରର ପ୍ରଶ୍ନ ପଚାରି ଜ୍ଞାନ ଆହରଣ କଲେ। ଏହାର ଅର୍ଥ ଆପଣ କିଛି ଜାଣନ୍ତି ନାହିଁ। ଆଗନ୍ତୁକମାନେ କ'ଣ ଭାବିଥିବେ ? ଏହା ଆପଣଙ୍କର ସମ୍ମାନ ଏବଂ ମର୍ଯ୍ୟାଦା ହ୍ରାସ କରିଥିବ। ପ୍ଲେଟୋ କହିଲେ - ଲୋକମାନେ ଯାହା ଭାବନ୍ତି, ଠିକ୍ ଭାବନ୍ତି। ମୁଁ ଏତିକି ଜାଣେ ଯେ ଯିଏ ନିଜକୁ ବଡ ବିଦ୍ୱାନ ଓ ଜ୍ଞାନୀ ବୋଲି ଭାବେ ସେ ସବୁଠାରୁ ବଡ଼ ମୂର୍ଖ। ପ୍ରତ୍ୟେକ ବ୍ୟକ୍ତିଙ୍କ ଠାରୁ କିଛି ନା କିଛି ଶିଖିବା ଜାଣିବା ଅନୁଭବ ଏବଂ ବୁଝିବାର କ୍ଷମତା ରହିବା ଦରକାର। ସେଥିପାଇଁ ତ ଶାସ୍ତ୍ରରେ କୁହାଗଲା - 'ବାଳଦପି ଗ୍ରହୀତବ୍ୟମ୍'। ପ୍ରତ୍ୟେକ ବ୍ୟକ୍ତିଙ୍କ ପ୍ରତ୍ୟେକ କଥା ମହତ୍ୱପୂର୍ଣ୍ଣ। ଜ୍ଞାନର କୌଣସି ସୀମା ନାହିଁ। ମୋର ଜ୍ଞାନ ସମୁଦ୍ର ଜଳରାଶିର ଗୋଟିଏ ବୁନ୍ଦା ସଦୃଶ। ଯେପରି ଗୋଟିଏ ଜଳ ବୁନ୍ଦା ଦ୍ୱାରା ସମୁଦ୍ର ସୃଷ୍ଟି। ଠିକ୍ ସେହିପରି ଗୋଟିଏ ଗୋଟିଏ ଶବ୍ଦ ଦ୍ୱାରା ଜ୍ଞାନ ବୃଦ୍ଧି ପାଏ। ତେଣୁ କାହାକୁ କେବେ ଛୋଟ ବୋଲି ଭାବିବା ଉଚିତ୍ ନୁହେଁ। ଅନନ୍ତ ଜ୍ଞାନରେ ପରିପୂର୍ଣ୍ଣ ମନୁଷ୍ୟ। ସକଳ ଜ୍ଞାନ ମନୁଷ୍ୟ ମଧ୍ୟରେ ନିହିତ। ମନୁଷ୍ୟ ଅଜ୍ଞ ଭଳି ଦେଖାଗଲେ ମଧ୍ୟ ପ୍ରକୃତ ଜ୍ଞାନ ତା'ଠାରେ କେତେ ଅଛି ଦେଖାଯାଏ ନାହିଁ। ତେଣୁ ଜ୍ଞାନ ଦୃଷ୍ଟିରୁ କାହାକୁ ଉପହାସ କରିବା ଉଚିତ୍ ନୁହେଁ। ସର୍ବଦା ଅଜ୍ଞାନରୁ ଜ୍ଞାନ ଆଡ଼କୁ ଅଗ୍ରସର ହେବା ପାଇଁ ପ୍ରୟାସ କରିବା ଦରକାର। ଅର୍ଥାତ୍ ଜନ୍ମରୁ ମୃତ୍ୟୁ, ସଭ୍ୟତାର ବିକାଶରୁ ବିନାଶ ଯାଏ ଆମେ ସମସ୍ତେ ଅଜ୍ଞାନରୁ ଜ୍ଞାନ ଆଡ଼କୁ ଧାବମାନ। ସେଥିପାଇଁ ବୋଧେ ଗୀତାର ଜ୍ଞାନକୁ ସବୁଠାରୁ ପବିତ୍ରଜ୍ଞାନ କୁହାଯାଇଛି। ଆଉ ଜ୍ଞାନ ପ୍ରତି ଶ୍ରଦ୍ଧା ରଖୁଥିବା ଲୋକମାନେ ହିଁ ଏହାର ବିଶେଷ ଅଧିକାରୀ। ଆଉ ଜ୍ଞାନ ଦ୍ୱାରା ସମାହିତ କର୍ମ ମଧ୍ୟ ସର୍ବଦା ସମାଜର ହିତ ସାଧନ କରେ। କେତେକ କ୍ଷେତ୍ରରେ ଜଣକର ଜ୍ଞାନ ଅନ୍ୟମାନଙ୍କର ଈର୍ଷାର କାରଣ ହୁଏ, କିନ୍ତୁ ଯେ ପ୍ରକୃତ ଜ୍ଞାନୀ ସେ ଅନ୍ୟର ଜ୍ଞାନକୁ ସମ୍ମାନ ଦିଏ ଓ ସମୃଦ୍ଧ କରିବାକୁ ଚେଷ୍ଟା କରେ।

# ସାର୍ବଭୌମ ସମ୍ବିଧାନରେ 'ଜଗନ୍ନାଥ'



ଉମାଶଙ୍କର ପ୍ରସାଦ
ସମ୍ପାଦକ, ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ: ୬୩୭୦୬୭୫୫୬୨

ଶ୍ରୀଜଗନ୍ନାଥଙ୍କ ସାର୍ବଭୌମ ସମ୍ବିଧାନରେ ଚାଣ୍ଡାଳ ଠାରୁ ବ୍ରାହ୍ମଣ ଯାଏ, ଦୀନାତିଦୀନ ଦୁର୍ବଳତମ ବ୍ୟକ୍ତି ଠାରୁ ଆରମ୍ଭ କରି ମହାଜନ ମହାରାଜାଙ୍କ ପର୍ଯ୍ୟନ୍ତ ସମସ୍ତେ ଗୋଟିଏ ନିୟମ, ଗୋଟିଏ ନ୍ୟାୟ, ଗୋଟିଏ ଚିନ୍ତାଧାରାରେ ଅନୁବନ୍ଧିତ। ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ପ୍ରମାଣ କରିଛି ରାଜାଠାରୁ ପ୍ରଜା ସାନ ନୁହେଁ କି ପ୍ରଜାଠାରୁ ରାଜା ମଧ୍ୟ ବଡନୁହେଁ। ମାନବିକତାର ମୂଲ୍ୟବୋଧର ତରାଜୁରେ ପ୍ରତ୍ୟେକ ମଣିଷ ସମାନ। ସୁତରାଂ ଶ୍ରୀଜଗନ୍ନାଥ ସଂସ୍କୃତି ହେଉଛି ବିଭିନ୍ନ ଧର୍ମ ଓ ମତବାଦର ସମନ୍ୱୟସ୍ଥଳୀ। ସେଇଥିପାଇଁ ତାଙ୍କ ପାଖକୁ ଧାଇଁ ଆସିଥାନ୍ତି ଅଦ୍ୱୈତ ବେଦାନ୍ତ ଦର୍ଶନର ପ୍ରବକ୍ତା ଆଦି ଶଙ୍କରାଚାର୍ଯ୍ୟ, ରାମାନୁଜ, ମାଧବାଚାର୍ଯ୍ୟ, ନିମ୍ବକାଚାର୍ଯ୍ୟ, ବଲ୍ଲଭାଚାର୍ଯ୍ୟଙ୍କ ଠାରୁ ଆରମ୍ଭ କରି ପରମ ବୈଷ୍ଣବ ଶ୍ରୀ ଚୈତନ୍ୟଦେବ, ସନ୍ଥ ତୁଳସୀ, ନାନକ ଓ ବିଷ୍ଣୁସ୍ୱାମୀଙ୍କ ପରି ଧର୍ମାଚାର୍ଯ୍ୟ ଓ ପରିବ୍ରାଜକଗଣ। ଆଚରଣ ଓ ଅନୁଷ୍ଠାନରେ ପୂର୍ଣ୍ଣବ୍ରହ୍ମ ପରମେଶ୍ୱର ଶ୍ରୀ ଜଗନ୍ନାଥ ହେଉଛନ୍ତି ବିଶ୍ୱର ସମସ୍ତ ଧର୍ମବିଶ୍ୱାସ ଓ ଦର୍ଶନର ପ୍ରତୀକାତ୍ମକ ସ୍ୱରୂପ। ଜନମାନସର ଆନ୍ତରିକ ଆବାହନିରେ ସେ ହେଉଛନ୍ତି ଅପୂର୍ବ ଆଲେଖ୍ୟ ଓ ଅଲୌକିକ ଅନୁଭବ। ଜାତି-ଧର୍ମ ବର୍ଣ୍ଣ ନିର୍ବିଶେଷରେ ସକଳ ଶ୍ରେଣୀ ଓ ସକଳ ବର୍ଣ୍ଣର ଲୋକେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଅନାବିଳ ଚିତରେ ସମର୍ପିତ। ତାଙ୍କୁ ଶବର ପୁଜିଛି, ଧୀବର ସେବିଛି, ଚାଣ୍ଡାଳ ଖୋଜିଛି, ମୋଗଲ ବନ୍ଦିଛି, ଯୀଶୁ ତାଙ୍କ ଭକ୍ତିରେ ତଲ୍ଲିନ ହୋଇଛନ୍ତି। ସନ୍ଥ ତୁଳସୀଙ୍କ ପାଇଁ ସେ ଶ୍ରୀରାମ, ଚୈତନ୍ୟଦେବଙ୍କ ପାଇଁ ସେ ଶ୍ରୀକୃଷ୍ଣ, ଗଣପତିଭଟ୍ଟଙ୍କ ପାଇଁ ସେ ଗଣନାଥ। କେତେବେଳେ ଯବନ ଭକ୍ତକବି ସାଲବେଗର ଭକ୍ତି ସଂଗୀତରେ ଅଧୀର ହୋଇ ବଡଦାଣ୍ଡରେ ନନ୍ଦିଘୋଷ ଅଟକାଇଛନ୍ତି ଆଉ କେତେବେଳେ ଫରାସୀ ନାବିକ ଆଲବକ୍ ବିଟୋଙ୍କ ସମର୍ପଣ ଭାବରେ ବିଭୋର ହୋଇ ମହାସମୁଦ୍ର ଭିତରେ ଉଭା ହୋଇଛନ୍ତି। ତାଙ୍କ ସାର୍ବଭୌମ ସମ୍ବିଧାନରେ ଜାତି-ଧର୍ମର ସୀମାସରହଦ ଓ ଭେଦାଭେଦ ସଂକୀର୍ଣ୍ଣତାର ବହୁ ଉର୍ଦ୍ଧ୍ୱରେ ତାଙ୍କ ସଂସ୍କୃତି ଓ ଚେତନାର ବିଚାରଧାରା।

ଉପନିଷଦ କହେ- "ଅପାଣିପାଦୋ ଜବନୋଗ୍ରହୀତା ପଶ୍ୟତ୍ୟଚକ୍ଷୁଃ ସଶୃଣୋତ୍ୟକର୍ଣ୍ଣଃ, ସବେତ୍ତି ବେଦ୍ୟଂ ନଚତସ୍ୟାସ୍ତି ବେତ୍ତା ତମାହୁରଗ୍ର୍ୟଂ ପୁରୁଷମ୍ ମହାନ୍ତମ୍"ର ସେ ହେଉଛନ୍ତି ମୂର୍ତ୍ତିମନ୍ତ ବିଗ୍ରହ। ଅର୍ଥାତ ହାତ ନଥାଇ ସବୁକିଛି ଧାରଣ କରନ୍ତି, ପାଦନଥାଇ ବି ସେ ଚତୁର୍ଦ୍ଦଶ ବ୍ରହ୍ମାଣ୍ଡ ପରିଭ୍ରମଣ କରନ୍ତି, ଆଖି ନଥାଇ ମଧ୍ୟ ସବୁକିଛି ଦେଖିପାରନ୍ତି, କାନନଥାଇ ମଧ୍ୟ ସବୁକିଛି ଶୁଣିପାରନ୍ତି। ସେ ସର୍ବଜ୍ଞ, ସର୍ବଦ୍ରଷ୍ଟା। ତେଣୁ ଭକ୍ତ ତୁଳସୀ ବ୍ରହ୍ମର ସଂଜ୍ଞା ନିରୁପଣ କରିବାକୁ ଯାଇ କହିଲେ- "ବିନୁପଦ ଚଲହିଁ ଶୁନହିଁ ବିନୁକାନା, କରବିନୁ କରମ କରଇ ବିଧିନାନା, ଆନନ ରହିତ ସକଳ ରସ ଭୋଗୀ, ବିନୁବାଣୀ ବକତା ବଡ ଯୋଗୀ"। ଅତଏବ 'ଏକଂ ସଦ୍ ବିପ୍ରା ବହୁଧା ବଦନ୍ତି'- ଏହି ବେଦବାଣୀର ସାର୍ଥକତା ତାଙ୍କରି ପାଖରେ ପରିଲକ୍ଷିତ ହୁଏ। ସେ ପରମେଶ୍ୱର ପୁରାଣ ପୁରୁଷଙ୍କୁ ବୈଷ୍ଣବମାନେ ବିଷ୍ଣୁ ରୂପରେ, ଶୈବମାନେ ଶିବ ରୂପରେ, ଶାକ୍ତମାନେ ଶକ୍ତି ରୂପରେ, ସୌର ଉପାସକମାନେ ସୂର୍ଯ୍ୟ ରୂପରେ, ବୌଦ୍ଧମାନେ ବୁଦ୍ଧ ରୂପରେ, ଗାଣପତ୍ୟମାନେ ଗଣପତି ରୂପରେ, ମୀମାସଂକଗଣ କର୍ମ ରୂପରେ ଓ ବ୍ରହ୍ମବିଦ୍ ବେଦାନ୍ତୀଗଣ ବ୍ରହ୍ମ ରୂପରେ ଉପାସନା କରିଥାନ୍ତି। ସେ ସ୍ୱତନ୍ତ୍ର ଓ ସର୍ବତନ୍ତ୍ର, ମାନବିକତାର ଚରମ ଅଭିବ୍ୟକ୍ତି- ଶ୍ରୀଜଗନ୍ନାଥ ସଂସ୍କୃତି ଏକ ସର୍ବକାଳୀନ ସମନ୍ୱୟ ଚେତନା। ବ୍ରାହ୍ମଣର ବେଦମନ୍ତ୍ର ତାଙ୍କୁ ଯେତିକି ପ୍ରିୟ, ତା'ଠାରୁ ଅଧିକ ପ୍ରିୟ ମାଳୁଣୀ କଣ୍ଠର ଗୀତଗୋବିନ୍ଦ ପଦାବଳୀ, ଗୀତାପଣ୍ଡାର ଗୀତାପାଠ। ଲକ୍ଷ୍ମୀ ସାଆନ୍ତାଣୀଙ୍କ ହାତରନ୍ଧା କୋଠ ଭୋଗର ଛପନ ବ୍ୟଞ୍ଜନରେ ସେ ଯେତିକି ସନ୍ତୁଷ୍ଟ ନୁହଁନ୍ତି, ତା'ଠାରୁ ଅଧିକ ତୃପ୍ତ କରମା ବାଇର ଅଲଣା ଖେଚୁଡ଼ିରେ, ଦାସିଆର ନଡିଆରେ, ବିଦୁର ପତ୍ନୀର ଶାଗଭଜାରେ, ଶବରୀର ଅଇଁଠା ବରକୋଳିରେ ତଥା ସୁଦାମାପତ୍ନୀ ବସୁନ୍ଧରାର ଖୁଦଭଜାରେ। ଅପରୁପ ଶୋଭାରେ ମଣ୍ଡିତ ନନ୍ଦୀଘୋଷ ଠୁ ମତ୍ତ ବଳରାମ ଦାସଙ୍କ ବାଲିରଥ ତାଙ୍କୁ ଅଧିକ ପସନ୍ଦ। ପୁଜାପଣ୍ଡା ସେବକଙ୍କୁ ରତ୍ନସିଂହାସନ ତଳେବସି ସେବାପୂଜା କରିବାର ଅଧିକାର ଦେଇଥିବା ବେଳେ ଚୁନରା ସେବକଙ୍କୁ ଶ୍ରୀ ମନ୍ଦିର ଉପରେ ଚଢି ନୀଳଚକ୍ରରେ ପତିତପାବନ ବାନା ବାନ୍ଧିବାର ସୌଭାଗ୍ୟ ପ୍ରଦାନ କରିଥାନ୍ତି। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ହେଉଛି ସମନ୍ୱୟ ଭାବଧାରାର ଶ୍ରେଷ୍ଠ ନିଦର୍ଶନ। ଏହି ରଥଯାତ୍ରାର ମହତ୍ୱ ସର୍ବଜନ ବିଦିତ। ତାଙ୍କର ସାକାର ସ୍ୱରୂପ ଦାରୁ ବିଗ୍ରହ ଦର୍ଶନର ସୁଖ ସୌଭାଗ୍ୟରୁ ବଞ୍ଚିତ ପତିତଜନଙ୍କୁ ଦର୍ଶନ ଦେବା ଅବସରରେ ସେ ପ୍ରମାଣ କରିଦିଅନ୍ତି ତାଙ୍କ ପାଖରେ ରାଜା-ପ୍ରଜା, ସେବ୍ୟ-ସେବକ, ପୂଜ୍ୟ-ପୂଜକ ସମସ୍ତେ ସମାନ। ତାଙ୍କ ଦର୍ଶନର ଅମୋଘ ଫଳ ପ୍ରାପ୍ତ ହୋଇଥାଏ। ସେଥିପାଇଁ ଶାସ୍ତ୍ର କହେ:- 'ଦୋଳେ ଚ ଦୋଳ ଗୋବିନ୍ଦ, ଚାପେଚ ମଧୁସୁଦନ, ରଥେତୁ ବାମନଂ ଦୃଷ୍ଟ୍ୱା ପୁର୍ନଜନ୍ମ ନ ବିଦ୍ୟତେ'। ସମସ୍ତଙ୍କୁ ଆପଣାର କରିନେଇ ଗୋଟିଏ ସ୍ଥାନରେ ଏକତ୍ରିତ ହେବାର ସୁଯୋଗ ପ୍ରଭୁ ଜଗନ୍ନାଥ ଦେଇଥାନ୍ତି। ତତ୍‌ସହିତ ମହା ମିଳନର ମହାପର୍ବ ରଥଯାତ୍ରା ଅବସରରେ ସାର୍ବଜନୀନ ଭାତୃତ୍ୱ, ସମନ୍ୱୟ ସାମ୍ୟବାଦର ବାର୍ତ୍ତା ପ୍ରଚାର କରିଥାନ୍ତି।

ତାଙ୍କର ମହାର୍ଘ ଘୋଷଯାତ୍ରା ଆମକୁ ଶିଖାଇ ଥାଏ 'କର୍ମ ହିଁ ସର୍ବଶ୍ରେଷ୍ଠ ସାଧନା ଓ ଉପାସନା'। ଯେ କୌଣସି କର୍ମ ସାନ କି ବଡ଼ ହୋଇନଥାଏ। ସେଥିପାଇଁ ତ ସେ ତାଙ୍କର ଆଦ୍ୟ ସେବକ ଗଜପତି ମହାରାଜାଙ୍କ ହାତରେ ଧରାଇ ଦେଇଛନ୍ତି ସୁବର୍ଣ୍ଣ ଶ୍ରମାର୍ଜନୀ। ତାଙ୍କ ସମ୍ବିଧାନରେ ସତ୍ୟ-ଧର୍ମ-ନ୍ୟାୟ ପ୍ରତିଷ୍ଠାର ସାଂକେତିକ ଯାତ୍ରା ତଥା ପାରିବାରିକ ଧର୍ମ ପାଳନର ଅନନ୍ୟ ସାମାଜିକ ପରମ୍ପରାର ବାର୍ତ୍ତାବହ 'ଘୋଷଯାତ୍ରା' ଜଗତକୁ ସମତା ଓ ସମନ୍ୱୟବାଦର ଶିକ୍ଷା ପ୍ରଦାନ କରିଥାଏ। ଆମ ଦେଶର ସମ୍ବିଧାନ ଅନେକ ଥର ପରିବର୍ତ୍ତନ ହୋଇଥିଲେ ମଧ୍ୟ ଆଜିବି ଜଗନ୍ନାଥଙ୍କ ସାର୍ବଭୌମ ଗଣତନ୍ତ୍ରର ସମ୍ବିଧାନ ଅପରିବର୍ତ୍ତିତ ରହିଛି। ବିଶ୍ୱ ସମୁଦାୟ ତାଙ୍କରି ଚେତନାରେ ଏକୀଭୂତ ହୋଇଛନ୍ତି। ସେ କୋଟି ଓଡ଼ିଆର ମଉଡମଣି ପ୍ରାଣପ୍ରିୟ ଇଷ୍ଟ ଦେବତା ହେଲେ ମଧ୍ୟ ବିଶ୍ୱ ଚେତନାରେ ତାଙ୍କର 'ସାର୍ବଭୌମ ସମ୍ବିଧାନ'ରେ ସାରା ବିଶ୍ୱ ତାଙ୍କୁ ସର୍ବଧର୍ମ ସମନ୍ୱୟର ଚଳନ୍ତି ଠାକୁର ଭାବରେ ପୂଜା କରୁଛନ୍ତି।

# ସୌଖୀନ ଅଭିନେତା ଉମା ପଟ୍ଟନାୟକ



ଦିଲ୍ଲୀପ ହାଲି
ବଡ଼ଗଡ଼, ଭୁବନେଶ୍ୱର
ମୋ: ୯୮୬୧୦୦୯୨୫୨

କଥାରେ ଅଛି, ପ୍ରାଣୀର ଭଲମନ୍ଦ ବାଣୀ, ମରଣକାଳେ ତାହା ଜାଣି। ଓଡ଼ିଶାରେ ସୌଖୀନ ଅଭିନେତାଙ୍କ ମଧ୍ୟରେ ଉମାଶଙ୍କର ପଟ୍ଟନାୟକ ଅନ୍ୟତମ। କଳାକାରର ମୃତ୍ୟୁ ନାହିଁ। ସେ ଚିର ଅମର। ନାଟକ ହେଉ କି ସଂଗଠନ, ଗଠନମୂଳକ ଚିନ୍ତାଧାରା ମାଧ୍ୟମରେ ସେ ନିଜକୁ ସମର୍ପିତ କରି ଦେଉଥିଲେ।

ମୃତ୍ୟୁ ଏପରି ଆସିଲା, ନିଜ ଘରେ ଥିବା ଠାକୁର ମନ୍ଦିର କବାଟ ଖୋଲୁ ଖୋଲୁ ସେଇଠାରେ ହୃଦ୍‌ଘାତରେ ପ୍ରାଣବାୟୁ ଉଡ଼ିଯାଇଥିଲା। ୫ମାସ ପୂର୍ବରୁ ତାଙ୍କ ସହଧର୍ମିଣୀ ବାସନ୍ତୀ ପଟ୍ଟନାୟକଙ୍କ ଦେହାନ୍ତ ହୋଇଥିଲା। ଉମାଭାଇ ଜଣେ ମେଳାପୀ ଓ ଭଦ୍ରଲୋକ। ଉମାଭାଇଙ୍କ ପରିବାରରେ ଏକମାତ୍ର ଝିଅ ଓ ଦୁଇପୁତ୍ର ଅଛନ୍ତି। ଉମାଭାଇଙ୍କ ସହଧର୍ମିଣୀ ବାସନ୍ତୀ ଦିଦି ଶିକ୍ଷାଦାନ କରିଆରେ ଛାତ୍ରଛାତ୍ରୀ ମାନଙ୍କୁ ଗଠନମୂଳକ ଶିକ୍ଷାର ବାତାବରଣ ସୃଷ୍ଟି କରଥିଲେ। ମହିଳାଙ୍କ ମଧ୍ୟରେ ସେ ଥିଲେ ଆମ ଗାଁର ପ୍ରଥମ ଗ୍ରାଜୁଏଟ୍। ଉମାଭାଇ ତାଙ୍କ ସହ ଯୋଗସୂତ୍ରରେ ବାନ୍ଧିହୋଇ ବଡ଼ଗଡ଼ ଗାଁରେ ସାଂସ୍କୃତିକ ଓ ସାମାଜିକ ସୁରକ୍ଷା ଦିଗରେ ଯାହାକିଛି କାର୍ଯ୍ୟ କଲେ ତାହା ଅବିସ୍ମରଣୀୟ।

ଅଭିନେତା ଭାବେ ଉମାଭାଇ ଦିଗନ୍ତ ନାଟ୍ୟସଂସ୍ଥା ଓ ଭବିଷ୍ୟନିଧି ପାଣ୍ଠିର ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଶେଷ ଭାବେ ଦାୟିତ୍ୱ ନେଇଥାନ୍ତି। ତାଙ୍କ ଅଭିନୀତ ନାଟକ ମଧ୍ୟରେ-ଅଭିଶପ୍ତ ଘୁଙ୍ଗୁର, ମାଂସର ବିଳାପ, ଥ୍ୟାଙ୍କ୍ୟୁ ମିଷ୍ଟର ଗ୍ଲାଏଡ, ଫାଶ ଓ ପ୍ରତୀକ୍ଷା ଅନ୍ୟତମ। ଉମାଭାଇଙ୍କ ସହ ଅନ୍ୟ ଦୁଇ ଅଭିନେତା ସତ୍ୟବୀର ଓ ବାପୁ ଆର୍ଯ୍ୟଙ୍କ ଅଭିନୟ କ୍ଷେତ୍ରରେ ଦକ୍ଷତା ବାରି ହୋଇପଡ଼େ।



ବଡ଼ଗଡ଼ ଗାଁର ଉନ୍ନତିକରଣ ଦିଗରେ ସେ ସଦାସର୍ବଦା ଆଗଭର ହୋଇ କାର୍ଯ୍ୟ କରୁଥିଲେ। ଉମାଭାଇ, ପୂର୍ଣ୍ଣନନା, ନବଭାଇ, ଜାପାନୀ ଭାଇ ଗାଁ ପାଇଁ ଯାହାକିଛି କାର୍ଯ୍ୟ କରିବାକୁ ପଡ଼େ ଆମେସବୁ ଏକତ୍ର ଯାଉଥିଲୁ। ସ୍କୁଲ୍, ରାସ୍ତା, ବ୍ରିଜ ସମ୍ପ୍ରସାରଣ, ଗ୍ରାମ ଶ୍ମଶାନ, ନେତାଜୀ କ୍ଲବ ପଡ଼ିଆ, ସ୍କୁଲ୍ ପଡ଼ିଆ ଆଦି ଅନ୍ୟତମ। ବଡ଼ଗଡ଼ ଗାଁରେ ସକାରାତ୍ମକ କାର୍ଯ୍ୟ କରିବା କ୍ଷେତ୍ରରେ ସେ ନିଜକୁ ସମର୍ପିତ କରିଥିଲେ।

ବଡ଼ଗଡ଼ ଗ୍ରାମର ନେତାଜୀ ଯୁବକ ସଂଘରେ ପ୍ରାଥମିକ ଅବସ୍ଥାରେ ସେ କାର୍ଯ୍ୟ କରୁଥିଲେ। ତାଙ୍କ ସହ ନବ କିଶୋର ସିଂ, ଅପର୍ତ୍ତି ଲେଙ୍କା, ଚନ୍ଦ୍ରଶେଖର ଲେଙ୍କା, ଜାପାନୀ ହରିଚନ୍ଦନ, ପଞ୍ଚାନନ କରଣ, ପ୍ରଯୋଜକ ପୂର୍ଣ୍ଣଚନ୍ଦ୍ର ଜେନା ସବୁବେଳେ ମିଳିତ ହୋଇ ଯାହାକିଛି ଗଠନମୂଳକ କାର୍ଯ୍ୟ କରିବା ଦିଗରେ ବିଶେଷ ଧ୍ୟାନ ଦେଉଥିଲେ। ବଡ଼ଗଡ଼ ଗାଁ ଲାଗି ହେଉକି ନିଜ କ୍ଲବ ପାଇଁ, ସେସବୁ ଦିଗରେ ଉମାଭାଇ କାର୍ଯ୍ୟରତ ଥିଲେ। ଶେଷ ଜୀବନ ପର୍ଯ୍ୟନ୍ତ କାର୍ଯ୍ୟରେ ନିଜକୁ ନିୟୋଜିତ କରି ରଖୁଥିଲେ। ମୃତ୍ୟୁ ପୂର୍ବ ଦୁଇଦିନ ଧରି ବଡ଼ଗଡ଼ ଗ୍ରାମର ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ଗୋକୁଳାନନ୍ଦ ଜେନା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସେ ଅତିଥି ଭାବେ ରହିଥିଲେ। ହଠାତ୍ ତାଙ୍କ ମୃତ୍ୟୁ ଖବର ପାଇ ସମସ୍ତେ ସ୍ତମ୍ଭୀଭୂତ ହୋଇଯାଇଥିଲେ ! ବଡ଼ଗଡ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ବିଶିଷ୍ଟ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କ ସେ ସହପାଠୀ ଥିଲେ।

ବଡ଼ଗଡ଼ ଗାଁର ନେତାଜୀ କ୍ଲବ ଏକ ଶୃଙ୍ଖଳିତ କ୍ଲବ। ଏହି କ୍ଲବରେ ଅଭିନୀତ ହୋଇଥିବା ନାଟକ 'ବାଜୁଅ ଝିଅ', 'ଜରା ଶବର', 'ମହାସମର', 'ଦିପଟ ଚୁଡ଼ି'ରେ ଉମା ଭାଇଙ୍କ ଭଲ ଅଭିନୟ ବାରି ହୋଇଯାଏ। କାରଣ ସେ ବିଶିଷ୍ଟ ନାଟ୍ୟକାର ଚଳଚ୍ଚିତ୍ର ଅଭିନେତା ଦେବୁ ବୋଷଙ୍କ 'ଦିଗନ୍ତ' ନାଟ୍ୟସଂସ୍ଥା ସହ ଜଡ଼ିତ ଥିଲେ। ବିଶେଷକରି ଖଳ ଚରିତ୍ରରେ ଅଭିନେତା ବାପୁ ଆର୍ଯ୍ୟ ଓ ଚଳଚ୍ଚିତ୍ର ଅଭିନେତା ସତ୍ୟବୀରଙ୍କ ଅଭିନୟ ଯିଏ ଦେଖିଛି ସେ କେବେ ବି ଭୁଲିପାରିବ ନାହିଁ। କଳାକାର ଜୀବନ ସହ ନିଜ ଜୀବିକା ଅର୍ଥାତ୍ କେନ୍ଦ୍ର ସରକାରଙ୍କ ଭବିଷ୍ୟନିଧି ଅଫିସ୍ ଓ ପରିବାର ସବୁକୁ ସେ ସଠିକ୍ ଭାବେ ସମନ୍ୱୟ ରଖି କାର୍ଯ୍ୟ କରୁଥିଲେ। ଫଳରେ ବଡ଼ଗଡ଼ରେ ସେଇ ପରିବାରଟିର ସ୍ୱତନ୍ତ୍ରତା ରହିଥିଲା। ବଡ଼ଗଡ଼ ଗାଁରେ କୌଣସି ଗଣ୍ଡଗୋଳ ହେଲେ ତା'ର ସମାଧାନ କରି ଯୁବଗୋଷ୍ଠୀଙ୍କୁ ବୁଝାଇ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଉଥିଲେ। ଆଜିର ଦୁନିଆରେ ଭଲ କଥା କାହାକୁ ଭଲ ଲାଗୁନାହିଁ। ତଥାପି ଆମ ଗାଁ ପ୍ରତି ଉମାଭାଇଙ୍କ ଯାହାବି ଅବଦାନ ରହିଛି, ତାହା ସ୍ମରଣୀୟ ହୋଇ ରହିବ। ବଡ଼ଗଡ଼ ମାଟିର ଶହୀଦ ପଦ୍ମନାଭ ଛୋଟରାୟ ଇଂରେଜମାନଙ୍କ ବିରୋଧରେ ଯେପରି ସ୍ୱରଉତ୍ତୋଳନ କରୁଥିଲେ ସେଇଭଳି ଭଲକୁ ଭଲ, ଭୁଲ୍‌କୁ ଭୁଲ୍ କହି ଉମାଭାଇଙ୍କ ବାକି ଜୀବନ ଚାଲିଗଲା। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛି।



ଜଳେଶ୍ୱର(ଭାସ୍କର ନ୍ୟୁଜ): ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ଜଳେଶ୍ୱର ଷ୍ଟେସନ ବଜାର ସ୍ଥିତ ମା' ଦକ୍ଷିଣା କାଳୀ ମନ୍ଦିର ପ୍ରାଙ୍ଗଣରେ ଜଳେଶ୍ୱର ବିଜେଡି ଦ୍ୱାରା ସମୂହ ଦୀପଦାନ କରିବା ସହ ପୂଜାର୍ଚ୍ଚନା କରାଯାଇଥିଲା।ଉକ୍ତ କାର୍ଯ୍ୟକ୍ରମରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ଜିଲ୍ଲା ପରିଷଦ ଉପ ସଭାପତି ଅନସୂୟା ପ୍ରଧାନ, ଜଳେଶ୍ୱର ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ବ୍ଲକ ବିଜେଡି ସଭାପତି ଦିଲ୍ଲୀପ କୁମାର ସାମଲ, ଲେଲିନ କୁମାର ପ୍ରଧାନ, ମନୋରଞ୍ଜନ ଦାସ, ଅରୁଣ କୁମାର ସେନାପତି, ବିଦ୍ୟାଧର ମଲ୍ଲିକ, ସୁନିତା ଦତ୍ତ, ଜିତେନ୍ଦ୍ର ଦାସ, କରୁଣାକର ଭୂୟାଁ, ଚିନ୍ମୟାନନ୍ଦ ପାଳ, ସୁରଜିତ ପାଳ, ସୁରଜ ଚୌରାସିୟା, ଗୋବିନ୍ଦ ସାହୁ, ମିର ଆବାସ ଅଲ୍ଲୀ, ଚିତ୍ତରଞ୍ଜନ ମହାନ୍ତି, ମନୋରଞ୍ଜନ ଦେ, ଆନନ୍ଦ କର, ଗୌରଭ ଦାସ, ଗୌତମ ପାତ୍ର, ସୁଶୀଲ କୁମାର ପରିଡ଼ା, ସମରେନ୍ଦ୍ର ପରିଡ଼ା ଓ ସମରେନ୍ଦ୍ର ଦାସ ପ୍ରମୁଖଙ୍କ ସହ ବହୁ ବିଜେଡି ନେତୃତ୍ୱ ଉପସ୍ଥିତ ରହି ଶ୍ରୀ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ।

# ଜଳେଶ୍ୱରରେ ବନ୍ୟା, ବ୍ୟାପକ ପରିବା ଚାଷ କ୍ଷତି

ଜଳେଶ୍ୱର(ଭାସ୍କର ନ୍ୟୁଜ): ସୁବର୍ଣ୍ଣରେଖା ନଦୀର ପ୍ରଥମ ବନ୍ୟାରେ ଜଳେଶ୍ୱରର ବିଭିନ୍ନ ପଂଚାୟତରେ ଥିବା ପରିବା ଚାଷଜମି ଜଳମଗ୍ନ ହୋଇଛି । କେତେକ ଗ୍ରାମ୍ୟ ରାସ୍ତା ବନ୍ୟାପାଣିରେ ବୁଡିଯିବା ସହିତ ଖାଲୁଆ ସ୍ଥାନରେ ପାଣି ଭର୍ତ୍ତି ହୋଇ ଯାଇଥିଲା । ନଦୀର ଜଳସ୍ତର କମିବା ସହିତ ଚାଷଜମି ମାନଙ୍କୁ ବନ୍ୟାପାଣି ଧିରେ ଧିରେ କମିବା ଆରମ୍ଭ କରିଛି । ପ୍ରଶାସନ ପକ୍ଷରୁ ସତର୍କ ଦୃଷ୍ଟି ରଖାଯାଇଥିବା ବେଳେ କୌଣସିସ୍ଥାନରେ ନଦୀବନ୍ଧ ଭାଙ୍ଗିନଥିବା ଇରିଗେସନ ବିଭାଗ ପକ୍ଷରୁ କୁହାଯାଇଛି । ସୁବର୍ଣ୍ଣରେଖା ନଦୀର ଉପରମୁଣ୍ଡରେ ଲଘୁଚାପ ଜନିତ ବର୍ଷାରେ ଅଧିକ ପାଣି ଆସିବାରୁ ଶୁକ୍ରବାର ସକାଳେ ନଦୀରେ ପାଣି ଫୁଲିଥିଲା । ଆଜି ଭୋର ସୁଦ୍ଧା ରାଜଘାଟଠାରେ ଜଳସ୍ତର ବିପଦ ସଂକେତ ଉର୍ଦ୍ଧ୍ୱରେ ୧୧.୩୫ରେ ପ୍ରବାହିତ ହେବ ବୋଲି ସୂଚନା ଦିଆଯାଇଥିଲା ବେଳେ ଏଠାରେ ବିପଦ ସଂକେତ ୧୦.୩୬ ମିଟର ଥିବା ଜଣାଯାଇଛି । ମାତ୍ର ରାତ୍ରୀ ୪ଟା ସୁଦ୍ଧା ୧୧.୪୦ ମିଟରରେ ପହଞ୍ଚିବାପରେ ପ୍ରଶାସନର ଚିନ୍ତାର କାରଣ ହୋଇଥିଲା ।



ଏଥିନେଇ ଜଳେଶ୍ୱର ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା । ବନ୍ୟା ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳ ହେମନ୍ତ ସିଂ, ବିଡିଓ ଗୌରାଙ୍ଗ ଚରଣ ଘୋଷ, କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂ, ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ପ୍ରିୟବ୍ରତ ସିଂ ପ୍ରମୁଖ ସଜାଗ ରହି ଲୋକମାନଙ୍କୁ ସଚେତନ କରାଇଥିଲେ । କୌଣସି ସ୍ଥାନରେ ମୃତାହତ କିମ୍ବା ନଦୀବନ୍ଧ ଭାଙ୍ଗିନଥିବା ସେମାନେ ସୂଚନା ଦେଇଛନ୍ତି । ଜଳେଶ୍ୱର ବ୍ଲକର ପର୍ଶ୍ଚିମବାର୍ଡ, ବାଇଗଣବାଡିଆ, ଗଡସାହିବାଲିଆପାଳ, ଝାଡପିମ୍ପଳ, ପାଇକସିଦା, ରାୟାଁରାମଚନ୍ଦ୍ରପୁର, କୋଟସାହି, ମହମ୍ମଦନଗରପାଟଣା ପ୍ରଭୃତି ପଂଚାୟତର ପରିବା ଚାଷ ଜମିରେ ପାଣି ପଶିଛି । ୨୫୦ ହେକ୍ଟର ଜମିରେ ପାଣି ପଶିଛି । ଏବେ ୮୦ ହେକ୍ଟର ଜମିରେ ପାଣି ଭର୍ତ୍ତି ହୋଇ ରହିଥିବା ସଂପର୍କରେ ଉଦ୍ୟାନ ବିଭାଗ ଅଧିକାରୀ କେଦାର ନାଥ ଗିରି ସୂଚନା ଦେଇଛନ୍ତି । ବିଶେଷ ଭାବେ କାଳିକାପୁର, ଦେବକୁମାର, ଦଳେଇସାହି, ଚଡନମକନା, ମେଳକ ଓ ନଦୀର ଓପରପଟେ ଥିବା ଗଡସାହିବାଲିଆପାଳରେ ବନ୍ୟାଜଳ ଚାଷ ଜମି ଅଧିକ ପ୍ରଭାବିତ ହେବା ସହିତ ଗ୍ରାମ୍ୟ ରାସ୍ତାରେ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଥିଲା । ଗଡସାହିବାଲିଆପାଳର ସମସ୍ତ ପରିବାଚଷ ନଷ୍ଟ ହୋଇଥିବା ସରପଂଚ ଧ୍ରୁବଚରଣ ଗିରି ସୂଚନା ଦେଇଥିବା ବେଳେ ବିଜେପି ନେତା ବ୍ରଜମୋହନ ପ୍ରଧାନ, କାଳିଚରଣ ଦାସ ବିଭିନ୍ନ ବନ୍ୟାଞ୍ଚଳ ପରିଦର୍ଶନ କରିଥିବା ଜଣାଯାଇଛି । ଜଳେଶ୍ୱର ବ୍ଲକରେ ଥିବା ପ୍ରାୟ ୨୪ଟି ନାଳ ଓ ଖାଳ ଦ୍ୱାରା ସୁବର୍ଣ୍ଣରେଖା ନଦୀକୁ ପାଣି ନିଷ୍କାସନ ହେଉଥିବା ୨ଟିକୁ ଛାଡି ଅନ୍ୟ ସମସ୍ତ ନାଳରେ ସ୍ଲୁଇସ୍ ଗେଟ ନ ଥିବାରୁ ଏପରି ବନ୍ୟାସୃଷ୍ଟି ହୋଇଥିବା ବହୁ ନେତୃବୃନ୍ଦ କହିଛନ୍ତି ।

## କୁଶଭଦ୍ରା ଓ ଶ୍ମଶାନ ଜମିରୁ ବାଲି ମାଟି ଲୁଟ୍

# ସରପଞ୍ଚଙ୍କ ବାରଣ ସତ୍ତ୍ୱେ ଶୁଣୁନାହାନ୍ତି ମାଫିଆ

ନିମାପଡ଼ା(ଭାସ୍କର ନ୍ୟୁଜ): ଲଘୁ ଖଣିଜ ଦ୍ରବ୍ୟ ଲୁଣ୍ଠନ ହେଉଥିବା ବେଳେ ପ୍ରଶାସନ ଆଖି ବୁଜି ଦେଇଛି । ଗ୍ରାମବାସୀ ଅଭିଯୋଗ ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ । ପଂଚାୟତର ସରପଂଚ ତଥା ବିଜେପି ଦଳ ପଂଚାୟତ ସଭାପତି ପ୍ରତିବାଦ କଲେ ମଧ ବାଲି ମାଫିଆମାନେ କୌଣସି କଥାକୁ ଖାତିର ନକରି କୁଶଭଦ୍ରା ନଦୀରୁ ବାଲି ବିକ୍ରି କରୁଛନ୍ତି । ଏପରିକି ଶ୍ମଶାନ ଜମିକୁ ମଧ ମାଫିଆମାନେ ଛାଡୁ ନାହାନ୍ତି । ପଂଚାୟତର ଜଣେ କୁଜି କର୍ମୀ ଏଥିରେ ମଧ୍ୟସ୍ଥତା କରି ପକେଟ୍ ଗରମ କରୁଥିବା ବେଳେ ଏହି କର୍ମୀଙ୍କ କାରଣରୁ ଦଳ ବଦ୍‌ନାମ ହେଉଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଅରିଷଣ୍ଡ ଗ୍ରାମ ପଂଚାୟତ କୁଶଭଦ୍ରା ନଦୀରୁ ପ୍ରତ୍ୟେକ ଦିନ ଜେସିବି ମେସିନ୍ ସାହାଯ୍ୟରେ ବାଲି ତଡ଼ା ଯାଉଥିବା ବେଳେ ଶହ ଶହ ଟ୍ରାକ୍ଟର ସାହାଯ୍ୟରେ ବାଲି ବିକ୍ରି କରାଯାଉଛି । ଏ ସଂପର୍କରେ ଅରିଷଣ୍ଡ ପଂଚାୟତର ସରପଂଚ ଓ ବିଜେପି ଦଳର ସଭାପତି, କେତେକ ମୁରବୀ ଶ୍ରେଣୀୟ ବ୍ୟକ୍ତି ବାଲି ବିକ୍ରି ନ କରିବା ପାଇଁ କହିଥିଲେ ମଧ ବାଲି ଲୁଟେରାମାନେ କୌଣସି କଥାକୁ ଖାତିର ନ କରି ବେଆଇନ ଭାବେ ବାଲି ଲୁଣ୍ଠନ କରି ଚାଲିଛନ୍ତି । ଏପରିକି କୁଶଭଦ୍ରା ନଦୀ ଭିତରେ ଥିବା ସରକାରୀ ଶ୍ମଶାନ ଜମିକୁ ମଧ ଛାଡୁ ନାହାନ୍ତି । ଶ୍ମଶାନ ଜମିରୁ ମାଟି ବିକ୍ରି କରୁଥିବା ବେଳେ ଏକାଧିକ ବ୍ୟକ୍ତି ଏହି ଘଟଣାରେ ସଂପୃକ୍ତି ଅଛନ୍ତି । ଅନ୍ୟ କେତେକ ବ୍ୟକ୍ତି ଶ୍ମଶାନ ଜମିକୁ ନିଜର ପୈତୃକ ସଂପତି କରି ଚାଷ କରୁଛନ୍ତି । ସେହି ଲୋକଙ୍କ ସହାୟତାରେ ସେଠାରୁ ବାଲି ମାଟି ଲୁଣ୍ଠନ କରାଯାଉଛି । ଏପରି ଘଟଣା ଘଟୁଥିବା ବେଳେ ପ୍ରଶାସନ ନିକଟରେ ଖବର ଥିଲେ ମଧ ପ୍ରଶାସନ କିପରି ଭାବରେ ନୀରବ ସାଜିଛି ତାହା ତଦନ୍ତ ସାକ୍ଷେପ ବୋଲି ସାଧାରଣରେ ମତପ୍ରକାଶ ପାଉଛି । କୁଶଭଦ୍ରା ନଦୀବନ୍ଧକୁ କାଟି ମୁରାରୀପୁରରେ ବାଲି ଚାଲାଣ ହେଉଥିବା ବେଳେ ପ୍ରଶାସନର ଦେଖା ମିଳୁନାହିଁ । ଦୀର୍ଘଦିନ ହେବ ଘଟଣାକୁ ନେଇ ପଂଚାୟତରେ ପରିସ୍ଥିତି ଅଣାୟତ ହୋଇ ସାଧାରଣରେ ମତପ୍ରକାଶ ପାଇଛି । ବାରମ୍ବାର ସରକାରୀ ଜମିରୁ ବାଲି ମାଟି ଲୁଣ୍ଠନ ହେଉଥିବା ବେଳେ କ'ଣ ପାଇଁ ଏମାନଙ୍କ ବିରୁଦ୍ଧରେ ଆଇନଗତ ପଦକ୍ଷେପ ନିଆଯାଉ ନାହିଁ ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା ଉପରେ ସାଧାରଣରେ ଅସନ୍ତୋଷ ପ୍ରକଟ ହୋଇଛି ।

## ଅଗ୍ନିପଥ ସ୍କିମ୍ ଓ ନିୟମିତ କ୍ୟାଡର ଅନ୍‌ଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା

ଢେଙ୍କାନାଳ(ଭାସ୍କର ନ୍ୟୁଜ): ଅଗ୍ନିପଥ ସ୍କିମ୍ ଏବଂ ନିୟମିତ କ୍ୟାଡର ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ୩୦ ଜୁନ୍ ୨୦୨୫ ରୁ ୧୦ ଜୁଲାଇ ୨୦୨୫ ପର୍ଯ୍ୟନ୍ତ ଭାରତୀୟ ସେନାରେ ନିଯୁକ୍ତି ବର୍ଷ ୨୦୨୫-୨୬ ପାଇଁ ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ । କୋଲକାତାର ନିଯୁକ୍ତି କ୍ଷେତ୍ରର ପରୀକ୍ଷା ସିକିମ୍, ପର୍ଶ୍ଚିମବଙ୍ଗ ଏବଂ ଓଡ଼ିଶା ରାଜ୍ୟର ୧୮ଟି ସହରର ୨୨ ଟି କେନ୍ଦ୍ରରେ ଅନୁଷ୍ଠିତ ହେବ। ପର୍ଶ୍ଚିମ ଓଡ଼ିଶାର ପରୀକ୍ଷା ଢେଙ୍କାନାଳର ଆଇଅନ ଡିଜିଟାଲ ଜୋନ ବନମାଳୀପ୍ରସାଦ , ରାଉରକେଲା ର ଆଇଅନ ଡିଜିଟାଲ ଜୋନ ସେକ୍ଟର ୪, ସମ୍ବଲପୁର ଆଇଅନ ଡିଜିଟାଲ ଜୋନ ମାଝିପାଲି ରେ ଅନୁଷ୍ଠିତ ହେବ । ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କରିବା ପାଇଁ ପିକରଣ ୱିଣ୍ଡୋ ୨୫ ଏପ୍ରିଲ ୨୦୨୫ ରୁ ଶେଷ ହୋଇଯାଇଛି । ପ୍ରାର୍ଥୀମାନେ ଅଫିସିଆଲ ୱେବସାଇଟରୁ ସେମାନଙ୍କ ଆଡମିଟ୍ କାର୍ଡ ଯାଞ୍ଚ ଏବଂ ଡାଉନଲୋଡ୍ କରିପାରିବେ। ସଫଳତାର ସହ ପିକୃତ ପ୍ରାର୍ଥୀ ଯେଉଁମାନେ ସେମାନଙ୍କର ଆଡମିଟ୍ କାର୍ଡ ପାଇ ନାହାଁନ୍ତି, ସେମାନେ ସେମାନଙ୍କ ସମ୍ପୃକ୍ତ ସେନା ନିଯୁକ୍ତି କାର୍ଯ୍ୟାଳୟକୁ ଯୋଗାଯୋଗ କରିପାରିବେ। କମ୍ପ୍ୟୁଟର ଆଧାରିତ ଅନଲାଇନ୍ ପରୀକ୍ଷା ବୁଝିବା ଏବଂ ଅଭ୍ୟାସ କରିବା ପାଇଁ ପ୍ରାର୍ଥୀଙ୍କୁ ୱେବସାଇଟ୍ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଇଛି। ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ପରେ, ଚୟନିତ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ରାଲି ବିଷୟରେ ସୂଚିତ କରାଯିବ। ପ୍ରାର୍ଥୀଙ୍କୁ କୌଣସି ଦଲାଲଙ୍କ ଶିକାର ନ ହେବାକୁ ପରାମର୍ଶ ଦିଆଯାଇଛି। ଯେକୌଣସି ପ୍ରଶ୍ନ ପାଇଁ ପ୍ରାର୍ଥୀମାନେ ସେମାନଙ୍କ ନିକଟସ୍ଥ ନିଯୁକ୍ତି କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବା ଉଚିତ ବୋଲି କୁହା ଯାଇଛି ।

## ବଟି ମାଗି ଆକ୍ରମଣ, ୧୭ ଜଣଙ୍କ ନାମରେ ମାମଲା

ନିମାପଡ଼ା(ଭାସ୍କର ନ୍ୟୁଜ): ମଦ ପିଇବାକୁ ବଟି ମାଗି ବଟି ନ ଦେବାରୁ ଜଣେ ଯୁବକଙ୍କୁ ମାରଣାନ୍ତକ ଆକ୍ରମଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ସଂଗୀନ୍ ଦଫାରେ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଛି । ଖେଲାର ବଜାରରୁ ରଏଡ଼୍ ବଜାର ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଅପରାଧୀ ମାନଙ୍କର ଭିଡ଼ ଜମୁଛି । ରାହାଜାନି ଠାରୁ ଆରମ୍ଭ କରି ଧଳା ଜହର ବ୍ୟବସାୟ ପର୍ଯ୍ୟନ୍ତ ସେଠାରେ ଚାଲିଥିବା ବେଳେ କେତେକ ମଦ୍ୟପ ନିଜକୁ ପ୍ରତିଷ୍ଠିତ ବୋଲାଇ ବିଭିନ୍ନ ସମୟରେ ଗଣ୍ଡଗୋଳ ସୃଷ୍ଟି କରୁଛନ୍ତି । ସୂଚନା ଅନୁଯାୟୀ, ନିମାପଡ଼ା ଥାନା ରଏଡ଼୍ ବଜାର ଗ୍ରାମର ଚିତ ରଂଜନ ମହାରଣା ନାମକ ଯୁବକ ଗତ ୨୧ ତାରିଖରେ ଦିନ ଦୁଇ ଘଟିକା ସମୟରେ ବାଇକ୍ ଯୋଗେ ଖେଲାର ବଜାରକୁ ଯାଉଥିବା ବେଳେ ଚିତ ରଂଜନ ବାଇକ୍ ଚଲାଉ ଥିବା ବେଳେ ତାଙ୍କର ସାଙ୍ଗ ଚିନ୍ମୟ ବେହେରା ଓ ବାବୁଆ ସେଠୀ ବାଇକ୍ ପଛରେ ବସି ଯାଉଥିବା ବେଳେ ଖେଲାର ବଜାର ନିକଟରେ ଇଚ୍ଛାପୁର ଗ୍ରାମର ଅଭିଯୁକ୍ତ ଅମିନ ପରିଡ଼ା, ଗୋପିନାଥ ପରିଡ଼ା ପ୍ରମୁଖ ରାସ୍ତାରେ ଅଟକାଇ ବାଇକ୍‌କୁ ରୋକି ଅସଭ୍ୟ ଭାଷାରେ ଗାଳି ଗୁଲଜ କରି ମଦ ପିଇବା ପାଇଁ ଟଙ୍କା ମାଗିଲେ । ଟଙ୍କା ନ ଦେବାରୁ ଗାଳି ଗୁଲଜ କରିବା ସହ ବାଇକ୍ ଛଡ଼ାଇ ନେବାକୁ ଉଦ୍ୟମ କରିବାରୁ ଚିତ ରଂଜନ ମହାରଣା ପ୍ରତିବାଦ କରିଥିଲେ । ଏନେଇ ଅଭିଯୁକ୍ତମାନେ ତାଙ୍କ ଗ୍ରାମରୁ ୧୫ ଜଣ ଗୁଣ୍ଡା ଶ୍ରେଣୀୟ ବ୍ୟକ୍ତିଙ୍କୁ ଡ଼କାଇ ଗଣ୍ଡଗୋଳ କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ମାରଣାସ୍ତ୍ର ସାହାଯ୍ୟରେ ଆକ୍ରମଣ କରିଥିଲେ । ଆକ୍ରମଣରେ ଚିତ ରଂଜନ ଆହତ ହୋଇଥିବା ବେଳେ ଏ ସଂପର୍କରେ ଚିତ୍ତ ରଂଜନ ନିମାପଡ଼ା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଭାରତୀୟ ନ୍ୟାୟ ସଂହିତା ଦଫା ୧୨୬(୨)/୨୯୬/୧୧୫(୨)/୩୫୧(୨)ରେ ମାମଲା ରୁଜୁ କରିଥିବା ବେଳେ ଅଭିଯୁକ୍ତମାନେ ପୋଲିସ ଭୟରେ ଫେରାର ହୋଇଯାଇଛନ୍ତି । ଖେଲାର ବଜାରରେ ପ୍ରତ୍ୟେକ ଦିନ ଅସାମାଜିକ ମାନଙ୍କର ଦାଦାଗିରି ଚାଲିଥିବା ବେଳେ ବହୁ ଅପରାଧୀକ କାର୍ଯ୍ୟ ଘଟୁଅଛି ।

## ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ଦୀପଦାନ ଓ ହନୁମାନ ଚାଳିଶା ପାଠ



ପାରାଦୀପ(ଭାସ୍କର ନ୍ୟୁଜ): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ଦଳର ମୁଖ୍ୟ ନବୀନ ପଟନାୟକ ଅସୁସ୍ଥ ହୋଇ ମୁମ୍ବାଇସ୍ଥିତ ଏକ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ବେଳେ ତାଙ୍କର ଆଶୁ ଆରୋଗ୍ୟ କାମନା କରି ପାରାଦୀପ ବିଜୁ ଜନତା ଦଳର ସଭାପତି ତଥା ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ରବିବାର ସନ୍ଧ୍ୟାରେ ସ୍ଥାନୀୟ ହନୁମାନ ମନ୍ଦିରରେ ୧୦୮ ଦୀପ ଦାନ ସହିତ ହନୁମାନ ଚାଳିଶା ପାଠ କରାଯାଇଥିଲା । ଏଥିରେ ବିଜେଡି ଯୁବ ସଭାପତି ଆଲୋକ ମହାପାତ୍ର, ପାରାଦୀପ ବିଜେଡି ର ସାଧାରଣ ସମ୍ପାଦକ ଶଙ୍କର ପ୍ରସାଦ ରାଉତ, କାର୍ଯ୍ୟକାରୀ ସଭାପତି ଉଲ୍ଲାସ ବିଶ୍ୱାଳ, ପାରିଷଦ ଅଜିତ ଷଡଙ୍ଗୀ, ସୁଶାନ୍ତ ଦାସ, ସ୍ୱପ୍ନା ରାଣୀ ଜେନା, କବିତା ସାହୁ, ସରୋଜିନୀ ସାହୁ, ନବକିଶୋର ବେହେରା, ରୁନୁ ପରିଡା, ବନିତା ରାଉତ, ସୌଦାମିନୀ ସାହୁ, ଜିଲ୍ଲା ମହିଳା ଉପସଭାନେତ୍ରୀ ଚପଳା ସ୍ୱାଇଁ, ପାରାଦୀପ ବିଜେଡି ମହିଳା ଉପସଭାନେତ୍ରୀ ନଳିନୀ ପ୍ରଭା ସାହୁ, ନାରୀନେତ୍ରୀ ଭାରତୀ ସାମନ୍ତରାୟ, ରେଖା ପରିଜା, ସତ୍ୟବାଦୀ ସ୍ୱାଇଁ, ଦିବ୍ୟଜ୍ୟୋତି ଲେଙ୍କା, ଆସନ୍ତ ପରିଡା, ବିଭୁତି ମହାରଣା, ରଞ୍ଜନ ସାହୁ, ସମୀର ସାହୁ, ଅନନ୍ତ ଜେନା, ତପନ ନାୟକ, ଚକ୍ରଧର ପରିଡା, ମନୋରଞ୍ଜନ ବାରିକ, କମଳ ଦାସ, ଅଟଳ ପରିଡା, ପପୁନି ପରିଡା, ବାବୁ ମଲିକ, ମନୋଜ ମଣ୍ଡଳ, ସୁବ୍ରତ ବଳ ପ୍ରମୁଖଙ୍କ ସମେତ ଶତାଧିକ ବିଜେଡି କାର୍ଯ୍ୟକର୍ତ୍ତା ଓ କର୍ମୀ ଦଳର ସର୍ବୋଚ୍ଚ ନେତା ନବୀନ ପଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ତାଙ୍କର ଦୀର୍ଘ, ସୁସ୍ଥ ଓ ନିରାମୟ ଜୀବନ ନିମନ୍ତେ ପ୍ରାର୍ଥନା କରିଥିଲେ ।

## ଚୋରା ମଦ ଜବତ, ଜଣେ ଗିରଫ

ବଡ଼ଚଣା(ଭାସ୍କର ନ୍ୟୁଜ): ବଡ଼ଚଣା ପୁଲିସ ଚୋରା ମଦ ଜବତ କରିବା ସହିତ ଏଥିରେ ସମ୍ପୃକ୍ତ ଅଭିଯୁକ୍ତକୁ ଗିରଫ କରିବାରେ ସକ୍ଷମ ହୋଇଛି । ତେବେ ସିହା ପଂଚାୟତ ମଙ୍ଗରାଜପୁର ଗାଁର ପ୍ରମୋଦ ସାହୁ(୫୦)କୁ ଚୋରାରେ ଦେଶୀ ମଦ ବିକ୍ରି କରୁଥିବା ବେଳେ ବଡ଼ଚଣା ଭାରପ୍ରପ୍ତ ଥାନା ଅଧିକାରୀଣୀ ମଧୁସ୍ମିତା ବେହେରାଙ୍କ ନିର୍ଦ୍ଦେଶ ମୁତାବକ ବଡ଼ଚଣା ପୋଲିସ୍ ତାକୁ କାବୁ କରିଥିଲା । ଏଥିନେଇ ଥାନାରେ ଏକ ମାମଲା ରଜୁ କରି ଯାହାର କେଶ ନମ୍ବର ୧୯୪/୨୫ରେ ରୁଜୁ କରି ଅଭିଯୁକ୍ତ ପ୍ରମୋଦକୁ ଗିରଫ କରିଥିଲା । ଅଭିଯୁକ୍ତ ନିକଟରୁ ୫ ଲିଟର ଦେଶୀ ମଦ ଜବତ କରିଥିଲେ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

## ପାରାଦୀପ ବେଳାଭୂମିରେ ଏନ୍‌ସିସି ଆଲୁମିନି ଅସୋସିଏସନ୍ ଦ୍ୱାରା ସ୍ୱଚ୍ଛତା ଅଭିଯାନ

ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ମହାବିଦ୍ୟାଳୟ ଅଲୁମ୍ନି ଅସୋସିଏସନ ର ୫୦ତମ ସ୍ୱଚ୍ଛତା ଅଭିଯାନ ରବିବାର ଦିନ ପାରାଦୀପ ସମୁଦ୍ର ବେଳାଭୂମିରେ ସଫଳତାର ସହିତ ଆୟୋଜିତ ହୋଇଯାଇଛି, ଯାହା ଏକ ସ୍ୱଚ୍ଛ ଓ ସବୁଜ ପରିବେଶ ସୃଷ୍ଟି ପ୍ରତି ଅତୁଟ ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରେ। ଏହି କାର୍ଯ୍ୟକ୍ରମରେ ଅନେକ ଏନସିସି ଅଲୁମ୍ନି, କ୍ୟାଡେଟ୍ ଓ ସ୍ଥାନୀୟ ଅତିଥିମାନେ ସହଯୋଗ କରିଥିଲେ । ଏହି ଅବସରରେ ପ୍ରମୁଖ ଅତିଥି ଭାବେ ପାରାଦୀପ ନଗରପାଳିକାର ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗଦେଇ ଏନସିସି ଅଲୁମ୍ନିଙ୍କ ଅବିରତ ପ୍ରୟାସକୁ ପ୍ରଶଂସା କରି ସ୍ୱଚ୍ଛତା ପାଇଁ ବ୍ୟକ୍ତିଗତ ଦାୟିତ୍ୱର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପରିବେଶପ୍ରେମୀ ଓ ପ୍ରକୃତିମିତ୍ର ସମ୍ମାନରେ ସମ୍ମାନୀତ ଅମରେଶ ନରେଶ ସାମନ୍ତ ମଧ ସଭାକୁ ସମ୍ବୋଧନ କରି ପ୍ଲାଷ୍ଟିକ ବ୍ୟବହାରର କ୍ଷତି ସମ୍ପର୍କରେ ଅବଗତ କରାଇବା ସହିତ ସବୁଜ ପରିବେଶ ନିର୍ମାଣ ପାଇଁ ଲୋକଙ୍କୁ ଅନୁରୋଧ କରିଥିଲେ । ସ୍ୱାଗତ



ଭାଷଣରେ ଅଲୁମ୍ନି ଅସୋସିଏସନର ଉପଦେଷ୍ଟା ଏବଂ ଏଏନଓ ଲେଫ୍‌ଟେନେଣ୍ଟ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ର ଆସୋସିଏସନ ସଦସ୍ୟ ମାନଙ୍କ ସମ୍ମିଳିତ ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ। ଏନସିସି ଅଲୁମ୍ନି ଅସୋସିଏସନର ଅଧ୍ୟକ୍ଷ ଅମ୍ବିକା ପ୍ରସାଦ ମହାପାତ୍ର ଅତିଥିମାନଙ୍କୁ ଧନ୍ୟବାଦ ଜଣାଇ କହିଥିଲେ ଯେ ସମାଜ ପାଇଁ ଆମର ଛୋଟ ଛୋଟ ପଦକ୍ଷେପ ବଡ଼ ପରିବର୍ତ୍ତନ ଆଣିପାରେ। ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ ଅଛି, ସମସ୍ତେ ନିଜ ସମୟରୁ କିଛି ସମୟ ଦେଶ ଓ ସମାଜ ପାଇଁ ଦେବା। ସୂଚନାଥାଉ କି ଏହି ସଂଗଠନ ପ୍ରତ୍ୟେକ ରବିବାର ସମୁଦ୍ର କୂଳରେ ସ୍ୱଚ୍ଛତା କାର୍ଯ୍ୟକ୍ରମ କରିବା ସହିତ ପରିବେଶ ସୁରକ୍ଷା ନିମନ୍ତେ ବୃକ୍ଷ ରୋପଣ, ପ୍ଲାଷ୍ଟିକ ବିରୋଧୀ ଅଭିଯାନ, ରକ୍ତଦାନ ଶିବିର, ଯୋଗ କାର୍ଯ୍ୟକ୍ରମ ଓ ଡ୍ରଗ୍ସ ବିରୋଧୀ ଅଭିଯାନ କରିଥାଏ । ତେବେ ବେଳାଭୂମିରେ ଏହି ସଫଳ ସ୍ୱଚ୍ଛତା କାର୍ଯ୍ୟକ୍ରମକୁ ଆସୋସିଏସନର ଉପାଧ୍ୟକ୍ଷ ବିକ୍ରମ ସିଂହ ମହାରଣା, ବୋର୍ଡ ସଦସ୍ୟ ପଦ୍ମନାଭ ଦାସ, ନୀଳିମା ପ୍ରିୟଦର୍ଶିନୀ, ହୃଦାନନ୍ଦ ନାଥଶର୍ମା, ସୋମନାଥ ମହାପାତ୍ର, ରଞ୍ଜନ ମଲ୍ଲିକା, ହରପ୍ରିୟା ଦାସ, ଏବଂ ସରୋଜ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିବା ବେଳେ ଯୁବ କ୍ୟାଡେଟ୍ ଜସ୍ମିନ ବାରିକ, ବିଜୟା ଘଡେଇ, ପିକୁନ ସେନାପତି, ସୌଦାମିନୀ ସାହୁ, କୋମଳିକା ଦାସ, ସ୍ୱର୍ଣ୍ଣପ୍ରଭା ରାଉତ, ସୁଭଲକ୍ଷ୍ମୀ ବିଶ୍ୱାଳ, ପଙ୍କଜିନୀ ଦଳାଇ, ସୋନାଲି ହଜରା, ଆଶାଲତା ବର୍ମନ, ସୁମାଳୀ ସାସ୍ମଲ, ସୁମିତ୍ରା ଗେଡି, ସୁଭସ୍ମିତା ଖୁଣ୍ଟିଆ, ଜି.ଚନ୍ଦୁ, ଶ୍ରେୟାଂଶ ବୌତ, ଲିପୁନ ପ୍ରଧାନ ପ୍ରମୁଖ ସକ୍ରିୟା ସହଯୋଗ କରିଥିଲେ ।


## ମୁଖ୍ୟମନ୍ତ୍ରୀଙ୍କ ଆସିକା ଗସ୍ତ ନେଇ ପୂର୍ବ ପ୍ରସ୍ତୁତି ଶେଷ



ଆସିକା(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆସିକା ଗସ୍ତକୁ ନେଇ ସଜବାଜ ଶେଷ ପର୍ଯ୍ୟାୟରେ ପହଁଚିଛି। ଆସିକା ବିଧାୟକ ସରୋଜ ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ କଲେଜ ଛକ ଖେଳ ପଡିଆରେ ଚାଲିଛି ଜୋରଦାର ପ୍ରସ୍ତୁତି। ହାଇପ୍ରୋଫାଇଲ ପ୍ରସ୍ତୁତି ସାଙ୍ଗକୁ ସମସ୍ତ ପ୍ରକାର ଆନୁସଙ୍ଗିକ ସୁବିଧା ହୋଇଥିବା ଦେଖିବାକୁ ଜଣାପଡୁଛି। ପ୍ଲାଟୁନ ପ୍ଲାଟୁନ ପୋଲିସ ସାଙ୍ଗକୁ ବରିଷ୍ଠ ପୋଲିସ ଅଫିସରମାନେ ତତ୍ପରତା ପ୍ରକାଶ କରି ଛକ ଛକରେ ପଇଁତରା ମାରୁଥିବା ଦେଖିବାକୁ ମିଳିଛି। ଏସଡିପିଓ ସନ୍ତୋଷ ଜେନାଙ୍କ ତତ୍ୱାବଧାନରେ ସ୍ଥାନୀୟ ପୋଲିସ ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିଛି। ସ୍ଥାନୀୟ ତହସିଲଦାର, ବିଡିଓ ସମସ୍ତ କାର୍ଯ୍ୟ ତଦାରଖ କରୁଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ସ୍ଥାନୀୟ ବିଜେପି କର୍ମକର୍ତ୍ତା ମଧ ଉତ୍ସାହ ସହକାରେ କାମ କରୁଥିବା ଦେଖିବାକୁ ମିଳିଛି। ମୋହନ ସରକାରଙ୍କ ଏକବର୍ଷ ପୂରଣର ଗାଥାକୁ ନେଇ ଜନସାଧାରଣଙ୍କ ପାଖରେ ପହଂଚାଇବା ଲକ୍ଷ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ସଫଳତା ସହକାରେ ସମ୍ପନ୍ନ ହେବ ବୋଲି କହିଛନ୍ତି ବିଧାୟକ ସରୋଜ ପାଢ଼ୀ। ସମସ୍ତ ଲାଇନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ନିଜ ନଜର କର୍ତ୍ତ୍ୟବ ସମ୍ପାଦନ କରୁଥିବା ଦେଖିବାକୁ ମିଳିଛି। ଯୁବ ନେତା ତଥା ସଂଗୀତ ପାଢ଼ୀ, ସଂଦୀପ ପାଢ଼ୀ, ବରିଷ୍ଠ ସମାଜସେବୀ ଭଗବାନ ସାହୁ, ଶିବ ଶଙ୍କର ନାୟକ, ବିଜୟ ସ୍ୱାଇଁ ପ୍ରମୁଖ ରହି ସ୍ଥିତି ପରଖୁଥିବା ଦେଖିବାକୁ ମିଳିଛି।

## ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ଭୁବନ ବିଜେଡି ପକ୍ଷରୁ ୧୦୮ ଦୀପଦାନ

ଭୁବନ(ଭାସ୍କର ନ୍ୟୁଜ): ବିଜେଡି ସୁପ୍ରିମୋ, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଙ୍କ ଦୃତ ଆରୋଗ୍ୟ କାମନା କରି ଆଜି ସନ୍ଧ୍ୟାରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ରେ ୧୦୮ ଦୀପଦାନ କରାଯାଇଛି । ଭୁବନ ବିଜୁ ଜନତା ଦଳ ତରଫରୁ ଅନୁଷ୍ଠିତ ଦୀପଦାନ କାର୍ଯ୍ୟକ୍ରମରେ ନଗରପାଳ ଶୁଭେନ୍ଦୁ କୁମାର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ବ୍ଲକ ବିଜେଡି ସଭାପତି ରମେଶ ଚନ୍ଦ୍ର ସାହୁ, ଉପାଧ୍ୟକ୍ଷା ମାନିନୀ ସାହୁ, କାଉନସିଲର ଗିରିଧାରୀ ସାହୁ, କଳ୍ପନା ବେହେରା, ଜିଲ୍ଲା ପରିଷଦ ସଦସ୍ୟ ସୁବାସ ମାଝିଙ୍କ ସମେତ ଅଜୟ ସେଠୀ, ଅନାମ ସାହୁ, ନାରାୟଣ ନାୟକ, ସୋମନାଥ ମହାରଣା, ଦେବେନ୍ଦ୍ର ସାହୁ, ତ୍ରିଲୋଚନ ସାହୁ, ରାକେଶ ଆଏଚ, ଶୁଭକାନ୍ତ ବର୍ଦ୍ଧନ, ରାମଚନ୍ଦ୍ର ସାହୁ, ପିଣ୍ଟୁ ଦାସ,



ସିପୁ ଦାସ, ଅର୍ଜୁନ ସାହୁ, କ୍ରିଷ୍ଣା ସାହୁ,ଗୋବିନ୍ଦ ଭଞ୍ଜ, ରାକେଶ କୁମାର ପୃଷ୍ଟି, ଅରବିନ୍ଦ ମହାଳିକ, ଉଗ୍ରସେନ ବେହେରା, ରମେଶ ଚନ୍ଦ୍ର ବେହେରା, ପିଣ୍ଟୁ ରାଉତ ପ୍ରମୁଖ ଦୁଇ ଶହରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ, ସାଧାରଣ ଜନତା ଓ ଶୁଭେଚ୍ଛୁ ମାନେ ଉପସ୍ଥିତ ରହି ନବୀନ ପଟ୍ଟନାୟକ ଲଙ୍ଗ ଲିଭ୍, ଜୟ ଜଗନ୍ନାଥ ଧ୍ୱନି ଦେଇ ନବୀନଙ୍କ ଉଦ୍ଦେଶ୍ୟରେ ଦୀପ ଦାନ କରିଥିଲେ ।

## ଚୋରା ମୋରମ ସହ ହାଇୱା ଜବତ

ବଡ଼ଚଣା(ଭାସ୍କର ନ୍ୟୁଜ): ଗତକାଲି ରାତିରେ ଏକ ବେଆଇନ ଚୋରା ବେଆଇନ ମୋରମ ନେଉଥିବା ବେଳେ ବଡ଼ଚଣା ପୁଲିସ ହାଇୱା ଗାଡ଼ି ଟିକୁ ଜବତ କରିବାରେ ସକ୍ଷମ ହୋଇଛି । ସୂଚନା ଅନୁସାରେ ଉକ୍ତ ହାଇବା ଧର୍ମଶାଳାରୁ ଚୋରାରେ ମୋହରମ ଆଣୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ବଡ଼ଚଣା ପୁଲିସ ହାଇୱା ଗାଡ଼ି ନମ୍ବର ଓ.ଡି ୨୧ ୮୨୦୩ କୁ ପିଛା କରି ଉକ୍ତ ଥାନା ଅଧିନସ୍ଥ ବଡ଼ଚଣା-ବାଲିଚନ୍ଦ୍ରପୁର ଯାଉଥିବା ରସ୍ତା ରାଧାଦେଇପୁର ଗାଁ ନିକଟରୁ ଜବତ କରିଥିଲେ । ସେଠାରେ ଗାଡ଼ି ସହିତ ଚଳକ ଅଜୟ କୁମାର ମଲ୍ଲିକ ଙ୍କୁ ମଧ ଗିରଫ କରିଥିଲେ । ତେବେ ବଡ଼ଚଣା ପୁଲିସ ଏକ ମାମଲା କେଶ ନମ୍ବର ୧୯୫/୨୫ ରେ ରୁଜୁ କରି ଅଧିକ ତଦନ୍ତ ଜାରିରଖିଛି ।

## ସିର୍ଲୋ ନବଗ୍ରାମରେ ସହିଦ କୃଷ୍ଣଚନ୍ଦ୍ରଙ୍କ ଶ୍ରାଦ୍ଧ ବାର୍ଷିକ ଉତ୍ସବ

ରୁଘୁନାଥପୁର(ଭାସ୍କର ନ୍ୟୁଜ): ରଘୁନାଥପୁର ନିକଟସ୍ଥ ସିର୍ଲୋ ନବଗ୍ରାମ ହାଇସ୍କୁଲ ପ୍ରାଙ୍ଗଣରେ ରବିବାର ସହିଦ କୃଷ୍ଣଚନ୍ଦ୍ରଙ୍କ ଶ୍ରାଦ୍ଧ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହାଇସ୍କୁଲ ପ୍ରାଙ୍ଗରେ ଥିବା ତାଙ୍କ ପ୍ରତିମୂର୍ତ୍ତି ରେ ନିମନ୍ତ୍ରିତ ଅତିଥି ମାନେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କର ସ୍ମୃତିଚାରଣ କରିଥିଲେ। ଏହି ଉତ୍ସବରେ ସି.ଆରପି.ଏଫ. ଡ଼ିଆଇଜି ଭାରତ ଭୂଷଣ ସେଠୀ ମୁଖ୍ୟ ଅତିଥି ଭାବେଯୋଗ ଦେଇ ସହିଦ କୃଷ୍ଣଚଙ୍କନ୍ଦ୍ରଙ୍କ ମା'ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହିଦ କୃଷ୍ଣ ଚନ୍ଦ୍ର ସ୍ମୃତି କମିଟିର ସଭାପତି ଅମୀର ଖାନ ଯୋଗଦେଇ ସହିଦଙ୍କ ବିରତ୍ୱର ଗାଥାକୁ ବଖାଣି ଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ତଥା ସ୍ତମ୍ଭକାର ପ୍ରଦୀପ୍ତ କୁମାର ଆଚାର୍ଯ୍ୟ ସଭା ପରିଚାଳନା କରିଥିବାବେଳେ ଏହି ସଭାରେ ସୁମନ୍ତ କୁମାର ସାହୁ, ଦେବେନ୍ଦ୍ର ମହାନ୍ତି, ଖଲିଲ ଅହମେଡ଼, ବାବୁଲି ବୋଷ, ରଞ୍ଜନ ଚକ୍ରବର୍ତ୍ତୀ, ପିତାମ୍ବର ବାରିକ, ଶରତ ଦାସ, ଚନ୍ଦ୍ର ସେଖେର ମାଦଳୀ, ପବିତ୍ର ଦାଶ, ସୁଶାନ୍ତ ଭୋଇ, ସୁଶା ଭୋଇ, ଅସିତ ମାଦଳୀ, ଦୀନେଶ ଭୋଇ, ବସନ୍ତ ଭୋଇ, ଇସ୍ମାଇଲ ଖାନ ବାସୁଦେବ ମାଦଳୀ, ଧିରେନ୍ଦ୍ର ସେନାପତି, ଲୋକନାଥ ଦାସଙ୍କ ସମେତ ହାଇସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷତ୍ରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ। ଶେଷ ରେ ସହିଦଙ୍କ ବଡ ଭାଇ ସ୍ୟାମସୁନ୍ଦର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସହିଦଙ୍କ ସ୍ମୃତିକୁ ମନେପକେଇ ଏଠାରେ ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା।

## ଆସିକାରେ ସମାଜ ଓଜସ୍ୱିନୀ ପକ୍ଷରୁ ବକ୍ତୃତା ପ୍ରତିଯୋଗିତା



ଆସିକା(ଭାସ୍କର ନ୍ୟୁଜ): ସମାଜ ଓଜସ୍ୱିନୀ ଓଡିଶା ପକ୍ଷରୁ ଉତ୍କଳ ମଣି ଗୋପବନ୍ଧୁ ଦାଶଙ୍କ ୯୭ତମ ଶ୍ରାଦ୍ଧ ଦିବସ ଅବସରରେ ଆସିକା ହରିହର ହାଇସ୍କୁଲରେ ଗୋପବନ୍ଧୁ ସ୍ମାରକୀ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ମାନବ ସେବା ସମିତିର ଆବାହକ ଗଣେଷ ରଥ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ଦିଲ୍ଲୀପ କୁମାର ପାଣିଗ୍ରାହୀ, ଡାକ୍ତର ଦୀପକ ସାମନ୍ତରା, ଡାକ୍ତର ଭଗବତୀ ପ୍ରସାଦ ବିଶୋଇ, ଶିକ୍ଷକ ଦୁର୍ଗା ପ୍ରସାଦ ପଣ୍ଡା, ସତ୍ୟନାରାୟଣ ରଥ, ଆଇନଜୀବୀ ବିଦେଶୀ ନାୟକ, ପ୍ରଦୀପ ରାଉତ, ରମାକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ବିଚାରକ ଭାବେ ଶିକ୍ଷକ ଜୟରାମ ନାୟକ, ପ୍ରସନ୍ନ କୁମାର ସାହୁ, ସାରଙ୍ଗ ଧର ଦାଶ ପ୍ରତିଭା ଚୟନ କରିଥିଲେ। କିଟ ଓ କିସର ବକ୍ତୃତା ପ୍ରତିଯୋଗିତାରେ ଏଏସି ହାଇସ୍କୁଲ ଛାତ୍ର ନୀଳକଣ୍ଠ ସାହୁ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ଡି ପଲ ସ୍କୁଲ ଛାତ୍ର ସୌମ୍ୟଜିତ ଜେନା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ତୃତୀୟ ସ୍ଥାନ ଅଧିକାର କରିଥିଲେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଶୁଭଶ୍ରୀ ଦାଶ। ସାମ୍ବାଦିକ ତଥା ଆଇନଜୀବୀ ଅନିଲ କୁମାର ପାଣିଗ୍ରାହୀ ସଂଯୋଜନା କରିଥିଲେ। ସମାଜ ଭଳି ପ୍ରତିଷ୍ଠିତ ଖବର କାଗଜର ପ୍ରତିଷ୍ଠାତା ତଥା ମହାପୁରୁଷ ଉତ୍କଳମଣି ଗୋପବନ୍ଧୁଙ୍କ ଜୀବନୀ ସହ ମହାନ ଗୁଣ ସମ୍ପର୍କରେ ବେଶ ପ୍ରେରଣାଦାୟୀ ବକ୍ତବ୍ୟ ମନ୍ତ୍ରମୁଗ୍ଧ କରିଥିଲା। ସମାଜ ପାଇଁ ତ୍ୟାଗ ସେବା ଓ ସମର୍ପଣ ଭାବନା ରଖି କାମ କରିବା ପାଇଁ ଅତିଥି ପରାମର୍ଶ ଦେଇଥିଲେ। ପରିସରରେ ରାଷ୍ଟ୍ରୀୟ ଲୋକସଭା ମଣ୍ଡଳ ସମ୍ପାଦକ ତଥା ସମାଜ ଓ ସତ୍ୟବାଦୀର ଦାୟିତ୍ୱ ନିର୍ବାହ କରି ପ୍ରାଣ ହରାଇଥିବା ବିଶିଷ୍ଟ ଶିକ୍ଷାବିତ ନିରଞ୍ଜନ ରଥଙ୍କ ଉଦ୍ଦେଶ୍ୟରେ ସ୍ମୃତି ସଭା କରାଯାଇଥିଲା।

## ବିଦ୍ୟୁତ୍ ସଂସ୍ପର୍ଶରେ ବ୍ୟକ୍ତିଙ୍କ ମୃତ୍ୟୁ

କଣିହାଁ(ଭାସ୍କର ନ୍ୟୁଜ): କଣିହାଁ ବ୍ଲକ ଡେରଙ୍ଗ ପଞ୍ଚାୟତ ଅନ୍ତର୍ଗତ ମୋହନିପାଳ ଗ୍ରାମରେ ବିଦ୍ୟୁତ କରେଣ୍ଟ ଲାଗି ଲମ୍ବୋଦର ପ୍ରଧାନ(ଲେମ୍ବୁ) (୩୫) ନାମକ ଜଣେ ମୃତ ହୋଇଥିବା ଜଣାଯାଇଛି । ଖବର ପାଇ କଣିହାଁ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଏକ ଅପମୃତ୍ୟୁ ମୋକଦ୍ଦମା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ତାଳଚେର ମଣ୍ଡାପାଳ ମେଡିକାଲ ପଠାଇ ତଦନ୍ତ ଚଳାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ରବିବାର ଦିନ ଲେମ୍ବୁ ପ୍ରଧାନ (୩୫) ନିଜ ଘର ବାଡ଼ିରେ କୁକୁଡ଼ା ଫାର୍ମକୁ ବିଦ୍ୟୁତ ସଂଯୋଗ କରିବା ପାଇଁ ବାଡ଼ିପଟେ ଥିବା ଲାଟିନ ଘରେ ଲାଗିଥିବା ଏକ ବିଦ୍ୟୁତ ବୋର୍ଡ ତାର ସଂଯୋଗ କରୁଥିବା ବେଳେ କରେଣ୍ଟ ଲାଗି ସେହିଠାରେ ଟଳି ପଡ଼ିଥିଲେ । ପରେ ତାଙ୍କୁ ଚିକିତ୍ସା ପାଇଁ କଣିହାଁ ମେଡିକାଲକୁ ନିଆ ଯାଇଥିଲା ବେଳେ ସେଠାରେ ମୃତ ଘୋଷଣା କରିଥିଲେ ।

## ଅସ୍ତରଙ୍ଗରେ ମାଳ ମାଳ ଡବା ପାଣି ବିକ୍ରି, ଡାଇରିଆ ଆଶଙ୍କାରେ ଗ୍ରାହକ

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ବିଶୁଦ୍ଧ ପାଣି କହି ଜାର ଡବାରେ ସାଧାରଣ ପାଣି ଭରି ବିକ୍ରି ହେଉଛି। ଲୋକେ ଟଙ୍କା ଦେଇ ବିଶୁଦ୍ଧ ପାଣି ନାଁରେ ବିଶୋଧନ ହୋଇନଥିବା ବୋରୱେଲ ପାଣି ପିଉଥିବା ଅଭିଯୋଗ ହୋଇଆସୁଛି। ମାଲେ ମାଲ ହେଉଛନ୍ତି ପାଣି ବେପାରୀ। ଲାଭକୁ ଦେଖି ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳ ରେ ପାଣି ଡବା ବା ଜାର ଦୋକାନରେ ବିକ୍ରି ହେଉଛି। ଯାହାକୁ ଯାଞ୍ଚ ନ କରି ହାତ ଗୁଞ୍ଜା ନେଇ ଅନୁମତି ଦିଆଯାଉଥିବା ଅଭିଯୋଗ ହେଉଛି। ସେହିପରି ଯୋଗାଣ ହେଉଥିବା ପାଣି ବିଶୁଦ୍ଧ କି ନାହିଁ ତାହା ମଧ କେବେ ଯାଞ୍ଚ ହେଉନି। ଲୋଙ୍କ ଆଖିରେ ଆଙ୍ଗୁଠି ଗେଂଜି ଲୁଟିବାରେ ଲାଗିଛନ୍ତି ପାଣି ବେପାରୀ। ଏହି ଡ଼ାଇରିଆ ପାଇଁ ଅସ୍ତରଙ୍ଗ ମୁଖ୍ୟ ବଜାରରେ ଚଢ଼ାଉରୁଏହା ସ୍ପଷ୍ଟ ହେବା ପରେ ପାଣିର ବିଶୁଦ୍ଧତାକୁ ନେଇ ପ୍ରଶ୍ନ ଉଠିଛି। ଅସ୍ତରଙ୍ଗ ମୁଖ୍ୟ ବଜାରରେ ଖାଦ୍ୟ ପଦାର୍ଥ ଯାଞ୍ଚ ଚାଲୁଥିବା ବେଳେ ପାଣିର ଯାଞ୍ଚ କରି କିଛି ପାଣି ପାଉଚ ନଷ୍ଟ କରିଥିବା ବେଳେ ଅନେକ ଦୋକାନରୁ ପାଣି ନମୁନା ସଂଗ୍ରହ



ପାଇଁ ପାଣି ବୋତଲ ସଂଗ୍ରହ କରିଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ଯୋଗାଇ ଦିଆଯାଉଥିବା ପାଣି ବିଭିନ୍ନ ପଞ୍ଚାୟତ ରେ ଯଥେଷ୍ଟ ପରିମାଣ ପହଂଚି ପାରୁନାହିଁ। ତେଣୁ ଅନେକ ଲୋକ ବିଭିନ୍ନ ଫାକ୍ଟ୍ରିରୁ ଯୋଗାଣ ହେଉଥିବା ପାଣି ଜାର କିଣି ପିଉଛନ୍ତି। ୨୦ଲିଟର ଜାର ପାଣି ୪୦ରୁ ୪୫ଟଙ୍କାରେ ବିକ୍ରି ହେଉଛି। ପ୍ରତ୍ୟେକ ଦିନ ବିଭିନ୍ନ ପାଣି ଫାକ୍ଟ୍ରିର କର୍ମଚାରୀ, ଗାଡ଼ିରେ ପାଣି ଜାର ଧରି ଘର, ଦୋକାନ ଓ ଅଫିସ ଆଦି ବୁଲି ଯୋଗାଇ ଦେଉଛନ୍ତି। ସେହିଭଳି ବାହାଘର, ବ୍ରତଘର କିମ୍ବା ଅନ୍ୟ କୌଣସି ସାମୂହିକ କାର୍ଯ୍ୟ ତଥା ଉତ୍ସବରେ ଶତାଧିକ ପାଣି ଜାର ବ୍ୟବହାର କରାଯାଉଛି। ଅନେକ ସମୟରେ ଏହି ପାଣିରେ ଗୁଣ୍ଡ ଭାସୁଥିବାର ଦେଖା ଯାଇଥାଏ। ମାତ୍ର ଲୋକେ ବିଶୁଦ୍ଧ ପାଣି ନାଁରେ ସେ ସବୁକୁ ପାନୀୟ ଭାବେ ବ୍ୟବହାର କରିଥାନ୍ତି। ଅସ୍ତରଙ୍ଗ ଅଞ୍ଚଳ ରେ ଝାଡାବାନ୍ତି ଆକ୍ରାନ୍ତ ଦେଖା ଦେଇଥିବା ବେଳେ ଗତ ୧୮ତାରିଖ ଦିନ ଅସ୍ତରଙ୍ଗ ମୁଖ୍ୟ ବଜାର ରେ ଯାଞ୍ଚ ସମୟରେ ପାଣି ବୋତଲ ଖାଦ୍ୟ ନିରାପତ୍ତା ବିଭାଗ ପାଣି ନମୁନା ପାଇଁ ସଂଗ୍ରହ କରିଥିଲା। ଅସ୍ତରଙ୍ଗ ଅଞ୍ଚଳ ରେ ଖାଦ୍ୟ ସୁରକ୍ଷା ବିଭାଗ ବର୍ଷ ତମାମ୍ ନିରବ ମୁଦ୍ରାରେ ରହୁଥିବା ବେଳେ ଝାଡାବାନ୍ତି ଆକ୍ରାନ୍ତ ଖବର ପାଇଁ ବିଭିନ୍ନ ଫାଷ୍ଟଫୁଡ, ହୋଟେଲ ଯାଞ୍ଚ କରିଥିଲେ। କିନ୍ତୁ ପାଣି ଅସ୍ତରଙ୍ଗକୁ ଯୋଗାଣ ହେଉଥିବା ପାଣି ଫାକ୍ଟ୍ରି ନିକଟସ୍ଥ ବ୍ଲକ ଅଞ୍ଚଳରେ ଥିବାରୁ ପାଣି କମ୍ପାନୀକୁ ଯାଇ ଟିମ୍ ଯାଇ ପୁଙ୍ଖାନୁପୁଙ୍ଖ ଭାବେ ଯାଞ୍ଚ କରିବାକୁ ବୁଦ୍ଧିଜୀବୀ ଦାବୀ କରିଛନ୍ତି। ନିୟମ ଅନୁସାରେ ପାଣି ଫାକ୍ଟ୍ରି କରିବାକୁ ହେଲେ ଏଥିପାଇଁ ରହିଥିବା ଏସଓପି କୁ ପାଳନ କରିବାକୁ ପଡିଥାଏ। ଆବଶ୍ୟକୀୟ ଘର, ଜଳ ବିଶୋଧନ ମେସିନ ବସାଇବା ସହ ପାଣି କେଉଁଠୁ ଆସିବ ସେ ନେଇ ସୁନିଶ୍ଚିତ କରିବାକୁ ପଡିଥାଏ। ବିଆଇଏସ ଟିମ୍ ସହ ଖାଦ୍ୟ ସୁରକ୍ଷା ବିଭାଗ ଯାଞ୍ଚ କରିପ୍ରମାଣ ପତ୍ର ଦେବା ପରେ ଏହା ଖୋଲିଥାଏ। ମାତ୍ର କମ୍ ଖର୍ଚ୍ଚରେ ଅଧିକ ଲାଭ ହେଉଥିବାରୁ ବିନା ଅନୁମତିରେ ଅନେକ ପାଣି ଫାକ୍ଟ୍ରି ନିକଟସ୍ଥ ବ୍ଲକରେ ଖୋଲି ବ୍ୟବସାୟ ଚଳାଇଛନ୍ତି। କିନ୍ତୁ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉନାହିଁ। ଜିଲ୍ଲାରେ କେତେ ବେଆଇନି ପାଣି ଫାକ୍ଟ୍ରି ଚାଲିଛି ସେ ନେଇ ପ୍ରଶାସନ ପାଖରେ ଖବର ନାହିଁ। ଖାଦ୍ୟ ନିରାପତ୍ତା ବିଭାଗ ଅଧିକାରୀ କହିଛନ୍ତି ୨ରୁ ୩ଟି ଲୋକାଲ କମ୍ପାନୀର ନମୁନା ସଂଗ୍ରହ ହୋଇଛି ଆଗକୁ ଅଧିକ ଚଢ଼ାଉ ଜାରୀ ରହିବ ବୋଲି କହିଛନ୍ତି।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





କୋରାପୁଟ, (ଭାସ୍କର ନ୍ୟୁଜ) : କୋରାପୁଟ ସଦର ମହକୁମାସ୍ଥିତ ପୋଲିସ ପରେଡ ପଡିଆରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗଦିବସ ପାଳିତ ହୋଇଯାଇଛି । ଜିଲ୍ଲାର ୧୪ ବ୍ଲକ ଓ ୪ ସହରାଞ୍ଚଳରେ ଯୋଗ ଦିବସ ପାଳନ କରାଯାଇଛି । ଏଥିରେ କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତିଭାସନ ଦୈନିକ ଯୋଗାଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ । ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ ଏହି ୧୧ତମ ଯୋଗ ଦିବସର ମୁଖ୍ୟ ଉଦ୍ଦେଶ୍ୟ । ଏଥିରେ ଆନ୍ଧ୍ରର ବିଶାଖାପାଟଣାର ରାମକୃଷ୍ଣ ବିଚ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ହୋଇଥିବା ଯୋଗାଭ୍ୟାସର ସିଧା ପ୍ରସାରଣ କରାଯାଇଥିଲା । କୋରାପୁଟରେ ପ୍ରାୟ ୨ହଜାର ଲୋକ ମିଳିତ ଭାବେ ଯୋଗାଭ୍ୟାସ କରିଥିଲେ । ଶିବିରରେ ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା, କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଏସ୍‌ପି ରୋହିତ ବର୍ମା, ଆଇଏଏସ ପ୍ରୋବେସନେରି ସନ୍ତୋଷ କୁମାର ପାତ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ଅତିରିକ୍ତ ଜିଲ୍ଲାପାଳ ଦେବୀପ୍ରସାଦ ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମନୋବ୍ରତା ଶତପଥୀ, କୋରାପୁଟ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ, କୋରାପୁଟ ପୌର ପରିଷଦ ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ । କୋରାପୁଟ ପତଞ୍ଜଳି ଯୋଗ ସମିତିର କର୍ମକର୍ତାମାନେ ବିଭିନ୍ନ ଯୋଗାଭ୍ୟାସ କରାଇଥିଲେ । ଅଧ୍ୟାପକ ରବି ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଚଢ଼ାଦରରେ ମଦ ବିକ୍ରିକୁ ନେଇ ଉତ୍ତେଜନା

ମାଲକାନାଗିରି, (ଭାସ୍କର ନ୍ୟୁଜ) : ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ମହକୁମା ବିଦେଶୀ ମଦ ଦକାନ ସମ୍ମୁଖରେ ଚଢ଼ା ଦରରେ ମଦ ବିକ୍ରିକୁ ନେଇ ସ୍ଥାନୀୟ ଲୋକଙ୍କ ଓ ବିଦେଶୀ ମଦ ଦୋକାନ କର୍ମଚାରୀଙ୍କ ମଧ୍ୟରେ କଥା କଟାକଟି ଓ ଏହାକୁ ନେଇ ଉତ୍ତେଜନା ଦେଖା ଦେଇଥିଲା । ବିଦେଶୀ ମଦ ଦୋକାନର କର୍ମଚାରୀମାନେ ଦୁଇ ପିଲା ଶିବ ଭୂମିଆ ଓ ଶ୍ୟାମ ଭୂମିଆଙ୍କୁ ରୁମ୍ ଭିତରେ ପଶାଇ ନିର୍ଘୃମ ପିଟୁଥିବା ବେଳେ କିଛି ଲୋକେ ଦେଖି ସେମାନଙ୍କ ପରିବାରକୁ ଖବର ଦେଇଥିଲେ ଓ ହଠତ୍ ସାହି ପିଲାମାନେ ପହଞ୍ଚିଥିଲେ । ସେତିକି ଭିତରେ ଦୁଇ ପିଲାଙ୍କ ହାତ, ଗୋଡ଼ ଓ ମୁଣ୍ଡରେ ଆଘାତ ଲାଗିଥିବା ଦେଖିବାକୁ ମିଳିଥିଲା । ତେଣୁ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ, ଉତ୍ତେଜନା ପ୍ରକାଶ ପାଇଥିଲା । ସେତିକି ବେଳେ ପୋଲିସ୍ ଏସ୍‌ଆଇ ପ୍ରଦୀପ କୁମାର ନାୟକ ପହଞ୍ଚି ବୁଝାସୁଝା କରିଥିଲେ । ଦିନକୁ ଦିନ ଲୋକେ ମଦପିଇ ଅକାଳରେ ଜୀବନ ହରାଉଛନ୍ତି । କିଏ ଭେଣ୍ଡିଆ ପୁଅକୁ ହରାଉଛି ତ କିଏ ନିଜ ସ୍ୱାମୀକୁ ହରାଇଛି । ମଦ ବିକ୍ରିକୁ ବିରୋଧ କଲେ ମାଡ଼ ଖାଉଛନ୍ତି । ଏନେଇ ଅବକାରୀ ବିଭାଗ ସବୁଜାଣି ଚୁପ୍ ବସିଛନ୍ତି । ଲୋକଙ୍କ ଠାରୁ ଚଢ଼ା ଦରରେ ମଦ ବିକିବା ପାଇଁ ଅବକାରୀ ବିଭାଗ ଓ ବିଦେଶୀ ମଦ ଦୋକାନ ମାଲିକ ମଧ୍ୟରେ ମଧୁଚନ୍ଦ୍ରିକା ଚାଲୁଥିବା ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି ।

## ପାନୀୟ ଜଳ ଯୋଗାଣ ନେଇ ବିଡିଓଙ୍କୁ ଦାବିପତ୍ର

କଣିହାଁ, (ଭାସ୍କର ନ୍ୟୁଜ) : ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ୍ ବିଜିଗୋଳ ଗାଁର ଅଢେଇ ହଜାର ଲୋକଙ୍କୁ ଦୂଷିତ ପାନୀୟ ଜଳ ଏବେ ହିଁ ଏକମାତ୍ର ଭରସା । ବ୍ଲକ୍ ସ୍ଥିତ ବିଜିଗୋଳ ଗ୍ରାମବାସୀଙ୍କୁ ସରକାରଙ୍କ ସ୍ୱଜଳଧାରାରେ ପାନୀୟ ଜଳ ଯୋଗାଇ ଆସୁଥିବା ବେଳେ ପ୍ରାୟ ସାତ ଦିନ ହେଲାଣି ବନ୍ଦ ରହିଛି । ବିଶେଷ କରି ବିଜିଗୋଳ ପଂଚାୟତ ଅଫିସ୍ ଠାରୁ ସମଗ୍ର ବିଜିଗୋଳ ଗ୍ରାମ ଉପଭୋକ୍ତା ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଫଳରେ ନିରୁପାୟ ହୋଇ ଏବେ ପରିତ୍ୟକ୍ତ କୂପ ଓ ପୋଖରୀ ହିଁ ଏକମାତ୍ର ଭରସା ସାଜିଛି । ଗ୍ରାମର ପ୍ରାୟ ଅଢେଇ ହଜାର ଲୋକ



ଏବେ ଦୂଷିତ ପାଣିକୁ ୭ଦିନ ହେବ ବ୍ୟବହାର କରୁଛନ୍ତି । ଜଳ ବାହିତ ସଂକ୍ରମଣ ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନାକୁ ଏଡ଼ା ଯାଇ ନପାରେ ବୋଲି ଗ୍ରାମବାସୀ ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି । ଯଥାଶୀଘ୍ର ପୂର୍ବଭଳି ସ୍ୱଜଳ ଧାରାରେ ପାନୀୟ ଜଳ ଯୋଗାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ଏ ସଂକ୍ରାନ୍ତରେ ଗ୍ରାମର ଏକ ପ୍ରତିନିଧି ଦଳ କଣିହାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଶନିବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି । କଣିହାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅନୁପସ୍ଥିତରେ ଆଜି ପୂର୍ବାହ୍ନରେ ବ୍ଲକ୍ ମୁଖ୍ୟ କିରାଣୀ ଅମିୟ ତ୍ରିପାଠିଙ୍କ ଜରିଆରେ ଏହି ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ହେମନ୍ତ ପ୍ରଧାନ, କାଦୁଆ ବେହେରା, ଅର୍ଜୁନ ପ୍ରଧାନ, ବାବାଜୀ ପ୍ରଧାନ, ଶୁନିଆ ପ୍ରଧାନ, ସୁବୋଧ କୁମାର ନନ୍ଦ, ବିଦୁସ୍ମିତା ସାହୁ, ମାଧବ ବେହେରା, କେଶବ ବେହେରା ପ୍ରମୁଖ ଅନ୍ୟମାନେ ଦାବିପତ୍ର ପ୍ରଦାନ କରିଛନ୍ତି ।

## ବାଲି ଚୋରା ଚାଲାଣ: ୪ ହାଇୱା ଜବତ

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍) : ରାୟଗଡାରୁ ଲକ୍ଷ୍ମୀପୁର ଆସୁଥିବା ବାଲି ଚୋରା ଚାଲାଣ ହେଉଥିବା ଖବର ପାଇ ଲକ୍ଷ୍ମୀପୁର ପୋଲିସ ଓ ଜିଲ୍ଲା ଖଣି ବିଭାଗ ଚଢ଼ାଉ କରି ଚାରାଟି ହାଇୱା ଗାଡିକୁ ଜବତ କରିଥିବା ଜଣା ପଡିଛି । ଏହି ପରି ଦୈନିକ ଚୋରା ଚାଲାଣ ହେଉଥିବା ଖବର ପାଇ ଜିଲ୍ଲା ଖଣି ବିଭାଗ ଲକ୍ଷ୍ମୀପୁର ପୋଲିସର ସହାୟତା ନେଇ ବିଳମ୍ବିତ ରାତିରେ ଜଗି ବସିଥିବା ବେଳେ ଓଡି୧୯-୯୬୩୪, ଓଡି ୧୮କ୍ୟୁ-୪୫୧୦, ଓଡି ୨୮କେ-୬୯୫୮, ଓଡି ୩୨ଡି-୩୨୧୧ନମ୍ବର ଥିବା ଗାଡ଼ିକୁ ମାଡି ବସିଥିଲେ । ସମସ୍ତ ଗାଡିର ଆବଶ୍ୟକ



ପରିମାଣର କାଗଜ ପତ୍ର ନଥିବାରୁ ଲକ୍ଷାଧିକ ଟଙ୍କା ଫାଇନ ପଡ଼ିଥିବା ଖଣି ବିଭାଗ ତରଫରୁ ସୂଚନା ମିଳିଛି । ପ୍ରକାଶ ଥାଉକି ରାୟଗଡା ଜିଲ୍ଲାରୁ ଦୈନିକ ଲକ୍ଷ୍ମୀପୁର ଅଞ୍ଚଳକୁ ବାଲି ଚୋର ଚାଲାଣ ହେଉଥିବା ବେଳେ ରାଜ୍ୟ ସରକାର ଲକ୍ଷାଧିକ ଟଙ୍କାର ଲସ ସହିବାକୁ ପଡୁଛି । ଏନେଇ ଜିଲ୍ଲା ଅଧିକାରୀଙ୍କ କହିବା ମୁତାବିକ ବେଆଇନ ଭାବେ ଚୋରା ଚାଲାଣ ହଉଥିବା ଚାରୋଟି ହାଇୱା ଗାଡିକୁ ଜବତ କରାଯାଇଛି । ସମସ୍ତ ଗାଡ଼ି ପୁରୁଣା ରୟାଲିଟି ରସିଦରେ ରାୟଗଡାରୁ ଲକ୍ଷ୍ମୀପୁରକୁ ଅଣାଯାଉଥିଲା ବାଲି କହିଛନ୍ତି ।

## ୧୦୬ୟୁନିଟ ରକ୍ତ ସଂଗୃହୀତ




କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ଭାରତୀୟ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ରିଜିଓନାଲ ବିଜିନେସ କାର୍ଯ୍ୟାଳୟ ପକ୍ଷରୁ ୧୭ ତମ ପ୍ରତିଷ୍ଠା ଦିବସରେ ଏକ ମେଗା ରକ୍ତଦାନ ଶିବିର ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଲାଇଫ ସେଭର୍ସ ଗ୍ରୁପ ସହଯୋଗରେ ଆୟୋଜିତ ହୋଇଥିଲା । ଏଥିରେ ୧୦୬ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଆଞ୍ଚଳିକ ମ୍ୟାନେଜର କମଳ ଲୋଚନ ଷଡ଼ଙ୍ଗୀ ଏହି ଶିବିରକୁ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ମହେଶ୍ୱର ସାହୁ ସିଏମ ଓପିଏସ, ସତ୍ୟନାରାୟଣ ମାଝୀ ସିଏମ କ୍ରେଡିଟ, ଲିପିନେକ୍ସ ନାୟକ ମ୍ୟାନେଜର ଏଚଆର, ନିତ୍ୟାନନ୍ଦ ସେଠି, ଆସୋସିଏଟ ଏଚଆର୍, ଶିବିର ପରିଚାଳନା କରିଥିବା ବେଳେ ଲାଇଫ ସେଭର୍ସ ଗ୍ରୁପର ସଂଜୀବ କୁମାର ସାହୁ, ମନୋଜ ମାଝୀ, ଯୁଧିଷ୍ଠିର ମହାନ୍ତ, ବିଦ୍ୟାଧର ମହାନ୍ତ, ଡୋରା ମହାନ୍ତ, ରତିକାନ୍ତ ନାୟକ, ଚନ୍ଦ୍ରସେନ ମହାନ୍ତ, ଅମ୍ବିକା ସାହୁ, ସତ୍ୟନାରାୟଣ ମହାନ୍ତ, ରଘୁନାଥ ମହାନ୍ତ, ବବିତା ରାମ, ରଂଜିତା ସୋରେନ, ପ୍ରଜ୍ଞା ଆପଟ, ମଧୁସ୍ମିତା ମହାନ୍ତ, ଛବିରାଣୀ ମହାନ୍ତ, ସସ୍ମିତା ମହାନ୍ତ, ରଂଜିତା ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ, ଜିଲ୍ଲା ରେଡକ୍ରସ ଯୁଗ୍ମ ସମ୍ପାଦକ ଏ ଆର ଖାନ ଶିବିର ରେ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସହ ପ୍ରଦାନ କରିଥିଲେ । ଡାକ୍ତର ପ୍ରତୀକ ସାହୁ, ପିଆରଓ ଅକ୍ଷୟ ସାହୁ, କବିତା ସେଠି, ଗୌରୀ ମଲ୍ଲିକ, ତପନ ନାୟକ, ସିଦ୍ଧାର୍ଥ ମହାନ୍ତ, ଶଙ୍କର ନାୟକ, ଦେବାଶିଷ ସାହୁ ରକ୍ତ ସଂଗ୍ରହ କରିଥିଲେ ।

## ଏବିଭିପି ପକ୍ଷରୁ ମେଧାବୀ ବିଦ୍ୟାର୍ଥୀଙ୍କୁ ଅଭିନନ୍ଦନ

ଗୁଣପୁର, (ଭାସ୍କର ନ୍ୟୁଜ୍): ଚଳିତ ଶିକ୍ଷା ବର୍ଷରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଉଚ୍ଚ ନମ୍ବର ରଖି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ୫୫ ଜଣ ବିଦ୍ୟାର୍ଥୀ ବିଦ୍ୟାର୍ଥୀନୀ ମାନଙ୍କୁ ଏବିଭିପି ଗୁଣପୁର ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୋରାଧକ୍ଷା ମମତା ଗୌଡ଼, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱସ୍ତିକ ଜମାଦାର ଓ ଏବିଭିପି ଓଡ଼ିଶା ପୂର୍ବପ୍ରାନ୍ତ ପ୍ରଦେଶ ସହ ସଂପାଦକ ସଞ୍ଜନା କହଁର, ମୁଖ୍ୟବକ୍ତା ଭାବେ ପ୍ରଦେଶ ସମ୍ପାଦକ ସୁଶ୍ରୀ ଦିପ୍ତିମୟୀ ପ୍ରତିହାରୀ ତଥା ନଗର ସଭାପତି ଲକ୍ଷ୍ମୀ ମହାକୁଡ଼ ମଞ୍ଚାସୀନ ହୋଇଥିଲେ । ମୁଖ୍ୟବକ୍ତା ମହୋଦୟା ବିଦ୍ୟାର୍ଥୀ ପରିଷଦର ବିଶେଷତା, ବର୍ତ୍ତମାନ ପରିସ୍ଥିତିରେ ବିଦ୍ୟାର୍ଥୀ ପରିଷଦ କିଭଳି ଶିକ୍ଷା ପ୍ରଣାଳୀ ଏବଂ ରାଷ୍ଟ୍ର ପୁନଃ ନିର୍ମାଣର କାମ କରୁଛି ବୁଝାଇବା ସହ ବିଦ୍ୟାର୍ଥୀ ମାନଙ୍କୁ ନିଜର ଉଦ୍ୟମ, କର୍ମତତ୍ପର ରହିବା ସହ ସଂଯମୀ ଓ ରାଷ୍ଟ୍ର ପ୍ରତି ଉତ୍ସର୍ଗୀକୃତ ରହିବା ଦରକାର ବୋଲି ମାର୍ଗଦର୍ଶନ ଦେଇଥିଲେ । ସମ୍ମାନୀତ ଅତିଥି ଶ୍ରୀ ଜମାଦାର ଜ୍ଞାନ ଆହରଣ ସହିତ ଚରିତ୍ର ଗଠନ ଓ ଆଧ୍ୟାତ୍ମବୋଧତା ଯେ କେତେ



ଗୁରୁତ୍ୱପୂର୍ଣ୍ଣ ତାହା ପ୍ରତିପାଦନ କରିଥିଲେ । ସଭାପତି ଲକ୍ଷ୍ମୀ ମହାକୁଡ଼ଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାର୍ଥୀ ପରିଷଦର ବିଭାଗ ପ୍ରମୁଖ ଉମା ଶଙ୍କର ଦାଶ ଅତିଥି ପରିଚୟ କରିଥିଲେ । ଜିଲ୍ଲା ପ୍ରମୁଖ ଶେଷସାୟୀ ସେନାପତି ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ, ସମ୍ପାଦକ ସାଇ ପାଣିଗ୍ରାହୀ ବିବରଣୀ ପାଠ କରିଥିଲେ । ଇନ୍ଦ୍ରାକ୍ଷୀ ପ୍ରସାଦ ଦାଶ ପୁରସ୍କାର ବିତରଣ ଓ ସମ୍ବର୍ଦ୍ଧନାକୁ ସଂଯୋଜନା କରିଥିଲେ । ପଦାର୍ଥ ବିଜ୍ଞାନରେ ପି.ଏଚ୍.ଡି ଡିଗ୍ରୀ ହାସଲ କରିଥିବା ଡ଼ା ପ୍ରସନ୍ନ ମିଶ୍ର ଏବଂ ଉଚ୍ଚ ନମ୍ବରର ପରୀକ୍ଷା ଫଳ ନିମନ୍ତେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଭାପତି ଗଜପତି ରାଓ, ସମ୍ପାଦକ ସୋମନାଥ ଗୌଡ଼ ସମ୍ବର୍ଦ୍ଧିତ ହୋଇଥିଲେ । ସେଭଳି ଅବିଭକ୍ତ କୋରାପୁଟ ଜିଲ୍ଲା ସ୍ତର ବିଜ୍ଞାନରେ ଉଚ୍ଚ ନମ୍ବର ରଖିଥିବା ବଂଶଧାରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭୁନା ଅକ୍ଷୟା ଓ ମ୍ୟାଟ୍ରିକରେ ବ୍ଲକ ସ୍ତରରେ ଉଚ୍ଚ ନମ୍ବର ରଖିଥିବା ଜଳତାର ଉଚ୍ଚ ବିଦ୍ୟାଳୟର ତେଜେଶ୍ୱର ଜେନା ସମ୍ବର୍ଦ୍ଧିତ ହୋଇଥିଲେ । କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ସଙ୍ଗୀତ ଓ ବନ୍ଦେ ମାତରମ ଶିଶୁ ବିଦ୍ୟା ମନ୍ଦିର ଛାତ୍ରୀ ମାନଙ୍କ ଦ୍ୱାରା କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଉପସଭାପତି ତଥା ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଶତପଥି, ସହ ସମ୍ପାଦକ ପ୍ରିୟବ୍ରତ ରଥ ଏବଂ ରୂପେଶ ଶତପଥୀ, ବି ସତୀଶ କୁମାର, ଏସ୍ ଶିବାଜି, ପୁନ୍ୟଶ୍ଲୋକ ସାହୁ, ନଗର ପ୍ରମୁଖ ପ୍ରଫୁଲ ଲିମା ପ୍ରମୁଖ ପରିଚାଳନା କରିଥିଲେ ।

## ଶିଶୁ ଶ୍ରମିକ ନିରାକରଣ ସଚେତନତା ପଦଯାତ୍ରା

କୋରାପୁଟ, (ଭାସ୍କର ନ୍ୟୁଜ) କୋରାପୁଟ ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ପକ୍ଷରୁ ସ୍ଥାନିୟ ପୋଲିସ ପଡିଆରେ ଶିଶୁ ଶ୍ରମିକ ନିରାକରଣ ଓ ସଚେତନତା ପଦଯାତ୍ରା ଆୟୋଜିତ ହୋଇଯାଇଛି । ଏଥିରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଜିଲ୍ଲାପାଳ ଭି କୀର୍ତ୍ତିଭାସନ, ଏସପି ରୋହିତ ବର୍ମା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା



କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବେଣୁଧର ଶବର, ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ, ଅବକାରୀ ଆରକ୍ଷୀ ଅଧୀକ୍ଷକ ଅରୁଣ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ । ଅତିଥି ସବୁଜ ପତାକା ଦେଖାଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ପଦଯାତ୍ରାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ବିଭିନ୍ନ ସଚେତନତା ପ୍ଲାକାର୍ଡମାନ ଧରି ପୋଲିସ ପଡିଆଠାରୁ ସହର ପରିକ୍ରମା କରି ଶିଶୁ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପଂହଚିଥିଲେ । ଶିଶୁ ଶ୍ରମିକ ଆଇନ, ସମ୍ବନ୍ଧୀୟ ପୋଷ୍ଟର, ବ୍ୟାନର, ପ୍ଲାକାର୍ଡ, ପ୍ରଚାର ପତ୍ର, ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନତା କରାଯାଇଥିଲା । କାର୍ଯ୍ୟକ୍ରମରେ ଜୟପୁର ପ୍ରଭାଗୀୟ ଶ୍ରମ ଆୟୁକ୍ତ, ଜିଲ୍ଲା ଶ୍ରମ ଅଧିକାରୀ ଏବଂ ଜୟପୁର ଓ କୋରାପୁଟ ଶ୍ରମ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, କୋରାପୁଟ ଶିଶୁ ମଙ୍ଗଳ କମିଟି, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ , ଜିଲ୍ଲା ଶିକ୍ଷା ଅଧିକାରୀ, ଟାଉନ ଥାନା ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତା, ବଣିକ ସଂଘର କର୍ମକର୍ତା ଓ ଶ୍ରମିକ ସଂଗଠନର କର୍ମକର୍ତାମାନେ ଅଂଶଗ୍ରହଣ କରିଥିଲେ ।

## ବର୍ଦ୍ଧିତ ଭତ୍ତା, କାର୍ଯ୍ୟାଦେଶ, ଗ୍ରାମକଣ୍ଟକ ପଟ୍ଟା ବଣ୍ଟନ

ଚିକିଟୀ, (ଭାସ୍କର ନ୍ୟୁଜ୍) : ଯୋଗ ଦିବସ ଅବସରରେ ପ୍ରଥମେ ବିଜୁପଟନାୟକ ଇଣ୍ଡୋର ଷ୍ଟାଡିଅମ ଠାରେ ବିଶ୍ୱଯୋଗ ଦିବସ ପାଳନ ସ୍ଥାନୀୟ ବିଧାୟକ ମନରଞ୍ଜନ ଦ୍ୟାନ ସାମନ୍ତରାଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଥିଲା । ପରେ ପରେ ବିକାଶର ପ୍ରଥମ ବର୍ଷ ଅବସରରେ ବିଭିନ୍ନ ଉନ୍ନୟନ ମୂଳକ ଜନହିତ କର କାର୍ଯ୍ୟକର୍ମକୁ ମଧ୍ୟ ଆଗେଇବା ସକାଶେ ଏହି କାର୍ଯ୍ୟାଳୟ ଠାରେ ଏକ ସଭାର ଆୟୋଜନ କରାଯାଇଥିଲା । ଏଠାରେ ସ୍ଥାନୀୟ ବିଧାୟକ ମନରଞ୍ଜନ ଦ୍ୟାନ ସାମନ୍ତରା ମୁଖ୍ୟ ରୂପେ ଯୋଗ ଦାନ କରିବା ସହ ତହସିଲଦାର ବିଶ୍ୱରଞ୍ଜନ କହଁର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ କୁମାର ନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ ସାସ୍ୱତୀ ଷଡ଼ଙ୍ଗୀ, ଅଧକ୍ଷା ଦୀପାକୁମାରୀ ଯୋଗ ଦାନ କରିଥିଲେ । ପରେ ଅସି ବର୍ଷରୁ ଅଧିକ ହିତାଧିକାରୀ ମାନଙ୍କୁ ତିନିହଜାର ପାଞ୍ଚସହ



ଟଙ୍କା ହିସାବରେ ପ୍ରଦାନ କରାଯିବା ସହ କେଉଁ ଅନାଦି କାଳରୁ ଅଟକିଥିବା ଗ୍ରାମ କଣ୍ଟକ ପଟ୍ଟା ମଧ୍ୟ ପ୍ରଦାନ କରାଯିବା ସହ ଏନେକ ହିତାଧିକାରୀ ମାନଙ୍କୁ ମଧ୍ୟ ପ୍ରଧାନ ମନ୍ତ୍ରୀ ଅବାସ ଯୋଜନାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା ।

## ମାରୱାଡି ଯୁବା ମଞ୍ଚ ପକ୍ଷରୁ ଯୋଗ ଶିବିର

କଣ୍ଟାବାଞ୍ଜି/ମୁରିବାହାଲ (ଭାସ୍କର ନ୍ୟୁଜ୍) : ଅନ୍ତର୍ଜାତୀୟ ଯୋଗ ଦିବସର ଉପଲକ୍ଷେ ମାରୱାଡି ଯୁବା ମଞ୍ଚ ବିକାଶ ଶାଖା, କଣ୍ଟାବାଞ୍ଜି ପକ୍ଷରୁ ଏକ ବିଶେଷ ଯୋଗ ଶିବିର ହରିଭବନ ପରିସରରେ ସଫଳତାପୂର୍ଣ୍ଣ ଭାବରେ ଆୟୋଜନ କରାଯାଇଛି ।ଏହି ଯୋଗ ଶିବିରରେ ଯୋଗ ପ୍ରଶିକ୍ଷିକା ମିସ୍ ପରି ଅଗ୍ରୱାଲ ଉପସ୍ଥିତ ଅତିଥି ଓ ଅନ୍ୟ ଭାଗଗ୍ରାହୀଙ୍କୁ ବିଭିନ୍ନ ଯୋଗାସନ ଓ ପ୍ରାଣାୟାମ କରାଇଥିଲେ ଏବଂ ସେଗୁଡ଼ିକର ଶାରୀରିକ ଓ ମାନସିକ ଲାଭ ବିଷୟରେ ବ୍ୟାଖ୍ୟା ଦେଇଥିଲେ । ତାଙ୍କର ସଂଗଠିତ ମାର୍ଗଦର୍ଶନରେ ଅନେକ ଭାଗଗ୍ରାହୀ ଶକ୍ତି, ଶାନ୍ତି ଓ ସ୍ୱାସ୍ଥ୍ୟ ଲାଭର ଅନୁଭୂତି କରିଥିଲେ । ଏହି ଅବସରରେ ବିଶେଷ ଅତିଥି ଭାବେ କାଉନସିଲର ଲଳିତ ଅଗ୍ରୱାଲ, କାଉନସିଲର ଅଶୋକ ଅଗ୍ରୱାଲ,ସାମ୍ବାଦିକ ମନୋଜ ଶର୍ମା, ସାମ୍ବାଦିକ କଂୱଲଜୀତ ସିଂହ ମାଖୀଜା, ସମସ୍ତ ଅତିଥିମାନେଙ୍କୁ ମଞ୍ଚ ପକ୍ଷରୁ ସ୍ମୃତି ଚିହ୍ନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିକାଶ ଶାଖାର ସଦସ୍ୟମାନେ ସହିତ ଶହରର ଅନେକ ଗଣମାନ୍ୟ ନାଗରିକ ଉତ୍ସାହ ଭରି ଅଂଶଗ୍ରହଣ କରିଥିଲେ ଓ ଏହାକୁ ସଫଳ କରିଥିଲେ । ଏହି ଅବସରରେ ବିକାଶ ଶାଖାର ଅଧକ୍ଷ ଯୁବା ନିଖିଲ ଅଗ୍ରୱାଲ, ସଚିବ ଯୁବା ନବନୀତ ଅଗ୍ରୱାଲ, କାର୍ଯ୍ୟକ୍ରମ ସଂଯୋଜକ ନାରାୟଣ ଜିନ୍ଦଲ, ଦୀପକ ଜୈନ, ବିକାସ ଜୈନ, ପୂର୍ବ ଅଧକ୍ଷ ମୟଙ୍କ ଜୈନ, ସୁମିତ ଜୈନ, ମନୀଷ ଜୈନ, ଆଶିଷ ଖେତାନ୍, ହେମନ୍ତ ଅଗ୍ରୱାଲ, ଅମନ ଅଗ୍ରୱାଲ ସହିତ ଅନେକ ସଦସ୍ୟ ସକ୍ରିୟ ଭୂମିକା ନିଭାଇଥିଲେ ।ଭବିଷ୍ୟତରେ ମଞ୍ଚ ପକ୍ଷରୁ ଯୋଗ ସମ୍ପର୍କିତ ଅନ୍ୟ ଅନେକ ବିଶେଷ କାର୍ଯ୍ୟକ୍ରମ ଆୟୋଜନ ବିଷୟରେ ଆଲୋଚନା କରାଯାଇଛି ।

## କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଅ ରାଲି

କଣ୍ଟାବାଞ୍ଜି/ମୁରିବାହାଲ (ଭାସ୍କର ନ୍ୟୁଜ୍) : କଣ୍ଟାବାଞ୍ଜିରେ ପୂର୍ବତନ ବିଧାୟକ ତଥା ରାଜ୍ୟ କଂଗ୍ରେସ ପ୍ରଦେଶ କମିଟିର ଉପସଭାପତି ସନ୍ତୋଷ ସିଂ ସାଲୁଜାଙ୍କ ନେତୃତ୍ୱରେ ସମ୍ବିଧାନ ବଞ୍ଚାଅ ରାଲି ଅନୁଷ୍ଠିତ ହୋଇ ହାଇଛି । ଉକ୍ତ ରାଲି ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ଇନ୍ଦ୍ରାଛକଠାରେ ପହଞ୍ଚିଥିଲା । ସେଠାରେ ଅନୁଷ୍ଠିତ ଏକ ଧାରଣ ସଭାରେ କଂଗ୍ରେସର ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଯୋଗଦେଇଥିଲେ , ସେ କେନ୍ଦ୍ର ସରକାରଙ୍କ ବିରୋଧରେ ବର୍ଷିଥିଲେ । ଥିଲେ । ସରକାର ସମ୍ବିଧାନକୁ ବଦଳେଇ କିଏ ନିର୍ବାଚନ କମିଶନ ହେବ ତାହା ମଧ୍ୟ ହାତକୁ ନେଇଛନ୍ତି । ଫଳରେ ମନଇଛା ନିର୍ବାଚନ କରି ଇଭିଏମ୍ ଗଡ଼ବଡ଼ କରୁଥିବା ଅଭିଯୋଗ କରିଥିଲେ । ସେହିପରି ଡବଲ ଇଞ୍ଜିନ ସରକାର ରାଜ୍ୟରେ ଏକ ବର୍ଷ ପୂର୍ତ୍ତି ପାଳନ



କରୁଥିବାବେଳେ କୌଣସି ବିକାଶ ନକରି ଲୋକଙ୍କୁ ପ୍ରତାରଣା କରିଛନ୍ତି ବୋଲି ଶ୍ରୀ ସାଲୁଜା ବର୍ଷିଥିଲେ । ସେହିପରି ବାବା ସାହେବଙ୍କ ସମ୍ବିଧାନ ଦେଶରେ ସ୍ଥାପିତ ହେଲା ପରେ ଦେଶ ଆଗେଇଛି । ହେଲେ ସେହି ଆମ୍ବେଦକରଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାର ଅସମ୍ମାନ କରୁଛନ୍ତି ବୋଲି କାଡ଼ାମ୍ କହିଥିଲେ । ସଭାରେ ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟବେକ୍ଷକ ପ୍ରଶାନ୍ତ ରାଉତ, ଏନଏସି ଅଧକ୍ଷ ବରିୟାମ ସିଂ ସାଲୁଜା, ଜିଲ୍ଲା ପରିଷଦ ସଦସ୍ୟ କୌଶକ ମେହେର, ଓମପ୍ରକାଶ କୁମ୍ଭାର, ବଙ୍ଗୋମୁଣ୍ଡା ବ୍ଲକ ଉପାଧକ୍ଷ କେଶବ ନାରାୟଣ ଜୈନ, କାଉନସିଲର ସୁନୀତା ବୁଡ୍ରେଇ, ବେଦକାନ୍ତି ପନିକା, କଂଗ୍ରେସ ନେତା କୁନା ଖାଁ, ଅମରେନ ତାଣ୍ଡି, ସନ୍ତୋଷ ଖୁରାଙ୍କ ସହ ଶତାଧିକ କଂଗ୍ରେସ ନେତା ଓ ନେତ୍ରୀ ଉପସ୍ଥିତ ଥିଲେ ।

## ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ାଉ

କୋରୁକୋଣ୍ଡା, (ଭାସ୍କର ନ୍ୟୁଜ) : ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସଦରରେ ଆଜି ଖାଦ୍ୟ ସୁରକ୍ଷା ବିଭାଗର ଏକ ଟିମ ଅଚାନକ ଚଢ଼ାଉ କରିଥିଲା । ତେବେ ଗତ ୨ଦିନ ତଳେ ଏକ୍ସପାଇରି କୋଲଡ୍ରିଂକ୍ସ ମାର୍କେଟ ରେ ବିକ୍ରି ହେଉଥିବା ନେଇ ଖବର ପ୍ରସାରଣ ପରେ ଆଜି ତତ୍ପର ଦେଖାଇଛି ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ । ଆଜି ଏକ ଟିମ ମାଲକାନଗିରି ସଦର ଥାନା (କୋରୁକୋଣ୍ଡା) ର ସହଯୋଗରେ କୋରୁକୋଣ୍ଡା ସଦରରେ ରହିଥିବା ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ଛୋଟ ବଡ଼ ଦୋକାନ ଗୁଡ଼ିକରେ ଚଢ଼ାଉ କରିଥିଲା । ଏଥିସମେତ ସମସ୍ତ ଦୋକାନ ରୁ ପ୍ରାୟ ୧୬ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଥିଲା । କିଛି ଦୋକାନ ଗୁଡ଼ିକରେ ଏକ୍ସପାଇରି କୋଲଡ୍ରିଂକ୍ସ ବିକ୍ରି ହେଉଥିବା ବେଳେ ସେଗୁଡିକୁ ବାହାରକୁ କାଢି ସମ୍ପୂର୍ଣ୍ଣ ନଷ୍ଟ କରାଯାଇଥିବା ବେଳେ ଫାଷ୍ଟଫୁଡ଼ ଦୋକାନ ଗୁଡ଼ିକର ଖାଦ୍ୟର ମାନ ଯାଞ୍ଚ କରାଯାଇଥିଲା । ଏଥି ସମେତ ଗୋଟିଏ ଫାଷ୍ଟ ଫୁଡ଼ ଦୋକାନ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ସିଲ କରାଯାଇଥିଲା । ତେବେ ବାରମ୍ବାର କୋରୁକୋଣ୍ଡା ସଦରରେ ଏପରି ନିମ୍ନ ମାନର ଖାଦ୍ୟ ବିକ୍ରି ସହ ଏକ୍ସପାଇରି ସାମଗ୍ରୀ ବିକ୍ରି ନେଇ ଅଭିଯୋଗ ହେଉଥିବା ବେଳେ ଆଜି ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ର ଏପରି ଅଚାନକ ଚଢ଼ାଉ କୁ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି । ଆଜିର ଏହି ଚଢ଼ାଉ ସମୟରେ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ଅଧିକାରୀ ପ୍ରଭାଷ କୁମାର ସେଠୀଙ୍କ ସମେତ କୋରୁକୋଣ୍ଡା ପୋଲିସ ଏହି ଚଢ଼ାଉ ରେ ସାମିଲ ଥିଲେ ।

## ନିଖିଳ ଉତ୍କଳ ବଞ୍ଜାରା ସମାଜର ନୂତନ କମିଟି ଗଠିତ

ଉମରକୋଟ, (ଭାସ୍କର ନ୍ୟୁଜ) : ୨୨ ତାରିଖ ମଙ୍ଗଳବାର ଦିନ ଉମରକୋଟ ଅନ୍ତର୍ଗତ ସେମଳା ଗ୍ରାମର ମା' କଙ୍ଗାଲୁଣୀ ମନ୍ଦିର ପରିସରରେ ଏକ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ନବରଙ୍ଗପୁର ଜିଲ୍ଲାର ଦଶ ଗୋଟି ବ୍ଲକର ସମସ୍ତ ବ୍ୟକ୍ତି ଓ ବ୍ଲକ କର୍ମକର୍ତ୍ତା ସଭାପତି ସମ୍ପାଦକ ଓ ପ୍ରତ୍ୟେକ ପରିବାରର ମୂଖ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ । ସମସ୍ତଙ୍କୁ ସ୍ୱାଗତ ଜଣାଇ ସର୍ବପ୍ରଥମେ ମା' କଙ୍ଗାଲୁଣୀ ଓ ସନ୍ଥ ସେୱାଲାଲଜୀଙ୍କୁ ପୂଜାର୍ଚ୍ଚନା କରି ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ସଭାରେ ସଭାପତିତ୍ୱ କରୁଥିବା ଛେତୁରାମ ନାୟକ ଓ ସଭା ପରିଚାଳନା ନାରାୟଣ ବଞ୍ଜାରା ଏବଂ ଫଗୁ ବଞ୍ଜାରା ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ । ଜିଲ୍ଲା ସମ୍ପାଦକ ନିଜ ଅଭିଭାଷଣ ପ୍ରଦାନ କରିବାପରେ ଦଶଗୋଟି ବ୍ଲକର ସମୀକ୍ଷା କରି ପ୍ରତ୍ୟେକ ବ୍ଲକର ସଭାପତି ଠାରୁ ନିଜର ଅଭିଭାଷଣ ଓ ସୁଚିନ୍ତିତ ମତାମତ ପ୍ରଦାନ କରିବା ପାଇଁ କୁହାଯାଇଥିଲା । ତତ୍ ପରେ ଜିଲ୍ଲା କମିଟିକୁ ପୁନଃଗଠିତ କରିବା ପାଇଁ ଉପସ୍ଥିତ ଥିବା ସମସ୍ତ ବ୍ୟକ୍ତି ଠାରୁ ମତାମତ ଲୋଡ଼ାଯାଇଥିଲା । କିନ୍ତୁ କୌଣସି ନିଷ୍କର୍ଷ ବାହାରନଥିଲା । ପରେ ବହୁ ସମର୍ଥନ କ୍ରମେ ପୂର୍ବ କମିଟିକୁ ପୁଣି କିଛି ପରିବର୍ତ୍ତନ କରି ନୂତନ କମିଟି ଗଠନ ପାଇଁ ଚୟନ ପ୍ରକ୍ରିୟା କରିବାକୁ ନିଷ୍ପତ୍ତି ନିଆଗଲା । ମିଟ୍ଠୁରାମ ନାୟକ (ସଭାପତି) ଉପସଭାପତି- ପବଲରାମ ନାୟକ, ମନୁ ବଞ୍ଜାରା (ଫୁଫୁଗାଁ) ପରମାନନ୍ଦ ବଞ୍ଜାରା, ସମ୍ପାଦକ -ନାରାୟଣ ବଞ୍ଜାରା, ସହ ସମ୍ପାଦକ- ଧନିରାମ ନାୟକ, ଯଦୁମଣୀ ବଞ୍ଜାରା - କୋଷାଧକ୍ଷ, ଉପଦେଷ୍ଟା - କମଳବଞ୍ଜାରା(କୋଇଲିମୁଣ୍ଡା)- ଛେତୁରାମ ନାୟକ, ଲକ୍ଷ୍ମଣ ବଞ୍ଜାରା, ମୂରା ନାଏକ(ମାଲଗାଁ), ଚପରାଣି - ଡମ୍ବୁବଞ୍ଜାରା (ଡାବୁଗାଁ) ଲାଲୁ ବଞ୍ଜାରା, ଚମରୁ ବଞ୍ଜାରା, ଜିଲ୍ଲା ସଭ୍ୟ -ହରେଲାଲ ବଞ୍ଜାରା, ମହେଶ୍ୱର ବଞ୍ଜାରା (କନ୍ଧଗୁଡ଼ା), ବିଶ୍ୱନାଥ ବଞ୍ଜାରା, କହଁରଲାଲ ବଞ୍ଜାରା, ବନମାଳୀ(କୋଷାଗୁମୁଡ଼ା), ଡମ୍ବୁ ବଞ୍ଜାରା (କେନ୍ଦୁ ଗୁଡ଼ା), ଦେବୀସିଂ(ଡାବୁଗାଁ),



ଶ୍ୟାମଲାଲ ବଞ୍ଜାରା(ସରପଞ୍ଚ ପ୍ରତିନିଧି) ରାଖିରାମ ବଞ୍ଜାରା (ପୂର୍ବତନ ଭିକ୍ଷା ସରପଞ୍ଚ), ମିଡିଆ ସଂଯୋଜକ- ରାମେଶ୍ୱର ନାୟକ, କର୍ମଚାରି ସେଲ- ରମେଶ ନାୟକ, ଜିଲ୍ଲା ସଂଯୋଜକ- ଫଗୁ ବଞ୍ଜାରା ଏବଂ ଅନ୍ୟାନ୍ୟ ସମାଜ ପ୍ରେମୀ ତଥା ସମାଜର ନାୟକ- ଖଗପତି ବଞ୍ଜାରା । ଉକ୍ତ ବୈଠକରେ ଉମରକୋଟ ବ୍ଲକର ସାତଟି ଗ୍ରାମର ଲୋକମାନେ ଏବଂ ଝରିଗାଁ ବ୍ଲକର ଭିକ୍ଷା, ବେଲଗାଁ, କରମରି, କନ୍ଧଗୁଡ଼ା, ମଙ୍ଗଲିଗୁଡ଼ା ସମସ୍ତେ ଉପସ୍ଥିତ ରହିଥିଲେ । ଏବଂ ଚନ୍ଦାହାଣ୍ଡି, ପାପଡ଼ାହାଣ୍ଡି, ନବରଙ୍ଗପୁର, ଡାବୁଗାଁ, କୋଷାଗୁମୁଡ଼ା, ରାଇଘର, ଉମରକୋଟ, ଝରିଗାଁ ପ୍ରତ୍ୟେକ ବ୍ଲକର ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ସମାଜ ପ୍ରେମୀ ବନ୍ଧୁମାନେ ମଧ୍ୟ ଯୋଗ ଦେଇଥିଲେ । ଉକ୍ତ ବୈଠକରେ ଶତାଧିକ କର୍ମକର୍ତ୍ତା ଓ ସମାଜ ପ୍ରେମୀମାନେ ଯୋଗ ଦେବା ପରେ ଜିଲ୍ଲାର ସମସ୍ତ ବ୍ଲକର ସହମତି କ୍ରମେ ସଂପୂର୍ଣ୍ଣଭାବେ ନୂତନ କମିଟି ଗଠନ କରାଯିବା ପାଇଁ ନିଷ୍ପତ୍ତି ନିଆଗଲା । ସନ୍ଧ୍ୟା ୫ଘଟିକା ସମୟରେ ସମସ୍ତଙ୍କୁ ମଳା ଗ୍ରାମପଞ୍ଚାୟତ ସରପଞ୍ଚ ଲକ୍ଷ୍ମଣ ବଞ୍ଜାରା ଧନ୍ୟବାଦ ଜଣାଇ ସଭାସାଙ୍ଗ କରାଯାଇଥିଲା ।

## ଅବକାରୀ ଚଢ଼ାଉ, ୫୦ ହଜାର ଆଦାୟ

କେନ୍ଦୁଝର, (ଭାସ୍କର ନ୍ୟୁଜ୍) : କେନ୍ଦୁଝର ଜିଲ୍ଲା ଯୋଡା ସହରାଞ୍ଚଳରେ ଡାଇରିଆ ବ୍ୟାପିଥିବାର ଖବର ପ୍ରକାଶ ପାଇବା ପରେ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ସହରର ବିଭିନ୍ନ ସ୍ଥାନ ରାସ୍ତା କଡରେ ଥିବା ହୋଟେଲ, ଠେଲା, ଫାଷ୍ଟଫୁଡ, ଗୁପଚୁପ ଷ୍ଟଲ ମାନଙ୍କରେ ଚଢାଉ କରି ବିକ୍ରି ଉଦ୍ଦେଶ୍ୟରେ ରଖିଥିବା ବାସିଖାଦ୍ୟ ଗୁଡିକ ଖାଦ୍ୟ ଅନୁପଯୋଗୀ ଓ ସ୍ୱାସ୍ଥ୍ୟ ନିମନ୍ତେ ହାନୀକାରକ ମନେ କରି ଫିଙ୍ଗିବା ନିମନ୍ତେ ନିର୍ଦ୍ଦେଶ ଦେଇଥିବାର ଦେଖିବାକୁ ମିଳିଥିଲା । ଯୋଡା ପୌରାଞ୍ଚଳରେ ୪ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଡାଇରିଆ ଆକ୍ରାନ୍ତ କରିଥିବା ଜଣାପଡିବା ପରେ ସଜାଗ ହୋଇଛି ନଗର ସ୍ୱାସ୍ଥ୍ୟ ବିଭାଗ । ଅନୁରୂପ ଭାବେ ଶନିବାର ଅପରାହ୍ନ ସମୟରେ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ଜିତେନ୍ଦ୍ର ମହାନ୍ତ ଯୋଡା ପୌରାଞ୍ଚଳର ବସଷ୍ଟାଣ୍ଡ ସହ ରାସ୍ତାପାର୍ଶ୍ୱ ମାନଙ୍କରେ ବିଭିନ୍ନ



ହୋଟେଲ,ଠେଲା, ଫାଷ୍ଟଫୁଡ ଗୁପଚୁପ୍ ଦୋକାନ ମାନଙ୍କରେ ଅଚାନକ ଚଢାଉ କରି ବିକ୍ରି ଉଦ୍ଦେଶ୍ୟରେ ରଖିଥିବା ବିଭିନ୍ନ ପ୍ରକାର ଖାଦ୍ୟକୁ ଯାଞ୍ଚ କଲା ପରେ ଦୁଇ ତିନି ଦିନ ପୂର୍ବରୁ ପ୍ରସ୍ତୁତ କରି ରଖିଥିବା ବାସିଖାଦ୍ୟ ଗୁଡିକୁ ଖାଦ୍ୟ ଅନୁପଯୋଗୀ ତଥା ଅସ୍ୱାସ୍ଥ୍ୟକର ମନେ କରି ଫୋପାଡି ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଶୁକ୍ରବାର ବିଭିନ୍ନ ଅସ୍ଥାୟୀ ଠେଲା ଗାଡ଼ି,ଉପରେ ଚଢ଼ାଉ ପରେ ଶନିବାର ଅପରାହ୍ନ ୩ଟା ବେଳେ ଯୋଡ଼ାରେ ଥିବା ବଡ ବଡ ହୋଟେଲ, ମିଠା ଜଳ ଖିଆ ଦୋକାନ,ପାଉଁରୁଟି ଫ୍ୟାକ୍ଟ୍ରି ପ୍ରଭୃତିରେ ଚଢାଉ କରାଯାଇ ବାସୀ ଖାଦ୍ୟ, ଅଣ ସ୍ୱୀକୃତି ପ୍ରାପ୍ତ ଖାଦ୍ୟରେ ବ୍ୟବହାର ହେଉଥିବା ରଙ୍ଗ, ସମୟ ସୀମା ସରି ଯାଇଥିବା ଏକ୍ସପାୟରୀ ଡେଟ ପ୍ୟାକେଜ ଫୁଡ୍, ବାସୀ କ୍ଷୀର, ବାସୀ ମସଲା, ପ୍ରଭୃତିକୁ ଜବତ କରାଯାଇଛି । କେନ୍ଦୁଝରର ଫୁଡ୍ ସେଫ୍ଟୀ ଅଫିସର ଜିତେନ୍ଦ୍ର ମହାନ୍ତ, ଅଧିକାରୀ ଛବିଳ ନାଏକ, ପୌର ପାଳିକା ସ୍ୱାସ୍ଥ୍ୟ ବିଭାଗର ପ୍ରତାପ ନାୟକ, ପୌର ଯନ୍ତ୍ରୀ ମନୋଜ ବେହେରା,ସୁଧାଂଶୁ ଜେନା, ସୌମ୍ୟ ରଞ୍ଜନ ସେଠୀ, ବ୍ରହ୍ମାନନ୍ଦ ମହାନ୍ତ, ସୌମେନ୍ଦ୍ର ପଲେଇ, ସିମାଞ୍ଚଳ ଡାକୁଆ, ପ୍ରମୁଖ ପ୍ରଥମେ ଯୋଡା ମୁସଲିମ ମାର୍କେଟ, ଯୋଡା ବସ୍ ଷ୍ଟାଣ୍ଡ ମେନ୍ ରୋଡରେ ଥିବା ଜଳଖିଆ ଦୋକାନ, ଯୋଡା ବାଂଶପାଣି ରୋଡରେ ଥିବା ବାର୍ ଓ ହୋଟେଲ ପ୍ରଭୃତିରେ ଯାଞ୍ଚ ଜୋରଦାର କରାଯାଇ ଯାବତୀୟ ବାସୀ ଖାଦ୍ୟ ଜବତ ହୋଇ ଥିଲା । ତେବେ ସାମୟିକ ଭାବେ ଛଣାଛଣୀ ଜଳଖିଆ ଦୋକାନକୁ ବନ୍ଦ କରିବା ପାଇଁ ପ୍ରଶାସନିକ ସ୍ତରରେ ନିର୍ଦ୍ଦେଶ ଦିଆ ଯାଇଛି । ଏକ ପାଉଁରୁଟି ଫ୍ୟାକ୍ଟ୍ରିରେ ଯାଞ୍ଚ ବେଳେ ଜଣାପଡ଼ିଥିଲା ଯେ,ଏକ ଅସ୍ୱାସ୍ଥ୍ୟକର ରାସାୟନିକ ରଙ୍ଗ, ଏବଂ ପାଉଁରୁଟି, ବିସ୍କୁଟ, କ୍ରିମ ରୋଲ ଇତ୍ୟାଦିରେ ଖାଦ୍ୟ ଅନୁପଯୋଗୀ ସାମଗ୍ରୀର ପ୍ରକ୍ରିୟାକରଣ କରାଯାଉଥିଲା । ଏହାକୁ ସ୍ୱାସ୍ଥ୍ୟ ଅଧିକାରୀ ମାନେ ଧରିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଜୋରିମାନା ବାବଦରେ ବିଭାଗ ଆଦାୟ କରିଛି ।




ଶୁଳିଆପଦା (ଭାସ୍କର ନ୍ୟୁଜ୍) : ଶୁଳିଆପଦା ବ୍ଲକ ଅଧ୍ୟକ୍ଷା ପାନମଣୀ ମାର୍ଣ୍ଡିଙ୍କ ଅଧ୍ୟକ୍ଷତାରେ ବ୍ଲକ ସମ୍ମିଳନୀ କକ୍ଷରେ ୧୦ମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୋରଡା ବିଧାୟକ ତଥା ଗୃହ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ। ଏହି ସଭାକୁ ଶୁଳିଆପଦା ବିଡିଓ ଲକ୍ଷ୍ମୀସାଗର ମାଝୀ ପରିଚାଳନା କରିଥିବା ବେଳେ ଜିଲ୍ଲା ପରିଷଦ ସଦସ୍ୟ ନଗେନ୍ଦ୍ର ନାଥ କିସ୍କୁ, ବ୍ଲକ୍ ଉପାଧ୍ୟକ୍ଷ ଜ୍ୟୋତିଲାଲ ବାରିକ୍, ସହକାରୀ ଯନ୍ତ୍ରୀ ସଏଦ ଆମଜେଦ ଅଲ୍ଲୀ, ତହସିଲଦାର ନାରାୟଣ ମାଝୀ, ଜିପିଓ ସୁଶାନ୍ତ କୁମାର ରାଉଳ ପ୍ରମୁଖ ମଞ୍ଚାସୀନ ଥିବାବେଳେ ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ଲାଇନ୍ ଡିପାର୍ଟମେଣ୍ଟ କର୍ମଚାରୀ ଉପସ୍ଥିତ ଥିଲେ। ଜିପିଓଙ୍କ ଦ୍ୱାରା ପୂର୍ବ ବୈଠକରେ ଆଗତ ହୋଇଥିବା ଅଭିଯୋଗ ପାଠ ପରେ ଆଜିର ବୈଠକ ଆରମ୍ଭ ହୋଇଥିଲା। ଶୁଳିଆପଦାରେ ଗାଁଗୁଡ଼ିକରେ ପାନୀୟ ଜଳର ସମସ୍ୟା ଲାଗି ରହିଥିବା କେତେକ ଗାଁରେ ଟାଙ୍କି କାର୍ଯ୍ୟ ଶେଷ ହୋଇନଥିବାର ଅଭିଯୋଗ ହୋଇଥିଲା। ତୁରନ୍ତ ସମସ୍ତ କାର୍ଯ୍ୟ ଶେଷ କରିବା ପାଇଁ ମନ୍ତ୍ରୀ ଆରଡବ୍ଲ୍ୟୁଏସ୍ଏସ୍ ଯନ୍ତ୍ରୀ ବିରେନ୍ଦ୍ର ମହାନ୍ତଙ୍କୁ ତାଗିଦ୍ କରିଥିଲେ। ଆଗାମୀ ଦିନରେ ହଇଜାକୁ ଦୃଷ୍ଟିରେ ସ୍ୱାସ୍ଥ୍ୟ ବିଭାଗ ସବୁବେଳେ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଥିଲେ । ଶୁଳିଆପଦା ବ୍ଲକରେ ଏକ ଶୀତଳଭଣ୍ଡାର ନିର୍ମାଣ ଓ ମାଟି ପରୀକ୍ଷା କେନ୍ଦ୍ର ସ୍ଥାପନ ପାଇଁ ବୈଠକ ମନ୍ତ୍ରୀଙ୍କୁ ନିବେଦନ କରାଯାଇଥିଲା। ସ୍ୱାସ୍ଥ୍ୟ, କୃଷି, ମୃତ୍ତିକା, ଜଳ ସେଚନ, ଶିକ୍ଷା ବିଭାଗୀୟ ଅଧିକାରୀଙ୍କୁ ମନ ଦେଇ ସଠିକ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଅଙ୍ଗନୱାଡ଼ି କେନ୍ଦ୍ରରେ ଦିଆଯାଉଥିବା ଛତୁଆର ମାନ ପରୀକ୍ଷା କରିବାକୁ ସିଡିପିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତେବେ ଶୁଳିଆପଦା ବ୍ଲକରେ ନୂତନ ଭାବେ ବିଡ଼ିଓ ଏବଂ ସହକାରୀ ଯନ୍ତ୍ରୀ ଯୋଗ ଦେଇଥିବା ବେଳେ ତାରାନ୍ୱିତ ଗତିରେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର।



# ଖାଲି ପଡ଼ିଛି ସମବାୟ ଉପନିବନ୍ଧକ ପଦବୀ

## ଖରିଫ୍ ଋତୁ ଆରମ୍ଭ, ବାଧାପ୍ରାପ୍ତ ହେବ ଚାଷୀ ପଞ୍ଜୀକରଣ

ବ୍ରହ୍ମପୁର (ଭାସ୍କର ନ୍ୟୁଜ୍): ଜିଲ୍ଲାରେ ଖରିଫ୍ ଧାନ ଚାଷ ଆରମ୍ଭ ହୋଇଛି। ଖରିଫ୍ ଋତୁ ପାଇଁ ଚାଷୀଙ୍କ ପଞ୍ଜୀକରଣ ଖୁବଶୀଘ୍ର ଆରମ୍ଭ ହେବ। ଚାଷୀଙ୍କ ପଞ୍ଜୀକରଣ ଓ ଏହାର ପରିଚାଳନା ପାଇଁ ସମବାୟ ବିଭାଗ ଉପରେ ନିର୍ଭର । ବିଶେଷ ଭାବେ ଏହାର ତଦାରଖ ଉପନିବନ୍ଧକ ସମବାୟ ସମିତି ସମୂହ (ଡିଆରସିଏସ୍) କରିଥାନ୍ତି। କିନ୍ତୁ ବର୍ତ୍ତମାନ ଏହି ପଦବି ଖାଲି ପଡ଼ିଛି। ୮ ମାସ ହେଲା ଜଣେ ଅଧିକାରୀଙ୍କୁ ଗଞ୍ଜାମ ଡିଆର୍ସିଏସ୍ ଭାବେ ବଦଳି ହୋଇଛି। କିନ୍ତୁ ସେ କାର୍ଯ୍ୟରେ ଯୋଗ ଦେଇନାହାନ୍ତି। ଖରିଫ୍ ଋତୁ ଆରମ୍ଭ ହୋଇଛି । ଚାଷୀ ଜମିରେ ଧାନ ବିହନ ପକାଇ ସାରିଛି। ଚଳିତ ବର୍ଷ ପାଗ ଅନୁକୂଳ ରହିଛି। ଜୁଲାଇ ୧୫ରୁ ଜିଲ୍ଲାରେ ଚାଷୀ ପଞ୍ଜୀକରଣ ଆରମ୍ଭ ହେବ। ୨୦୨୪ ଖରିଫ୍ ଋତୁରେ ଜିଲ୍ଲାରେ ୧ ଲକ୍ଷ ୪୬ ହଜାର ଚାଷୀ ପଞ୍ଜୀକରଣ କରିଥିଲେ। ଚଳିତ ବର୍ଷ ଏହି ସଂଖ୍ୟା ବୃଦ୍ଧି ହେବ ବୋଲି ଅନୁମାନ କରାଯାଉଛି। ଜିଲ୍ଲାରେ ତୃଣମୂଳ ସ୍ତରରେ ଚାଷୀ ପଞ୍ଜୀକରଣ ପ୍ରାଥମିକ ସେବା ସମବାୟ ସମିତି ସମ୍ପାଦକମାନେ ନିର୍ବାହ କରିଥାନ୍ତି। ଏହାର ପରିଚାଳନା ଓ ନିରୀକ୍ଷଣ ଦାୟିତ୍ୱରେ ଡିଆର୍ସିଏସ୍ ରହିଥାନ୍ତି। ଗଞ୍ଜାମ ଜିଲ୍ଲାରେ ୨୦୨୪ ନଭେମ୍ବର ମାସରୁ ଡିଆର୍ସିଏସ୍ ପଦବି ଖାଲି ପଡ଼ିଛି। ଡିଆରସିଏସ୍ ବିଶ୍ୱ ରଞ୍ଜନ ଦାସଙ୍କୁ ୨୦୨୪ ଅକ୍ଟୋବରରେ ବିଭାଗ ପକ୍ଷରୁ ନିବନ୍ଧକ ସମବାୟ ସମିତି ସମୂହ ମୁଖ୍ୟ କାର୍ଯ୍ୟାଳୟକୁ ବଦଳି ହୋଇଥିଲା। ତାଙ୍କ ସ୍ଥାନରେ ସମବାୟ ବିଭାଗ ଭୁବନେଶ୍ୱରରେ କାର୍ଯ୍ୟରତ ସୁଭଦ୍ରା ପଟ୍ଟନାୟକଙ୍କୁ ଗଞ୍ଜାମ ଡିଆର୍ସିଏସ୍ ଭାବେ ବଦଳି ହୋଇଥିଲା। କିନ୍ତୁ ସେ ଡିଆର୍ସିଏସ୍ ଭାବେ ଯୋଗଦାନ କରି ନାହାନ୍ତି। ଫଳରେ ତତ୍କାଳୀନ ବ୍ରହ୍ମପୁର ଏଆର୍ସିଏସ୍ ଦାୟିତ୍ୱରେ ଥିବା ପର୍ଶୁରାମ ପାତ୍ରଙ୍କୁ ଭାରପ୍ରାପ୍ତ ଡିଆର୍ସିଏସ୍ ଦାୟିତ୍ୱ ଦିଆଯାଇଥିଲା। ଗତ ମାସରେ ପର୍ଶୁରାମ ପାତ୍ରଙ୍କ ଡିଆର୍ସିଏସ୍ କେନ୍ଦୁଝର ଭାବେ ପଦୋନ୍ନତି ହୋଇଥିଲା। ଗତ ମାସରେ ସେ ଦାୟିତ୍ୱ ହସ୍ତାନ୍ତର କରି କେନ୍ଦୁଝର ଚାଲି ଯାଇଥିଲେ। ବର୍ତ୍ତମାନ ଏହାର ଅତିରିକ୍ତ ଦାୟିତ୍ୱରେ ଛତ୍ରପୁର ଏଆର୍ସିଏସ୍ ରହିଛନ୍ତି। ସମବାୟବିତ୍ କାହ୍ନୁ ପାତ୍ର କହିଛନ୍ତି, ଜିଲ୍ଲାରେ ଅଧିକାରୀଙ୍କ ମରୁଡ଼ି ପଡ଼ିଛି। ବ୍ରହ୍ମପୁର ଏଆର୍ସିଏସ୍ ଥିବା ଅଧିକାରୀ ଡିଆର୍ସିଏସ୍ଙ୍କ ଦାୟିତ୍ୱ ତୁଲାଉ ଥିଲେ। ଏବେ ତାଙ୍କର ବଦଳି ହୋଇଛି। ଫଳରେ ଉଭୟ ପଦବି ଫାଙ୍କା ପଡ଼ିଛି। ଆସନ୍ତା ମାସରୁ ଖରିଫ୍ ଋତୁ ପାଇଁ ଚାଷୀ ପଞ୍ଜୀକରଣ ଆରମ୍ଭ ହେବ। ଏପରି ସ୍ଥିତିରେ ସରକାର ଜିଲ୍ଲାରେ ତୁରନ୍ତ ଡିଆର୍ସିଏସ୍ ନିଯୁକ୍ତି କରିବା ଆବଶ୍ୟକ।

## ବସ୍ଷ୍ଟାଣ୍ଡ ନିର୍ମାଣ ପାଇଁ ଦାବି

# ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଜନସାଧାରଣ

ଡେରାବିଶ (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ କାର୍ଯ୍ୟାଳୟ ଠାରୁ ୫ କିଲୋମିଟର ଦୂରତ୍ୱ ମଧ୍ୟରେ ରାଜପଥ କଡ଼ରେ ଏକ ବସ୍ଷ୍ଟାଣ୍ଡ ନିର୍ମାଣ ପାଇଁ ପ୍ରସ୍ତାବ ଆସିଛି। ଏହି ପ୍ରସ୍ତାବ ଅନୁଯାୟୀ ଡେରାବିଶ ବ୍ଲକର ଜନସାଧାରଣ ବ୍ଲକ ଅନ୍ତର୍ଗତ ଚାଟରାଚକଡ଼ା ପଞ୍ଚାୟତର ଛତା ଠାରେ ଏହି ବସ୍ଷ୍ଟାଣ୍ଡ ନିର୍ମାଣ କରିବା ପାଇଁ ରାଜ୍ୟର ମାନ୍ୟବର ମୁଖ୍ୟମନ୍ତ୍ରୀ, କେନ୍ଦ୍ରାପଡ଼ା ଜିଲ୍ଲାପାଳ, ଡେରାବିଶ ତହସିଲଦାରଙ୍କ ନିକଟରେ ଦାବି କରିଛନ୍ତି । ଏ ସମ୍ପର୍କରେ ପୂର୍ବରୁ କେନ୍ଦ୍ରାପଡ଼ା ଜିଲ୍ଲା ଚାଷୀ ଶ୍ରମିକ ସଂଘର କର୍ମକର୍ତ୍ତାମାନେ ଛତା ଠାରେ ବସ୍ଷ୍ଟାଣ୍ଡ ନିର୍ମାଣ କରିବା ପାଇଁ ଦାବି କରି ଆସୁଛନ୍ତି। ବ୍ଲକ ଅନ୍ତର୍ଗତ ୨୬ଟି ପଞ୍ଚାୟତର ଜନସାଧାରଣ ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିବା ଦାବିପତ୍ରରେ ଚାଟରାଚକଡ଼ା ପଞ୍ଚାୟତର ଛତା ଅଞ୍ଚଳ ବ୍ଲକର ଏକ ପ୍ରମୁଖ ଅଞ୍ଚଳ ହୋଇଥିବା ବେଳେ ଏହି ସ୍ଥାନରେ ଡେରାବିଶ ତହସିଲ, ସବ୍ରେଜିଷ୍ଟ୍ରାର କାର୍ଯ୍ୟାଳୟ, ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଡେରାବିଶ ବ୍ଲକର ମୁଖ୍ୟ ପଶୁ ଚିକିତ୍ସାଳୟ ଇତ୍ୟାଦି କାର୍ଯ୍ୟାଳୟ ରହିଥିବାରୁ ଡେରାବିଶ ବ୍ଲକର ୧୮୨ ରାଜସ୍ୱ ଗ୍ରାମର ଲୋକମାନେ ବିଭିନ୍ନ ଜମିଜମା କାର୍ଯ୍ୟ, ମନୁଷ୍ୟ ଓ ପଶୁଙ୍କ ଚିକିତ୍ସା ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟ ପାଇଁ ଏହି ଅଞ୍ଚଳକୁ ଆସିଥାନ୍ତି। ଏଥିସହିତ କେନ୍ଦ୍ରାପଡ଼ା ପଲିଟେକନିକ୍ କଲେଜ, ଡେରାବିଶ ମହିଳା ମହାବିଦ୍ୟାଳୟରେ କେନ୍ଦ୍ରାପଡ଼ା ଜିଲ୍ଲା ତଥା ଜିଲ୍ଲା ବାହାରୁ ଶହଶହ ଛାତ୍ରଛାତ୍ରୀ ପାଠ ପଢ଼ିଥାନ୍ତି । ତେଣୁ ଏହି ସ୍ଥାନରେ ବସ୍ଷ୍ଟାଣ୍ଡ ନିର୍ମାଣ କରାଗଲେ ବିଭିନ୍ନ ଅଞ୍ଚଳରୁ ବସ୍ ଏହି ଷ୍ଟାଣ୍ଡକୁ ଆସିବା ଯୋଗୁ ଲୋକମାନେ ଓ ଛାତ୍ରଛାତ୍ରୀମାନେ ସହଜରେ ଏହିସବୁ କାର୍ଯ୍ୟାଳୟରେ ପହଞ୍ଚି ପାରିବେ। ଅନ୍ୟପକ୍ଷରେ ଏହି ସ୍ଥାନରେ ବସ୍ଷ୍ଟାଣ୍ଡ ନିର୍ମାଣ ପାଇଁ ଅବଶ୍ୟକ ହେଉଥିବା ଏକ ଏକର ସରକାରୀ ଜାଗା ରାସ୍ତାକଡ଼କୁ ଲାଗି ରହିଛି। ଏହି ସ୍ଥାନରେ ହଳଦୀବସନ୍ତ ଗ୍ରାମର ଖାତା ନଂ-୧୪୬, ପ୍ଲଟ ନଂ-୨୭୬ରେ ୯୫ ଡିସିମିଲ ଗୋଚର ଜମି ରହିଛି। ଏଥିସହିତ ଏହି ସ୍ଥାନକୁ ଲାଗି ପ୍ଲଟ ନଂ-୨୭୭ରେ ୮୭ ଡେସିମିଲ ଗୋଚର ଜମି ରହିଛି। ତେଣୁ ଏହି ସରକାରୀ ସ୍ଥାନରେ ବସ୍ଷ୍ଟାଣ୍ଡ ନିର୍ମାଣ କରିବା ପାଇଁ ବ୍ଲକ ଅଧ୍ୟକ୍ଷା ପ୍ରଭାତି ମଲିକ, କୁରୁଜଙ୍ଗା ସରପଞ୍ଚ ମାନସି ସାମଲ, ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, କୃତିବାସ ଦାସ, ମମତା ଦାଶ, ଅନନ୍ତ କର, ଅକ୍ଷୟ ତ୍ରିପାଠୀ, ଭରତ ସିଂ, ମଦନ ମହାନ୍ତି, ଆଦିକନ୍ଦ ବଳ, ଗୋବିନ୍ଦ ବାରିକ, ହେମଲତା ରାଉତ, ରତ୍ନମଞ୍ଜରୀ ଦାଶ, କମଳ ମହାନ୍ତିଙ୍କ ସମେତ ବ୍ଲକ ଅଞ୍ଚଳର ହଜାର ହଜାର ଜନସାଧାରଣ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି ।

# ଚାନ୍ଦୋଳ ମହାବିଦ୍ୟାଳୟରେ ଯୋଗ ଶିବିର



ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଚାନ୍ଦୋଳ ସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟ ପରିସରରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ଯୁବ ରେଡ଼କ୍ରସ ଦ୍ୱାରା ଆୟୋଜିତ ଏହି ଯୋଗ ଶିବରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ କୁମାର ବଳ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗ ପ୍ରଶିକ୍ଷକ ଭାବେ ମମତା ସାହୁ ଯୋଗଦେଇ ଯୋଗର ବିଭିନ୍ନ ଆସନ ଓ ଏହାର ଉପକାରୀତା ସମ୍ପର୍କରେ ଶିବିରାର୍ଥୀମାନଙ୍କୁ ବୁଝାଇଥିଲେ । ପରେ ଶିବିରାର୍ଥୀମାନେ ମହାବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ପ୍ରଭାକର ଦାସ, ପ୍ରଦୀପ ରାଉତ, ସଂଜୟ କୁମାର ନାୟକ, ବିଶ୍ୱରଞ୍ଜନ ମିଶ୍ର, ଶଶିଭୂଷଣ ଯେନା, ବରଦା ପ୍ରସାଦ ଯେନା, ପ୍ରତାପ ଜେନା, ଅଧ୍ୟାପିକା ଶ୍ରୀମତୀ ଦାସ, ସୁକନ୍ୟା ମହାନ୍ତି, ଝରାଶ୍ରୀ ପରିଜା, ମିନାକ୍ଷୀ ପ୍ରଧାନ, ସ୍ମୃତି ଶ୍ରାବଣୀ, ଜ୍ୟୋତିର୍ମୟୀ ନାଥଶର୍ମା, ମନିଷା ଦାସ, ମନିଷା ମହାରଣା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# 'ସୁସ୍ଥ ଶରୀର ଗଠନରେ ସହାୟକ ହୋଇଥାଏ ଯୋଗ'

ବ୍ୟାସନଗର (ଭାସ୍କର ନ୍ୟୁଜ୍) : ବ୍ୟାସନଗର ସ୍ୱାସ୍ଥ୍ୟ ସୁରକ୍ଷା ମଞ୍ଚ ଓ ବ୍ୟାସନଗର ପୌର ପରିଷଦ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଇଣ୍ଡୋର ଷ୍ଟାଡିଅମ ପରିସରରେ ଏକାଦଶତମ ଆନ୍ତରାଷ୍ଟ୍ରୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥିଭାବେ କୋରାଇ ବିଧାୟକ ଆକାଶ ଦାସନାୟକ ଯୋଗଦେଇ ଶିଶୁ ଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ନିୟମିତ ଯୋଗ କରିବାକୁ ପରାମର୍ଶ ଦେଇ ସୁସ୍ଥ ରାଷ୍ଟ୍ର ଗଠନରେ ସୁସ୍ଥ ଶରୀର ଓ ସୁସ୍ଥ ମନ ସହାୟକ ହୋଇଥାଏ ଓ ଯୋଗ ଶାରୀରିକ ସୁସ୍ଥତା ସହିତ ମାନସିକ ବିକାଶରେ ବଡ଼ ଭୂମିକା ରଖେ ବୋଲି କହିଥିଲେ। ସ୍ୱାସ୍ଥ୍ୟ ସୁରକ୍ଷା ମଞ୍ଚର ମୁଖ୍ୟ ସଂଯୋଜକ ଡ଼. ଚିନ୍ତାମଣି ପାଢୀଙ୍କ




ସଭା ପରିଚାଳନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମଞ୍ଚ ସମ୍ପାଦକ ଶିଶିର କୁମାର ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ କାର୍ଯ୍ୟକାରୀ ସଭାପତି ବଜ୍ରବାହୁ ସୀମାନ୍ତ କେଶରୀ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥିଭାବେ ବ୍ୟାସନଗର ପୌରପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢ଼ୀ ଯୋଗଦେଇ ମଣିଷ ନିରୋଗ ରହିବାକୁ ହେଲେ ଯୋଗକୁ ଜୀବନଚର୍ଯ୍ୟା ସହିତ ଯୋଡିବାକୁ ପରାମର୍ଶ ଦେଇଥିଲେ। ଯୋଗଗୁରୁ ବ୍ରିଜେଶ କୁମାର ପତି ଓ ବିଭୂରଞ୍ଜନ ପାଲ ୩୦ ପ୍ରକାରର ଯୋଗାଭ୍ୟାସ ଶିକ୍ଷା ଦେବା ସହିତ ଯୋଗ ଦିବସର ଶପଥ ପାଠ କରାଇଥିଲେ। ଉପ ସଭାପତି ଦେବଦତ୍ତ ରାୟ, ଦୀପକ କୁମାର ପରିଡ଼ା, ସହ ସମ୍ପାଦକ ଭରତ ଚନ୍ଦ୍ର ବିଶ୍ୱାଳ, ଯୁଗ୍ମ ସମ୍ପାଦକ ପ୍ରଣବେନ୍ଦୁ ଜେନା, କୋଷାଧ୍ୟକ୍ଷ ଜିତେନ୍ଦ୍ର କୁମାର ରାଉତ ଅଶୋକ ଦାସ, ପ୍ରକାଶ ଚକ୍ର, ଦୂର୍ବାଦଳ ବସୁ, ସତ୍ୟବ୍ରତ ପରିଡ଼ା, ଅମିତ ଦାସ, ଶଙ୍କର୍ଷଣ ରାଉତ, ସଞ୍ଜୟ ମହାନ୍ତି, ଚିତ୍ରସେନ ଦାସ ବିଷ୍ଣୁ ଚରଣ ବିଶ୍ୱାଳ, ତଥାଗତ ବାଇ, କୁଳମଣି ରାଉତଙ୍କ ସମେତ ମଞ୍ଚ କର୍ମକର୍ତ୍ତା ଓ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ମଞ୍ଚ ତରଫରୁ ଯୋଗଗୁରୁ ଶ୍ରୀ ପତି ଓ ଶ୍ରୀ ପାଲଙ୍କୁ ପରମେଶ୍ୱର ଜେନା ଓ ପ୍ରଫୁଲ୍ଲ କୁମାର ନାୟକ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ଆନ୍ତର୍ଜାତିକ ଯୋଗ ଦିବସ ପାଳିତ

ଫୁଲନଖରା (ଭାସ୍କର ନ୍ୟୁଜ୍) : କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ଅଞ୍ଚଳରେ ୧୧ତମ ଯୋଗ ଦିବସ ପାଳିତ ହୋଇଯାଇଛି। କନ୍ଦରପୁର କଲେଜରେ ଜାତୀୟ ସେବା ସଂସ୍ଥାର ପ୍ରୋଗ୍ରାମ ଅଫିସର ତଥା ଇଂରାଜୀ ବିଭାଗର ଅଧ୍ୟାପକ ସଂଗ୍ରାମକେଶରୀ ଜଗଦେବଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଯୋଗ ପ୍ରଶିକ୍ଷିକା ବିଶ୍ୱଜିତା ମହାନ୍ତଙ୍କ ପ୍ରଶିକ୍ଷଣରେ ବହୁ ଛାତ୍ରଛାତ୍ରୀ ଯୋଗ ଶିବିରରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷା ସ୍ୱାତି ପଣ୍ଡାଙ୍କ ସମେତ ଅଧ୍ୟାପିକା ଡ଼ ନମିତା ପଟ୍ଟନାୟକ ଉପସ୍ଥିତ ଥିଲେ। ସେହିପରି ସଦର ଅଞ୍ଚଳର ସର୍ବପୁରାତନ କ୍ରୀଡା ଅନୁଷ୍ଠାନ ଆନ୍ତଃ ଗ୍ରାମ୍ୟ କ୍ରୀଡା ପରିଷଦ ପକ୍ଷରୁ ନିଜସ୍ୱ ଖେଳପଡିଆ ଠାରେ ଯୋଗ ଶିବିର ମୁଖ୍ୟ ଯୋଗ ପ୍ରଶିକ୍ଷକ ରବୀନ୍ଦ୍ର ନାଥ ଭୋଇଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପ୍ରକାଶ ପୃଷ୍ଟି (ବାପି) ଏବଂ ରାଜେଶ ସେଠୀଙ୍କ ସଂଚାଳନରେ ପବିତ୍ର ବେହେରା, ସତ୍ୟ ନାରାୟଣ ମିଶ୍ର, ଇନ୍ଦ୍ରଜିତ ଭୋଇ, ପ୍ରଶାନ୍ତ ବେହେରା, ପ୍ରଭାତ ବେହେରାଙ୍କ ସମେତ ମହିଳା କ୍ରୀଡ଼ାବିତ ମାନଙ୍କ ମଧ୍ୟରେ ସିପ୍ରା ଭୂୟାଁ, ସୁମିତ୍ରା ପ୍ରଧାନ, ଲିପ୍ସା ବେହେରା, ଲକ୍ଷ୍ମୀପ୍ରିୟା ବେହେରା, ସୁଷମା ସେଠୀ, ସ୍ୱାଗତିକା ବେହେରାଙ୍କ ସମେତ ବହୁ କ୍ରୀଡ଼ାବିତ ଯୋଗଦେଇ ଯୋଗ ଦିବସଟିକୁ ଆଡମ୍ବର ସହକାରେ ପାଳନ କରିଥିଲେ। ତତ୍ ସହିତ ଗୋପାଳ ସ୍ମୃତି ବିଦ୍ୟାପୀଠ ସମେତ ସମସ୍ତ ବିଦ୍ୟାଳୟରେ ଏବଂ ଯୁବକ ସଂଘରେ ଯୋଗ ଦିବସ ପାଳିତ ହୋଇଯାଇଛି ।

# ଉପଖଣ୍ଡ ପ୍ରଶାସନ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ

କରଞ୍ଜିଆ (ଭାସ୍କର ନ୍ୟୁଜ୍) : ଜୁନ ୨୧ ତାରିଖକୁ ବିଶ୍ୱ ଯୋଗ ଦିବସ ଅବସରରେ ସ୍କୁଲ, କଲେଜ ଠାରୁ ଆରମ୍ଭ କରି ବିଭନ୍ନ ଅନୁଷ୍ଠାନ ପକ୍ଷରୁ ପାଳନ କରାଯାଇଛି। ଯୋଗ କରି ନିରୋଗ ରହିବା ନାରାରେ ସମସ୍ତେ ଅନୁପ୍ରାଣିତ ଏହି ପରିପ୍ରେକ୍ଷୀରେ ଉପଖଣ୍ଡ ପ୍ରଶାସନ ଆନୁକୂଲ୍ୟରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷ ଠାରେ ଉପଜିଲ୍ଲାପାଳ ପ୍ରକାଶ କୁମାର ଦାସଙ୍କ ଅଧ୍ୟକ୍ଷତାରେ ବିଶ୍ୱ ଯୋଗ ଦିବସ ପାଳିତ ହୋଉଯାଇଛି। ଏଥିରେ ସହକାରୀ ଜିଲ୍ଲାପାଳ ନିହାର ରଞ୍ଜନ ସେଠି, ଅତିରିକ୍ତ ତହସିଲଦାର ଶର୍ମିଷ୍ଠା ସାହୁ, ଅତିରିକ୍ତ ଯୋଗାଣ ଅଧିକାରୀ ହିମାଂଶୁ ଶେଖର ଦତ୍ତ ଅତିଥି ଭାବେ ଯୋଗଦେଇ ଯୋଗ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୋଗ




ଗୁରୁ ଭାବେ ସ୍ଥାନୀୟ ବ୍ରହ୍ମ କୁମାରୀ ଶିକ୍ଷାଶ୍ରମର ଗୁରୁମା ଯୋଗ ଦେଇ ଯୋଗର ଉପକାରିତା ସମ୍ପର୍କରେ ବୁଝାଇବା ସହିତ ଉପସ୍ଥିତ ଅତିଥି ଓ ଜନସାଧାରଣଙ୍କୁ ଯୋଗାଭ୍ୟାସ କରାଇଥିଲେ। ପରେ ସମସ୍ତେ ଚାରାରୋପଣ କରିଥିଲେ।

# କନ୍ଦାଖାଇ କଳା ଓ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୋଗ ଦିବସ

କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ କନ୍ଦାଖାଇ କଳା ଓ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଯୋଗ ଦିବସକୁ ପ୍ରଶାସନିକ ଦିଲ୍ଲୀପ କୁମାର ଦଳେଇ ଉଦ୍ଘାଟନ କରିଥିବା ବେଳେ ବିଦ୍ୟାଳୟର ଅଧକ୍ଷ ସୁରେଶ ଚନ୍ଦ୍ର ସୁବୁଦ୍ଧିରନ୍ ଯୋଗକୁ ଆପଣାଇ ନିରୋଗ ରହିବାକୁ ଆହ୍ୱାନ ଦେଇଥିଲେ। କ୍ରୀଡା ଶିକ୍ଷକ ରମେଶ ଚନ୍ଦ୍ର ବିଶ୍ୱାଳ, ଜାତୀୟ ସେବା ସଂସ୍ଥାର ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଚନ୍ଦ୍ରଶେଖର ମହାନ୍ତି, ଅଧ୍ୟାପକ ଡ. ପ୍ରଭାତ କୁମାର ଆଚାର୍ଯ୍ୟ, ବିଜ୍ଞାନଗାର ସହକାରୀ ଜୈନୁଲ ହୁସେନ, ଅଧ୍ୟାପକ ମଧୁସୂଦନ ସାହୁ, ଅଧ୍ୟାପକ ଗୋପାଳ ଚଟୋପାଧ୍ୟାୟ, ଅଧ୍ୟାପିକା ସ୍ମିତା ମହାରଣା, ଅଧ୍ୟାପକ ରାଜକିଶୋର ସାମନ୍ତରାୟ, ବିଦ୍ୟାଳୟ କର୍ମଚାରୀ ରବୀନ୍ଦ୍ର, ସୌମ୍ୟ, ନନ୍ଦିନୀ, ପୁଷ୍ପା, ଶୁଭମ, ଯଶୋବନ୍ତ କ୍ରିଷ୍ଣାଙ୍କ ସମେତ ୨୫୦ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଯୋଗ ଦିବସ ଅବସରରେ



ବିଦ୍ୟାଳୟ ଜାତୀୟ ସେବା ସଂସ୍ଥା ପକ୍ଷରୁ ବହୁ ଔଷଧ ଧାୟ ବୃକ୍ଷ ଫଳ ଗଛ ରୋପଣ କରାଯାଇଥିଲା। ସାରା ବିଶ୍ୱରେ ୧୧ତମ ଅନ୍ତର୍ଜାତୀୟ ଯୋଗ ପାଳିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ ଏକ ପୃଥିବୀ ଏକ ସ୍ୱାସ୍ଥ୍ୟରେ ପ୍ରକମ୍ପିତ ହୋଇଥିଲା ବିଦ୍ୟାଳୟ ପରିସର ଏଥିରେ ଉପସ୍ଥିତ ଥିବା ଅଧ୍ୟାପକ/ଆଧାପିକା, ଛାତ୍ରଛାତ୍ରୀ, ବିଦ୍ୟାଳୟର କର୍ମଚାରୀମାନଙ୍କୁ କ୍ରୀଡା ଶିକ୍ଷକ ରମେଶ ବିଶ୍ୱାଳ ଯୋଗ ପ୍ରାଣାୟମ ଶିକ୍ଷା ଦେଇଥିଲେ। ଜାତୀୟ ସେବା ସଂସ୍ଥାର ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଚନ୍ଦ୍ରଶେଖର ମହାନ୍ତି କହିଥିଲେ ଯେ ସ୍ୱାସ୍ଥ ପାଇଁ ଯୋଗ ନିତ୍ୟାନ୍ତ ଆବଶ୍ୟକ। ସୁନ୍ଦର ପରିବେଶ ଗଠନ ସହ ଶାରୀରିକ ଦକ୍ଷତା, ସୁସ୍ଥ ମାନସିକତା ଗଠନ କରିବାକୁ ଯୋଗ ପ୍ରାଣାୟାମ ଆବଶ୍ୟକ। ସମାଜରେ ଆଜି ଅନେକ ରୋଗ ସାମ୍ନାକୁ ଆସୁଛି ଆଉ ଏହି ରୋଗ ପ୍ରଭାବରେ ବ୍ୟକ୍ତିମାନେ ଆକ୍ରାନ୍ତ ହେଉଛନ୍ତି। ଅନେକ ପରିବାର ଅସ୍ୱାସ୍ଥ୍ୟକର ମାନସିକତା ପାଇଁ ଭାଙ୍ଗି ପଡୁଛନ୍ତି। ପୁରାଣ ଯୁଗରେ ମୁନିଋଷିମାନେ ଯୋଗ ପ୍ରାଣାୟମ ମାଧ୍ୟମରେ ଅନେକ ସାଧାନା କରୁଥିବା ଯୋଗୁ ସମାଜ କଲ୍ୟାଣ ଆଉ ଶୁଦ୍ଧ ସୁସ୍ଥ ସମାଜ ଗଠନ କରିବାରେ ପୂର୍ଣ୍ଣ ଦକ୍ଷତା ସେମାନଙ୍କ ନିକଟରେ ଥିଲା, ଯାହାକୁ ପୁନଃ ଉଦ୍ଧାର କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନରେ ସମସ୍ତେ ଯୋଗ କରି ସୁସ୍ଥ ରହିବା ପାଇଁ ଆନ୍ତର୍ଜାତୀୟ ଯୋଗ ଦିବସରେ ଶପଥ ନେଇଥିଲେ।

# ଅପମିଶ୍ରିତ ଓ ବିଷାକ୍ତ ମାଦକଦ୍ରବ୍ୟ ବିରୋଧରେ ସଚେତନତା ଅଭିଯାନ

## ଜିଲ୍ଲାସ୍ତରୀୟ କୁଇଜ, ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା



ବାରିପଦା (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ଅବକାରୀ ବିଭାଗର ଅଧୀକ୍ଷକ ପ୍ରଶାନ୍ତ କୁମାର କହଁରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଅବକାରୀ ବିଭାଗ ଏବଂ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ମିଳିତ ଆନୁକୂଲ୍ୟରେ ବାରିପଦା ସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଜିଲ୍ଲାସ୍ତରୀୟ ନିଶାଦ୍ରବ୍ୟ ତଥା ଅପମିଶ୍ରିତ ଓ ବିଷାକ୍ତ ମାଦକଦ୍ରବ୍ୟ ବିରୋଧରେ ସଚେତନତା ଅଭିଯାନ ଉପଲକ୍ଷେ ଜିଲ୍ଲାସ୍ତରୀୟ କୁଇଜ, ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କୁଇଜ ପ୍ରତିଯୋଗିତାରେ ଠାକୁରମୁଣ୍ଡା ବ୍ଲକ ଓଏଭି, ଦିଗଧରର ମୃତ୍ୟୁଞ୍ଜୟ ଦାଶ, ଜାମଦା ବ୍ଲକ ଓଏଭି ପାଶନାର ଶୁଭମ ଶେଖର ଦାସ, କୁସ୍ମୀ ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ, ହାଟବାଦ୍ରାର ଇପ୍ସା ପ୍ରସାଦ ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ସେହିପରି ଚିତ୍ରାଙ୍କନ ପ୍ରତିଯୋଗିତାରେ ରାଇରଙ୍ଗପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶୁଭେନ୍ଦୁ ସେଠୀ, ଗୋପବନ୍ଧୁ ନଗର ବ୍ଲକ ଓଏଭି, ଟିଟିଆର କ୍ଷୀରୋଦ କୁମାର ନାଏକ, ରସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ହୃଦାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟ, ତମ୍ବାଖୁରୀର ଶ୍ରୀୟାଂଶୁ ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି । ସେହିପରି ପ୍ରବନ୍ଧ ପ୍ରତିଯୋଗିତାରେ କପ୍ତିପଦା ବ୍ଲକ ଓଏଭି, ଭାଲୁବସାର ତନୁକ୍ରୀଷ୍ଣା ମହଲା, ବାରିପଦା ସ୍ଥିତ ଲେଡି ହେମିଲଟନ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାଚୀ ତନୟା ଦାସ, ବାରିପଦା ସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଚନ୍ଦ୍ରଲେଖା ମାରାଣ୍ଡୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ସେହିପରି ବକ୍ତୃତା ପ୍ରତିଯୋଗିତାରେ ଓଏଭି ମୋରଡାର ପ୍ରଭୁପଦ ନାୟକ, କୁସ୍ମୀ ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ, ହାଟବାଦ୍ରାର ପୁଷ୍ପାଞ୍ଜଳି ବାରିକ, ସରସକଣା ବ୍ଲକ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଝାରପୋଖରୀଆର ଅଙ୍କନପ୍ରଭା ବେହେରା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି । ଏହି ପ୍ରତିଯୋଗିତାକୁ ବାରିପଦା ଉପଖଣ୍ଡ ଅବକାରୀ ବିଭାଗର ଉପ-ଅଧୀକ୍ଷକ ତପସ୍ୱିନୀ ନାଏକ ଓ ରାଇରଙ୍ଗପୁର ଉପଖଣ୍ଡ ଅବକାରୀ ବିଭାଗର ଉପ-ଅଧୀକ୍ଷକ ସୌମ୍ୟରଞ୍ଜନ ବେହେରା ଏବଂ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ପ୍ରତିଯୋଗିତା ଗୁଡିକୁ ଉଦ୍ଘାଟନ କରିଥିଲେ। ପରିଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା ଏବଂ ସମସ୍ତ ପ୍ରତିଯୋଗୀ ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ବାରିପଦା ରେଞ୍ଜ ନିରୀକ୍ଷକ ସ୍ୱପ୍ନାରାଣୀ ସାହୁ, ମୋବାଇଲ ବିଭାଗ -୧ ନିରୀକ୍ଷକ ଶ୍ରୀଧର ମହାନ୍ତି, ରାଇରଙ୍ଗପୁର ରେଞ୍ଜ ନିରୀକ୍ଷକ ବିନୟ ପ୍ରକାଶ ତାର୍କୀ, କରଞ୍ଜିଆ ରେଞ୍ଜ ନିରୀକ୍ଷକ ସଞ୍ଜୟ କୁମାର କାଣ୍ଡି, ବାରିପଦା ସଦର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ବ୍ରଜ ମଲ୍ଲିକ, କରଞ୍ଜିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ରଶ୍ମି ରଞ୍ଜନ ନାଏକ, ବେତନଟୀ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରକାଶ ସାହୁ, ରାଇରଙ୍ଗପୁର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ସାମଲ, ଠାକୁରମୁଣ୍ଡା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଭାରତୀ ନାୟକ, ଉଦଳା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଶୁଭଦର୍ଶନୀ ସାହୁ, ବହଳଦା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ରଣଜିତ ସବରଙ୍କ ସମେତ ଜିଲ୍ଲା ଅବକାରୀ ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ବିଚାରକ ଭାବେ ଶିକ୍ଷକ ମହେନ୍ଦ୍ର ନାଥ ଦଣ୍ଡପାଟ,ବସନ୍ତ ଦତ୍ତ, ନୟନ କୁମାର ଗିରି, ଦୀପକ ରାମ, ଶିକ୍ଷୟିତ୍ରୀ ଅତସୀ କୁଣ୍ଡୁ, ମୌସୁମୀ ଦୀକ୍ଷିତ, ଜ୍ୟୋତି କର୍ମକାର ପ୍ରମୁଖ ଯୋଗ ଦେଇଥିଲେ। ଆୟୋଜକ ବିଦ୍ୟାଳୟ ମହାରାଜା କୃଷ୍ଣ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ରାଜୀବ ଲୋଚନ ଜେନା, ଶାନ୍ତନୁ ଦାସ, ପ୍ରବୀଣ କୁମାର ଚାନ୍ଦ, ଅର୍ଜୁନ କୁମାର ଜେନା, ମୃତ୍ୟୁଞ୍ଜୟ ମହାନ୍ତ, ସ୍ମୃତି ରଞ୍ଜନ ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'ଗରିବଙ୍କ ସମସ୍ୟା ପାଇଁ ଲଢେଇ ଜାରି ରହିବ'

ଜଳେଶ୍ୱର (ଭାସ୍କର ନ୍ୟୁଜ୍) : ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ର ଜଳେଶ୍ୱର ଓ ଭୋଗରାଇ ଆଞ୍ଚଳିକ କମିଟି ଦ୍ୱାରା ମିଳିତ ଭାବେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ୨୪ତମ ପାର୍ଟି କଂଗ୍ରେସରେ ଗୃହୀତ ରାଜନୈତିକ ରିପୋର୍ଟ ଓ ସାଂଗଠନିକ କର୍ତ୍ତବ୍ୟକୁ ପାର୍ଟିର ତୃଣମୂଳ ସ୍ତର ପର୍ଯ୍ୟନ୍ତ ନେଇଯିବା ଏବଂ ସରକାରଙ୍କର ସମସ୍ତ ଜନବିରୋଧୀ ନୀତି ବିରୋଧରେ ଲଢ଼େଇ ଜାରି ରଖିବା ପାଇଁ ମାର୍ଗ ନିର୍ଦ୍ଧାରଣର ଲକ୍ଷ୍ୟ ନେଇ ଏହି ଆଲୋଚନାଚକ୍ରର ଆୟୋଜନ ହୋଇଥିଲା। ପାର୍ଟିର ଆଞ୍ଚଳିକ କମିଟି ସମ୍ପାଦକ ଅକ୍ଷୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମୀ ସମାବେଶରେ ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ ଯୋଗଦେଇ କହିଥିଲେ ଆମ ଦେଶ ଏବେ ଗଭୀର ସଙ୍କଟ ଦେଇ ଗତି କରୁଛି। ନବ୍ୟ ଉଦାରବାଦୀ ତଥା କର୍ପୋରେଟ ସପକ୍ଷବାଦୀ ଅର୍ଥନୀତିକୁ ଆପଣେଇ ସରକାର ଯେଉଁ ବିକାଶର ଚିତ୍ର ଲୋକଙ୍କ ସମ୍ମୁଖରେ ଥୋଉଛନ୍ତି ତାହା ନକଲି, ମନଗଢା ଏବଂ ପ୍ରାୟୋଜିତ।




ପ୍ରକୃତ ପକ୍ଷରେ ଦେଖିବାକୁ ଗଲେ ସାଧାରଣ ଜନତାଙ୍କ ଦୁର୍ଦ୍ଦଶାର ସୀମା ନାହିଁ। ଗରିବ ମେହନତୀ ମଣିଷ ହାତକୁ କାମ ନାହିଁ, ପାଠ ଶାଠ ପଢି ସାରିବା ପରେ ଯୁବକ ଯୁବତୀଙ୍କ ପାଇଁ ଚାକିରି ନାହିଁ, କୃଷକ ତା'ର ଉତ୍ପାଦିତ ଫସଲର ଅଭାବୀ ବିକ୍ରିକୁ ମାନି ନେବାକୁ ବାଧ ହେଉଛି, ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ରର ଦାମ ନିୟନ୍ତ୍ରଣର ବାହାରେ ଥିବାବେଳେ ଲୋକଙ୍କୁ ବିଭିନ୍ନ ଧର୍ମ, ଜାତି ନାମରେ ବିଭାଜିତ କରିବାର ଚକ୍ରାନ୍ତ ଚାଲିଛି। ଆତଙ୍କବାଦୀଙ୍କ ଆକ୍ରମଣକୁ ନେଇ ସରକାର ରାଜନୀତି କରିବାକୁ କୁଣ୍ଠାବୋଧ କରୁନାହାନ୍ତି। ଦେଶର ସାର୍ବଭୌମତ୍ୱ ଆଜି ବିପଦରେ ବୋଲି ଶ୍ରୀ ପାଣିଗ୍ରାହୀ କହିଥିଲେ। ବାଲେଶ୍ୱର ଜିଲ୍ଲା ସମ୍ପାଦକ ଶିଶିର କୁମାର ହୁଇ ପାର୍ଟି ସଭ୍ୟମାନଙ୍କର ସାଂଗଠନିକ କର୍ତ୍ତବ୍ୟ' ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟ କମିଟି ସଦସ୍ୟ ସୀତାଂଶୁ ସେନାପତି ରାଜ୍ୟ କମିଟିର ସିଦ୍ଧାନ୍ତ ସମ୍ପର୍କରେ ଆଲୋଚନା କରିଥିବା ବେଳେ ଜିଲ୍ଲା କମିଟି ସଭ୍ୟ ଦିପ୍ତୀମାନ ଆଚାର୍ଯ୍ୟ ଧାନ ବିକ୍ରି କ୍ଷେତ୍ରରେ ଲୋକମାନେ ଭୋଗୁଥିବା ସମସ୍ୟା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଭୋଗରାଇ ଆଞ୍ଚଳିକ କମିଟି ସମ୍ପାଦକ ବିଶ୍ୱଜିତ ଦାସ ଉପସ୍ଥିତ ଥିବା ବେଳେ ଜିଲ୍ଲା କମିଟି ସଭ୍ୟ ନାରୀନେତ୍ରୀ ମମି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆଲୋଚନା ଚକ୍ରରେ ଦୁଇ ଶହରୁ ଉର୍ଦ୍ଧ୍ୱ ପାର୍ଟି ସଭ୍ୟ ଯୋଗ ଦେଇଥିଲେ।

# ରାଶିଫଳ


ସୋମବାର, ୨୩ ଜୁନ୍ ୨୦୨୫



**ମେଷ:** କର୍ମକ୍ଷେତ୍ରରେ ଅଧିକାରୀଙ୍କ ସହଯୋଗ ଏବଂ ବିଶ୍ୱାସ ପାଇବେ। ପାରିବାରିକ ବ୍ୟସ୍ତତା ରହିବ। ଅପ୍ରତ୍ୟାଶିତ ଖର୍ଚ୍ଚ ହେତୁ ଟେନସନ ହେବେ। ଆଶା କରାଯାଉଥିବା କାର୍ଯ୍ୟରେ ବିଳମ୍ବ ହେବ। ବୁଦ୍ଧିମାନ ଭାବରେ କାର୍ଯ୍ୟ କରନ୍ତୁ। ପରିବାର ସହିତ ସ୍ଥାନୀୟ ଧର୍ମସ୍ଥାନକୁ ଯାତ୍ରା କରିବେ।




**ବୃଷ:** ଲାଭ ପାଇଁ ସୁଯୋଗ ମିଳିବ। ଶତ୍ରୁ ଭୟଭୀତ ହେବେ। ଗ୍ରାହକ ବ୍ୟବସାୟରେ ଭଲ ହେବେ। କାର୍ଯ୍ୟ ଆଚରଣ, ସଚ୍ଚୋଟତା କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। କଠିନ ପରିଶ୍ରମ କରିବା ଲାଭଦାୟକ ହେବ। ଚିନ୍ତା ରହିବ।



**ମିଥୁନ:** ସମ୍ମାନ ପାଇବେ। ବ୍ୟବସାୟରେ ନୂତନ ଚୁକ୍ତିନାମା ହେବ। ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। ବକ୍ତବ୍ୟକୁ ନିୟନ୍ତ୍ରଣ କରନ୍ତୁ। ମହିଳାମାନେ କଷ୍ଟ ପାଇପାରନ୍ତି। ବିବାଦ ଠାରୁ ଦୂରେଇ ରୁହନ୍ତୁ। କାର୍ଯ୍ୟରେ ସଫଳତା, ଶତ୍ରୁମାନେ ପରାସ୍ତ ହେବେ। କାର୍ଯ୍ୟ ଚତୁରତାର ସହିତ କରନ୍ତୁ।




**କର୍କଟ:** ମନ୍ଦିରରେ ଠାକୁରଙ୍କ ଦର୍ଶନ ସୁଯୋଗ ପାଇବେ। ଯନ୍ତ୍ର ସହିତ ଯାନ ଏବଂ ଯନ୍ତ୍ର ବ୍ୟବହାର କରନ୍ତୁ। ଧନର ସମ୍ଭାବନା। ସାଙ୍ଗମାନଙ୍କୁ ଭେଟିବେ। ବିବାଦ କରନ୍ତୁ ନାହିଁ। ଯାତ୍ରା ସଫଳ ହେବ। ବିବାଦ କରନ୍ତୁ ନାହିଁ। କାରବାରରେ ସାବଧାନ ରୁହନ୍ତୁ।




**ସିଂହ:** ସ୍ୱାସ୍ଥ୍ୟ ଭଲ ରହିବ। ପ୍ରେମ ସଂପର୍କରେ ଦୂରେଇ ରୁହନ୍ତୁ। ଯାନ ଏବଂ ଯନ୍ତ୍ରର ବ୍ୟବହାରରେ ସାବଧାନ ରୁହ। ବିବାଦକୁ ଯାଆନ୍ତୁ ନାହିଁ। ଶତ୍ରୁମାନେ ପରାସ୍ତ ହେବେ। ଉପକୃତ ହେବେ। ଅଜ୍ଞାତ ଭୟ ଆପଣଙ୍କୁ ହନ୍ତସନ୍ତ କରିବ। ଶତ୍ରୁମାନେ ଶାନ୍ତ ରହିବେ।




**କନ୍ୟା:** ଜୀବନ ସାଥୀଙ୍କଠାରୁ ସମର୍ଥନ ପାଇବେ। ରାଜନୈତିକ ପ୍ରତିବନ୍ଧକ ଦୂର ହେବ। ଆଖି ଯନ୍ତ୍ରଣା ହେବାର ସମ୍ଭାବନା। ଧନ ଲାଭ ହେବ। ଶତ୍ରୁ ଦ୍ୱାରା ଅସୁବିଧାରେ ପଡ଼ିବେ। ଅପମାନିତ ହେବାର ସମ୍ଭାବନା। ଦୁଃଖଦ ଖବର ସମ୍ଭାବନା। ଧନ କ୍ଷତି। ଶାରୀରିକ ଯନ୍ତ୍ରଣା ହେବ। ସ୍ୱାସ୍ଥ୍ୟ ଦୁର୍ବଳ ହେବ।




**ତୁଳା:** ପ୍ରଗତିର ରାସ୍ତା ଖୋଲାଯିବ। କାର୍ଯ୍ୟ ପ୍ରତି ଉଦାସୀନତା ରହିବ। ଦୁଃଖଦ ଖବର ଗ୍ରହଣ କରାଯାଇପାରେ। କିଛି ଲାଭର ସମ୍ଭାବନା। ଚିନ୍ତା କମ୍ ହେବ। ସ୍ୱାସ୍ଥ୍ୟ ଦୁର୍ବଳ ହେବ। ଜମି ଏବଂ ନିର୍ମାଣ ପାଇଁ ଏକ ଯୋଜନା ପ୍ରସ୍ତୁତ ହେବ।




**ବିଛା:** ପାର୍ଟୀ ଏବଂ ପିକନିକ୍ ଉପଭୋଗ କରାଯିବ। ଛାତ୍ର ଶ୍ରେଣୀ ସଫଳତା ହାସଲ କରିବେ। ଶତ୍ରୁ ଉପରେ ବିଜୟ। କୁସଙ୍ଗରୁ କ୍ଷତି। ଜୀବନସାଥି ପାଇବେ। କିଛି ରୋଜଗାର ହେବ। ମାତା ଯନ୍ତ୍ରଣା ଭୋଗିବେ। କାରବାରରେ ସାବଧାନ ରୁହନ୍ତୁ। ସାଥୀ ସହିତ ମତଭେଦ ଦୂର ହେବ।




**ଧନୁ:** ବୃଥା ବ୍ୟସ୍ତତା ରହିବେ। ଭୟ-ଯନ୍ତ୍ରଣା, ମାନସିକ ଦୁଶ୍ଚିନ୍ତା ସମ୍ଭାବନା। ଲାଭ ଠିକ ରହିବ। ଦୁଃଖଦ ଖବର ମିଳିପାରେ। କ୍ଷତି ଏବଂ ଭୟର ସମ୍ଭାବନା, ବୀରତ୍ୱ ସଫଳତା ଆଡକୁ ଗତି କରିବ, ଅସନ୍ତୋଷର ବାତାବରଣ ସୃଷ୍ଟି ହେବ। ଭୟ, ଯନ୍ତ୍ରଣା ଏବଂ ଦ୍ୱନ୍ଦ୍ୱ ହୋଇପାରେ। କାର୍ଯ୍ୟ ଚତୁରତାର ସହିତ କରନ୍ତୁ। ପେଟ ରୋଗରେ ପୀଡିତ ହେବାର ସମ୍ଭାବନା।



**ମକର:** ଯାତ୍ରା ସମ୍ଭବ ହେବ। କିଛି ଦୁଃଖ ସମ୍ଭାବନା। ଲାଭ ହେବ। ମହିଳା ଶ୍ରେଣୀର ଯନ୍ତ୍ରଣା। କୁସଙ୍ଗ ଯୋଗୁଁ କଷ୍ଟ ସମ୍ଭାବନା। ଏହା ଏକ ଅସନ୍ତୁଷ୍ଟ ଦିନ ହେବ। ପତିପତ୍ନୀଙ୍କ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ। ଘର ବାହାରେ ଅଶାନ୍ତି ଦେଖାଦେଇପାରେ। ପ୍ରୟାସ ସଫଳ ହେବ। ବିବାଦ ଠାରୁ ଦୂରେଇ ରୁହନ୍ତୁ। କାର୍ଯ୍ୟରେ ସଫଳତା, ଶତ୍ରୁମାନେ ପରାସ୍ତ ହେବେ।



**କୁମ୍ଭ:** ଆୟ ବୃଦ୍ଧି ପାଇବ। ଭଲ ଖବର ଗ୍ରହଣ କରାଯିବ। ପୁରୁଣା ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବେ। ସ୍ୱାସ୍ଥ୍ୟ ଦୁର୍ବଳ ହେବ। ବିରୋଧର ସମ୍ଭାବନା, ଅର୍ଥ ହରାଇବା, ଘରେ ଅସନ୍ତୋଷ, ରୋଗ ଦ୍ୱାରା ଘେରି ରହିବାର ସମ୍ଭାବନା, କିଛି ସଫଳତାର ସମ୍ଭାବନା। ଚିନ୍ତା ଉପୁଜିବ। ସ୍ତ୍ରୀ ପୀଡା, କିଛି ଲାଭ ଆଶା କରନ୍ତୁ।



**ମୀନ:** ଲାଭ ହେବ। ରୋଜଗାର ବୃଦ୍ଧି ପାଇବ। ବ୍ୟବସାୟ ଯାତ୍ରା ସଫଳ ହେବ। ପରିବାରର ଚିନ୍ତା ରହିବ। ଆପଣ ଅସୁସ୍ଥ ଅନୁଭବ କରିବେ। ଚିନ୍ତା ଆପଣଙ୍କୁଠାରୁ ମୁକ୍ତି ପାଇବ ନାହିଁ। ଝଗଡା ଏବଂ ଅପମାନରୁ ଦୂରେଇ ରୁହନ୍ତୁ। ସମ୍ଭାବ୍ୟ ଯାତ୍ରା ସତର୍କତା ଅବଲମ୍ବନ କରିବାକୁ ପଡିବ।



ପ୍ରସ୍ତୁତି

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯




ଉମରକୋଟ(ଭାସ୍କର ନ୍ୟୁଜ୍): ଉମରକୋଟ ପୌର ପରିଷଦ ତରଫରୁ ସହରର ୧ ନମ୍ବର୍ ୱାର୍ଡରେ ଆଜି ଏକ ସାମୂହିକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୌର ପରିଷଦ ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ପୌରାଧକ୍ଷା ଶ୍ରୀମତୀ ରାଧା ଭତ୍ରା, ମନ୍ତ୍ରୀ ପ୍ରତିନିଧି ଅଶୋକ ପାଢ଼ୀ, ସାଂସଦ ପ୍ରତିନିଧି ରାମ ନାୟକ, ୧ ନମ୍ବର ୱାର୍ଡ କାଉନସିଲ ତପନ ଦେବନାଥ ଏବଂ ଅନ୍ୟ କାଉନସିଲର ଯୋଗଦେଇ ବୃକ୍ଷରୋପଣ କରିଥିଲେ। ବେଳେ ବେଳେ ବିଶ୍ୱରେ ଋତୁଚକ୍ର ପରିବର୍ତ୍ତନ ଓ ବୃଦ୍ଧି ପାଉଥିବା ତାପମାତ୍ରାକୁ କେବଳ ବୃକ୍ଷ ରୋପଣ ଦ୍ୱାରା ହିଁ ଆମେ ପୃଥିବୀକୁ ଋତୁଚକ୍ରର ଅନିୟମିତତାରୁ ସନ୍ତୁଳନ କରିବାରେ ସହାୟକ ହୋଇପାରିବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ।



### ଶୁଦ୍ଧିକ୍ରିୟାରେ ବ୍ରାହ୍ମଣ ପୁରୋହିତ ନ ଲଗାଇବା ଘଟଣା ||||||||||||||||||||||||

# ଆପୋଷ ବୁଝାମଣା ପରେ ସମାଧାନ



ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲାରେ ବେଙ୍ଗଲି ସମ୍ପ୍ରଦାୟ ମଧ୍ୟରେ ପ୍ରାୟ ୪୦ ପ୍ରତିଶତରୁ ଊର୍ଦ୍ଧ୍ୱ ମତୁଆ ସମ୍ପ୍ରଦାୟର ଲୋକମାନେ ଅଛନ୍ତି । ପୂର୍ବେ ଶୁଦ୍ର ସମ୍ପ୍ରଦାୟର ଲୋକମାନେ ସାମାଜିକ ଅଧିକାରରୁ ବଞ୍ଚିତ ହୋଇ ତାଡନା ପାଉଥିଲେ। ଦେଶ ସ୍ୱାଧୀନ ହେବାର ୭୮ ବର୍ଷ ପରେ ମଧ ସାମାଜିକ ଅଧିକାରରୁ ବଞ୍ଚିତ ହୋଇ ଆକ୍ରୋଶର ଶିକାର ହେଉଛନ୍ତି । ଶୁଦ୍ଧି କ୍ରିୟାକର୍ମରେ ବ୍ରାହ୍ମଣ ପୁରୋହିତଙ୍କୁ ନଲଗେଇବାରୁ କାଲିମେଲାସ୍ଥିତ ମୃତ ନନୀ ଗୋପାଳ ବିଶ୍ୱାସଙ୍କ ପରିବାରର ଲୋକମାନେ ଯାହା ତାଡନା ପାଇଲେ ତାହା ହେଉଛି ଏହାର ଜ୍ୱଳନ୍ତ ଉଦାହରଣ । ମୃତ ନନୀ ଗୋପାଳ ବିଶ୍ୱାସଙ୍କ ପରିବାରର ଲୋକମାନଙ୍କୁ ନ୍ୟାୟ ପ୍ରଦାନ ଏବଂ ଜିଲ୍ଲାରେ ହିନ୍ଦୁ ମତୁଆ ସମ୍ପ୍ରଦାୟର ଲୋକମାନଙ୍କୁ ସୁରକ୍ଷା ପ୍ରସଙ୍ଗରେ ଚଳିତ ମାସ ସାତ ତାରିଖ ଦିନ ପୋଟେରୁ ସ୍ଥିତ ଠାକୁର ହରିଚାନ୍ଦ ମନ୍ଦିର ପରିସରରେ ଆୟୋଜିତ ସଭାରେ ଶୁଦ୍ର ସମାଜର ପୂର୍ବ ଇତିହାସ ସମ୍ପର୍କରେ ଅନୁସୂଚିତ ଜାତି/ଜନଜାତି ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟିର ମୁଖ୍ୟ ଉପଦେଷ୍ଟା ପ୍ରଭାକର ହନ୍ତାଳ ତାଙ୍କ ବକ୍ତବ୍ୟରେ କିଛି ମନ୍ତବ୍ୟ ରଖିଥିଲେ। କୌଣସି ଜାତି, ଧର୍ମ ବା ବର୍ଗର ଲୋକମାନଙ୍କୁ ଗାଳି ଗୁଳଜ କରିନାହାନ୍ତି କିମ୍ବା ନିର୍ଦ୍ଦିଷ୍ଟ କୌଣସି ସମ୍ପ୍ରଦାୟର ଲୋକଙ୍କ ମନରେ ଆଘାତ ପହଞ୍ଚେଇବା ଉଦ୍ଦେଶ୍ୟ ନୁହଁ । ତାଙ୍କ ଅଭିଭାଷଣର ସମସ୍ତ ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ ନକରି ଭିଡ଼ିଓର ମଝି କିଛି ଅଂଶ ପୋଷ୍ଟ କରିବା ଦ୍ୱାରା କିଛି ଲୋକ ବୁଝିନପାରି କିଛି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ବା ଧର୍ମକୁ ଆକ୍ଷେପ ହେଉଛି ମନେକରି ଥାନାରେ ହିନ୍ଦୁ ଜାଗରଣ ମଞ୍ଚ ଏତଲା ଦେଇଥିଲେ। ଶ୍ରୀ ହନ୍ତାଳ ମଧ ସମ୍ପୂର୍ଣ୍ଣ ତଥ୍ୟ ଓ ପ୍ରମାଣ ସହ ପାଲଟା ଏତଲା ଦେଇଥିଲେ। ଶ୍ରୀ ହନ୍ତାଳ ମଧ ଜଣେ ସନାତନୀ ହିନ୍ଦୁ ଅଟନ୍ତି । ଗତ ତା-୨୦.୦୬.୨୫ରିଖ ଦିନ ଉଭୟ ଗୋଷ୍ଠୀ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଓ କାଳିମେଳା ଥାନା ଭାରପ୍ରାପ୍ତ ଅଧିକାରୀଙ୍କ ଉପସ୍ଥିତିରେ ଆପୋଷ ବୁଝାମଣାରେ ସମାଧାନ ହୋଇଛନ୍ତି । ଏ ସଂକ୍ରାନ୍ତରେ ମାଲକାନଗିରି ସଦର ସ୍ଥିତ ହୋଟେଲ ସ୍ୱାଗତ ସମ୍ମିଳନୀ କକ୍ଷରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ଉଭୟ ପକ୍ଷ ମତ ରଖି ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମାଧାନ ସମ୍ପର୍କିତ ବିଷୟ ପ୍ରକାଶ କରି କହିଥିଲେ। ପୋଟେରୁ ସ୍ଥିତ ଠାକୁର ହରିଚାନ୍ଦ ମନ୍ଦିର ପରିସରରେ ସଭାରେ ଉପସ୍ଥିତ ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ କୌଣସି ହିନ୍ଦୁ ସନାତନୀଙ୍କ ହୃଦୟରେ ଆଘାତ ପହଞ୍ଚିନାହିଁ । ସେମାନେ ବରଂ ଖୁସିବ୍ୟକ୍ତ କରି ତାଳି ମାରିଥିଲେ। ଶ୍ରୀ ହନ୍ତାଳଙ୍କ ଭିଡିଓ ଦେଖି କୌଣସି ବ୍ୟକ୍ତି ବିଶେଷ ଅଭିଭାଷଣର ଉଦ୍ଦେଶ୍ୟ ବୁଝିନପାରିବା ଦ୍ୱାରା କାହାର ମନକୁ ଯଦି ଆଘାତ ଲାଗିଥାଏ, ତା'ହେଲେ ସେ ଦୁଃଖ ପ୍ରକାଶ କରି କ୍ଷମା ପ୍ରାର୍ଥନା କରିଛନ୍ତି ।

## ପ୍ରକଳ୍ପସ୍ତରୀୟ ଅଦ୍ୱିକା କିଶୋରୀ ସୁଭଦ୍ରା ଦିବସ ପାଳିତ

ବରଗଡ(ଭାସ୍କର ନ୍ୟୁଜ୍): ମହିଳା ଓ ଶିଶୁ ବିକାଶ ଗ୍ରାମାଞ୍ଚଳ ପ୍ରକଳ୍ପ ତରଫରୁ ଶନିବାର ପ୍ରକଳ୍ପ ସ୍ତରୀୟ ଅଦ୍ୱିକା କିଶୋରୀ ଶୁଭଦ୍ରା ଦିବସ ପାଳିତ ହୋଇଯାଇଛି। ସିଡ଼ିପିଓ ସୌଦାମିନୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସନ୍ଧ୍ୟାରାଣୀ ନେପାକ। କିଶୋର କିଶୋରୀମାନଙ୍କ ଠାରେ ପାରମ୍ପରିକ, ସାଂସ୍କୃତିକ ପରିଚୟ ସହ ସେମାନଙ୍କୁ ଶାରୀରିକ, ମାନସିକ ଭାବରେ ସଶକ୍ତିକରଣ ଓ ବିକାଶୋନ୍ମୁଖୀ କରିବା ଏବଂ ସେମାନଙ୍କ ଠାରେ ଥିବା ପ୍ରତିଭାର ବିକାଶ କରି ସେମାନଙ୍କୁ ସର୍ବୋତ୍ତମ ବିକାଶ ଦିଗରେ ଆଗକୁ ନେବାର ଉଦ୍ୟମ ଆରମ୍ଭ କରାଯାଉଛି ବୋଲି ମୁଖ୍ୟ ଅତିଥି କହିଛନ୍ତି । ଏଥିରେ ଗ୍ରାମାଞ୍ଚଳରୁ ଆସିଥିବା କିଶୋର କିଶୋରୀମାନଙ୍କୁ ନେଇ ରଜ ମୁକୁଟ ତିଆରି, ପୁଚି ଖେଳ, ନୃତ୍ୟ, ରାମ୍ପ ସୋ ପ୍ରଭୃତି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ପାରମ୍ପରିକ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନୀ ଓ ରଙ୍ଗୋଲି କାର୍ଯ୍ୟକ୍ରମ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ ବିଡ଼ିଓ ବିର୍ଅସିସ ଡୁଙ୍ଗଡଙ୍ଗ , ଜିଲ୍ଲା ପି.ଓ ତଥା ସୁରକ୍ଷା ଅଧିକାରୀ ମାଙ୍ଗଳିକା ଦାଶ, କଟାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ବି. ଇ. କୁମୁଦ ବନ୍ଧୁ ବାଗ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସହଯୋଗ କରୁଥିଲେ ଜିଲ୍ଲା କାର୍ଯ୍ୟାଳୟ ମିଶନଶକ୍ତି ହବ୍‌ର କର୍ମଚାରୀ ମାନେ ।ବରଗଡ ଗ୍ରାମାଞ୍ଚଳ ପ୍ରକଳ୍ପର ନବନିତା ମହାପାତ୍ର ପ୍ରମୁଖ।



## ସିଭିଲ୍ ଆଣ୍ଡ କ୍ରିମିନାଲ୍ କୋର୍ଟ ବାର୍ ପରିଦର୍ଶନ କଲେ ହାଇକୋର୍ଟ ଜଷ୍ଟିସ

ବୌଦ୍ଧ (ଭାସ୍କର ନ୍ୟୁଜ୍): ଓଡିଶା ଉଚ୍ଚ ନ୍ୟାୟାଳୟର ମାନ୍ୟବର ବିଚାରପତି ନ୍ୟାୟାଧିଶ ସୁଶ୍ରୀ ସାବିତ୍ରୀ ରଥଙ୍କ ଦୁଇଦିନିଆ ବୌଦ୍ଧ ଜିଲ୍ଲା ଗସ୍ତ ପରିପ୍ରେକ୍ଷୀରେ ବୌଦ୍ଧ ଜିଲ୍ଲା ସିଭିଲ ଏଣ୍ଡ କ୍ରିମିନାଲ କୋର୍ଟ ବାର କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ସଂଘର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଆଲୋଚନା ପୂର୍ବରୁ ସଂଘର ମହିଳା ସଦସ୍ୟାମାନେ ମାନ୍ୟବର ନ୍ୟାୟଧିଶ ମହୋଦୟାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସଂଘର ସମସ୍ତ କର୍ମକର୍ତ୍ତା ଏବଂ ସଦସ୍ୟଙ୍କ ସମେତ ଜିଲ୍ଲା ଜଜ୍ ଏବଂ ରେଜିଷ୍ଟ୍ରାର ମଧ ଯୋଗ ଦେଇଥିଲେ।



### ନିଶାଦ୍ରବ୍ୟ ଓ ଅପମିଶ୍ରିତ ବିଷାକ୍ତ ମାଦକ ଦ୍ରବ୍ୟର କୁପରିଣାମ ଉପରେ ସଚେତନତା

ନବରଙ୍ଗପୁର (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ଅବକାରୀ ବିଭାଗ ତତ୍ତ୍ୱାବଧାନରେ ବିଭିନ୍ନ ନିଶାଦ୍ରବ୍ୟ ଓ ଅପମିଶ୍ରିତ ବିଷାକ୍ତ ମାଦକଦ୍ରବ୍ୟର ବ୍ୟବହାର ଯୋଗୁଁ ତା 'ର କୁପରିଣାମ ଉପରେ ନବରଙ୍ଗପୁର ଜିଲ୍ଲାରେ ଗତ ମେ ମାସ ୩୧ ତାରିଖରୁ ଜୁନ ମାସ ୨୬ ପର୍ଯ୍ୟନ୍ତ 'ଆମ ସଂକଳ୍ପ - ନିଶା ନୁହେଁ, ଜୀବନ' ଉପରେ ବିଶେଷ ସଚେତନତା ଅଭିଯାନ ଚାଲୁରହିଛି। ଏହି ପରିପ୍ରେକ୍ଷୀରେ ଆଜି ମଣ୍ଡେଇ ପଡିଆ ଠାରୁ ଏକ ସଚେତନତା ଶୋଭାଯାତ୍ରା ଅଗ୍ନିଶମ କାର୍ଯ୍ୟଳୟ ପର୍ଯ୍ୟନ୍ତ ବିଶେଷ ସ୍ଲୋଗାନ ସହ ଯାଇଥିଲା। ଏହି ଶୋଭାଯାତ୍ରାରେ ବିଭିନ୍ନ ହାଇସ୍କୁଲର ଛାତ୍ରଛାତ୍ରୀ, ଅବକାରୀ ବିଭାଗର କର୍ମଚାରୀଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ବର୍ମନ୍, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଅବକାରୀ ଅଧିକ୍ଷକ ପ୍ରଭାସ କୁମାର ଦାସ, ଡିଆଇପିଆର୍ ଓ ମନୋଜ ବେହେରା, ଡିଏସଏସଓ ସୁଧାଂଶୁ ପାତ୍ର, ଡିସିଓ ଘାଷିଆ ହରିଜନ ଏବଂ ଅନେକ ବିଭାଗୀୟ କର୍ମଚାରୀ ସାମିଲ ଥିଲେ। ଶୋଭାଯାତ୍ରା ପରେ ଅବକାରୀ ବିଭାଗ ଦ୍ୱାରା ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ଗୃହରେ ଏକ ରକ୍ତ ଦାନ ଶିବିର ଏବଂ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ଅବକାରୀ ବିଭାଗର କର୍ମଚାରୀ ଓ ଅନ୍ୟ ବିଭାଗର କର୍ମଚାରୀମାନେ ରକ୍ତଦାନ କରିଥିଲେ। ପ୍ରଥମେ ଅବକାରୀ ଅଧିକ୍ଷକ ପ୍ରଭାସ କୁମାର ଦାସ ଏବଂ ଅତିରିକ୍ତ ନିର୍ବାହୀ ଅଧିକାରୀ,ଜିଲ୍ଲା ପରିଷଦ ଯଦୁମଣି ନାୟକ ରକ୍ତଦାନ କରି ସମସ୍ତଙ୍କୁ ଉତ୍ସାହ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ ଏବଂ ବିଶ୍ୱଜିତ ବର୍ମନ୍, ସିଡି ଏମଓ ଡ. ସନ୍ତୋଷ ପଣ୍ଡା ,ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ଉପସ୍ଥିତ ଥିଲେ ।ମୋଟ ୫୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତ ଦାନ ଓ ସ୍ୱାସ୍ଥ୍ୟ ଶିବିରକୁ ସ୍ୱାସ୍ଥ୍ୟ ବିଭାଗର ଡାକ୍ତର ଓ କର୍ମଚାରୀ ମାନେ ପରିଚାଳନା କରିଥିଲେ ।

# ସାର ଓ ବିହନ ଦୋକାନ ଉପରେ ଚଢ଼ଉ




କୋଷାଗୁମୁଡା(ଭାସ୍କର ନ୍ୟୁଜ୍): ଜିଲ୍ଲାସ୍ତରୀୟ ଓ ବ୍ଲକ ସ୍ତରୀୟ କୃଷିବିଭାଗ ଟିମ କୋଷାଗୁମୁଡା ବ୍ଲକର କୋଡ଼ିଙ୍ଗା ଠାରେ ଥିବା ଏକ ସାର ବିହନ ଦୋକାନ ଉପରେ ଚଢ଼ଉ କରି ପ୍ରାୟ ୨ଲକ୍ଷ ୨୬ହଜାର ଟଙ୍କାର ବିହନ ଓ ପ୍ରାୟ ୪ଲକ୍ଷ ୬୫ହଜାର ଟଙ୍କା ର ସାର ଓ ସିଞ୍ଚନ ଔଷଧ ଗୁଡିକୁ ଜବତ କରିଥିବା ଜଣାପଡିଛି । ଆଗକୁ ଏଭଳି ବ୍ଲକ ରେ ଥିବା ସାର ଓ ବିହୀନ କେନ୍ଦ୍ର / ଦୋକାନ,ଲ୍ୟାମ୍ପ ଗୁଡିକକୁ ବିଭାଗ ପକ୍ଷରୁ ଯାଞ୍ଚ କରାଯିବ ଯଦି ବେନିୟମ ଭାବେ ଚାଷୀଙ୍କ ଠାରୁ ଅଧିକ ଟଙ୍କା କିମ୍ବା ନିମ୍ନମାନର ଜିନିଷ ପ୍ରଦାନ କଲେ ବିଭାଗ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ତେବେ ଆଜିର ଏହି ଜବତ ସାର ଓ ବିହନର ମୂଲ୍ୟ ପ୍ରାୟ ୬ଲକ୍ଷ ୯୧ହଜାର ଟଙ୍କାର ହୋଇଥିବା ବେଳେ ଆଗକୁ ଆହୁରି ଜୋରଦାର ଯାଞ୍ଚ ହେବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି । ଏହିପରିପ୍ରେକ୍ଷୀରେ ନବରଙ୍ଗପୁର ଏଡିଓ-ଅନୀଲ କୁମାର ପ୍ରହରାଜ, ପାପଡାହାଣ୍ଡି ଏଡିଓ-ବିଶ୍ୱଜିତ ସାହୁ, କୋଡ଼ିଙ୍ଗା ଅତିରିକ୍ତ ତହସିଲଦାର-ରାଜେନ୍ଦ୍ର ପ୍ରସାଦ ଭୂୟାଁ, ସିଡିଏଓ-ରାମ ଚନ୍ଦ୍ର ମୁଦୁଲି, ଅତିରିକ୍ତ ବ୍ଲକ କୃଷି ଅଧିକାରୀ-ଲୋପାମୁଦ୍ରା ସାହୁ, ବ୍ଲକ କୃଷିଅଧିକାରୀ-ଦୁର୍ଯ୍ୟୋଧନ ଜାନୀ, ଭି ଏ ଡବ୍ଲୁ-ଅଜୟ କୁମାର ମହନା, ଏଟିଏମ-ଅନୀଲ କୁମାର ପଣ୍ଡା ପ୍ରମୁଖଙ୍କ ସହ କୋଡ଼ିଙ୍ଗା ପୋଲିସ ଟିମ ଚଢଉରେ ଭାଗ ନେଇଥିଲେ।

# ଏସ୍‌ବିଆଇ ପରିସରରେ ମେଗା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର




ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ସ୍ଥାନୀୟ ଭାରତୀୟ ଷ୍ଟେଟ ବ୍ୟାଙ୍କ ମାଲକାନଗିରି ମୁଖ୍ୟଶାଖା ତରଫରୁ ବ୍ୟାଙ୍କ ପରିସରରେ ଶନିବାର ଦିନ ଏକ ମେଗା ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ଆୟୋଜନ ହୋଇଯାଇଛି। ଆଜିର ଏହି ମେଗା ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ମୁଖ୍ୟ ଅତିଥି ରୂପରେ ଯୋଗଦାନ କରି ବେଦବର ପ୍ରଧାନ ଉଦ୍ଘାଟନ କରିଥିଲେ । ସ୍ୱତନ୍ତ୍ର ଅତିଥି ରୂପେ ସୁବାସ ଚନ୍ଦ୍ର ବେହେରା ଆଞ୍ଚଳିକ ପ୍ରବନ୍ଧକ ଜୟପୁର ଆଞ୍ଚଳିକ କାର୍ଯ୍ୟଳୟ ଯୋଗଦାନ କରି ରକ୍ତଦାନ ଶିବିର ଆଭିମୁଖ୍ୟ ଷ୍ଟେଟ ବ୍ୟାଙ୍କ ପ୍ରତିଷ୍ଠା ଦିବସରେ ଭାରତୀୟ ଷ୍ଟେଟ ବ୍ୟାଙ୍କ କାର୍ଯ୍ୟଶୈଳୀ ଉପରେ ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବ୍ରଜ ବନ୍ଧୁ ଦାସ ଯୋଗଦାନ କରି ରକ୍ତ ଦାନର ଉପକାରିତା ଉପରେ ବର୍ଣ୍ଣନା କରିଥିଲେ। ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ସମ୍ମାନୀତ ଅତିଥି ଭାବେ ସୁନୀଲ କୁମାର ବେହେରା ଚତୁର୍ଥ ଏସ୍‌ଏସ୍‌ବିଏନ କମାଣ୍ଡଣ୍ଟ, ଡ଼ଃ ଏମ. ଡି.ଅବିଦ ହୁସେନ ଡିପିଏଚଓ, ଡ଼ଃ. ସାଗରବାଲା, ବ୍ଲଡ଼ ବ୍ୟାଙ୍କ ଅଧିକାରୀ, ଡ଼ଃ. ରଞ୍ଜନ କୁମାର ସ୍ୱାଇଁ ଯୁବ ରେଡକ୍ରସ ଆବାହକ, ସତ୍ୟପ୍ରିୟ ବିଶ୍ୱାଳ ସଂରକ୍ଷିତ ନିରୀକ୍ଷକ ମାଲକାନଗିରି, ପ୍ରଶାନ୍ତ ବେହେରା ଜିଲ୍ଲା ସିପାହୀ ସଂଘ ସଭାପତି ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଭାରତୀୟ ଷ୍ଟେଟ ବ୍ୟାଙ୍କ ତରଫରୁ ରକ୍ତ ଦାତାଙ୍କୁ ପୁରସ୍କାର ସହ ପୁଷ୍ପଗୁଚ୍ଛ ଏବଂ ମାନପତ୍ର ଦେଇ ସମ୍ମାନ କରିଥିଲେ। ରକ୍ତ ନମୁନା ସଂଗ୍ରହ କରିବା ପାଇଁ ସୁଜାତା ରୟ, ତ୍ରିନାଥ ପଣ୍ଡା,ମୋହନ ଖେମୁଣ୍ଡୁ ସହ ଅନ୍ୟମାନେ ସହଯୋଗ କରିଥିଲେ। ମୋଟ ଉପରେ ୫୦ ଟି ରକ୍ତ ନମୁମା ସଂଗ୍ରହ ହୋଇଛି। ବ୍ୟାଙ୍କ ପରିସରରେ ଏହିଭଳି ରକ୍ତଦାନ ଏବଂ ବିଭିନ୍ନ ସାମାଜିକ କାର୍ଯ୍ୟରେ ଲିପ୍ତ ରହିଥିବାରୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି।

# ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ



ମାଲକାନଗିରି:(ଭାସ୍କର ନ୍ୟୁଜ୍):୨୧ ଜୁନ୍‌ରେ ବିଶ୍ୱବ୍ୟାପୀ ପାଳିତ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ, ମାଲକାନଗିରି ଜିଲ୍ଲା ଅନ୍ତର୍ଗତ ସୁଦୂର ନକ୍ସଲ ପ୍ରଭାବିତ ଅଞ୍ଚଳରେ ନିୟୋଜିତ ବିଏସଏଫ ହେଡକ୍ୱାର୍ଟର ମାଲକାନଗିରି ଏବଂ ଏହାର ଅଧୀନ କମାଣ୍ଡ ୟୁନିଟ୍‌ଗୁଡ଼ିକ ଆଜି ସକାଳେ ଯୋଗର ଶାରୀରିକ, ମାନସିକ ଏବଂ ଆଧ୍ୟାତ୍ମିକ ଲାଭକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଶୃଙ୍ଖଳା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମଗୁଡ଼ିକ ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଏସଏଫ, ଓଡ଼ିଶା ପୋଲିସ, ସ୍କୁଲ ପିଲା ଏବଂ ସାଧାରଣ ନାଗରିକଙ୍କ ସମସ୍ତ ବୟସର ଅଂଶଗ୍ରହଣକାରୀଙ୍କୁ ଏକତ୍ର କରିଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ବିଜୟ ସିହ୍ନା, ଡିଆଇଜି, ତାଙ୍କ ଉଦଘାଟନୀ ଭାଷଣରେ କହିଥିଲେ ଯେ:- 'ଯୋଗ ଶାରୀରିକ ବ୍ୟାୟାମ ଅପେକ୍ଷା ଅଧିକ' ଏହା ଏକ ଜୀବନଶୈଳୀ ଯାହା ସନ୍ତୁଳନ, ସଚେତନତା ଏବଂ ସଂଯୋଗକୁ ପ୍ରୋତ୍ସାହିତ କରେ। ସେ ବ୍ୟକ୍ତିର ସୁସ୍ଥତା ଏବଂ ସାମୁଦାୟିକ ସମନ୍ୱୟକୁ ବୃଦ୍ଧି କରିବା ପାଇଁ ପ୍ରତିଦିନ ଯୋଗ ଅଭ୍ୟାସ ଉପରେ ମଧ ଗୁରୁତ୍ୱାରୋପ କରିଥିଲେ। ଶେଷରେ,କାର୍ଯ୍ୟକ୍ରମଟି ଏକ ଅତ୍ୟନ୍ତ ସୌହାର୍ଦ୍ଦପୂର୍ଣ୍ଣ ପରିବେଶରେ ସଫଳତାର ସହିତ ଅନୁଷ୍ଠିତ ହୋଇଥିଲା ।

ଉମରକୋଟ(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌର ପରିଷଦ ଓ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଉମରକୋଟ, ପକ୍ଷରୁ ବିଜୁପଟ୍ଟନାୟକ ଇନଡୋର ଷ୍ଟାଡିୟମ ଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି ।ଏହି ଯୋଗ ଦିବସରେ ପୌର ପରିଷଦ ଅଧକ୍ଷା ରାଧା ଭତ୍ରା, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଙ୍କ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ସାଂସଦ ବଳଭଦ୍ର ମାଝୀଙ୍କ ପ୍ରତିନିଧି ରାମ ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ମେହେର, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ,ତହସିଲଦାର ମେଗବାନ ବାଗ, ଗୁରୁ କୃପା କଲେଜର ଛାତ୍ରଛାତ୍ରୀ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ଛାତ୍ରଛାତ୍ରୀ, ବିଜୁପଟ୍ଟନାୟକ ଷ୍ଟାଡିୟମର ଛାତ୍ରଛାତ୍ରୀ, ଉମରକୋଟର ସଚେତନ ନାଗରିକ ଓ ସମସ୍ତ ପୌର ପରିଷଦର କର୍ମଚାରୀ, ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ମାନେ ଅଂଶ ଗ୍ରହଣ କରିଥିଲେ। ବ୍ୟସ୍ତ ବହୁଳ ଜୀବନରେ ଅହିତକର ପରିବେଶ, ପ୍ରଦୂଷଣ ତଥା ବିଗିଡି ଯାଇଥିବା ଦିନଚର୍ଯ୍ୟା ଯୋଗୁଁ ନାନାଦି ସମସ୍ୟାର ସାମ୍ନା କରିବାକୁ ପଡୁଛି, ଯାହା ଦ୍ୱାରା କମ୍ ବୟସରୁ ଚିନ୍ତା, ଅବସାଦ ଓ ଉଦାସୀନତା ନିତି ଦିନିଆ କଥା ହୋଇ ଗଲାଣି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥଲେ। ଏଥିରୁ ମୁକ୍ତି ପାଇବାକୁ ହେଲେ ଯୋଗ ହିଁ ଏକ ମାତ୍ର ମାଧ୍ୟମ ବୋଲି ମତ ପ୍ରକାଶ ପାଇଥିଲା। ଯୋଗ ଗୁରୁ ପ୍ରଦୀପ ଆର୍ଯ୍ୟା ଯୋଗ ଶିକ୍ଷା ପ୍ରଦାନ କରିଥିଲେ।



ରାୟଗଡ଼ (ଭାସ୍କର ନ୍ୟୁଜ୍): ରାୟଗଡ଼ ଜିଲ୍ଲା ପ୍ରଶାସନ ତରଫରୁ ଅନ୍ତର୍ଜାତୀୟ ଯୋଗ ଦିବସ ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ବିକାଶ ମେଳା ମଞ୍ଚ ଠାରେ ଆୟୋଜିତ ଯୋଗ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ନିହାର ରଞ୍ଜନ କହଁର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ରାୟଗଡ଼, ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ,ରାୟଗଡ଼, ରମେଶ କୁମାର ଜେନା,ରାୟଗଡ଼ ବିଡ଼ିଓ, ସୁଜିତ କୁମାର ମିଶ୍ର ଆଦି ଯୋଗଦେଇଥିବା ବେଳେ ଯୋଗ ଶିକ୍ଷକ ଧୀନେଶ ଜି ଯୋଗ ଶିକ୍ଷା ଦେଇଥିଲେ। ,ଜିଲ୍ଲା କ୍ରୀଡା ଅଧିକାରୀ ଶେଖ ଅଲେନୁର,ଜିଲ୍ଲା ଶିକ୍ଷା। ଅଧିକାରୀ ରାମ ନାହାକ, ଅବକାରୀ ଅଧିକ୍ଷକ ସନ୍ତୋଷ କୁମାର ଧଳ ସାମନ୍ତ,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ରାୟଗଡ଼ ବସନ୍ତ କୁମାର ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ,ଏପିଡି ରଶ୍ମିକାନ୍ତ ପରିଡ଼ା, ପ୍ରଭାତ ଲେଙ୍କା,ଅଜାତ ଶତ୍ରୁ ରାଉତ, ଅନ୍ୟାନ୍ୟ ଅଧିକାରୀ, କର୍ମଚାରୀ, ମହିଳା ମହାବିଦ୍ୟାଳୟ, ରାୟଗଡ଼ ମହାବିଦ୍ୟାଳୟ, ଜିସିଡ଼ି ଉଚ୍ଚ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ ଆଦିର ଛାତ୍ର ଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ ମାନେ ଯୋଗଦେଇଥିଲେ।



ବେଲପାହାଡ଼( ଭାସ୍କର ନ୍ୟୁଜ୍ ): ଝାରସୁଗୁଡ଼ା ଜିଲା ବେଲପାହାଡରେ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ଶନିବାର ସ୍ଥାନୀୟ ଜୁବୁଲି ହଲ ଠାରେ ଆୟୋଜିତ ହୋଇଯାଇଛି । ବରିଷ୍ଠ ନାଗରୀକ, ଖ୍ୟାତି ସମ୍ପନ୍ନ ବେଲପାହାଡ ବାସିନ୍ଦା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ବେଲପାହାଡ଼ ପୌର କାଉନସିଲର , ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ କେନ୍ଦ୍ର ସଦସ୍ୟ, ଟିଆରଏଲ କ୍ରୋସାକି କମ୍ପାନୀ କର୍ମଚାରୀ, ସାମ୍ବାଦିକ, ଟିଆରଏଲ ଡାକ୍ତରଖାନା କର୍ମଚାରୀ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ଯୋଗାସନ କରିଥିଲେ। ବରିଷ୍ଠ ଡାକ୍ତର ତୁଷାରକାନ୍ତି ଦାସ ନିରୋଗୀ ଜୀବନ ଯାପନରେ ଯୋଗର ମହତ୍ତ୍ୱ ଉପରେ ଆଲୋକିପାତ କରିଥିଲେ। ଭାରତୀୟ ଯୋଗ ସଂସ୍ଥାନ ଓଡିଶା ପ୍ରାନ୍ତର ଉପାଧ୍ୟକ୍ଷ ପ୍ରାଣବନ୍ଧୁ ବେହେରାଙ୍କ ସହ ତାଙ୍କ ଟିମ୍ ଦ୍ୱାରା ବିଭିନ୍ନ ଯୋଗାସନ, ପ୍ରାଣାୟମ ଓ ଧ୍ୟାନ ପ୍ରଦର୍ଶନ କରାଯାଇଥିଲା। ଟିଆରଏଲ କ୍ରୋସାକି କମ୍ପାନୀର ବରିଷ୍ଠ ଅଧିକାରୀ ଶୁସାନ୍ତ ଦାସ ଓ ଟିଆରଏଲ କମ୍ପାନୀ ଶ୍ରମିକ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଶ୍ରମିକମାନଙ୍କ ସହ କାର୍ଯ୍ୟକ୍ରମରେ ଉପସ୍ଥିତି ଥିଲୋ। କମ୍ପାନୀର ବରିଷ୍ଠ ଅଧିକାରୀ ଡ. ସନ୍ତୋଷ ମିଶ୍ର ଅତିଥିମାନଙ୍କ ସହଯୋଗ ଶିବିରରେ ଯୋଗଦେଇଥିବା ସଦସ୍ୟମାନଙ୍କୁ ସ୍ୱାଗତ କରି ନିରୋଗୀ ଜୀବନଯାପନ ପାଇଁ ଯୋଗର ଉପାଦେୟତା ଉପରେ ଆଲୋକପାତ କରିବା ସହ କାର୍ଯ୍ୟକ୍ରମ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଟିଆରଏଲ ଡାକ୍ତରଖାନାର ଅଧିକାରୀ ଅନିରୁଦ୍ଧ ମିଶ୍ର ଓ ମେଟ୍ରନ୍ ସୁଜାତା ଦାଶ ପ୍ରମୁଖଙ୍କ ସହ ଡାକ୍ତରଖାନା କର୍ମଚାରୀମାନେ ଏହି ଅବସରରେ ଆୟୋଜିତ ସ୍ୱାସ୍ଥ୍ୟ ଶିବିରରେ ଯୋଗ ଦେଇ ବିଭିନ୍ନ ପରୀକ୍ଷା ନିରୀକ୍ଷା କରାଇଥିଲେ।



### ଦୀର୍ଘଦିନର ଦାବି ପୂରଣ ହେଲା....

# ହସ୍ପିଟାଲରେ ଯୋଗଦେଲେ ୨ ବିଶେଷଜ୍ଞ ଡାକ୍ତର

ଉମରକୋଟ(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲାର ଉମରକୋଟ ଠାରେ ଥିବା ଉପଖଣ୍ଡ ହସ୍ପିଟାଲରେ ଶନିବାର ଅପରାହ୍ନରେ ୨ ବିଶେଷଜ୍ଞ ଡାକ୍ତର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ସେମାନେ ହେଲେ ମେଡିସିନ ସ୍ପେସିଆଲିଷ୍ଟ (ଭେଷଜ ବିଶେଷଜ୍ଞ)ଡକ୍ଟର ଅଶ୍ୱିନୀ କୁମାର ପଣ୍ଡା ଓ ଶିଶୁ ରୋଗ ବିଶେଷଜ୍ଞ ଡକ୍ଟର ଦେବୀପ୍ରସାଦ ଦାଶ। ଦୀର୍ଘ ଦିନ ହେଲା ଏହି ୨ ବିଭାଗରେ ଡାକ୍ତର ପଦବୀ ଖାଲିଥିଲା। ସ୍ଥାନୀୟ ବିଧାୟକ ତଥା ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ବ୍ୟକ୍ତିଗତ ଉଦ୍ୟମ ଯୋଗୁ ଏହି ୨ ଡାକ୍ତର ଉମରକୋଟ ଉପଖଣ୍ଡ ହସ୍ପିଟାଲରେ ଯୋଗ ଦେଇଥିବା ଜଣାପଡ଼ିଛି। ଅତି ଶୀଘ୍ର ଉମରକୋଟ ଉପଖଣ୍ଡ ହସ୍ପିଟାଲ ଠାରେ ମାନସିକ ରୋଗ ବିଶେଷଜ୍ଞ, ରୋଗ ନିଦାନ ବିଶେଷଜ୍ଞ ଓ କର୍ଣ୍ଣ , ନାସା ଓ ଗଳା ବିଶେଷଜ୍ଞ ଯୋଗଦାନ କରିବେ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ସନ୍ତୋଷ କୁମାର ପଣ୍ଡା ସୂଚନା ପ୍ରଦାନ କରିଛନ୍ତି ।ସ୍ଥାନୀୟ ଅଞ୍ଚଳର କାଉନସିଲର ମୁନା ପାଢ଼ୀ ୨ ଡାକ୍ତରଙ୍କୁ ଭେଟି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ୨ ବିଶେଷଜ୍ଞ ଡାକ୍ତରଙ୍କ ଯୋଗଦାନ ଫଳରେ ବିଶେଷଜ୍ଞ ଡାକ୍ତରଙ୍କ ସଂଖ୍ୟା ୩ ରେ ପହଞ୍ଚିଲା । ଏଥିପୂର୍ବରୁ ଉମରକୋଟ ହସ୍ପିଟାଲ ରେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଜଣେ ହିଁ କାର୍ଯ୍ୟରତ ଥିଲେ। ନୂତନ ଡାକ୍ତରଙ୍କ ଯୋଗଦାନ ଯୋଗୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସନ୍ତୋଷ କୁମାର ପଣ୍ଡାଙ୍କୁ ଉମରକୋଟ ସହରବାସୀ ଓ ଗରିବ ସେନାର ସଭାପତି ମୁନା ପାଢ଼ୀ କୃତଜ୍ଞତା ଜ୍ଞାପନ କରିଛନ୍ତି।



## ଯୋଗ ଦିବସ ପାଳିତ

ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହର ନିକଟସ୍ଥ ଅଞ୍ଚଳରେ ଥିବା ସେଞ୍ଚୁରିଆନ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ (ସିୟୁଟିଏମ) ପକ୍ଷରୁ ବିଶ୍ୱବିଦ୍ୟାଳୟ ଅଡିଟୋରିୟମ ହଲରେ ଅନ୍ତର୍ଜାତୀୟ ଯୋଗ ଦିବସ-୨୦୨୫ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ନିର୍ଦ୍ଦେଶକ (ପ୍ରଶାସନ) ଡ଼ଃ ଦୁର୍ଗାପ୍ରସାଦ ପାଢ଼ୀ , ଡିନ୍ (ପ୍ରଶାସନ) ଡ଼ଃ ଏସ୍.ପି. ନନ୍ଦ , ଡିନ୍ ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ଡ଼ଃ ପ୍ରଫୁଲ୍ଲ ପଣ୍ଡା , ଡିନ୍ ଛାତ୍ର ବ୍ୟାପାର ସିଏସ୍ଏଆର୍ ଡ଼ଃ ରିତେଶ କୁମାର ଏବଂ ଡ଼ଃ ନିହାଲ , ଏନଏସଏସ ବିଭାଗ । ଏହି ଉତ୍ସବରେ ପ୍ରଧାନମନ୍ତ୍ରୀ ସକାଳ ୬:୩୦ ଟା ରେ ଏକ ଲାଇଭ୍ ଭର୍ଚୁଆଲ୍ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଉତ୍ସବ ୨୦୨୫ର ବୃହତ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନର ଏକ ଅଂଶ ଥିଲା , ଯାହାର ଲକ୍ଷ୍ୟ ଥିଲା 'ଏକ ପୃଥିବୀ ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ' ବିଷୟବସ୍ତୁକୁ ବିଶ୍ୱ ସ୍ତରରେ ପ୍ରଚାର କରିବା।

# ସରକାରୀ କ୍ୱାର୍ଟର୍ସ ବଣ୍ଟନରେ ଅନିୟମିତତା

ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାରେ ସରକାରୀ କ୍ୱାର୍ଟର୍ସ ବଣ୍ଟନରେ ବ୍ୟାପକ ଅନିୟମିତତା ହୋଇଛି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଆଧାରରେ ଏପରି ଅଭିଯୋଗ ଆଣିଛନ୍ତି ସ୍ୱେଚ୍ଛାସେବୀ ତଥା ବରିଷ୍ଠ ସାମ୍ବାଦିକ ସନ୍ତୋଷ ନାଗା । ଜିଲ୍ଲାରେ ଥିବା ମୋଟ ୭୨୯ଟି କ୍ୱାର୍ଟର୍ସରୁ ୫୭୬ଟି ବିଭିନ୍ନ ବିଭାଗକୁ ବଣ୍ଟନ କରାଯାଇଛି। ବଳକା କ୍ୱାର୍ଟର୍ସ ମଧ୍ୟରୁ ୩୧ଟି ସିଡିଏମଓ ଅଫିସ ସମ୍ମୁଖରେ ୧୬ଟି, ରାମେଶ୍ୱର ଶିବ ମନ୍ଦିର ପାଖରେ ୧୯ଟି, ଡିଏନ୍‌କେ ଖେଳ ପଡିଆର ସମ୍ମୁଖରେ ୧୬ଟି, ମଡର୍ଣ୍ଣ ଇଂରାଜୀ ସ୍କୁଲ ପାଖରେ ୧୨ଟି, ଡିଏନକେ ମୁଖ୍ୟରାସ୍ତାରେ ୫ଟି, ଅମଲାକୁଟିର ପାଖରେ ୯ଟି, ଡିଏନ୍‌କେ ପରିବା ମାର୍କେଟ ନିକଟରେ ୨୦ଟି, ଅମଲାକୁଟୀର ଉତ୍ତର ପାର୍ଶ୍ୱରେ ୧୦ଟି, ପୁରୁଣା କଲେକ୍ଟରେଟ୍ ପଛରେ ୧୭ଟି, କେନାଲ କଲୋନୀରେ ୨୯ଟି,ଖରାପ ଥିବା ବେଳେ ଅନ୍ୟ ସବୁ ଜବରଦଖଲରେ ରହିଛି। ରିପୋର୍ଟ ଅନୁଯାୟୀ ଜିଲ୍ଲାର ଆଡ଼ମିନିଷ୍ଟ୍ରେସନ କଲୋନୀରେ ୧୨ଟି କ୍ୱାର୍ଟର୍ସ ରହିଛି। ସେହିପରି ଟାଗୋର ସୋସାଇଟି ସମ୍ମୁଖରେ ୨୩, ସୋସାଇଟି ପଛରେ ୮ଟି, ବଙ୍ଗାଳୀ ସ୍କୁଲ୍ ପଛରେ ୮ଟି, ବଙ୍ଗାଳୀ ସ୍କୁଲ ସମ୍ମୁଖରେ ୬ଟି, ପୁରୁଣା ମେଡିକାଲ ଛକ ନିକଟରେ ୧୬ଟି, ସିଡିଏମଓ କାର୍ଯ୍ୟାଳୟ ପଛରେ ୧୬ଟି, କେନାଲ କଲୋନୀରେ ୧୬ଟି, ରିକ୍ଲାମେସନରେ ୧୩୨ଟି, ବସଷ୍ଟାଣ୍ଡ ନିକଟରେ ୧୯ଟି, ଉପଜିଲ୍ଲାପାଳ କାର୍ଯ୍ୟାଳୟ ନିକଟରେ ୨ଟି, ପିଡବ୍ଲୁଡି କଲୋନୀରେ ୧୯ଟି, ଏଜୁକେସନ କଲୋନୀରେ ୪୪ଟି, ୧୧୯ କଲୋନୀରେ ୧୧୮ଟି, ଉପଜିଲ୍ଲାପାଳ ଅଫିସ ନିକଟରେ ୮ଟି, ଏମ୍‌ଭି-୨ରେ ୫୯ଟି, ନୂଆ ରାଜସ୍ୱ କଲୋନୀରେ ୭୦ଟି ରହିଛି ଏପରି ୪୬ଟି ବିଭାଗକୁ ୫୭୬ଟି କ୍ୱାର୍ଟର୍ସ ପ୍ରଦାନ କରାଯାଇଛି। ରାଜସ୍ୱ ବିଭାଗ କର୍ମଚାରୀଙ୍କୁ ସର୍ବାଧିକ ୧୭୪ଟି କ୍ୱାର୍ଟର୍ସ ପ୍ରଦାନ କରାଯାଇଥିବା ବେଳେ ୧୮ଟି ବିଭାଗର କର୍ମଚାରୀଙ୍କୁ ଗୋଟିଏ ଲେଖାଏଁ କ୍ୱାର୍ଟର୍ସ ମିଳିଛି। ସରକାରୀ ଭାବେ ୩ ସାମ୍ବାଦିକଙ୍କୁ କ୍ୱାର୍ଟର୍ସ ପ୍ରଦାନ କରାଯାଇଥିବାବେଳେ ବହୁ ସାମ୍ବାଦିକ କ୍ୱାର୍ଟର୍ସ ଅକ୍ତିଆରରେ ରଖିଛନ୍ତି। ମାଲକାନଗିରି ମହାବିଦ୍ୟାଳୟରେ ଅଧ୍ୟାପନା କରୁଥିବା କହି ଜଣେ କ୍ୱାର୍ଟର୍ସ ମାଡି ବସିଛନ୍ତି । ଏ ନେଇ ପ୍ରଶାସନ ପକ୍ଷରୁ ରିପୋର୍ଟ ତଲବ କରାଯାଇଛି। ୧୦୦ରୁ ଊର୍ଦ୍ଧ୍ୱ କ୍ୱାର୍ଟର୍ସ ଜବରଦଖଲରେ ରହିଛି। ଏପରିକି କ୍ୱାର୍ଟର୍ସ ପାଇଥିବା ଅଧିକାରୀମାନେ ସେହି କ୍ୱାର୍ଟର୍ସ ନିକଟରେ ଥିବା ସରକାରୀ ଜାଗାରେ ଗୃହ ନିର୍ମାଣ କରି ଜବରଦଖଲ କରିଛନ୍ତି। ତହସିଲ ପକ୍ଷରୁ କାହାକୁ ଲିଜ୍ ଦିଆଯାଇନଥିବା ବେଳେ ଜବରଦଖଲ ଲାଗି ମକଦ୍ଦମା ମଧ କରାଯାଇନି। କାର୍ଯ୍ୟରତ ସାମ୍ବାଦିକଙ୍କୁ କ୍ୱାର୍ଟର୍ସ ପ୍ରଦାନ ନେଇ ଓଡ଼ିଶା ଗେଜେଟରେ ନିର୍ଦ୍ଦେଶ ରହିଥିଲେ ମଧ ପ୍ରଦାନ କରାଯାଉନଥିବା ବରିଷ୍ଠ ସାମ୍ବାଦିକ ଶ୍ରୀ ନାଗ ଅଭିଯୋଗ କରିଛନ୍ତି। ମନଇଚ୍ଛା ସାମ୍ବାଦିକ ପରିଚୟ ଦେଇ କିଛି ସାମ୍ବାଦିକ ଜବରଦସ୍ତ କ୍ୱାର୍ଟର୍ସ ମାଡ଼ି ବସିଛନ୍ତି। ଏହାର ଉଚିତ୍ ତଦନ୍ତ ହେଲେ କ୍ୱାର୍ଟର୍ସ ପ୍ରଦାନରେ ହୋଇଥିବା ଅନିୟମିତତା ପଦାକୁ ଆସିବ ବୋଲି ଶ୍ରୀ ନାଗ ଦାବି କରିଛନ୍ତି।

## ବ୍ୟବସାୟୀଙ୍କ ଆକସ୍ମିକ ମୃତ୍ୟୁ

ବେଲପାହାଡ଼(ଭାସ୍କର ନ୍ୟୁଜ୍): : ଝାରସୁଗୁଡ଼ା ମଙ୍ଗଳବଜାରର ମସଲା ବ୍ୟବସାୟୀ ଓକିଲ ସା(୬୫) ଶୌଚ ହେବାକୁ ଯାଇ ଆକସ୍ମିକ ପ୍ରାଣ ହରାଇଛନ୍ତି। ବେଲପାହାଡ଼ ସମଡ଼ା ପୋଖରୀ ନିକଟରେ ତାଙ୍କର ମୃତ୍ୟୁ ହୋଇଛି। ଶନିବାର ଅପରାହ୍ନରେ ଓକିଲ, ସାନ ଭାଇ ଅନୀଲଙ୍କ ସହିତ ସମଡ଼ା ପୋଖରୀ ପାଖ ସାପ୍ତାହିକ ବଜାରକୁ ମସଲା ବିକିବାକୁ ଆସିଥିଲେ। ସନ୍ଧ୍ୟାରେ ବଜାରର ଅନ୍ତିମ ସମୟରେ ଭାଇଙ୍କୁ ସମଡ଼ା ପୋଖରୀକୁ ଶୌଚ କରିବା ପାଇଁ ଯାଉଛି ବୋଲି କହି ସେଠାକୁ ଯାଇଥିଲେ। ତେବେ ସେ ଆଉ ଫେରିନଥିଲେ। ସ୍ଥାନୀୟ ବ୍ୟକ୍ତି ସମଡ଼ା ପୋଖରୀ ନିକଟରେ ଏକ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ପରେ ମୃତଦେହଟି ଓକିଲଙ୍କ ବୋଲି ଜଣା ପଡ଼ିଥିଲା। ପୋଲିସ ମୃତଦେହକୁ ଜବତ କରି ରବିବାର ଶବ ବ୍ୟବଚ୍ଛେଦ କରେଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ମୃତ୍ୟୁର କାରଣ ହୃଦଘାତ ଜନିତ ବୋଲି ସନ୍ଦେହ କରାଯାଉଛି।



ବୋଲଗଡ (ଭାସ୍କର ନ୍ୟୁଜ): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୭ତମ ପବିତ୍ର ଶ୍ରାଦ୍ଧ ଦିବସ ଅବସରରେ ବ୍ଲକସ୍ତରୀୟ 'ସମାଜ' ଓଜସ୍ୱିନୀ ଓଡ଼ିଶା- ଗୋପବନ୍ଧୁ ସ୍ମାରକୀ ବକ୍ତୃତା ପ୍ରତିଯୋଗିତା' ରବିବାର ଖୋର୍ଦ୍ଧା ଜିଲ୍ଲା ବୋଲଗଡ ବ୍ଲକର ବୋଲଗଡ ମିନିଷ୍ଟାଡିୟମରେ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୩ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୬ଜଣଙ୍କୁ ବିଚାରକମଣ୍ଡଳୀ ବାଛିଥିଲେ। ପିଚୁକୁଳି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ଅଭିପ୍ସା ଦାଶ ପ୍ରଥମ ସ୍ଥାନ, ବୋଲଗଡ ସରସ୍ୱତୀ ବିଦ୍ୟାମନ୍ଦିର ଛାତ୍ର ଅଂଶୁମାନ ସୁବୁଦ୍ଧି ଦ୍ୱିତୀୟ ଓ ତେଜସ୍ୱିନୀ ସୁବୁଦ୍ଧି ତୃତୀୟ ସ୍ଥାନ ଗ୍ରହଣ କରିଥିବା ବେଳେ ସଂପୂର ଚତୃଭୂଜ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଶୁଭଶ୍ରୀ ଶୁଭଦର୍ଶିନି ବେହେରା, ସସ୍ମିତା ସାହୁ ଓ ସରସ୍ୱତୀ ବିଦ୍ୟାମନ୍ଦିର ବୋଲଗଡ ଛାତ୍ରୀ ସାଇଜ୍ୟୋତି ସାହୁଙ୍କ ଉତ୍ତମ ବକ୍ତୃତା ପାଇଁ ସମ୍ବର୍ଦ୍ଧିତ ହୋଇଛନ୍ତି। ସମସ୍ତ କୃତି ଛାତ୍ରଛାତ୍ରୀଙ୍କୁ 'ସମାଜ' ପକ୍ଷରୁ ପ୍ରମାଣପତ୍ର,ଅର୍ଥରାଶି ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସର ବୋଲଗଡ ଗୋପବନ୍ଧୁ ଛକଠାରେ ଉତ୍କଳମଣି ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଏକ ରାଲି କରାଯାଇଥିଲା। ବିଚାରକ ଭାବେ ବାଙ୍କୋଇ ଅନଙ୍ଗ ନରେନ୍ଦ୍ର ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ମନୋରଞ୍ଜନ ଦାଶ,ବୋଲଗଡ ବାମନ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପୀତବାସ ଲେଙ୍କା, ବରିଷ୍ଠ ସାମ୍ବାଦିକ ଦେବବ୍ରତ ହୋତା, ପ୍ରଫୁଲ୍ଲ ସିଂହ, ନିରଞ୍ଜନ ନାୟକ, ସମାଜସେବୀ ନିରଞ୍ଜନ ସେଠୀ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ବୋଲଗଡ ବ୍ଲକ 'ସମାଜ' ପ୍ରତିନିଧି ଦୀପକ କୁମାର ପାହାଡ଼ସିଂହ ଓ ପାଣ୍ଡବ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା।

## ବୋଲଗଡ଼ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



ବୋଲଗଡ (ଭାସ୍କର ନ୍ୟୁଜ):) ବୋଲଗଡ଼ ରେ ପୂଜାପାଉଥିବା ଶ୍ରୀଜଗନ୍ନାଥ (ତୃତୀୟାଦେବ) ମହାପ୍ରଭୁଙ୍କର ଚଳିତ ବର୍ଷର ରଥଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରଥଯାତ୍ରା ପରିଚାଳନା କମିଟି ତତ୍ତ୍ୱାବଧାନରେ ବିଭିନ୍ନ ସରକାରୀ ବିଭାଗ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗରେ ୨୦୦୧ମସିହାରୁ ଅନୁଷ୍ଠିତ ହୋଇ ଆସୁଥିବା ରଥଯାତ୍ରାକୁ ଚଳିତ ଥର ଶାନ୍ତିଶୃଙ୍ଖଳାର ସହ ଆୟୋଜନ ନେଇ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ବୈଠକରେ କମିଟି ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ପୌରୋହିତ୍ୟ କରିଥିଲେ। ଶ୍ରୀଗୁଣ୍ଡିଚା ଓ ବାହୁଡ଼ା ଯାତ୍ରା ସହ ଏହି ଅବସରରେ ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ପରିଚାଳନା ନେଇ ଆଲୋଚନା ହୋଇଥିଲା। ରଥର ପୁନଃନିର୍ମାଣକାର୍ଯ୍ୟ ଅନ୍ତିମପର୍ଯ୍ୟାୟରେ ପହଞ୍ଚିଥିବା ସୂଚନା ପ୍ରଦାନପରେ ଗୁଣ୍ଡିଚା ଯାତ୍ରାଦିନ ୧୧ଟାରେ ପହଣ୍ଡି, ଅପରାହ୍ଣ ଗୋଟାଏରେ ଛେରାପହଁରା ନୀତି ଓ ୩ଟାରେ ରଥଟଣା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ରଣପୁର ମଠ ମହନ୍ତ ପର୍ଶୁରାମ ଦାସ ମହାରାଜଙ୍କୁ ଛେରାପହଁରା କରିବାକୁ ଆମନ୍ତ୍ରଣ କରାଯିବା ନିଷ୍ପତ୍ତି ହୋଇଥିଲା। ତୃତୀୟାଦେବଙ୍କ ସେବାୟତ ସୂର୍ଯ୍ୟମଣି ପରମଗୁରୁ, ରାଧାଶ୍ୟାମ ରାୟଗୁରୁ ମହାପାତ୍ର, ଟୁଲିଆ ପରମଗୁରୁ, କୈଳାସ ମହାପାତ୍ର ପ୍ରମୁଖ ଠାକୁରଙ୍କ ପୂଜାନୀତି ସମ୍ପାଦନ କରିବା ନେଇ ଆଲୋଚନା ହୋଇଥିଲା। ଗୁଣ୍ଡିଚାରୁ ବାହୁଡ଼ା ମଧ୍ୟରେ ଜଗନ୍ନାଥ ମଣ୍ଡପ ଠାରେ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ ଏବଂ ବାହୁଡ଼ା ପର୍ଯ୍ୟନ୍ତ ଠାକୁର ଅବସ୍ଥାନ କରିବାକୁଥିବା ନନ୍ଦିଘୋଷ ଭବନଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଆୟୋଜିତ ହେବ। ରଥଟଣା ଯିବା ରାସ୍ତା ମରାମତିସହ ଗଛଡ଼ାଳ,ବିଦ୍ୟୁତତାର,କେବୁଲ ତାର ସଂଯୋଗ ଅପସାରଣ ପାଇଁ ବ୍ୟବସ୍ଥା ହେବ। ଏହି ନବଦିନାତ୍ମକ ଯାତ୍ରା ଅବସରରେ ରାସ୍ତାପାର୍ଶ୍ୱରେ ଆମିଷ ବିକ୍ରିକୁ ବାରଣ କରାଯିବ। ଯାତ୍ରା ଏବଂ ଯଜ୍ଞରେ ସହଯୋଗପାଇଁ ବୈକୁଣ୍ଠ ମହାପାତ୍ର,ହରି ବନ୍ଧୁ ସାହୁ, ଗୋପୀନାଥ ଖାଡଙ୍ଗା, ଲଲାଟେନ୍ଦୁ ସିଂହ, ରଘୁନାଥ ଦଳବେହେରା ,ରାଜେନ୍ଦ୍ର ପାଲଟାସିଂହ ଓ ସଂସାରୀ ସାହୁ ପ୍ରମୁଖ ଅନୁରୋଧ କରିଥିବା ବେଳେ ଜୟକୃଷ୍ଣ ପଶ୍ଚିମକବାଟ ଧନ୍ୟବାଦ ଅର୍ପଣ କରିଥିଲେ

## ନବୀନ ପଟ୍ଟନାୟକଙ୍କ ଆରୋଗ୍ୟ କାମନା ପାଇଁ ମା' ଉଗ୍ରତାରାଙ୍କୁ ଗୁହାରୀ



ଟାଙ୍ଗୀ(ଭାସ୍କର ନ୍ୟୁଜ): ବିଜୁ ଜନତା ଦଳର ସୁପ୍ରିମୋ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ବର୍ତ୍ତମାନର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଙ୍କ ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିକିତ୍ସା ହେଉଥିବା କାରଣରୁ ତାଙ୍କର ଆଶୁ ଆରୋଗ୍ୟ କାମନା କରି ଖୋର୍ଦ୍ଧା ବିଜେଡି ପକ୍ଷରୁ ଖୋର୍ଦ୍ଧା ଶକ୍ତିପୀଠ ତଥା ଭୂଷଣ୍ଡପୁରର ମା' ଉଗ୍ରତାରା ଦେବୀଙ୍କ ମନ୍ଦିରରେ ଦୀପ ଦାନ ସହ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଛି । ଖୋର୍ଦ୍ଧାର ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ମା' ଉଗ୍ରତାରା ଦେବୀଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳିତ କରାଯାଇ ମା' ତାରା ଦେବୀଙ୍କୁ ଗୁହାରୀ କରାଯାଇଛି। ଏହି କାର୍ଯ୍ୟକ୍ରମ ରେ ଶତାଧିକ କର୍ମୀ ସାମିଲ ହୋଇଥିଲେ। ମା' ଉଗ୍ରତାରା ହେଉଛନ୍ତି ପ୍ରତ୍ୟକ୍ଷ ଦେବୀ ଠାକୁରାଣୀ । ସେଥିପାଇଁ ମା' ଉଗ୍ରତାରା ଙ୍କର ସେବାୟତଙ୍କ ଜରିଆରେ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା । ଏହି ଦୀପ ଦାନ କାର୍ଯ୍ୟକ୍ରମରେ ଖୋର୍ଦ୍ଧାର ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ , ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରୀସ୍ମା ମାନ୍ଧାତା , ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସ୍ୱଦେଶ କୁମାର ରାଉତରାୟ, ବିଜେଡି ସଂଗଠକ ପବିତ୍ର କୁମାର ପାଇକରାୟ ଓ ସରପଞ୍ଚ କିଶୋର କୁମାର ରାଉତରା, ଯୁବନେତା ସୁକାନ୍ତ କୁମାର ବେହେରା ଙ୍କ ସମେତ ବହୁ କର୍ମୀ ସାମିଲ ହୋଇ ନବୀନଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ । ଏପଟେ ଏହି ପୂଜାର୍ଚ୍ଚନାର କିଛି ସମୟ ପରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସର୍ଭିକାଲ ଆଥ୍ରାଇଟିସ ଚିକିତ୍ସା ସଫଳ ହୋଇଥିବା ଜଣାପଡିଛି। ମୁମ୍ବାଇ ସ୍ଥିତ କୋକିଳାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ନବୀନଙ୍କର ଚିକିତ୍ସା କରାଯାଇଛି। ଅସ୍ତ୍ରୋପଚାର ପରେ ସୁସ୍ଥ ଅଛନ୍ତି ନବୀନ ପଟ୍ଟନାୟକ । ୫ରୁ ୬ ଦିନ ମଧ୍ୟରେ ହେବେ ଡିସଚାର୍ଜ । ନବୀନଙ୍କ ବ୍ୟକ୍ତିଗତ ଚିକିତ୍ସକ ଡାକ୍ତର ରମାକାନ୍ତ ପଣ୍ଡା ସୂଚନା ଦେଇଛନ୍ତି ବୋଲି ଖୋର୍ଦ୍ଧା ର ପୂର୍ବତନ ବିଧାୟକ ଶ୍ରୀ ସାହୁ କହିଛନ୍ତି।

## ଧର୍ମ ପରିବର୍ତ୍ତନକୁ ନେଇ ଗଣ୍ଡଗୋଳ, ଗାଁରେ ଫେରୁନି ଶାନ୍ତି



ବନ୍ଧୁଗାଁ (ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ଜାଗୁଗୁଡା ପଞ୍ଚାୟତ ଅଣ୍ଟାମଡ଼ା ଗାଁରେ ୪ ଜଣ ପରିବାର ଙ୍କ ଧର୍ମ ପରିବର୍ତ୍ତନକୁ ନେଇ ଗ୍ରାମର କିଛି ଲୋକ ୪ ଜଣଙ୍କ ଘର ଓ କୁଡ଼ିଆ ଘର ଭାଙ୍ଗିବା ସହ ମାଡ ମାରିଥିବା ନେଇ ଆକ୍ରମଣର ଶିକାର ହୋଇ ଗାଁ ଛାଡି ଥିଲେ। ପରିବାରଙ୍କ ତରଫରୁ ଥାନାରେ ଲିଖିତ ଅଭିଯୋଗ କରି ଥାନାର ଆଶ୍ରୟ ନେଇ ଥିଲେ। ଘର ଭାଙ୍ଗିବା ଘଟଣା ରେ ପୁଲିସ ୭ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଘଟଣାଟି ଚଳିତ ମାସ ୯ ତାରିଖରେ ଘୋଟି ଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ପୁଲିସ ଏତେ ବଡ ଘଟଣାରେ ଗାଁ ରେ ଶାନ୍ତି ଫେରାଇ ଆଣି ପାରୁ ନାହିଁ। ଗାଁ ରେ ଯବାନ ମାନେ ରାତି ଦିନ ରହି ଘଟଣା ଉପରେ ନଜର ରଖୁ ଥିବା ଦେଖିବାକୁ ମିଳିଛି। ଯେଉଁ ୪ ଟି ପରିବାର ଆଜି ପର୍ଯ୍ୟନ୍ତ ଭୟରେ ବଣ ଜଙ୍ଗଲ ଲୁଚି ରହି ଥିବା ଜାଣିବାକୁ ମିଳିଛି। ଆଜି ବନ୍ଧୁଗାଁ ନାରାୟଣପାଟଣା ବ୍ଲକ ଆରଏସଏସ କର୍ମକର୍ତ୍ତା, କୀର୍ତ୍ତନ ମଣ୍ଡଳୀ, ବହୁ ସଂଖ୍ୟାରେ ଗାଁ ରେ ପହଞ୍ଚି ଥିବା ବେଳେ କଟପାଡ ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ରୁକୁ ଭତ୍ରା ପହଞ୍ଚି ଥିବା ଜାଣିବାକୁ ମିଳିଛି। କିନ୍ତୁ ସ୍ଥାନୀୟ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ବିଧାୟକ ପବିତ୍ର ସାଉନ୍ତା ଆଜି ପର୍ଯ୍ୟନ୍ତ ଏତେ ବଡ଼ ଘଟଣା ଘଟି ଥିଲେ ମଧ୍ୟ ଗାଁ ରେ ପହଞ୍ଚି ନାହାନ୍ତି। ସେ ଜଣେ ଧର୍ମ ନିରପେକ୍ଷ ଦଳର ବିଧାୟକ ଥିବାରୁ ଶାନ୍ତି ଫେରାଇ ଆଣିବା ପାଇଁ ଆଜି ପର୍ଯ୍ୟନ୍ତ ପଦକ୍ଷେପ ନେଇ ନ ଥିବା ଦେଖିବାକୁ ମିଳୁଛି। ଅଳ୍ପ ଦିନ ତଳେ ପୋଲିସ ବିଭାଗ ଓ ପ୍ରଶାସନ ୪ ଜଣ ପରିବାରଙ୍କୁ ଗାଁ ରେ ନେଇ ରଖି ଶାନ୍ତି ଫେରାଇ ଆଣିବା ପାଇଁ ଚେଷ୍ଟା କରିଥିଲେ। ପ୍ରାପ୍ତ ସୂଚନା ଅନୁଯାଇ ଆଜି ଆର ଏସ ଏସ କର୍ମୀ, କୀର୍ତ୍ତନ ମଣ୍ଡଳୀ ଓ ବିଜେପି ବିଧାୟକ ଙ୍କ ଗାଁ ରେ ପହଞ୍ଚି ବା ପୂର୍ବରୁ ୪ ପରିବାରଙ୍କୁ ମାଡ ମାରିବାକୁ ଆସୁଥିବା ଶୁଣି ୪ ପରିବାର ଏକ ଜଙ୍ଗଲରେ ଲୁଚି ରହି ଥିବା ଜାଣିବାକୁ ମିଳିଛି। ଗାଁରେ ଶାନ୍ତି ଶୃଙ୍ଖଳା ଫେରାଇ ଆଣିବା ପାଇଁ ଆଜି ପର୍ଯ୍ୟନ୍ତ ଶାନ୍ତି କମିଟି ଗଠନ ହୋଇ ପାରି ନାହିଁ। ତେବେ କେମିତି, କିଏ,କେବେ ଫେରିବ ଗାଁରେ ଶାନ୍ତି ? ସ୍ଥାନୀୟ ପ୍ରଶାସନ ଘର ଭାଙ୍ଗି ମାଡ ଖାଇ ପ୍ରାଣ ଭୟରେ ଲୁଚି ଥିବା ପରିବାରଙ୍କୁ ବର୍ଷା ଋତୁରେ ଦୁଇ ଟି ଲେଖା ଏ ପଲିଥିନ ଦେଇ ନୀରବ ରହିଛନ୍ତି,। ପରିବାର ଙ୍କ ଘର ଭଙ୍ଗା ଯାଇଛି ସେ ମାନେ କଣ ଭୁଲ କରିଥିଲେ, ସେମାନଙ୍କୁ କାହିଁକି ଘର ତିଆରି ପାଇଁ ସରକାର ଘର ଖଣ୍ଡିକ ଯୋଗାଇବେ ନାହିଁ।

## ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ, ୭ ଆହତ



ମାଲକାନଗିରି(ଭାସ୍କର ନ୍ୟୁଜ): ଶନିବାର ସନ୍ଧ୍ୟା ସମୟରେ କୌଣସି କାରଣରୁ ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଓ ମରପିଟ୍ ହୋଇ ୭ ଜଣ ଆହତ ହୋଇଥିବା ଖବର ପାଇ ଘଟଣା ସ୍ଥଳରେ ମାଲକାନଗିରି ଜିଲ୍ଲାର ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଏସପି ବିନୋଦ ପାଟିଲ ଏଚ, ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଓ ପୁଲିସ ସଦଳ ବଳ ପହଁଚି ପରିସ୍ଥିତିକୁ ଆୟତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି । ମାଲକାନଗିରି ସଦର ଥାନା ଅନ୍ତର୍ଗତ କତାମାଟେରୁ ଗ୍ରାମରେ ଶନିବାର ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ କୌଣସି ଏକ କାରଣକୁ ନେଇ ହାତାହାତୀ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ୭ ଜଣ ବ୍ୟକ୍ତି ଆହତ ହୋଇଥିବା ସୂଚନା ରହିଛି। ଆହତ ବ୍ୟକ୍ତି ମାନଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରା ଯାଇ ସମସ୍ତଙ୍କ ଚିକିତ୍ସା ଜାରି ରହିଥିବା ବେଳେ ଏସମ୍ପର୍କ ରେ ଖବର ପାଇ କତାମେଟରୁ ଗ୍ରାମରେ ଜିଲ୍ଲାପାଳ, ଏସପି, ଉପଜିଲ୍ଲାପାଳ ଓ ଅନ୍ୟାନ୍ୟ ଅଧିକାରୀ ପହଞ୍ଚି ଉତ୍ତେଜିତ ଗ୍ରାମ ବାସୀଙ୍କୁ ବୁଝାସୁଝା କରିଛନ୍ତି। ଗ୍ରାମରେ ଶାନ୍ତି ପ୍ରତିଷ୍ଠା ସହ ପରିସ୍ଥିତିକୁ ଆୟତ୍ତ କରାଯାଇ ଘଟଣାର ତଦନ୍ତ ଆରମ୍ଭ କରା ଯାଇଥିବା କଥା ମାଲକାନଗିରି ଥାନା ଅଧିକାରୀ ରିଗାନ କିଣ୍ଡୋ ପ୍ରକାଶ କରିଛନ୍ତି।

## ଚଳିତ ରଥଯାତ୍ରାରେ 'ଜୈବିକ' ଅମୃତ ଅନ୍ନରେ ପ୍ରସ୍ତୁତ ହେବ କୋଠଭୋଗ



ପୁରୀ (ଭାସ୍କର ନ୍ୟୁଜ) : ଏବର୍ଷ ରଥଯାତ୍ରା ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିର ଆଡପ ମଣ୍ଡପ ବିଜେ ସମୟରେ ମହାପ୍ରଭୁଙ୍କୁ କୋଠଭୋଗରେ ଲାଗି ହେବ ଅମୃତ ଅନ୍ନ (ଜୈବିକ ଚାଉଳ) । ଏନେଇ ପୂର୍ବରୁ ଆଲୋଚନା ହୋଇଥିବା ବେଳେ ଆଜି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଆନୁଷ୍ଠାନିକ ବୈଠକରେ ଏହି ନିଷ୍ପତ୍ତି ହୋଇଅଛି । ବଡୁ ସୁଆର ଏବଂ ସୁଆର ମହାସୁଆର ନିଯୋଗ ପ୍ରତିନିଧି ମାନେ ବୈଠକରେ ଉପସ୍ଥିତ ଥିଲେ । ସେହିପରି ସୁଆର ମହାସୁଆରଙ୍କ ପକ୍ଷରୁ ଭୋଗମଣ୍ଡପରେ ମଧ୍ୟ ଅମୃତ ଅନ୍ନ ବ୍ୟବହାର ନେଇ ଯୋଜନା ହୋଇଛି। ମହାପ୍ରଭୁଙ୍କ ଭୋଗ ପ୍ରସ୍ତୁତିରେ ଅମୃତ ଅନ୍ନ ଉପଯୋଗ ନେଇ ପୂର୍ବରୁ ଆଲୋଚନା ହେବା ସହିତ ପରୀକ୍ଷା ମୂଳକ ଭାବେ ଲାଗି ମଧ୍ୟ ହୋଇଥିଲା। ଏବେ କୋରାପୁଟର ପ୍ରଗତି ଅନୁଷ୍ଠାନ ଅମୃତ ଅନ୍ନ ଯୋଗାଣ ସକାଶେ ସହଯୋଗର ହାତ ବଢାଇଛି । ଆଜିର ବୈଠକରେ ଏହି ଅନୁଷ୍ଠାନର ପ୍ରତିନିଧି ମଧ୍ୟ ଉପସ୍ଥିତ ଥିଲେ ।

## କାର୍ଯ୍ୟରେ ଯୋଗଦେଲେ ବନପାଳ, ବନରକ୍ଷୀ



ବେତନଟୀ (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ରେଞ୍ଜରେ କାର୍ଯ୍ୟରତ ବନରକ୍ଷୀଙ୍କୁ ଗୁଳିକରି ନିର୍ମମ ଭାବେ ହତ୍ୟା ଘଟଣାରେ ଓଡିଶା ଅଣ ଗେଜେଟେଡ ବନସେବା ସଂଘ ପକ୍ଷରୁ ୨୨ତାରିଖ ଠାରୁ ଦିଆଯାଇଥିବା ଆନ୍ଦୋଳନ ପ୍ରତ୍ୟାହୃତ କରାଯିବାର ଘୋଷଣା ପରେ କାର୍ଯ୍ୟରେ ଯୋଗଦେଲେ ବନପାଳ ଏବଂ ବନରକ୍ଷୀ। ଏହାପରେ ଓଡିଶା ଅଣଗେଜେଟେଡ ବନସେବା ସଂଘ ସହିତ ରାଜ୍ୟସରକାରଙ୍କର ଆଲୋଚନା ପରେ ୨୨ତାରିଖରୁ ସମୂହ ଛୁଟିରେ ରହିବାକୁ ଦେଇଥ ?ିବା ଆବେଦନ ପତ୍ର ପରିପ୍ରେକ୍ଷୀରେ ଆଜି ପୁନର୍ବାର କାର୍ଯ୍ୟରେ ଯୋଗଦେବାନେଇ ଲିଖିତପତ୍ର ବେତନଟୀ ରେଞ୍ଜର ମନୁର ଖାଁଙ୍କୁ ପ୍ରଦାନ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅଘଟଣ ଶୂନ୍ୟ...

ଭାବେ ରଥଯାତ୍ରାରେ ଭାଗନେଇ ପାରିବେ ସେଥିପ୍ରତି ଧ୍ୟାନଦେବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ଜିଲ୍ଲାରେ ଡାଇରିଆ ପରିସ୍ଥିତି ଥିବା ଯୋଗୁ ସ୍ୱାସ୍ଥ୍ୟ ବିଭାଗ ସହିତ ଅନ୍ୟ ସମସ୍ତ ସମ୍ପୃକ୍ତ ବିଭାଗ ରଥଯାତ୍ରା ପୂର୍ବରୁ ସୁନାବେଶ ପର୍ଯ୍ୟନ୍ତ ଏହା ଉପରେ ସମ୍ପୂର୍ଣ୍ଣ ନଜର ରଖିବା ଆବଶ୍ୟକ। କୌଣସି ସ୍ଥାନରେ ଯେପରି ଅସ୍ୱାସ୍ଥ୍ୟକର ଖାଦ୍ୟ କିମ୍ବା ପାଣି ବିକ୍ରି ନହୁଏ ତାହା ସୁନିଶ୍ଚିତ କରିବା ଅତ୍ୟନ୍ତ ଜରୁରି। ଏହା ସହିତ ସବୁ ସ୍ଥାନରେ ବିଶୁଦ୍ଧ ପାନୀୟ ଜଳ ଓ ସ୍ୱାସ୍ଥ୍ୟକର ଖାଦ୍ୟ ମଧ୍ୟ ଉପଲବ୍ଧ ହେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ରଥଯାତ୍ରା ସମୟରେ ମହାପ୍ରଭୁଙ୍କ ନୀତିକାନ୍ତି ଯେପରି ସୁରୁଖୁରୁରେ ଏବଂ ଠିକ୍ ସମୟରେ ହେବ ସେଥିପାଇଁ ମୁଖ୍ୟମନ୍ତ୍ରୀ ସେବାୟତ ମାନଙ୍କ ସହଯୋଗ କାମନା କରିଥିଲେ। ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଆମ ସାଂସ୍କୃତିର ସବୁଠାରୁ ଗୌରବମୟ ପରିଚୟ। କୋଟି କୋଟି ଲୋକଙ୍କ ଭାବାବେଗ ଏଥିରେ ଜଡିତ ଅଛି। ତେଣୁ, ଏହାର ସୁପରିଚାଳନା କେବଳ ଏକ ସରକାରୀ ଦାୟିତ୍ୱ ନୁହେଁ, ବରଂ ଏକ ପବିତ୍ର କ□ବ୍ୟ। ତେଣୁ ସମସ୍ତ ବିଭାଗର ଅଧିକାରୀ, କର୍ମଚାରୀ ଏବଂ ବିଭିନ୍ନ ବେସରକାରୀ ସଂସ୍ଥା ସମସ୍ତେ ସମନ୍ୱୟ ରଖି ଏହାର ସଫଳ ପରିଚାଳନା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଆଇନ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ରଥଯାତ୍ରା ସୁରୁଖୁରୁ ରେ ସମ୍ପାଦିତ ହେବାପାଇଁ ନିଆ ଯାଇଥିବା ପଦକ୍ଷେପ,ସ୍ୱାସ୍ଥ୍ୟ ମନ୍ତ୍ରୀ ଡ ମୁକେଶ ମହାଲିଙ୍ଗ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ହୋଇଥିବା ପ୍ରସ୍ତୁତି ଏବଂ ପୋଲିସ୍ ମହାନିର୍ଦ୍ଦେଶକ ଆଇନ ଶୃଙ୍ଖଳା ବ୍ୟବସ୍ଥା ବିଷୟ ରେ ସୂଚନା ପ୍ରଦାନ କରିଥିଲେ । ଏହି ଅବସର ରେ ମୁଖ୍ୟମନ୍ତ୍ରୀ ଓ ଅତିଥି ମାନେ ପୁରୀ ଜିଲ୍ଲା ପ୍ରଶାସନ ର ସୂଚନା ପୁସ୍ତିକା ରୂପରେଖ ଉନ୍ମୋଚନ କରିଥିଲେ । ଏହି ସମୀକ୍ଷା ବୈଠକରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା, , ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଉଚ୍ଚଶିକ୍ଷା କ୍ରୀଡା ଓ ଯୁବସେବା ତଥା ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ, ପୁରୀ ସାଂସଦ ଶ୍ରୀ ସମ୍ବିତ ପାତ୍ର, ରାଜ୍ୟସଭା ସାଂସଦ ଶ୍ରୀ ସୁଭାଶିଷ ଖୁ□ଆ, ବିଧାୟକ ଗଣ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ଗୃହ ବିଭାଗ ର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀଗଣ, ଜିଲ୍ଲା ପ୍ରଶାସନର ଅଧିକାରୀଗଣ , ସେବାୟତ ଓ ମଠାଧୀଶ ଗଣ ଯୋଗଦେଇଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ ଅରବିନ୍ଦ ପାଢ଼ୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ସମୀକ୍ଷା ବୈଠକ ପରେ ମୁଖ୍ୟମନ୍ତ୍ରୀ ଗୁଣ୍ଡିଚା ମନ୍ଦିର ଯାଇ ସେଠାରେ ହୋଇଥିବା ଉନ୍ନତି ଓ ସୌନ୍ଦର୍ଯ୍ୟ କରଣକାର୍ଯ୍ୟ ବୁଲି ଦେଖିଥିଲେ ।

### ଗଜପତିଙ୍କୁ ଅବଗତ...

ଗଣମାଧ୍ୟମ ପ୍ରତିନିଧିଙ୍କୁ ସେ ଏହା କହିଛନ୍ତି। ସେହିପରି ରଥଯାତ୍ରାକୁ ଶୃଙ୍ଖଳିତ ଓ ସୁରୁଖୁରୁରେ ସରିବା ପାଇଁ ନୀତି କାନ୍ତି ସମ୍ପାଦାନ ଉପରେ ଗୁରୁତ୍ୱ ଦିଆଯାଇଛି।ମହାପ୍ରଭୁଙ୍କ ଅଣସର ନୀତି ଠିକ୍ ଭାବେ ସରିଛି।ଅଣସର ତ୍ରୟୋଦଶୀ ଠାରୁ ନବଯୌବନ ଦର୍ଶନ ଓ ରଥଯାତ୍ରା ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ସମସ୍ତ ନୀତି କାନ୍ତି ସୁରୁଖୁରୁରେ ସାରିବା ପାଇଁ ସେ ଦଇତାପତି ସେବାୟତଙ୍କ ସହ ଆଲୋଚନା କରି ଏହି ପରାମର୍ଶ ଦେଇଛନ୍ତି। ଚଳିତ ବର୍ଷ ଗୋଟିଏ ଦିନରେ ନେତ୍ର ଉତ୍ସବ ଓ ନବଯୌବନ ଦର୍ଶନ ଗୋଟିଏ ଦିନରେ ପଡୁଥିବାରୁ ଠିକ୍ ବାହ୍ନେ ନୀତି ସରି କିଭଳି ଲକ୍ଷାଧିକ ଭକ୍ତ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ସେ ନେଇ ସେ ଆଲୋଚନା କରିଛନ୍ତି। ଗତବର୍ଷ ଆଡ଼ପ ମଣ୍ଡପ ପହଣ୍ଡି ସମୟରେ ପ୍ରଭୁ ବଳଭଦ୍ର ପଡ଼ିଯିବା ଘଟଣାକୁ ନେଇ ଗଠିତ କମିଟି ନିଷ୍ପତି ଆଧାରରେ ଚାରମାଳ ଲମ୍ବା ବୃଦ୍ଧି କରାଯାଇଛି। ରଥ ଉପରକୁ ମୋବାଇଲ ଫୋନ୍ ନେବା ଉପରେ ସଂପୂର୍ଣ୍ଣ କଟକଣା ଜାରୀ କରାଯାଇଛି। ଗୁଣ୍ଡିଚା ମନ୍ଦିରର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କରାଯାଇଛି। ଗୁଣ୍ଡିଚା ମନ୍ଦିର ଭିତର ଓ ପଛ ପଟ ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ରଥଯାତ୍ରା ପରେ ଏକ ଦୀର୍ଘ ମିଆଦି ଯୋଜନା କରାଯିବ ବୋଲି ଗଜପତି କହିଛନ୍ତି। ଦୀଘା ଜଗନ୍ନାଥ ମନ୍ଦିରରେ ମିଠାକୁ ମହାପ୍ରସାଦର ଆଖ୍ୟା ଦେଇ ଘରେ ଘରେ ବାଣ୍ଟିବା ପ୍ରସଙ୍ଗ ନେଇ କଡା ପ୍ରତିକ୍ରିୟା ରଖିଲେ ଗଜପତି ମହାରାଜା ଦିବ୍ୟସିଂହ ଦେବ। ଇସ୍କନକୁ ଯଦି ସେବାପୂଜା କରିବାର ଅଛି ତେବେ ଜଗନ୍ନାଥ ସଂସ୍କୃତି ପରମ୍ପରାକୁ ମାନିବାକୁ ପଡିବ। ଇସ୍କନ କେଉଁଭଳି ମିଠାକୁ ମହାପ୍ରସାଦ କହୁଛି ସେନେଇ ଆଶ୍ଚର୍ଯ୍ୟ ପ୍ରକଟ କଲେ ଗଜପତି ମହାରାଜା। ଇସ୍କନର ଅଦିନିଆ ରଥଯାତ୍ରା ପ୍ରସଙ୍ଗରେ ମଧ୍ୟ ସେ ପ୍ରତିକ୍ରିୟା ରଖିଛନ୍ତି। ଭାରତବର୍ଷରେ ବାରମ୍ବାର ଇସ୍କନ ସଂସ୍ଥା ସହ ଆଲୋଚନା ପରେ ସେମାନେ ରାଜି ହୋଇଛନ୍ତି ପରମ୍ପରା ଅନୁଯାୟୀ ରଥଯାତ୍ରା କରିବାକୁ। କିନ୍ତୁ ଭାରତବର୍ଷ ବାହାରେ ଇସ୍କନର ମୁଖ୍ୟ କାର୍ଯ୍ୟାଳୟ ଯେଉଁ ପର୍ଯ୍ୟନ୍ତ ନିଷ୍ପତ୍ତି ନେଇନାହାନ୍ତି ସେତେ ପର୍ଯ୍ୟନ୍ତ ବନ୍ଦ ହେବନାହିଁ। ୨୦୨୪ରେ ଗଜପତିଙ୍କ ସହ ଆଲୋଚନା ହୋଇଥିଲା। ଶ୍ରୀମନ୍ଦିର ତରଫରୁ ଶାସ୍ତ୍ରୀୟ ମତ ରଖାଯାଇଥିଲା। ପରେ ମାର୍ଚ୍ଚ ୨୦ରେ ଭୁବନେଶ୍ୱରରେ ଶ୍ରୀମନ୍ଦିର ପଣ୍ଡିତ ମାନେ ଶାସ୍ତ୍ର ଆଧାରିତ ମତ ରଖିଥିଲେ। ଶ୍ରୀମନ୍ଦିର ପ୍ରଶାସନର ପୂର୍ଣ୍ଣାଙ୍ଗ ମତ ପାଇଲା ପରେ ସେମାନେ ଅଦିନିଆ ରଥଯାତ୍ରା ବନ୍ଦ କରିବେ ବୋଲି ଆଶା ରଖିଛନ୍ତି ଗଜପତି ମହାରାଜା। ପରମ୍ପରା ଅନୁଯାୟୀ ରଥଯାତ୍ରା କରନ୍ତୁ ବୋଲି ସେ କହିଛନ୍ତି। ସେହିପରି ଶ୍ରୀଜଗନ୍ନାଥଙ୍କୁ ନେଇ ଅପସଂସ୍କୃତି ଓ ତ୍ରୁଟି ଯୁକ୍ତ ତଥ୍ୟ ଦୂର ପାଇଁ ଶ୍ରୀଜଗନ୍ନାଥ ପ୍ରଶାସନର ସାଂସ୍କୃତିକ ସବ କମିଟିକୁ ପୁନଃ କ୍ରିୟାନ୍ୱିତ କରାଯିବ। ସମଗ୍ର ଭାରତବର୍ଷରେ ଶ୍ରୀଜଗନ୍ନାଥ ପାଞ୍ଚ ରାତ୍ର ଆୟୋଜନ କରାଯିବ ଯାହା ଦ୍ୱାରା ଆଜି ଓ ଆସନ୍ତା କାଲିର ପିଢ଼ି ମହାନ୍ ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଜାଣିପାରିବେ ବୋଲି ଗଜପତିଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ଭୁଲ ଇଞ୍ଜେକ୍ସନ ଯୋଗୁଁ ମହିଳା ରୋଗୀଙ୍କ ଚାଲିଗଲା ଜୀବନ



ପୁରୀ (ଭାସ୍କର ନ୍ୟୁଜ) : ପୁରୀ କୁମ୍ଭାରପଡା ଥାନା ନିକଟ ଶ୍ୟାମାଶ୍ରୀ ହସ୍ପିଟାଲରେ ଅଭାବନୀୟ ଘଟଣା । ଚିକିତ୍ସା ଅବହେଳା ଏବଂ ଭୁଲ ଇଞ୍ଜେକ୍ସନ ଯୋଗୁଁ ଜଣେ ମହିଳା ରୋଗୀଙ୍କ ଚାଲିଗଲା ଜୀବନ । ମୃତ ମହିଳା ଜଣଙ୍କ ହେଉଛନ୍ତି ଚାରିନଳାର ପୂଜାରାଣୀ ଦଳେଇ ତେବେ ଘଟଣାକୁ ନେଇ ପରିବାର ସଦସ୍ୟ ଏବଂ ସମ୍ପର୍କୀୟ ମାନେ ରାସ୍ତା ଅବରୋଧ କରିବା ସହ ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା । ଦୀର୍ଘ ସମୟ ଧରି ରାସ୍ତା ଉପରେ ଟାୟାର ଜାଳି ମୃତକଙ୍କ ପରିବାର ଲୋକେ ଧାରଣରେ ବସିଥିଲେ। ଖବର ପାଇ ପୁରୀ ଜିଲ୍ଲାପାଳ, ଏସ୍ପି, ଡିଜିପି, ଲୋକସଭା ସାଂସଦ ପହଞ୍ଚି ମୃତକଙ୍କ ପରିବାର ଲୋକକୁ ବୁଝାସୁଝା କରିବା ପରିସ୍ଥିତି ଶାନ୍ତ ପଡିଥିଲା । ଚିକିତ୍ସା ଅବହେଳା ଓ ଭୁଲ ଇଞ୍ଜେକ୍ସନ ନେଇ ମହିଳାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ଆସିବା ପରେ ସିଡ଼ିଏମଓଙ୍କ ଅଦ୍ଧକ୍ଷତାରେ ଏକ ଟିମ୍ ଗଠନ କରାଯାଇ ତଦନ୍ତ ଆରମ୍ଭ ହୋଇଛି । ଚିକିତ୍ସା ଅବହେଳା ନେଇ ପ୍ରମାଣିତ ହେଲେ ସମ୍ପୃକ୍ତ ହସ୍ପିଟାଲ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି । ସେହିପରି ହସ୍ପିଟାଲକୁ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଥିବା ନେଇ ପୁରୀ ଜିଲ୍ଲାପାଳ ସୂଚନା ଦେଇଛନ୍ତି । ଭଲକରି ଶୁଣନ୍ତୁ ଏ ମା'ର ବିକଳ ବୁକୁଫଟା ଚିତ୍କାର। ନିଜ ଝିଅକୁ ହରାଇ ଛାତିପିଟି କାନ୍ଦୁଛି ମା। ଆଉ କହୁଛି ମତେ ନ୍ୟାୟ ଦରକାର। ଏଭଳି ଅଭାବନୀୟ ଘଟଣା ଘଟିଛି ପୁରୀ କୁମ୍ଭାରପଡା ଥାନା ଅନ୍ତର୍ଗତ ଘରୋଇ ଶାମାଶ୍ରୀ ହସପିଟାଲରେ। ଚିକିତ୍ସା ଅବହେଳା ଏବଂ ଭୁଲ୍ ଇଞ୍ଜେକ୍ସନ ଯୋଗୁଁ ଚାଲିଯାଇଛି ମହିଳାଙ୍କ ଜୀବନ । ସାମାନ୍ୟ ରୋଗର ଚିକିତ୍ସା ବଦଳରେ ମହିଳା ରୋଗୀଙ୍କ ଜୀବନ ନେଇଗଲା ଘରୋଇ ହସ୍ପିଟାଲ । ପୁରୀ କୁମ୍ଭାରରପଡା ଥାନା ନିକଟରେ ଥିବା ଶାମାଶ୍ରୀ ମଲ୍ଟି ସ୍ପେଶାଲିଷ୍ଟ ହସ୍ପିଟାଲରେ ଘଟିଛି ଏହିଭଳି ଅଭାବନୀୟ ଘଟଣା । ମୃତ ମହିଳା ହେଉଛନ୍ତି ଚାରିନଳା ଗ୍ରାମର ରବୀନ୍ଦ୍ର ସ୍ୱାଇଁଙ୍କ ପତ୍ନୀ ପୂଜାରାଣୀ ଦଳେଇ। ତେବେ ପୂଜାରାଣୀଙ୍କ ମୃତ୍ୟୁକୁ ନେଇ ସଂଘାତିକ ଅଭିଯୋଗ ଆଣିଛନ୍ତି ପରିବାର ଲୋକେ। ଗ୍ୟାଷ୍ଟିକ ରୋଗ ଯୋଗୁ ଗତ ୨୦ତାରିଖରେ ପୂଜାରାଣୀଙ୍କୁ ପରିବାର ଲୋକେ ସାମାଶ୍ରୀ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ ତେବେ ଗତକାଲି ଚିକିତ୍ସାରେ ଅବହେଳା ଏବଂ ଭୁଲ୍ ଇଞ୍ଜେକ୍ସନ ମହିଳାଙ୍କୁ ଦିଆଯାଇଥିଲା ।ମହିଳା ଜଣଙ୍କ ଗୁରୁତର ହେବାରୁ ହସ୍ପିଟାଲ ପକ୍ଷରୁ ତାଙ୍କୁ ରେଫର କରାଯାଇଥିଲା। କିନ୍ତୁ ମହିଳା ଜଣଙ୍କ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ । ପରବର୍ତ୍ତୀ ସମୟରେ ମହିଳାଙ୍କ ମୃତ ଦେହ ଧରି ପରିବାର ଲୋକେ ସାମାଶ୍ରୀ ହସ୍ପିଟାଲରେ ପହଞ୍ଚି ମୃତଦେହ ରଖି ଧାରଣାରେ ବସିଲେ। ଘଟଣାକୁ ନେଇ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା ଓ ରାସ୍ତା ଉପରେ ଦୀର୍ଘସମୟ ଧରି ମୃତକଙ୍କ ପରିବାର ଟାୟାର ଜାଳି ରାସ୍ତା ରୋକ କରିଥିଲେ । ତୁରନ୍ତ ହସ୍ପିଟାଲକୁ ସିଲ କରିବା ସହ ସମ୍ପୃକ୍ତ ହସ୍ପିଟାଲ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୃତକଙ୍କ ସ୍ୱାମୀ ଦାବି କରିଥିଲେ। ସେପଟେ ଏହି ଘଟଣାକୁ ନେଇ ହସ୍ପିଟାଲ କର୍ତ୍ତୃପକ୍ଷ ମୃତକଙ୍କ ପରିବାର ଲୋକଙ୍କ ଆକ୍ରୋଶର ଶିକାର ହୋଇଥିଲେ। ପରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାରୁ ପ୍ରଥମେ ଉପଜିଲ୍ଲାପାଳ,ସିଡିଏମଓ,ପୁରୀ ଜିଲ୍ଲପାଳ,ଏସ୍ପି, ଡିଜିପି, ଲୋକସଭା ସାଂସଦ ସମ୍ବିତ ପାତ୍ର ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କୁ ବୁଝାସୁଝା କରିଥିଲେ। ସେପଟେ ଘରୋଇ ଶାମାଶ୍ରୀ ହସପିଟାଲରେ ଥିବା କିଛି ରୋଗୀଙ୍କୁ ଆମ୍ବୁଲାନ୍ସ ଯୋଗେ ସେଠାରୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା। ଅନ୍ୟପଟେ ଘଟଣାର ତଦନ୍ତ ପାଇଁ ସିଡ଼ିଏମଓ ଙ୍କୁ ଦାଇତ୍ୱ ଦିଆଯାଇଥିବା ବେଳେ ଚିକିତ୍ସାରେ ଅବହେଳା ଏବଂ ଭୁଲ ଇଞ୍ଜେକ୍ସନ ଯୋଗୁଁ ମହିଳାଙ୍କ ମୃତ୍ୟୁ ହୋଇଥିବା ପ୍ରମାଣ ଆସିଲେ ସମ୍ପୃକ୍ତ ହସ୍ପିଟାଲ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି ।ସେହିପରି ସାମଶ୍ରୀ ହସ୍ପିଟାଲକୁ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଥିବାବେଳେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିବା ଜିଲ୍ଲପାଳ କହିଛନ୍ତି । ପୁରୀ ଏକ ଧାର୍ମିକ ଏବଂ ପର୍ଯ୍ୟଟନ ସ୍ଥଳି ହୋଇଥିବାବେଳେ ଏଠାରେ ମାଲମାଲ ଘରୋଇ ହସ୍ପିଟାଲ ଖୋଲୁଛି । ତେବେ ହସ୍ପିଟାଲରେ ଉପଯୁକ୍ତ ଚିକିତ୍ସା ସେବା ମିଳୁନଥିବାରୁ ରୋଗୀଙ୍କ ପ୍ରାଣ ଚାଲିଯାଉଛି । ତେବେ ଆଜି ଘଟିଥିବା ଏହି ଅଭାବନୀୟ ଘଟଣା ପରେ ପ୍ରଶାସନ ପକ୍ଷରୁ କଣ ପଦକ୍ଷେ ନିଆଯାଉଛି ତାକୁ ହିଁ ସମସ୍ତଙ୍କ ଅପେକ୍ଷା ।

**AFFIDAVIT**

By virtue of an affidavit sworn before the Executive Magistrate, Gop, dated: 08.05.2025, I Ajay Behera, S/o- Chakradhar Behera, resident of village- Gop Udayagirisahi, Post/Ps- Gop, Dist- Puri, declares that I have changed my minor daughter's name from Apsa Behera to Ayesa Behera. Henceforth She shall be known as Ayesa Behera for all purposes.

Sd/- Ajay Behera

**AFFIDAVIT**

By virtue of an affidavit sworn before the Notary Public, Jajpur, dated: 09.05.2025, I Soni Panigrahi, address: At- Khandash, Po- Jhalpada, Ps- Jajpur Sadar, Dist- Jajpur, Odisha, PIN- 755005, declare that I have changed my name from Samina Begum to Soni Panigrahi. Henceforth, I shall be known as Soni Panigrahi for all purposes.

Sd/- Soni Panigrahi

**AFFIDAVIT**

By virtue of an affidavit sworn before the Executive Magistrate, R.Udayagiri, Gajapati, dated: 30.05.2025, I Sapnarani Raita, Address: village- R. Bhaliasahi, Po- Ramagiri, Ps- Ramagiri, Dist-Gajapati, Odisha, PIN- 761016, declare that I have changed my name from Sapnarai Raita to Sapnarani Raita. Henceforth, I shall be known as Sapnarani Raita for all purposes.

Sd/- Sapnarani Raita



ପାଟଣା: ବିହାରରେ ହେବ ମାତା ସୀତାଙ୍କ ଭବ୍ୟ ମନ୍ଦିର। ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଏକ୍ସରେ ପ୍ରସ୍ତାବିତ ଡିଜାଇନର ଫଟୋ ସେୟାର କରିଛନ୍ତି ମୁଖ୍ୟମନ୍ତ୍ରୀ ନିତିଶ କୁମାର। ଏଥିସହିତ ସେ କହିଛନ୍ତି ଯେ, 'ସୀତାମାଢ଼ିର ପୁନୌରାଧାମରେ ଜଗତ ଜନନୀ ମାତା ଜାନକୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ଏକ ବିଶାଳ ମନ୍ଦିରର ସ୍ଥାପତ୍ୟ ଡିଜାଇନ୍ ଏବେ ପ୍ରସ୍ତୁତ। ନିର୍ମାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଏକ ଉତ୍ସର୍ଗୀକୃତ ଟ୍ରଷ୍ଟ ମଧ୍ୟ ପ୍ରତିଷ୍ଠା କରାଯାଇଛି। ମନ୍ଦିର ନିର୍ମାଣ ସମଗ୍ର ବିହାର ପାଇଁ ଗର୍ବ ଏବଂ ସୌଭାଗ୍ୟର ବିଷୟ ହେବ।' ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରକାଶିତ ଯୋଜନା ଅନୁଯାୟୀ, ଜାନକୀ ମନ୍ଦିର ପାରମ୍ପରିକ ଭାରତୀୟ ମନ୍ଦିର ସ୍ଥାପତ୍ୟ ଶୈଳୀରେ ନିର୍ମାଣ କରାଯିବ। ଏହି ପ୍ରକଳ୍ପରେ ତୀର୍ଥଯାତ୍ରୀ ଏବଂ ପର୍ଯ୍ୟଟକଙ୍କ ପାଇଁ ଅନେକ ଆଧୁନିକ ସୁବିଧା ମଧ୍ୟ ରହିବ। ଆରାମଦାୟକ ବିଶ୍ରାମ ସ୍ଥାନ, ଏକ ଧର୍ମଶାଳା, ଏକ ସଂଗ୍ରହାଳୟ, ପାର୍କିଂ କ୍ଷେତ୍ର, ଏକ ପ୍ରାର୍ଥନା କକ୍ଷ ଏବଂ ଏକ ସାଂସ୍କୃତିକ ମଞ୍ଚ ସାମିଲ ରହିବ।

## ନକ୍ସଲବାଦ ଉପରେ ସମୀକ୍ଷା କଲେ ଶାହ




ନୂଆଦିଲ୍ଲୀ: କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ରବିବାର ରାୟପୁରରେ ଛତିଶଗଡ଼, ଆନ୍ଧ୍ର ପ୍ରଦେଶ, ତେଲଙ୍ଗାନା, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଝାଡ଼ଖଣ୍ଡ ଏବଂ ଓଡ଼ିଶାର ଡିଜିପି, ଏଡିଜିପି ଏବଂ ବରିଷ୍ଠ ଅଧିକାରୀଙ୍କ ସହ ନକ୍ସଲବାଦ ଉପରେ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଛନ୍ତି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ ଯେ ଗତ ଦେଢ଼ ବର୍ଷ ମଧ୍ୟରେ ବିଷ୍ଣୁ ଦେଓ ସାଇଙ୍କ ସରକାର ଏବଂ ଉପମୁଖ୍ୟମନ୍ତ୍ରୀ ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ବିଜୟ ଶର୍ମାଙ୍କର ସବୁଠାରୁ ବଡ଼ ସଫଳତା ହେଉଛି ସେମାନେ ପୂର୍ବରୁ ଅଟକି ରହିଥିବା ନକ୍ସଲ ବିରୋଧୀ ଅଭିଯାନକୁ ତ୍ୱରାନ୍ୱିତ କରିଥିଲେ ଏବଂ ରାଜ୍ୟକୁ ନକ୍ସଲବାଦରୁ ମୁକ୍ତ କରିବା ଦିଗରେ ଅଗ୍ରସର ହୋଇଥିଲେ। ସେ ଆହୁରି ମଧ୍ୟ କହିଛନ୍ତି ଯେ ବିଷ୍ଣୁ ଦେଓ ସାଇ ଏବଂ ବିଜୟ ଶର୍ମା କେବଳ ନକ୍ସଲ ବିରୋଧୀ ଅଭିଯାନକୁ ନୂତନ ଗତି ପ୍ରଦାନ କରିନଥିଲେ, ବରଂ ବାରମ୍ବାର ଅଭିଯାନକୁ ମାର୍ଗଦର୍ଶନ କରିଥିଲେ, ସୁରକ୍ଷା ବାହିନୀର ମନୋବଳ ବୃଦ୍ଧି କରିଥିଲେ ଏବଂ ସମ୍ପୂର୍ଣ୍ଣ ସମର୍ପଣ ସହିତ ଏହି ଲଢ଼େଇରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ। କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଆତ୍ମବିଶ୍ୱାସର ସହ ଦୋହରାଇଥିଲେ ଯେ ୨୦୨୬ ମସିହା ମାର୍ଚ୍ଚ ୩୧ ସୁଦ୍ଧା ଦେଶ ସମ୍ପୂର୍ଣ୍ଣ ଭାବେ ନକ୍ସଲବାଦ ମୁକ୍ତ ହୋଇଯିବ। ସେ କହିଥିଲେ ଯେ ଆମ ସୁରକ୍ଷା ବାହିନୀ ଦ୍ୱାରା ପ୍ରଦର୍ଶିତ ସାହସିକତା ଏବଂ ଗୁଇନ୍ଦା ସଂସ୍ଥାଗୁଡ଼ିକ ଦ୍ୱାରା ପ୍ରସ୍ତୁତ ସଠିକ ରଣନୀତି ଆଧାରରେ ଆମେ ନିଶ୍ଚିତ ଭାବେ ଏହି ଲକ୍ଷ୍ୟ ହାସଲ କରିବୁ। ସେ ଆହୁରି ମଧ୍ୟ କହିଛନ୍ତି ଯେ ପ୍ରତିବର୍ଷ ବର୍ଷା ଋତୁରେ ବିଶ୍ରାମ ନେଉଥିବା ନକ୍ସଲମାନେ ଚଳିତ ବର୍ଷ ମୌସୁମୀରେ ଶାନ୍ତିରେ ଶୋଇପାରିବେ ନାହିଁ କାରଣ ଆମର ସୁରକ୍ଷା ବାହିନୀ ସେମାନଙ୍କର ଅପରେସନ ଜାରି ରଖିବେ। ଅମିତ ଶାହ ସମସ୍ତ ଯୁବକମାନଙ୍କୁ ଆହ୍ୱାନ କରିଛନ୍ତି ଯେଉଁମାନେ ନକ୍ସଲବାଦର ପଥରେ ପଥଭ୍ରଷ୍ଟ ହୋଇଛନ୍ତି, ସେମାନେ ଅସ୍ତ୍ର ସମର୍ପଣ କରନ୍ତୁ ଏବଂ ଛତିଶଗଡ଼ ସରକାରଙ୍କ ଆତ୍ମସମର୍ପଣ ନୀତିର ଲାଭ ଉଠାନ୍ତୁ। ଯୁବକମାନଙ୍କୁ ସମ୍ବୋଧିତ କରି ସେ କହିଥିଲେ ଯେ ନୂତନ ଛତିଶଗଡ଼ର ବିକାଶ ଯାତ୍ରାରେ ଯୋଗଦେବା ପାଇଁ ସେମାନଙ୍କୁ ଏହାଠାରୁ ଭଲ ସୁଯୋଗ ମିଳିବ ନାହିଁ। ହିଂସା ମାର୍ଗରେ ଚାଲୁଥିବା ଯୁବକମାନଙ୍କୁ ସରକାରଙ୍କୁ ବିଶ୍ୱାସ କରିବା ଏବଂ ସମାଜର ମୁଖ୍ୟଧାରାରେ ଯୋଗଦେବା ପାଇଁ ଶ୍ରୀ ଶାହ ଅନୁରୋଧ କରିଥିଲେ। ଏପରି କରିବା ଦ୍ୱାରା ସେମାନେ ସ୍ୱୟଂଚାଳିତ ଭାବେ ଛତିଶଗଡ଼ର ବିକାଶ ଯାତ୍ରା ସହିତ ଯୋଡ଼ି ହୋଇଯିବେ। ଶ୍ରୀ ଶାହ କହିଥିଲେ ଯେ କେନ୍ଦ୍ର ଏବଂ ଛତିଶଗଡ଼ ସରକାର ଆତ୍ମସମର୍ପଣ କରିଥିବା ନକ୍ସଲମାନଙ୍କୁ ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତି ପୂରଣ କରିବେ ଏବଂ ଆହୁରି ଅଧିକ ସହାୟତା ପ୍ରଦାନ କରିବା ଲାଗି ପ୍ରୟାସ କରିବେ।

## ରାଷ୍ଟ୍ରପତିଙ୍କ ଭାଷଣ ସଂକଳନକୁ ଉନ୍ମୋଚନ କରିବେ ରାଜନାଥ ସିଂହ

ନୂଆଦିଲ୍ଲୀ : ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ସୋମବାର ରାଷ୍ଟ୍ରପତି ଭବନ ପରିସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣର ସଂକଳନକୁ ନେଇ ପ୍ରସ୍ତୁତ ଦୁଇଟି ପୁସ୍ତକ 'ୱିଙ୍ଗସ୍ ଟୁ ଆୱାର ହୋପ୍ସ- ଭଲ୍ୟୁମ୍-୨' ଏବଂ 'ଆଶାଓଁ କି ଉଡ଼ାନ୍-ଖଣ୍ଡ ୨'କୁ ଉନ୍ମୋଚନ କରିବେ । କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ କେନ୍ଦ୍ର ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ଏଲ. ମୁରୁଗନ ମଧ୍ୟ ଉନ୍ମୋଚନ ସମାରୋହରେ ଉପସ୍ଥିତ ରହିବେ। ଇଂରାଜୀ ଏବଂ ହିନ୍ଦୀରେ ସଂକଳିତ ଏହି ଦୁଇଟି ପୁସ୍ତକରେ ରାଷ୍ଟ୍ରପତିଙ୍କ ୫୧ଟି ଭାଷଣ ସ୍ଥାନ ପାଇଛି । ଶ୍ରୀମତୀ ମୁର୍ମୁଙ୍କ କାର୍ଯ୍ୟକାଳର ଦ୍ୱିତୀୟ ବର୍ଷ (ଅଗଷ୍ଟ ୨୦୨୩ରୁ ଜୁଲାଇ ୨୦୨୪) ସମୟରେ ତାଙ୍କ ଦୃଷ୍ଟିକୋଣ, ଦର୍ଶନ ଏବଂ ପ୍ରାଥମିକତା ଉପରେ ପୁସ୍ତକରେ ଆଲୋକପାତ କରାଯାଇଛି। ରାଷ୍ଟ୍ରପତି ଭବନ ଦ୍ୱାରା ସଂକଳିତ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ପ୍ରକାଶନ ବିଭାଗ ଦ୍ୱାରା ପ୍ରକାଶିତ ଏହି ପୁସ୍ତକ ଶାସନ, ସମାବେଶୀତା ଏବଂ ଜାତୀୟ ଆକାଂକ୍ଷା ଉପରେ ବିକଶିତ ହେଉଥିବା ଆଲୋଚନାର ବୃତ୍ତାନ୍ତକୁ ଉପସ୍ଥାପନ କରିବାରେ ପୂର୍ବ ସଂସ୍କରଣକୁ ଅନୁସରଣ କରିଥାଏ। ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ପ୍ରକାଶନ ବିଭାଗ ଦ୍ୱାରା ଅତ୍ୟନ୍ତ ପରିଶ୍ରମ କରି ଏହି ପୁସ୍ତକକୁ ପ୍ରସ୍ତୁତ କରାଯାଇଛି । ଭାରତ ସରକାରଙ୍କ ଏକ ଅଗ୍ରଣୀ ପ୍ରକାଶନ ପ୍ରତିଷ୍ଠାନ ରୂପରେ ପ୍ରକାଶନ ବିଭାଗ ଜନହିତ, ଦେଶର ସ୍ୱାଧୀନତା ଆନ୍ଦୋଳନ, ସଂସ୍କୃତି, କଳା ଓ ସାହିତ୍ୟ କ୍ଷେତ୍ରରେ ବିଭିନ୍ନ ବିଷୟ ଉପରେ ପୁସ୍ତକ ପ୍ରକାଶ କରି ଆସୁଛି ।

### ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ନିର୍ବାଚନ କମିଶନଙ୍କ ବଡ଼ ଘୋଷଣା

## ଘରକୁ ଘର ଯାଇ ହେବ ଯାଞ୍ଚ

ନୂଆଦିଲ୍ଲୀ : ନିର୍ବାଚନ କମିଶନ ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ମତଦାନ ତାଲିକାରେ ସଂଶୋଧନ ବେଳେ ଘରକୁ ଘର ଯାଇ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବାକୁ ଯୋଜନା ପ୍ରସ୍ତୁତ କରିଛନ୍ତି। ସୂଚନାନୁସାରେ , ଅନେକ ସିଭିଲ ସୋସାଇଟି ସଙ୍ଗଠନ, ରାଜନୀତିକ ଦଳ ଓ ଅନ୍ୟ ଲୋକମାନେ ଭୋଟରଙ୍କ ତାଲିକାରେ ନାମକୁ ସାମିଲ କରିବା ଓ ହଟାଇବା ଉପରେ ପ୍ରଶ୍ନ ଉଠାଇ ଥିଲେ। ନିର୍ବାଚନ କମିଶନ ଉପରେ ବିଜେପିର ସାହାଯ୍ୟ କରିବା ନେଇ ମଧ୍ୟ ଅଭିଯୋଗ ଲଗାଯାଇ ଥିଲା। ଏହି ସ୍ଥିତିରେ ବିହାର ନର୍ବାଚନ ପୂର୍ବରୁ ଇସିଆଇ ଏହି ବଡ଼ ନିଷ୍ପତ୍ତି ନେଇଛନ୍ତି। ଅଧିକାରୀଙ୍କ କହିବାନୁସାରେ , ପୂରା ପ୍ରକ୍ରିୟାର ପାଳନ କରିବା ଏବଂ ନିୟମ ମୁତାବିକ ନାମକୁ ସାମିଲ କରିବା ଓ ହଟାଇବା ପରେ ମଧ୍ୟ ନିର୍ବାଚନ କମିଶନଙ୍କ ଉପରେ ଗୁରୁତର ଅଭିଯୋଗ ଲଗାଯାଇ ଥାଏ। କଂଗ୍ରେସ ସମେତ ଅନେକ ଦଳ କମିଶନ ଉପରେ ବିଜେପିର ସାହାଯ୍ୟ କରିବା ପାଇଁ ତଥ୍ୟରେ ହେରଫେର କରୁଥିବା ଅଭିଯୋଗ କରିଛନ୍ତି। ଅଧିକାରୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଯେ, ବିସ୍ତୃତ ପ୍ରୋଟକଲର ପାଳନ କରିବା ସତ୍ତ୍ୱେ କମିଶନ ଉପରେ ମତଦାତା ତାଲିକାର ମନମାନୀ ଢଙ୍ଗରେ ନାମ ବଢ଼ାଇବା ପାଇଁ ଅନେକ ସମୟରେ ଅଭିଯୋଗ କରାଯାଏ, ଯାହାକି ଏହି ପ୍ରକ୍ରିୟା ପୂରା ସ୍ୱଚ୍ଛତାର ସହ ଓ ରାଜନୀତିକ ଦଳର ନିରନ୍ତର ତଦାରଖରେ କରାଯାଏ। ସୂତ୍ରାନୁସାରେ, ନିର୍ବାଚନ କମିଶନ ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ମତଦାତା ତାଲିକାର ଯାଞ୍ଚ କରିବା ସମୟରେ ପ୍ରତି ଘରକୁ ଯାଇ ପୂରା ସାବଧାନତାର ସହ ସତ୍ୟାପନ କରିବାକୁ ଚାହେଁ। ସେ କହିଛନ୍ତି ଏହା ପଛର ଉଦ୍ଦେଶ୍ୟ ଏହା ଯେ, ମତଦାତା ତାଲିକାରେ କୌଣସି ଭୁଲ ହୋଇ ନଯାଉ ଏବଂ ଏହା ସଂପୂର୍ଣ୍ଣ ରୂପେ ଠିକ୍ ହେଉ। ନିର୍ବାଚନକୁ ନିରପେକ୍ଷ ଓ ସ୍ୱଚ୍ଛ ଉପାୟରେ କରାଇବା ପାଇଁ ନିର୍ବାଚନ କମିଶନ ଘରକୁ ଘର ଭେରିଫିକେସନ କରିବ। ଏହି ଅନୁସାରେ ଭୋଟର ତାଲିକାରେ ସଂଶୋଧନ ୨୦୦୪ର ଲୋକସଭା ନିର୍ବାଚନ ପୂର୍ବରୁ ମଧ୍ୟ କରାଯାଇ ସାରିଛି।

## ମୌସୁମୀକୁ ନେଇ ଆଇଏମ୍‌ଡି ପକ୍ଷରୁ ସତର୍କତା

ନୂଆଦିଲ୍ଲୀ : ଭାରତୀୟ ପାଣିପାଗ ବିଜ୍ଞାନ ବିଭାଗ (ଆଇଏମଡି) ମୌସୁମୀକୁ ନେଇ ଏକ ବଡ଼ ପୂର୍ବାନୁମାନ କରିଛନ୍ତି। ଆଇଏମଡି ରବିବାର କହିଛନ୍ତି ଯେ ଦକ୍ଷିଣ-ପଶ୍ଚିମ ମୌସୁମୀ ଆଗାମୀ ୨ ଦିନରେ ଅର୍ଥାତ ଜୁନ ୨୪ ତାରିଖ ସୁଦ୍ଧା ଦିଲ୍ଲୀ, ଚଣ୍ଡିଗଡ଼, ହରିୟାଣା, ପଶ୍ଚିମ ଉତ୍ତରପ୍ରଦେଶ, ପଞ୍ଜାବ ଓ ଜମ୍ମୁ-କାଶ୍ମୀରକୁ ପହଞ୍ଚିପାରେ। ମୌସୁମୀ ଆଗକୁ ବଢ଼ିବା ପାଇଁ ପାଗ ଏବେ ଅନୁକୂଳ ରହିଛି ଏଣୁ ଖୁବ୍ ଶୀଘ୍ର ଜାତୀୟ ରାଜଧାନୀକୁ ଅଗ୍ରସର ହେବ। ମୌସୁମୀ ଏବେ ହିମାଚଳ ପ୍ରଦେଶର ଅଧିକାଂଶ ଅଞ୍ଚଳ, ଲଦ୍ଦାଖ ଓ କାଶ୍ମୀରର ପୂରା କ୍ଷେତ୍ର, ଜମ୍ମୁର ଅଧିକାଂଶ ଅଞ୍ଚଳ ଓ ପଞ୍ଜାବର କିଛି ଭାଗକୁ ଅଗ୍ରସର ହୋଇଛି। ଆଇଏମଡିଙ୍କ ଅନୁସାରେ ଆଗାମୀ ୨ ଦିନରେ ମୌସୁମୀ ଉତ୍ତର ଆରବ ସାଗରର ଶେଷ ଭାଗ, ରାଜସ୍ଥାନ ଓ ପଞ୍ଜାବର ଆଉ କିଛି ଅଞ୍ଚଳ, ହରିୟାଣା, ଚଣ୍ଡିଗଡ଼ ଓ ଦିଲ୍ଲୀ ପଶ୍ଚିମ ଉତ୍ତର ପ୍ରଦେଶର ଅବଶିଷ୍ଟ ଭାଗ, ହିମାଚଳ ପ୍ରଦେଶର ବାକି ଅଞ୍ଚଳ ସହ ଜମ୍ମୁର ବାକି ଅଞ୍ଚଳକୁ ବ୍ୟାପିଯିବ। ଆଇଏମଡିଙ୍କ ଅନୁସାରେ ୨୨ରୁ ୨୬ ଜୁନ ମଧ୍ୟରେ ଉତ୍ତର-ପଶ୍ଚିମ ଭାରତ, ମଧ୍ୟପ୍ରଦେଶ, ଗୁଜରାଟ, କୋଙ୍କଣ ଓ ଗୋଆରେ ମଧ୍ୟମରୁ ତୀବ୍ର ବର୍ଷା ହୋଇପାରେ। ପାଣିପାଗ ବିଜ୍ଞାନ ବିଭାଗଙ୍କ ଅନୁସାରେ ଜୁନ ୨୩ରେ ଗୁଜରାଟରେ ଅତ୍ୟାଧିକ ବର୍ଷା ହୋଇପାରେ। ୨୩-୨୪ ଜୁନରେ ମଧ୍ୟପ୍ରଦେଶରେ ଅତ୍ୟାଧିକ ବର୍ଷା ଆଶଙ୍କା କରାଯାଉଛି। ଏହା ଛଡ଼ା ପୂର୍ବୋତ୍ତର ଭାରତରେ ଆଗାମୀ ୩ ଦିନ ପର୍ଯ୍ୟନ୍ତ ଭୀଷଣରୁ ଅତି ଭୀଷଣ ବର୍ଷା ଓ ପରବର୍ତ୍ତି ୪ ଦିନ ପର୍ଯ୍ୟନ୍ତ ହାଲୁକା ଫୁଲକା ବର୍ଷା ପୂର୍ବାନୁମାନ କରିଛନ୍ତି।

## ଛତିଶଗଡରେ ଏନ୍‌ଏଫ୍‌ଏସ୍‌ୟୁ ଏବଂ ସିଏଫ୍‌ଏସ୍‌ଏଲ୍‌ର ଶିଳାନ୍ୟାସ କଲେ ଶାହ

ରାୟପୁର: କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହ ଛତିଶଗଡ ରାଜଧାନୀ ରାୟପୁରଠାରେ ନେସ୍‌ନାଲ ଫରେନ୍‌ସିକ୍ ସାଇନ୍ସ ୟୁନିଭରସିଟି ଏବଂ କେନ୍ଦ୍ରୀୟ ଫରେନ୍‌ସିକ୍ ସାଇନ୍ସ ଲାବ୍ରୋଟେରୀର ଶିଳାନ୍ୟାସ କରିଛନ୍ତି। ଏଥିସହ ରାୟପୁରରେ ଏନ୍‌ଏଫ୍‌ଏସ୍‌ୟୁର ଏକ ଅସ୍ଥାୟୀ ପରିସରକୁ ମଧ୍ୟ ଶ୍ରୀ ସାଏ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ, କେନ୍ଦ୍ର ଗୃହ ସଚିବ ଏବଂ ନିର୍ଦ୍ଦେଶକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅବସରରେ କେନ୍ଦ୍ର ଗୃହ ମନ୍ତ୍ରୀ ଶ୍ରୀ ସାଏ କହିଥିଲେ ଯେ, ଛତିଶଗଡରେ ଅପରାଧ ଦମନ ପାଇଁ ବହୁ ପଦକ୍ଷେପ ଗ୍ରହଣ କରାଯାଇଛି ଏବଂ କେନ୍ଦ୍ର ସରକାର ମଧ୍ୟ ୩ଟି ନୂତନ ଆଇନ ପ୍ରଣୟନ କରିଛନ୍ତି। ଏହାଫଳରେ ଛତିଶଗଡର ଜନସାଧାରଣଙ୍କ ସମେତ ଦେଶର ଜନସାଧାରଣ ଖୁବ୍ ଶୀଘ୍ର ନ୍ୟାୟ




ପାଇପାରିବେ। ସେ କହିଥିଲେ ଛତିଶଗଡର ଯୁବକମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ନିମନ୍ତେ ଉଭୟ କେନ୍ଦ୍ର ଓ ଛତିଶଗଡ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। ଏମ୍‌ଏସ୍‌ଏମ୍‌ଇ ମାଧ୍ୟମରେ ଷ୍ଟାଟଅପ୍‌ମାନ ପ୍ରସ୍ତୁତ କରାଯାଇ ଯୁବକମାନଙ୍କୁ ଶିଳ୍ପପତି ବନେଇବାର ନିଷ୍ପତ୍ତି ନିଆଯାଇଛି। ସେ ଆହୁରି କହିଥିଲେ ୧୪୫କୋଟି ଟଙ୍କାରେ ଏନ୍‌ଏଫ୍‌ଏସ୍‌ୟୁ ଏବଂ ୧୨୩କୋଟି ଟଙ୍କାରେ ସିଏସ୍‌ଏଫ୍‌ଏଲ୍ ନିର୍ମାଣ କରାଯାଉଛି। ସେ କହିଥିଲେ ପୂର୍ବ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତାବ୍ଦୀରେ ଛତିଶଗଡର ଜନ୍ମ ହୋଇଥିଲା। ତେବେ ଛତିଶଗଡର ସବୁ ସ୍ୱପ୍ନକୁ ସାକାର କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଛତିଶଗଡକୁ ଦେଶର ଏକ ବିକଶିତ ରାଜ୍ୟ ରୂପେ ଗଢ଼ି ତୋଳିବା ପାଇଁ ଶ୍ରୀ ସାଏ ପ୍ରତିଶ୍ରୁତି ଦେଇଥିଲେ।

# ବାଣିଜ୍ୟ



ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସୁରକ୍ଷା ଇଞ୍ଜିନିୟରିଂ ବିଭାଗରେ ଜୁନ ୧୯ ତାରିଖ ଦିନ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱରଞ୍ଜନ ପଲାଇ, ଏକ ନୂତନ ବିକଶିତ ଉଚ୍ଚତା ରିଗ୍ ଉଦଘାଟନ କରିଥିଲେ। ଶ୍ରମିକମାନଙ୍କୁ ଉଚ୍ଚତା ପାସ୍ ଜାରି ହେବା ପୂର୍ବରୁ ସେମାନଙ୍କର ମୂଲ୍ୟାଙ୍କନ ପାଇଁ ଏକ ବ୍ୟବହାରିକ ମୂଲ୍ୟାଙ୍କନ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରିବା ପାଇଁ ଏହି ସୁବିଧା ଡିଜାଇନ୍ କରାଯାଇଛି, ଯାହା କେବଳ ପ୍ରଶିକ୍ଷିତ ବ୍ୟକ୍ତିମାନଙ୍କୁ ଉଚ୍ଚତାରେ କାର୍ଯ୍ୟ କରିବାର ଅନୁମତି ପ୍ରଦାନ ସୁନିଶ୍ଚିତ କରିବ। ଏହି ଅବସରରେ ମେକାନିକାଲ ଏଣ୍ଡ ସପ ବିଭାଗର ସିଜିଏମ ଇନ-ଚାର୍ଜ ଶ୍ରୀ ଆର ଏନ୍ ରାଜେନ୍ଦ୍ରନ୍, ଏନ ପି ଏମ୍ ଏଣ୍ଡ ଏସ ପି ପି ବିଭାଗର ସିଜିଏମ୍ ଶ୍ରୀ ଆର କେ ବିସାରେ, ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗ ର ସିଜିଏମ, ଶ୍ରୀମତୀ ଆଶା ଏସ୍ କାର୍ଥା, ସୁରକ୍ଷା ବିଭାଗ ର ଜିଏମ୍; ଶ୍ରୀ ଅବକାଶ ବେହେରା, ଙ୍କ ସମେତ କାରଖାନାର ବହୁ ବରିଷ୍ଠ ଅଧିକାରୀ, ଏଏସଓ ଏବଂ ଡିଏସ ଓ, ଏଜେନ୍ସି ସୁରକ୍ଷା କର୍ମଚାରୀ ଏବଂ ବହୁ ସଂଖ୍ୟକ ଠିକା ଶ୍ରମିକ ଉପସ୍ଥିତ ଥିଲେ।

## ପୂର୍ବ ଭାରତରେ ନିଜର ସ୍ଥିତି ସୁଦୃଢ଼ କରୁଛି ମଣିପାଲ୍ ସିଗ୍‌ନା ହେଲ୍‌ଥ ଇନ୍‌ସ୍ୟୁରାନ୍ସ




ନୂଆଦିଲ୍ଲୀ: ଭାରତର ଅଗ୍ରଣୀ ସ୍ୱାସ୍ଥ୍ୟ ବୀମା କମ୍ପାନି ମଣିପାଲ ସିଗ୍‌ନା ହେଲ୍‌ଥ ଇସ୍ୟୁରାନ୍ସ ପୂର୍ବ ଭାରତରେ ଏହାର ଗୁରୁତ୍ୱକୁ ବଢ଼ାଇଛି। ଏହି ଅଂଚଳରେ ବର୍ତ୍ତମାନ କଂପାନିର ଉପସ୍ଥିତି ୪୨ଟି ସହର ଏବଂ ୧୦,୦୦୦ରୁ ଅଧିକ ଉପଦେଷ୍ଟା ଥିବା ବେଳେ ଖୁଚୁରା ଉପସ୍ଥିତି, ଶାଖା ନେଟୱର୍କକୁ ଦ୍ୱିଗୁଣିତ କରିବା ଓ ୧୦ ହଜାର ଉପଦେଷ୍ଟା ଯୋଡ଼ିବାକୁ କମ୍ପାନି ଲକ୍ଷ୍ୟ ରଖିଛି। ଏହି ଅଂଚଳରେ ବ୍ୟାପକ ଅଭିବୃଦ୍ଧି ହେବା ସହ କମ୍ପାନି ୨୦୨୪-୨୫ ଆର୍ଥିକ ବର୍ଷରେ ୧୩୦ କୋଟି ଟଙ୍କାର ପ୍ରତ୍ୟକ୍ଷ ପ୍ରିମିୟମ୍ ହାସଲ କରିଛି। ସେଥିରେ ପଶ୍ଚିମବଙ୍ଗର ଅବଦାନ ୫୫ କୋଟି ଟଙ୍କାରୁ ଅଧିକ ରହିଛି। ଜେନେରାଲ୍ ଇନ୍‌ସ୍ୟୁରାନ୍ସ କାଉନ୍‌ସିଲ୍‌ର ତଥ୍ୟ ଅନୁସାରେ ସ୍ୱାସ୍ଥ୍ୟ ବୀମା କମ୍ପାନିଗୁଡ଼ିକର ବାର୍ଷିକ ଅଭିବୃଦ୍ଧି ୧୦ ପ୍ରତିଶତ ରହିଥିବା ବେଳେ ମଣିପାଲସିଗ୍‌ନା ୪୩ ପ୍ରତିଶତ ପ୍ରିମିୟମ୍ ଅଭିବୃଦ୍ଧି ସହ ଶିଳ୍ପକୁ ଅତିକ୍ରମ କରିଛି। ଗତ ତିନି ବର୍ଷ ମଧ୍ୟରେ କଂପାନି ପୂର୍ବ ଭାରତରେ ୨୦୦ କୋଟି ଟଙ୍କାର ସ୍ୱାସ୍ଥ୍ୟ ବୀମା ଦାବି ପ୍ରଦାନ କରିଛି, ଯେଉଁଥିରୁ କେବଳ ପଶ୍ଚିମବଙ୍ଗରେ ୮୦ କୋଟି ଟଙ୍କାରୁ ଅଧିକ ପ୍ରଦାନ କରାଯାଇଛି। ମଣିପାଲ୍ ସିଗ୍‌ନା ହେଲ୍‌ଥ ଇନ୍‌ସ୍ୟୁରାନ୍ସର ମୁଖ୍ୟ ମାର୍କେଟିଂ ଅଧିକାରୀ ସପ୍‌ନା ଦେଶାଇ କହିଛନ୍ତି ଯେ, 'ପୂର୍ବ ଭାରତରେ ବିଶେଷ କରି ଅର୍ଦ୍ଧ ସହରାଂଚଳ ଓ ଉଦୀୟମାନ ବଜାରରେ ଲୋକମାନଙ୍କ ପାଖରେ ସ୍ୱାସ୍ଥ୍ୟ ବୀମା ପହଂଚାଇବାର ବ୍ୟାପକ ସୁଯୋଗ ରହିଛି। ମିସିଂ ମିଡିଲ୍ ପାଇଁ ପ୍ରସ୍ତୁତ କରାଯାଇଥିବା ସର୍ବ ଭଳି ସମାଧାନ କୋଲକାତାରେ ନୂଆ ବ୍ୟବସାୟ ପ୍ରତି ୫୦ ପ୍ରତିଶତରୁ ଅଧିକ ଅବଦାନ ପ୍ରଦାନ କରିଥିବା ବେଳେ ଆମେ ସ୍ୱାସ୍ଥ୍ୟ ବୀମାକୁ ଲୋକମାନଙ୍କ ପାଖରେ ପହଂଚାଉଥିବା ବେଳେ ତାହାକୁ ସୁଲଭ କରିପାରିଛୁ। ଆମ ଉପସ୍ଥିତି ଓ ଉପଦେଷ୍ଟା ସଂଖ୍ୟା ସମ୍ପ୍ରସାରଣ ଆମକୁ ଏହି ଅଂଚଳରେ ଅଧିକ ପରିବାରକୁ ସେବା ପ୍ରଦାନ କରିବାରେ ସହାୟକ ହେବ।' ମଣିପାଲସିଗ୍‌ନାର ଉତ୍ପାଦ ଓ ପରିଚାଳନା ମୁଖ୍ୟ ଆଶିଷ ଯାଦବ କହିଛନ୍ତି ଯେ, 'ସର୍ବ ଏହାର ସହଜତା ଓ ମୂଲ୍ୟ ସହିତ ନିତିଦିନିଆ ସ୍ୱାସ୍ଥ୍ୟସେବା ଆବଶ୍ୟକତା ପୂରଣ କରି ବାସ୍ତବ ସମସ୍ୟାର ସମାଧାନ କରୁଥିବାରୁ ଅନେକ ପ୍ରମୁଖ ବଜାରରେ ତାହା ପ୍ରଥମ ପସନ୍ଦ ଭାବେ ଉଭା ହୋଇଛି। ପୂର୍ବ ଭାରତରେ ମଣିପାଲସିଗ୍‌ନା ହେଲ୍‌ଥ ଇନ୍‌ସ୍ୟୁରାନ୍ସର ଉପସ୍ଥିତି ଆସାମ, ଅରୁଣାଚଳପ୍ରଦେଶ, ବିହାର, ଝାଡ଼ଖଣ୍ଡ, ମଣିପୁର, ମେଘାଳୟ, ମିଜୋରାମ, ଓଡ଼ିଶା, ତ୍ରିପୁରା ଓ ପଶ୍ଚିମବଙ୍ଗରେ ରହିଛି।

## ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ଇମ୍ପାକ୍ଟ ର୍‌ୟାଙ୍କିଂରେ ୧୦ମ ସ୍ଥାନ

ନୂଆଦିଲ୍ଲୀ: ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ,ଟାଇମସ ହାୟର ଏଜୁକେଶନ ୨୦୨୫ର ୟୁନିଭର୍ସିଟି ଇମ୍ପ୍ୟାକ୍ଟ ର୍‌ୟାଙ୍କିଂରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି। ଯେଉଁଥିରେ ଏହି ବର୍ଷ ଭାରତରେ ୧୦ମ ସ୍ଥାନ ଅଧିକାର କରିଛି। ପୂର୍ବବର୍ଷର ୧୮ତମ ସ୍ଥାନ ଠାରୁ ଏହି ଉନ୍ନତି, ସ୍ଥାୟୀ ବିକାଶ ଓ ସାର୍ଥକ ଶିକ୍ଷା ପ୍ରତି ଏହି ବିଶ୍ୱବିଦ୍ୟାଳୟର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିବିମ୍ବିତ କରେ। ଜାତୀୟ ସ୍ତର ସହିତସହିତ, ବିଶ୍ୱସ୍ତରରେ ମଧ୍ୟ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ଅବସ୍ଥାନ ଅଧିକାର କରିଛି - ଏସ୍‌ଡିଜି ୨ (ଭୁଖ ନିବାରଣ) ପାଇଁ ବିଶ୍ୱ ତାଲିକାରେ ୫୮ତମ ସ୍ଥାନରେ ଅବସ୍ଥିତ ହୋଇଛି। ଏହା ବିଶ୍ୱବିଦ୍ୟାଳୟର ଗବେଷଣା, ବ୍ୟବହାରିକ ପଦକ୍ଷେପ ଓ ନୀତି ଅଭିଯାନ ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡିକୁ ମୁହାଁ ଦେବା ପ୍ରତି ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିବିମ୍ବିତ କରେ। 'ଆମର ଲକ୍ଷ୍ୟ କେବଳ ପାଠ ପଢ଼ାଇବା ନୁହେଁ, ବରଂ ଲୋକମାନେ ପାଇଁ ଶକ୍ତି ଓ ସୁଯୋଗ ସୃଷ୍ଟି କରିବା-ସମାଜରେ ଥିବା ପରିବର୍ତ୍ତନକୁ ନେତୃତ୍ୱ ଦେବା ଅଟେ,' ବିଶ୍ୱବିଦ୍ୟାଳୟର କୁଳପତି ଡ଼. ସୁପ୍ରିୟା ପଟ୍ଟନାୟକ କହିଛନ୍ତି। 'ଏହି ପ୍ରତ୍ୟେକ ସଫଳତା ଆମ ବିଶ୍ୱପ୍ରସିଦ୍ଧି ଲକ୍ଷ୍ୟ ପ୍ରତି ଏକ ଦୃଢ଼ ପଦକ୍ଷେପ-ଏମିତି ଏକ ଶିକ୍ଷାପ୍ରତିଷ୍ଠା ଭାବେ ଓ




ଗଠନାତ୍ମକ ପ୍ରଭାବ ପାଇଁ ଯେଉଁଥିରେ ଜ୍ଞାନ ସମାଜ ଗଠନର ମୂଳ ଶକ୍ତି ହୁଏ।' ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ଲକ୍ଷ୍ୟ ହେଉଛି ଭାରତର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ଭାବେ ପରିଚିତ ହେବା ଓ ବିଶ୍ୱର ଶ୍ରେଷ୍ଠ ୫୦ ବିଶ୍ୱବିଦ୍ୟାଳୟ ମଧ୍ୟରେ ସ୍ଥାନ ଅଧିକାର କରିବା। ଏହି ଲକ୍ଷ୍ୟ ପ୍ରତି ଅଗ୍ରସର ହେବା ପାଇଁ, ବିଶ୍ୱବିଦ୍ୟାଳୟ ଗବେଷଣା ସହଯୋଗ, ନାରୀ ସଶକ୍ତିକରଣ, ସ୍ଥାୟୀ ପ୍ରୟାସ, ଓ କୃତ୍ରିମ ବୁଦ୍ଧି (ଇଓ) ମାଧ୍ୟମରେ ଶିକ୍ଷା ଗଠନ ଉପରେ ଗୁରୁତ୍ୱ ଦେଉଛି। ଏହି ସଫଳତା ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟପାଇଁ ଏକ ଗର୍ବର ମୁହୂର୍ତ୍ତ ହେବା ସହ ବିଶ୍ୱ ଶିକ୍ଷା ପରିଦୃଶ୍ୟ ପାଇଁ ଏକ ପ୍ରଭାବଶାଳୀ ପଦକ୍ଷେପ ଅଟେ।

### ଟାଇମ୍‌ସ ହାୟର ଏଜୁକେସନ୍ ଇଂପାକ୍ଟ ର୍‌ୟାଙ୍କିଂ

## ଭାରତରେ ୫ମ ସ୍ଥାନରେ କିଟ୍ ବିଶ୍ୱବିଦ୍ୟାଳୟ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଟାଇମସ ହାୟର ଏଜୁକେସନ (ଟିଏଚଇ) ଏକ ସର୍ଜନାତ୍ମକ ପଦ୍ଧତିରେ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟର ସାମାଜିକ ପ୍ରଭାବ କଣ ଅଛି ତାର ମୂଲ୍ୟାଙ୍କନ କରି ର୍‌ୟାଙ୍କ ପ୍ରଦାନ କରିଥାଏ। ଏହି ପରିପ୍ରେକ୍ଷୀରେ ବିଶ୍ୱର ଯେଉଁ ବିଶ୍ୱବିଦ୍ୟାଳୟଗୁଡିକ ସାମାଜିକ ପ୍ରଭାବ ଉପରେ କାର୍ଯ୍ୟ କରନ୍ତି ସେହି ଅନୁଷ୍ଠାନଗୁଡିକ ଏଥିରେ ଅଂଶଗ୍ରହଣ କରନ୍ତି। କିଟ୍ ଏହି ର୍‌ୟାଙ୍କିଙ୍ଗରେ ପ୍ରତିବର୍ଷ ଅଂଶଗ୍ରହଣ କରିଥାଏ। ଏଥିରେ ଉନ୍ନତ ପ୍ରଦର୍ଶନ କରି ପ୍ରତିବର୍ଷ କିଟ୍‌ର ସ୍ଥାନ ଉପରକୁ ଉଠିଥାଏ। ଚଳିତବର୍ଷ ମଧ୍ୟ କିଟ୍ ଟାଇମ୍‌ସ ହାୟର ଏଜୁକେସନ ଇମ୍ପାକ୍ଟ ଗ୍ଲୋବାଲ ର୍‌ୟାଙ୍କିଂ ୨୦୨୫ରେ କିଟ୍ ବହୁତ ଭଲ ପ୍ରଦର୍ଶନ କରିଛି। ୩ ଟି ମାନଦଣ୍ଡ ଆଧାରରେ ଚଳିତ ବର୍ଷ କିଟ୍ ବେଶ ପ୍ରଭାବୀ ର୍‌ୟାଙ୍କ ହାସଲ କରିଛି। ଅସମାନତା ହ୍ରାସ (ଏସଡିଜି-୧୦) ଓ ଶାନ୍ତି, ନ୍ୟାୟ ଏବଂ ସଶକ୍ତ ପ୍ରତିଷ୍ଠାନ (ଏସଡିଜି-୧୬), ସୁଲଭ ଓ ସ୍ୱଚ୍ଛ ଉର୍ଜା (ଏସଡିଜି-୭)ରେ ଦେଶର ପ୍ରଥମ ସ୍ଥାନରେ କିଟ୍ ବିଶ୍ୱବିଦ୍ୟାଳୟ ରହିଥିବା ବେଳେ ଗୁଣାତ୍ମକ ଶିକ୍ଷା (ଏସଡିଜି-୪)ରେ ଭାରତରେ କିଟ୍ ୩ୟ ସ୍ଥାନରେ ରହିଛି। ଇମ୍ପାକ୍ଟ ର୍‌ୟାଙ୍କିଂରେ ସାମଗ୍ରିକ ଭାବେ କିଟ୍ ବିଶ୍ୱବିଦ୍ୟାଳୟ ସମସ୍ତ ଭାରତୀୟ ବିଶ୍ୱବିଦ୍ୟାଳୟଗୁଡିକ ମଧ୍ୟରେ ୫ମ ସ୍ଥାନରେ ରହିଛି। ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି)କୁ ଆଗକୁ ନେବାରେ ବିଶ୍ୱବିଦ୍ୟାଳୟଗୁଡ଼ିକର ପ୍ରଦର୍ଶନ ଉପରେ ମୂଲ୍ୟାଙ୍କନ ଆଧାରରେ ଚଳିତବର୍ଷ ବିଶ୍ୱର ୧୩୦ଟି ଦେଶର ପ୍ରାୟ ୨୪ଶହରୁ ଅଧିକ ଖ୍ୟାତି ସଂପନ୍ନ ବିଶ୍ୱବିଦ୍ୟାଳୟ ଏହି ରାଙ୍କିଙ୍ଗରେ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ କିଟ୍ ବିଶ୍ୱରେ ୧୦୧ କୋହର୍ଟରେ ରହିଛି। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କିଟ୍‌ର ସଫଳତା ଉପରେ ନିଜ ପ୍ରତିକ୍ରିୟାରେ କହିଛନ୍ତି, କିଟ୍ ଏକ ଛୋଟ ଅନୁଷ୍ଠାନରୁ ଆରମ୍ଭ ହୋଇଥିଲା ବେଳେ ଏହା ବିଶ୍ୱର ସମସ୍ତ ଅନୁବନ୍ଧନ ଓ ର୍‌ୟାଙ୍କିଂରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ଏବେ କିଟ୍ ବିଶ୍ୱର ସମସ୍ତ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ସହ ସମକକ୍ଷ ହେବା ପାଇଁ ଯୋଗ୍ୟତା ଅର୍ଜନ କରିଛି। ଭାରତରେ କିଟ୍ ଏକ ଅଗ୍ରଣୀ ବିଶ୍ୱବିଦ୍ୟାଳୟ ଭାବରେ ମଧ୍ୟ ଏକ ଉଲ୍ଲେଖନୀୟ ପ୍ରଭାବ ପକାଇ ପାରିଛି। ଏହିସବୁ ର୍‌ୟାଙ୍କିଙ୍ଗରେ କିଟ୍‌ର ଲଗାତାର ସଫଳତା ନିରନ୍ତର ଶିକ୍ଷା, ସ୍ଥାୟୀତ୍ୱ, ଅନ୍ତର୍ଭୁକ୍ତି ଏବଂ ବିଶ୍ୱ ସହଯୋଗ କ୍ଷେତ୍ରରେ ଉତ୍କର୍ଷତା ପ୍ରତି ଏହାର ପ୍ରତିବଦ୍ଧତା ପ୍ରତିପାଦନ କରୁଛି ବୋଲି ସେ କହିଛନ୍ତି।

## ୨୫ରେ ୪୫୦ କୋଟି ଟଙ୍କାର ଆଇପିଓ ଖୋଲିବ ସମ୍ଭବ ଷ୍ଟିଲ୍ ଟ୍ୟୁବ୍‌ସ

ନୂଆଦିଲ୍ଲୀ: ସମ୍ଭବ ଷ୍ଟିଲ୍ ଟ୍ୟୁବ୍‌ସ ଲିମିଟେଡ୍‌ର ଇନିସିଆଲ ପବ୍ଲିକ୍ ଅଫରିଂ ୨୦୨୫ ଜୁନ୍ ୨୫, ବୁଧବାର ଦିନ ଖୋଲିବ। ଏହି ଅଫରର ମୋଟ୍ ଆକାର ୫୪୦ କୋଟି ଟଙ୍କା ରହିଛି। ସେଥିରୁ ୪୪୦ କୋଟି ଟଙ୍କାର ନୂଆ ଇକ୍ୱିଟି ସେୟାର ଜାରି କରାଯିବ ଏବଂ ଅଫର୍ ଫର୍ ସେଲ୍‌ରେ ଅଂଶଧନକାରୀମାନେ ୧୦୦ କୋଟି ଟଙ୍କାର ଇକ୍ୱିଟି ସେୟାର୍ ବିକ୍ରି କରିବେ। ଆଙ୍କର ନିବେଶକମାନେ ଗୋଟିଏ କାର୍ଯ୍ୟଦିବସ ପୂର୍ବରୁ ୨୦୨୫ ଜୁନ୍ ୨୪ ମଙ୍ଗଳବାର ଦିନ ବିଡ୍ ଦାଖଲ କରିପାରିବେ। ୨୦୨୫ ଜୁନ୍ ୨୭ ଶୁକ୍ରବାର ଦିନ ବିଡ୍ ଦାଖଲ ଶେଷ ହେବ। ଏହି ଅଫରରେ ଇକ୍ୱିଟି ସେୟାର ପିଛା ଦାମ୍ ୭୨ ଟଙ୍କାରୁ ୮୨ ଟଙ୍କା ମଧ୍ୟରେ ରହିଛି। ନିବେଶକମାନେ ସର୍ବନିମ୍ନ ୧୮୨ଟି ଇକ୍ୱିଟି ସେୟାର ପାଇଁ ବିଡ୍ ଦାଖଲ କରିପାରିବେ ଏବଂ ସେଥିରେ ୧୮୨ଟି ଲେଖାଏଁ ଇକ୍ୱିଟି ସେୟାର ଯୋଡ଼ିପାରିବେ। ଏହି ଇସ୍ୟୁରୁ ଯେଉଁ ପାଣ୍ଠି ସଂଗୃହୀତ ହେବ ତାହାକୁ କମ୍ପାନି ହାସଲ କରିଥିବା କିଛି ଋଣକୁ ଆଂଶିକ କିମ୍ବା ସମ୍ପୂର୍ଣ୍ଣ ଭରଣା କରିବାରେ ଏବଂ ଅବଶିଷ୍ଟ ରାଶିକୁ ସାଧାରଣ କର୍ପୋରେଟ୍ କାର୍ଯ୍ୟରେ ବ୍ୟବହାର କରିବ। ଅଫର୍ ଫର୍ ସେଲ୍‌ରେ ଶଶାଙ୍କ ଗୋୟଲଙ୍କ ପକ୍ଷରୁ ୧୦ କୋଟି ଟଙ୍କାର, ରୋହିତ ଗୋୟଲଙ୍କ ପକ୍ଷରୁ ୧୦ କୋଟି ଟଙ୍କାର, କୌଶଲ୍ୟା ଗୋୟଲ ୩୫ କୋଟି ଟଙ୍କାର, ହର୍ଷିତ ଗୋୟଲ ୧୦ କୋଟି ଟଙ୍କାର ଓ ରିଙ୍କୁ




ଗୋୟଲ ୩୫ କୋଟି ଟଙ୍କା ପର୍ଯ୍ୟ'ର ଇକ୍ୱିଟି ସେୟାର୍ ବିକ୍ରି କରିବେ। କର୍ମଚାରୀମାନଙ୍କୁ ଇକ୍ୱିଟି ସେୟାର ପିଛା ୪ ଟଙ୍କାର ରିହାତି ମିଳିବ। କମ୍ପାନିର ଇକ୍ୱିଟି ସେୟାରଗୁଡ଼ିକୁ ବିଏସ୍‌ଇ ଲିମିଟେଡ୍ ଓ ଏନଏସଇରେ ତାଲିକାଭୁକ୍ତ କରାଯିବ। ଏହି ଇସ୍ୟୁର ବୁକ୍ ରନିଂ ଲିଡ୍ ମ୍ୟାନେଜର ହେଉଛନ୍ତି ନୁଭାମା ୱେଲ୍‌ଥ ମ୍ୟାନେଜମେଂଟ୍ ଲିମିଟେଡ୍ ଓ ମୋତିଲାଲ ଓସ୍ୱାଲ ଇନଭେଷ୍ଟମେଂଟ୍ ଆଡଭାଇଜର୍ସ ଲିମିଟେଡ୍। ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିୟମ ଅନୁସାରେ ଅଫରର ୭୫ ପ୍ରତିଶତ ପର୍ଯ୍ୟନ୍ତ ସେୟାରକୁ ଯୋଗ୍ୟ ସଂସ୍ଥାଗତ କ୍ରେତା (କ୍ୟୁଆଇବି)ଙ୍କ ପାଇଁ ରଖାଯିବ। ବୁକ ରନିଂ ଲିଡ ମ୍ୟାନେଜରଙ୍କ ସହ ଆଲୋଚନା କରି କ୍ୟୁଆଇବି ଭାଗର ୬୦ ପ୍ରତିଶତ ପର୍ଯ୍ୟ' ସେୟାରକୁ ଆଙ୍କର ନିବେଶକଙ୍କ ପାଇଁ ଆବଂଟନ କରାଯିବ। ସେଥିରୁ ଏକ ତୃତୀୟାଂଶ ସେୟାରକୁ ଘରୋଇ ମ୍ୟୁଚୁଆଲ ଫଣ୍ଡମାନଙ୍କୁ ଆବଂଟନ କରାଯିବ। ନିଟ କ୍ୟୁଆଇବି ଭାଗର ୫ ପ୍ରତିଶତ ସେୟାରକୁ ସମାନୁପାତିକ ଭିତିରେକେବଳ ମ୍ୟୁଚୁଆଲ ଫଣ୍ଡକୁ ପ୍ରଦାନ କରାଯିବ ଏବଂ ଅବଶିଷ୍ଟ ରାଶିକୁ ସମାନୁପାତିକ ଭିତିରେ ସମସ୍ତ କ୍ୟୁଆଇବିଙ୍କୁ ଆବଂଟନ କରାଯିବ। ଅଣ ସଂସ୍ଥାଗତ ନିବେଶକମାନଙ୍କ ଲାଗି ଅଫରର ୧୫ ପ୍ରତିଶତ ସେୟାର ରଖାଯିବ। ବିଭିନ୍ନ ଆକାରର ଆପ୍ଲିକେସନ ଆଧାରରେ ଏହି ସେୟାର ଆବଂଟନ କରାଯିବ। ଅଫରର ୧୦ ପ୍ରତିଶତ ସେୟାରକୁ ଖୁଚୁରା ବ୍ୟକ୍ତିଗତ ନିବେଶକମାନଙ୍କ ଲାଗି ରଖାଯିବ।

ଓଡ଼ିଶା ଭାସ୍କର
ODISHA BHASKAR

# ଖେଳ ଖବର





ନୂଆଦିଲ୍ଲୀ: ବଲିଉଡ ଓ କ୍ରିକେଟ ମଧ୍ୟରେ ସର୍ବଦା ଏକ ସମ୍ପର୍କ ଯୋଡି ହୋଇ ରହିଥାଏ । କ୍ରିକେଟର ଓ ବଲିଉଡ ଅଭିନେତ୍ରୀଙ୍କ ପ୍ରେମ ସମ୍ପର୍କ କିଛି ନୂଆ କଥା ନୁହେଁ । ବିରାଟ କୋହଲି ଓ ଅନୁଷ୍କା ଶର୍ମାଙ୍କ ଯୋଡିକୁ ପ୍ରଶଂସକମାନେ ବେଶ ପସନ୍ଦ କରିଥାନ୍ତି । ପରସ୍ପରକୁ ଭଲ ପାଇବା ପରେ ଉଭୟ ୨୦୧୭ରେ ବିବାହ କରିଥିଲେ । ସେମାନଙ୍କ ୨ଟି ସନ୍ତାନ ମଧ୍ୟ ରହିଛି । କୋହଲିଙ୍କ ପ୍ରେମରେ ପଡିବା ପୂର୍ବରୁ ବଲିଉଡ ଅଭିନେତ୍ରୀ ଅନୁଷ୍କାଙ୍କ ନାମ ଶାହୀଦ କାପୁର, ଅର୍ଜୁନ କାପୁର, ରଣବୀର ସିଂ ଓ ରଣବୀର କାପୁରଙ୍କ ସହ ଯୋଡା ଯାଉଥିଲା । ଏପରିକି ତାଙ୍କୁ ନେଇ ସେହି ସମୟରେ ବହୁତ ଚର୍ଚ୍ଚା ମଧ୍ୟ ହୋଇଥିଲା । ଶେଷରେ ଅନୁଷ୍କା ବିରାଟ କୋହଲିଙ୍କ ପ୍ରେମରେ ପଡି ଯାଇଥିଲେ । ପିଙ୍କ ଭିଲ୍ଲାରେ ପ୍ରକାଶିତ ରିପୋର୍ଟ ଅନୁସାରେ ବ୍ରାଜିଲର ଅଭିନେତ୍ରୀ ଇଜାବେଲ ଲେଇଟେଙ୍କୁ କୋହଲି ଡେଟ କରୁଥିଲେ । ଇଜାବେଲ ୨ ରୁ ୩ଟି ବଲିଉଡ ଫିଲ୍ମରେ ଅଭିନୟ କରିଛନ୍ତି । ଆଡ ଶୁଟିଂ ଅବସରରେ ଉଭୟ ପରସ୍ପରକୁ ପସନ୍ଦ କରିଥିଲେ ମଧ୍ୟ ଏହା ବେଶୀ ଦିନ ତିଷ୍ଠି ନ ଥିଲା । ୨ ବର୍ଷ ପରେ ଏହି ପ୍ରେମରେ ବିରାମ ଲାଗିଥିଲା । ୨୦୧୪ରେ ଇଜାବେଲ ମଧ୍ୟ ଏକ ସାକ୍ଷାତକାରରେ କୋମହଲିଙ୍କ ସହ ସମ୍ପର୍କକୁ ସ୍ୱୀକାର କରିଥିଲେ । ଏହା ପରେ କୋହଲି ଓ ଅନୁଷ୍କାଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା ଏବଂ ଯାହା ଆଜି ପର୍ଯ୍ୟନ୍ତ ଅତୁଟ ରହିଛି ।

### ଭାରତ-ଇଂଲଣ୍ଡ ଟେଷ୍ଟର ତୃତୀୟ ଦିନ

## ଇଂଲଣ୍ଡ ୪୬୫, ଭାରତ ଅଗ୍ରଣୀ



### ବୁମ୍ରାଙ୍କୁ ୫ୱିକେଟ୍

ଲିଡ୍ସ: ରୋଚକ ମୋଡ଼ରେ ପହଞ୍ଚିଛି ହେଡିଙ୍ଗଲେ ଟେଷ୍ଟ । ଭାରତର ପ୍ରଥମ ଇନିଂସ ସ୍କୋର ୪୭୧ ରନ ଜବାବରେ ଇଂଲଣ୍ଡ ୪୬୫ ରନ କରି ଅଲଆଉଟ ହୋଇଯାଇଛି । ଯଶପ୍ରୀତ ବୁମରା ପୁଣି ଥରେ ଦମଦାର ବୋଲିଂ କରି ୫ ୱିକେଟ୍ ନେଇ ଇଂଲଣ୍ଡକୁ ଭାରତଠୁ ଅଗ୍ରଣୀ ହେବାକୁ ଦେଇ ନାହାନ୍ତି । ତୃତୀୟ ଦିନରେ ହ୍ୟାରି ବ୍ରୁକ ୯୯ ରନ କରି ଏକ ରନ ପାଇଁ ଶତକରୁ ବଞ୍ଚିତ ହୋଇଛନ୍ତି । ଜେମି ସ୍ମିଥ ୪୦ ରନ ଓ କ୍ରିସ ୱୋକ୍ସ ୩୮ ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଛନ୍ତି । ଭାରତ ୬ ରନରେ ଅଗ୍ରଣୀ ହାସଲ କରିଛି । ପ୍ରସିଦ୍ଧ କୃଷ୍ଣ ୩ଟି ୱିକେଟ୍ ଓ ମହମ୍ମଦ ସିରାଜ ୨ଟି ୱିକେଟ୍ ଅକ୍ତିଆର କରିଛନ୍ତି ।ଏହା ପୂର୍ବରୁ ଭାରତ ପ୍ରଥମ ଇନିଂସରେ ୪୭୧ ରନ କରିଥିଲା । ଦ୍ୱିତୀୟ ଦିନର ଅସମାପ୍ତ ଖେଳ ୨୦୯/୩ରୁ ବ୍ୟାଟିଂ ଆରମ୍ଭ କରିଥିଲା ଇଂଲଣ୍ଡ । କ୍ରିଜରେ ଥିଲେ ଓଲି ଏବଂ ହ୍ୟାରି ବ୍ରୁକ । ଶତକ ହାସଲ କରି କ୍ରିଜରେ ଜମିଥିବା ଓଲି ପପଙ୍କୁ ପ୍ରସିଦ୍ଧ କୃଷ୍ଣା ଆଉଟ୍ କରିଥିଲେ । ପପ ୧୩୭ ବଲରୁ ୧୪ ଚୌକା ସହ ୧୦୬ ରନ କରିଥିଲେ । ଏହା ପରେ ହ୍ୟାରି ଓ ଅଧିନାୟକ ବେନ ଷ୍ଟୋକ୍ସ ପଞ୍ଚମ ୱିକେଟ୍ ପାଇଁ ୫୧ ରନ ଯୋଡ଼ି ଦଳର ସ୍କୋରକୁ ୨୭୬ ରନରେ ପହଞ୍ଚାଇଥିଲେ । ବେନ ଷ୍ଟୋକ୍ସ(୨୦)ଙ୍କୁ ମହମ୍ମଦ ସିରାଜ ପାଭିଲିୟନର ରାସ୍ତା ଦେଖାଇଥିଲେ । ବ୍ରୁକ ଓ ଜେମି ସ୍ମିଥ ୭୩ ରନ ଯୋଡ଼ିଥିଲେ । ସ୍ମିଥ ୪୦ ରନର ଉପଯୋଗୀ ଇନିଂସ ଖେଳିଛନ୍ତି । ତେବେ କ୍ରିଜରେ ଜମି ରହି ହ୍ୟାରି ବ୍ରୁକ ଦଳର ଇନିଂସକୁ ୪୦୦ ନିକଟତର ପହଞ୍ଚାଇଥିଲେ । ଶତକର ନିକଟତର ହୋଇଥିବା ହ୍ୟାରି ବ୍ରୁକ ୧୧୨ ବଲରୁ ୧୧ ଚୌକା ଓ ୨ ଛକା ସହ ୯୯ ରନରେ ପାଭିଲିୟନ ଫେରିଥିଲେ । ପ୍ରସିଦ୍ଧ କୃଷ୍ଣା ବ୍ରୁକଙ୍କୁ ଆଉଟ୍ କରି ତୃତୀୟ ସଫଳତା ହାସଲ କରିଛନ୍ତି । ତେବେ ନିମ୍ନ କ୍ରମରେ କ୍ରିସ ୱୋକ୍ସ ଓ ବ୍ରିଡନ କର୍ସ ୫୫ ରନ ଯୋଡ଼ି ଭାରତକୁ ବଡ଼ ଅଗ୍ରଣୀ ହେବାକୁ ଦେଇ ନ ଥିଲେ । କର୍ସ(୨୨)ଙ୍କୁ ମହମ୍ମଦ ସିରାଜ ବୋଲ୍ଡ କରିଥିଲେ । କ୍ରିସ୍ ୱୋକ୍ସ ଓ ଜୋଶ ଟଙ୍ଗ ଉଭୟଙ୍କୁ କ୍ଲିନ ବୋଲ୍ଡ କରିଥିଲେ ବୁମରା । କ୍ରିସ ୱୋକ୍ସ ୩୮ ରନର ଉପଯୋଗୀ ଇନିଂସ ଖେଳିଥିଲେ । ଇଂଲଣ୍ଡ ୪୬୫ ରନରେ ଅଲଆଉଟ୍ ହୋଇଛି । ବୋଲିଂରେ ବୁମରା ୮୩ ରନ ଦେଇ ୫ଟି ୱିକେଟ୍ ନେଇଛନ୍ତି । ପ୍ରସିଦ୍ଧ କୃଷ୍ଣା ୧୨୮ ରନ ଦେଇ ମହଙ୍ଗା ସାବ୍ୟସ୍ତ ହୋଇଥିଲେ ହେଁ ୩ଟି ଏବଂ ସିରାଜ ୨ଟି ୱିକେଟ୍ ନେଇଛନ୍ତି । ସେହିପରି ଭାରତ ତା'ର ଦ୍ୱିତୀୟ ଇନିଂସ ଆରମ୍ଭ କରି ୨ୱିକେଟ ହରାଇ ୯୦ରନ୍ କରିଛି । ଯାହାଫଳରେ ଭାରତ ୯୬ରନ୍‌ରେ ଅଗ୍ରଣୀ ହାସଲ କରିଛି । ଦଳ ପକ୍ଷରୁ ଜୟସ୍ୱାଲ ୪ ଓ ସାଇ ସୁଦର୍ଶନ ୩୦ରନ୍ କରି ଆଉଟ ହୋଇଛନ୍ତି । କେଏଲ୍ ରାହୁଲ ୪୭ ଓ ଅଧିନାୟକ ଶୁଭମନ ଗିଲ୍ ୬ରନ୍ କରି ଅପରାଜିତ ଅଛନ୍ତି । ଇଂଲଣ୍ଡ ପକ୍ଷରୁ ବ୍ରେଡନ୍ କ୍ରାସ ଓ ବେନ୍ ଷ୍ଟୋକ୍ସ ପ୍ରତ୍ୟେକ ଗୋଟିଏ ଲେଖାଏଁ ୱିକେଟ ହାତେଇଛନ୍ତି ।

## ବିଜୟ ଉତ୍ସବ ନେଇ ନୂଆ ନିୟମ ଜାରୀ କଲା ବିସିସିଆଇ



ନୂଆଦିଲ୍ଲୀ: ଆଇପିଏଲ ୨୦୨୫ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁର ଚାମ୍ପିୟନ ହୋଇଥିଲା । ଦୀର୍ଘଦିନ ପରେ ଆରସିବି ଟ୍ରଫି ଜିତିଥିବାରୁ ପ୍ରଶଂସକମାନେ ବେଶ ଉତ୍ସାହିତ ଥିଲେ । ଆରସିବି ଭିକ୍ଟ୍ରି ପ୍ୟାରେଡ କରିବା ପାଇଁ ନିଷ୍ପତି ନେଇଥିଲା । ଏଥିରେ ଏତେ ଲୋକ ସାମିଲ ହେଲେ ଯେ, ଶେଷରେ ଦଳା ଚକଟାରେ ୧୧ଜଣଙ୍କ ପ୍ରାଣ ଯାଇଥିଲା । ବିସିସିଆଇ ଏବେ ଏ ନେଇ କଠୋର ନିୟମ ଜାରୀ କରିଛି । ବିସିସିଆଇ ସେକ୍ରେଟାରୀ ଦେବଜିତ ସାଇକିଆ ରବିବାର ଏହାର ଘୋଷଣା କରିଛନ୍ତି । ନୂତନ ନିୟମ : ଯଦି କୌଣସି ଟିମ ବିଜୟ ହାସଲ କରେ ତେବେ ୩/୪ ଦିନ ପର୍ଯ୍ୟନ୍ତ ବିଜୟ ଉତ୍ସବ ପାଳନ କରିପାରିବ ନାହିଁ । ବୋର୍ଡ ନିକଟରୁ ଅନୁମତି ନ ମିଳିବା ପର୍ଯ୍ୟନ୍ତ ସେମାନେ କୌଣସି ପ୍ରକାରରେ ଏହାକୁ ଆୟୋଜନ କରିପାରିବେ ନାହିଁ । ସୁରକ୍ଷା ବ୍ୟବସ୍ଥା କଡା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ପ୍ରତ୍ୟେକ ଭେନ୍ୟୁରେ ମଲ୍ଟି ଲେୟାର ସୁରକ୍ଷା ଉପଲବ୍ଧ ରହିବ । ମ୍ୟାଚ ପରେ ମଧ୍ୟ ଏହା ବଳବତର ରହିବ । ତରବରିଆ ଭାବେ କୌଣସି ଇଭେଂଟ ଆୟୋଜନ କରାଯାଇ ପାରିବ ନାହିଁ । ଇଭେଂଟ କେବେ ହେବ ସ୍ଥିର ହେବା ପରେ ଖେଳାଳି ଓ ଷ୍ଟାଫଙ୍କ ସୁରକ୍ଷା ବ୍ୟବସ୍ଥା ଜରୁରୀ । ସରକାର ଓ ରାଜ୍ୟର ପୋଲିସ ଅନୁମତି ନ ଦେବା ପର୍ଯ୍ୟନ୍ତ ଏହାକୁ ଆୟୋଜନ କରାଯାଇ ପାରିବ ନାହିଁ । ବିଜୟ ଉତ୍ସବ ସୁରକ୍ଷିତ ଓ ନିୟମ ମୁତାବକ ହେବ । ଏଥିରେ ସାଧାରଣ ନାଗରିକ ଯେପରି ଅସୁବିଧାର ସମ୍ମୁଖୀନ ଯେପରି ନ ହୁଅନ୍ତି ।

## ଅଡୁଆରେ କାବ୍ୟ ମାରାନ



ନୂଆଦିଲ୍ଲୀ : ଆଇପିଏଲ୍ ଟିମ୍ ସନରାଇଜର୍ସ ହାଇଦ୍ରାବାଦ ସିଇଓ କାବ୍ୟା ମାରନ । ବର୍ତ୍ତମାନ ତାଙ୍କ ସମସ୍ୟା ବଢ଼ିପାରେ । ପାରିବାରିକ କଳହ ଗୋଟିଏ କାରଣ ହୋଇଥିବା ବେଳେ ଦକ୍ଷିଣ ଭାରତର ବଡ଼ ମିଡ଼ିଆ ହାଉସ୍ ସନ୍ ନେଟୱର୍କ ମାଲିକ ତଥା କାବ୍ୟାଙ୍କ ବାପା କଳାନିଧି ମାରନଙ୍କ ଉପରେ ମନି ଲଣ୍ଡରିଂ ଅଭିଯୋଗ ଲାଗିଛି । କଳାନିଧିଙ୍କ ଭାଇ ତଥା ପୂର୍ବତନ ସାଂସଦ ଦୟାନିଧି ମାରନ ଏହି ଅଭିଯୋଗ ଆଣିଛନ୍ତି । ଯାହା ନାଁ କେବଳ ସନ୍ ନେଟୱର୍କ ପାଇଁ ସମସ୍ୟା ବଢ଼ାଇଛି ବରଂ ଆଇପିଏଲ୍ ଟିମ୍ ଏସଆରଏଚ ପାଇଁ ଚିନ୍ତା ବଢ଼ାଇ ଦେଇଛି । ସୂଚନାଯୋଗ୍ୟ, ସନ୍ ନେଟୱର୍କ ସେୟରକୁ ନେଇ ବିବାଦ ଲାଗି ରହିଛି । ୨୦୦୩ ପୂର୍ବରୁ ମାରନ ପରିବାର ଓ କରୁଣାନିଧି ପରିବାର ପାଖରେ କମ୍ପାନୀର ସମାନ ସେୟର ଥିଲା । ହେଲେ ଏହା ପରେ ଏଥିରେ ପରିବର୍ତ୍ତନ ହୋଇଥିଲା । ଅଭିଯୋଗ ହେଉଛି, କମ୍ପାନୀର ଅର୍ଥକୁ ଅପବ୍ୟବହାର କରାଯାଇ ସନ୍ ଡାଇରେକ୍ଟ ଟିଭି, ସନ୍ ପିକଚର୍ସ, ଏଫଏମ ଚ୍ୟାନେଲ ଓ ଆଇପିଏଲ୍ ଟିମ୍ ଏସ୍‌ଆର୍‌ଏଚ୍ ପରି କମ୍ପାନୀ ଛିଡ଼ା କରାଯାଇଛି । ଏବେ ଯଦି ୨୦୦୩ର ସେୟର ପାର୍ଟନ ଲାଗୁ କରିବାକୁ କୋର୍ଟ ନିର୍ଦ୍ଦେଶ ଦିଅନ୍ତି ତେବେ ମାଲିକାନାରେ ପରିବର୍ତ୍ତନ ହୋଇପାରେ । ଯାହାର ପ୍ରଭାବ ଆଇପିଏଲ ଟିମ୍ ସନରାଇଜର୍ସ ହାଇଦ୍ରାବାଦ ଉପରେ ବି ପଡ଼ିପାରେ । ଏମିତି ସ୍ଥିତିରେ ବିସିସିଆଇକୁ ସମ୍ମୁଖକୁ ଆସିବାକୁ ପଡ଼ିପାରେ । ଏପରିକି ସନ୍ ଟିଭିକୁ ଏସଆରଏଚ ଟିମକୁ ବିକ୍ରି କରିବାକୁ ବି ପଡ଼ିପାରେ । ଯଦି ଏମିତି ହେବ ତେବେ ଆଇପିଏଲର ପ୍ରତି ମ୍ୟାଚରେ ନଜରକୁ ଆସୁଥିବା କାବ୍ୟା ମାରନ ଆଗାମୀ ଦିନରେ ମାଲିକ ରହି ନପାରନ୍ତି । ଏହି ବିବାଦର ସମାଧାନ ଯଦି ଶୀଘ୍ର ନହେଲା ତେବେ ସନରାଇଜର୍ସ ହାଇଦ୍ରାବାଦ ଟିମ ଓ ପ୍ରଶଂସକଙ୍କ ପାଇଁ ଏହା ଶକ୍ତ ଧକ୍କା ହୋଇପାରେ ।

## ଭାରତୀୟ ହକି ଖେଳାଳିଙ୍କୁ ମିଳିବ ଭତ୍ତା



ନୂଆଦିଲ୍ଲୀ: ହକି ଇଣ୍ଡିଆର ବାରମ୍ବାର ଅନୁରୋଧ ପରେ କ୍ରୀଡ଼ା ମନ୍ତ୍ରଣାଳୟ ପୁରୁଷ ଏବଂ ମହିଳା ଉଭୟ ବର୍ଗରେ ଜାତୀୟ ଶିବିର ପାଇଁ ମନୋନୀତ ଖେଳାଳିମାନଙ୍କ ପାଇଁ ପ୍ରତିମାସ ୨୫,୦୦୦ଟଙ୍କାର ଭତ୍ତା ମଞ୍ଜୁର କରିଛି । ଫଳରେ ପ୍ରଥମଥର ପାଇଁ ହକି ଖେଳାଳି ଭତ୍ତା ପାଇବାକୁ ଯାଉଛନ୍ତି । ଟାର୍ଗେଟ ଅଲିମ୍ପିକ୍ ପୋଡିୟମ୍ ସ୍କିମର ବିକାଶମୂଳକ ଗୋଷ୍ଠୀରେ ଖେଳାଳିମାନଙ୍କୁ ଦିଆଯାଉଥିବା ଭତ୍ତାରୁ ୮୦ ଜଣ ଖେଳାଳି (୪୦ ପୁରୁଷ ଏବଂ ୪୦ ମହିଳା) ଉପକୃତ ହେବେ । ଗୁରୁବାର ଅନୁଷ୍ଠିତ ମିଶନ ଅଲିମ୍ପିକ୍ ସେଲ୍‌ର ମାସିକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଏହି ଭତ୍ତା ପାଇଁ ସରକାରଙ୍କୁ ପ୍ରତି ମାସରେ ୨୦ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡିବ । କୋର ଗ୍ରୁପରେ ଥିବା ଖେଳାଳିମାନେ ପ୍ରତି ମାସରେ ୫୦,୦୦୦ ଲେଖାଏଁ ଟଙ୍କା ପାଇବେ । ଭତ୍ତା ପାଇବାକୁ ଥିବା ଯୋଗ୍ୟ ଖେଳାଳିଙ୍କ ନାମ ତାଲିକା ହକି ଇଣ୍ଡିଆ ସରକାରଙ୍କୁ ପ୍ରତି ମାସରେ ପ୍ରଦାନ କରିବ । ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କୀ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି ଏବଂ କହିଛନ୍ତି ଯେ ଏହା ଆଗାମୀ ଗୁରୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଖେଳାଳିମାନଙ୍କ ମନୋବଳକୁ ଆହୁରି ବୃଦ୍ଧି କରିବ । ଗତ କିଛି ବର୍ଷ ମଧ୍ୟରେ ଭାରତୀୟ ହକିର ଗ୍ରାଫ୍ ଉପରକୁ ଉଠିଛି । ଟୋକିଓ ଅଲିମ୍ପିକ୍ସ ୨୦୨୦ରେ, ଭାରତ ୪୧ବର୍ଷ ପରେ କାଂସ୍ୟ ପଦକ ଜିତିଥିଲା । ମହିଳା ଦଳ ଐତିହାସିକ ପ୍ରଦର୍ଶନ କରି ଚତୁର୍ଥ ସ୍ଥାନ ଅଧିକାର କରିଥିଲା । ଭାରତୀୟ ପୁରୁଷ ହକି ଦଳ ପ୍ୟାରିସ ଅଲିମ୍ପିକ୍ସରେ କାଂସ୍ୟ ପଦକ ବଜାୟ ରଖିଥିଲା । ବର୍ତ୍ତମାନ ହକି ଖେଳାଳିମାନେ ଯେଉଁ ବିଭାଗ ଏବଂ ସଂଗଠନରେ ନିଯୁକ୍ତି ପାଆନ୍ତି ସେମାନଙ୍କଠାରୁ ଦରମା ପାଆନ୍ତି । ହକି ଇଣ୍ଡିଆ ଦ୍ୱାରା ଏକ ଗ୍ରେଡେଡ୍ କଣ୍ଟ୍ରାକ୍ଟ ସିଷ୍ଟମ୍ ପାଇଁ ଏକ ପ୍ରସ୍ତାବ ଗତ କିଛି ବର୍ଷ ଧରି ଆଲୋଚନାରେ ରହିଛି । ଏହା ବ୍ୟତୀତ ଅଲିମ୍ପିକ୍ସ ଏବଂ ଏସୀୟ କ୍ରୀଡ଼ା ସମେତ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ଭଲ ପ୍ରଦର୍ଶନ ପାଇଁ ପୁରସ୍କାର ରାଶି ପ୍ରଦାନ କରାଯାଏ ।

## ଋଷଭ ପନ୍ତଙ୍କୁ ଗାଭାସ୍କରଙ୍କ ପ୍ରଶଂସା



ନୂଆଦିଲ୍ଲୀ: ଛଅ ମାସ ପୂର୍ବେ ସୁନୀଲ ଗାଭାସ୍କର ଋଷଭ ପନ୍ତଙ୍କୁ ଭର୍ତ୍ସନା କରିଥିଲେ । ଗାଭାସ୍କର ପନ୍ତଙ୍କୁ ଷ୍ଟୁପିଡ୍, ଷ୍ଟୁପିଡ୍, ଷ୍ଟୁପିଡ୍ ବୋଲି କହିଥିଲେ । ଅଷ୍ଟ୍ରେଲିଆ ଗସ୍ତରେ ଦ୍ରୁତ ବୋଲର ସ୍କଟ ବୋଲାଣ୍ଡଙ୍କ ବଲରେ ଖରାପ ସଟ ଖେଳି ଏକ ଗୁରୁତ୍ୱପୂର୍ଣ୍ଣ ଅବସରରେ ପନ୍ତ ତାଙ୍କ ୱିକେଟ ହରାଇବା ପରେ, ଗାଭାସ୍କର କମେଣ୍ଟ୍ରି ବକ୍ସରୁ ତାଙ୍କୁ କଡ଼ା ସମାଲୋଚନା କରିଥିଲେ । କିନ୍ତୁ ଶନିବାର ହେଡିଙ୍ଗଲି ଟେଷ୍ଟ ମ୍ୟାଚରେ ଗାଭାସ୍କର ପନ୍ତଙ୍କୁ ଖୁବ୍ ପ୍ରଶଂସା କରିଥିଲେ । ତା'ପରେ ଗାଭାସ୍କରଙ୍କ ସ୍ୱର ବଦଳିଗଲା ଏବଂ ସେ ତାଙ୍କର ଭୁଲ ସଂଶୋଧନ କଲେ । ଏହା ପନ୍ତଙ୍କ ସପ୍ତମ ଟେଷ୍ଟ ଶତକ ପାଳନ କରିବାର ଏକ ସୁଯୋଗ ଥିଲା । ପନ୍ତ ନିଜ ଶୈଳୀରେ ସୋଏବ ବଶିରଙ୍କ ବଲରେ ଛକା ମାରି ତାଙ୍କର ରେକର୍ଡ ସପ୍ତମ ଶତକ ପୂରଣ କରିଥିଲେ । ସେ ଏକ ଦାୟିତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ । ପନ୍ତ ଶତକ ହାସଲ କରିବା ପରେ ନିଜ ଶୈଳୀରେ ଉତ୍ସବ ପାଳନ କରିଥିଲେ । ସେ ତାଙ୍କର ଟ୍ରେଡମାର୍କ ଷ୍ଟାଇଲ ଫ୍ଲିପ ସେଲିବ୍ରେସନ କରିଥିଲେ । ଏବେ ଏହା ତାଙ୍କର ସିଗ୍ନେଚର ସେଲିବ୍ରେସନ ଷ୍ଟାଇଲ ପାଲଟିଯାଇଛି । ଉପ-ଅଧିନାୟକ ପନ୍ତ ୧୩୪ ରନ କରିବା ପରେ ଆଉଟ ହୋଇଥିଲେ । ଗାଭାସ୍କର ପନ୍ତଙ୍କ ସ୍ୱଭାବକୁ ଅନେକ ଥର ସମାଲୋଚନା କରିଛନ୍ତି । ସେ ପ୍ରଥମ ଦିନ କହିଥିଲେ ଯେ ପନ୍ତ ଏପରି ଜଣେ ଖେଳାଳି ଯିଏ ଥରେ କ୍ରିଜରେ ସ୍ଥିର ହୋଇଗଲେ, ବୋଲରମାନଙ୍କୁ କ୍ଲାନ୍ତ କରିଦିଏ ଏବଂ ଏକ ବଡ଼ ଇନିଂସ ଖେଳିଥାଏ ।

## ପନ୍ତଙ୍କ ବ୍ୟାଟିଂ ଶୈଳୀକୁ ସଚିନ୍‌ଙ୍କ ପ୍ରଶଂସା



ନୂଆଦିଲ୍ଲୀ: ଭାରତର ଷ୍ଟାର ୱିକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କ ବ୍ୟାଟିଂ ଶୈଳୀ ସମସ୍ତଙ୍କୁ ଆନନ୍ଦ ପ୍ରଦାନ କରିଥାଏ । ଅଦ୍ଭୁତ ପ୍ରକାରର ଶଟ ଖେଳିବାକୁ ଯାଇ କେତେବେଳେ ତାଙ୍କ ହାତରୁ ବ୍ୟାଟ ଖସି ଯାଏ ତ ଆଉ କେତେ ବେଳେ ସେ ପଡି ଯାଇଥାନ୍ତି । ପ୍ୟାଡେଲ ସୁଇପ ଓ ସ୍କୁପ ଶଟ ସେ ଚମତ୍କାର ଢ଼ଙ୍ଗରେ ଖେଳିଥାନ୍ତି । ଇଂଲଣ୍ଡ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟର ପ୍ରଥମ ଇନିଂସରେ ସେ ଆକର୍ଷଣୀୟ ଶତକ ହାସଲ କରିଛନ୍ତି । ଏହି ଅବସରରେ ପନ୍ତଙ୍କ ଖଳିବା ଶୈଳୀ ନେଇ ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକର ଏକ ଚମତ୍କାର ବୟାନ ଦେଇଛନ୍ତି । ସେ କହିଛନ୍ତି ପନ୍ତ ଶଟ ମାରିବା ବେଳେ ପଡିଆ ଅଜାଣତରେ ହୋଇ ନ ଥାଏ । ଏହା ତାଙ୍କ ରଣନୀତିରେ ସାମିଲ । ସେ ଶେଷ ପର୍ଯ୍ୟନ୍ତ ବଲକୁ ଦେଖି ସ୍କୁପ ଶଟ ଖେଳିଥାନ୍ତି । ଶଟ ଖେଳୁଥିବା ଅବସ୍ଥାରେ ସେ ପଡିବାକୁ ଉଦ୍ୟମ କରି ବଲ ନିକଟକୁ ବ୍ୟାଟ ଆଣିଥାନ୍ତି । ଯାହା ଫଳରେ ତାଙ୍କୁ ଶଟ ଖେଳିବାକୁ ସୁବିଧା ହୋଇଥାଏ । ପାକିସ୍ତାନୀ ସ୍ପିନର ଶୋଏବ ବଶୀରଙ୍କ ନିକଟରେ ଶୁଭମନ ଗିଲ ଓ ପନ୍ତ ହିନ୍ଦୀରେ କଥା ହୋଇଥିଲେ । ସେମାନଙ୍କ ରଣନୀତି କାମ ଦେଇଥିଲା । ପ୍ରଥମ ଦିନ ତୁଳନାରେ ଦ୍ୱିତୀୟ ଦିବସରେ ବଶୀର ଅଧିକ ରନ ଦେଇଥିଲେ ।

### ଓସିଏ ଅଣ୍ଡର-୧୯ ପୁରୁଷ ଆନ୍ତଃ ଜିଲ୍ଲା କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଯାପିତ

## କଟକ-ଏ ଚାମ୍ପିଅନ୍, ଭୁବନେଶ୍ୱର-ଏ ରନର୍ସ-ଅପ୍



ମ୍ୟାନ୍ ଅପ୍ ଦି ମ୍ୟାଚ୍ ଗ୍ରହଣ କରୁଛନ୍ତି ଅନୀଲ ସାହୁ




କଟକ (ଭାସ୍କର ନ୍ୟୁଜ୍) : ଓସିଏ ଅଣ୍ଡର-୧୯ ପୁରୁଷ ଆନ୍ତଃ ଜିଲ୍ଲା କ୍ରିକେଟ୍ ପ୍ରତିଯୋଗିତା ୨୦୨୫ ରବିବାର କଟକର ବାରବାଟୀ ଷ୍ଟାଡିୟମରେ ସଫଳତାର ସହ ସମାପ୍ତ ହୋଇଛି । ୧୮ ମଇ ୨୦୨୫ ରେ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ଦିନିକିଆ ଫର୍ମାଟରେ ଖେଳାଯାଇଥିଲା ଏବଂ ଏଥିରେ ମୋଟ ୧୦୩ ଟି ମ୍ୟାଚ୍ ଖେଳାଯାଇଥିଲା । ପ୍ରାଥମିକ ଲିଗ୍ ପର୍ଯ୍ୟାୟରେ ମୋଟ ୩୭ ଟି ଦଳ ଅଂଶଗ୍ରହଣ କରିଥିଲେ, ଯାହାକୁ ଛଅଟି (୬) ଗୋଷ୍ଠୀରେ ବିଭକ୍ତ କରାଯାଇଥିଲା । ପ୍ରାଥମିକ ଗୋଷ୍ଠୀ ଲିଗ୍ ପର୍ଯ୍ୟାୟ ପରେ, ପ୍ରତ୍ୟେକ ଗୋଷ୍ଠୀର ଶ୍ରେଷ୍ଠ ଦଳ ଏବଂ ଅବଶିଷ୍ଟ ଦଳଗୁଡ଼ିକର ସର୍ବମୋଟ ଶ୍ରେଷ୍ଠ ଦୁଇଟି ଦଳ ନକ୍-ଆଉଟ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲେ । ଯେଉଁଥିରେ ୮ ଟି ଦଳ ଅନ୍ତର୍ଭୁକ୍ତ । କ୍ୱାର୍ଟର ଫାଇନାଲ୍ ଏବଂ ସେମିଫାଇନାଲ୍ ପରେ, କଟକ-ଏ ଏବଂ ଭୁବନେଶ୍ୱର-ଏ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଖେଳାଯାଇଥିଲା । ଫାଇନାଲ୍‌ରେ କଟକ୍-ଏ ଭୁବନେଶ୍ୱର-ଏକୁ ପରାସ୍ତ କରି ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ୍ ହୋଇଥିଲା, ଭୁବନେଶ୍ୱର-ଏ ରନର୍ସ-ଅପ୍ ହୋଇଥିଲା । ଆଜିର ଏହି ଫାଇନାଲ ମ୍ୟାଚ୍‌ରେ କଟକ-ଏ ଟସ୍ ଜିତି ବ୍ୟାଟି କରିଥିଲା । ଦଳ ୪୫ଓଭର ଖେଳି ୮ୱିକେଟ ହରାଇ ୨୩୭ରନ୍ କରିଥିଲା । ଦଳପକ୍ଷରୁ ଅନୀଲ ସାହୁ ୧୦୮ରନ୍ କରି ଅପରାଜିତ ଥିବା ବେଳେ ପିୟୁଷ ମନ୍ତ୍ରୀ ୪୦ ରନ କରିଥିଲେ । ୨୩୮ରନ୍‌ର ବିଜୟ ଲକ୍ଷ ନେଇ ପଡିଆକୁ ଓହ୍ଲାଇଥିଲା ଭୁବନେଶ୍ୱର-ଏ । ଦଳ ମାତ୍ର ୪୦.୪ ଓଭରରେ ସମସ୍ତ ୱିକେଟ ହରାଇ ୧୭୦ରନ୍ କରିବାକୁ ସକ୍ଷମ ହୋଇଥିଲା । ଦଳ ପକ୍ଷରୁ ସ୍ୱାଗତ ଏସ୍ ମିଶ୍ର ୫୧, ଆୟୁଷ କୁମାର ଚାନ୍ଦ ୪୧ରନ୍ କରିଥିଲେ । ଅନିଲ ସାହୁଙ୍କୁ ତାଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା । ଅମ୍ପାୟର ଦାୟିତ୍ୱରେ ଥିଲେ ଧିରଜ ସିଂ, ଅସିତ୍ କୁମାର ପଟ୍ଟନାୟକ, ଦୁର୍ଗାଦତ୍ତ ଦାସ । ସେହିପରି ସ୍କୋରିଂ ଦାୟିତ୍ୱରେ ଥିଲେ ଏ.ପି. ପାଣିଗ୍ରାହୀ ଓ ସମ୍ବିଦ୍ ମହାରଣା । ଚାମ୍ପିଅନ୍ ଦଳ କଟକ-ଏକୁ ୧,୦୦,୦୦୦/- ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ରନର୍ସ-ଅପ୍ ଭୁବନେଶ୍ୱର-ଏ ଦଳ ୫୦,୦୦୦/- ପୁରସ୍କାର ରାଶି ପାଇଥିଲା । ବାରବାଟୀ ଷ୍ଟାଡିୟମରେ ଓସିଏର ପଦାଧିକାରୀଙ୍କ ସମ୍ମାନଜନକ ଉପସ୍ଥିତିରେ ସମାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା । ଅତିଥିମାନଙ୍କ ମଧ୍ୟରେ ପ୍ରଭାତ ଭୋଳ, ଯୁଗ୍ମ ସମ୍ପାଦକ, ବିକାଶ ପ୍ରଧାନ, କୋଷାଧ୍ୟକ୍ଷ, ଓସିଏର ଅନ୍ୟାନ୍ୟ ସମ୍ମାନିତ ସଦସ୍ୟ ଯଥା ଧୀରେନ ପଲ୍ଲାଇ, ସଂଗ୍ରାମ କେଶରୀ, ଗୁମାନ ସିଂହ, ନର୍ସିଂଶା ଚରଣ ଚୌଧୁରୀ, ସୁଶାନ୍ତ ମହାନ୍ତି, ନିର୍ବାଣ ରାୟ, ଶିବବ୍ରତ ମଲ୍ଲିକ, ସ୍ୱାଗତ ସାମନ୍ତରାୟ, ସନ୍ତୋଷ ଦାସ ଏବଂ ଡକ୍ଟର ଅଞ୍ଜନ କୁମାର ଖୁଣ୍ଟିଆ ।

## ନୂଆ ଦଳରେ ଡେବ୍ୟୁ କଲେ ଇଶାନ କିଷନ

ନୂଆଦିଲ୍ଲୀ: ଭାରତୀୟ ଦଳର ୱିକେଟକିପର ବ୍ୟାଟ୍ସମ୍ୟାନ ଇଶାନ କିଷନ ଏବେ ଏକ ନୂତନ ଟିମ୍‌ରୁ ଡେବ୍ୟୁ କରିଛନ୍ତି । ଲିଡ୍ସ ଟେଷ୍ଟ ମଧ୍ୟରେ ସେ ରବିବାର ୨୨ ଜୁନରେ ଏକ ଇଂଲଣ୍ଡ ଦଳ ପକ୍ଷରୁ ତାଙ୍କର ପ୍ରଥମ ମ୍ୟାଚ୍ ଖେଳିଥିଲେ । ସେ ଭାରତ ଏ ଦଳରେ ସାମିଲ ହୋଇଥିଲେ, କିନ୍ତୁ ତାଙ୍କୁ ଇଂଲିସ ଲାୟନ୍ସ ବିପକ୍ଷରେ ଖେଳିବାର ସୁଯୋଗ ମିଳି ନଥିଲା । ଟିମ୍ ଇଣ୍ଡିଆର ଏହି ୱିକେଟକିପର ବ୍ୟାଟ୍ସମ୍ୟାନ ଡିସେମ୍ବର ୨୦୨୩ରୁ ଭାରତୀୟ ଟେଷ୍ଟ ଦଳରୁ ବାହାରେ ଅଛନ୍ତି । ସେ ଦକ୍ଷିଣ ଆଫ୍ରିକା ଗସ୍ତରେ ଯାଇଥିଲେ, କିନ୍ତୁ ବ୍ୟକ୍ତିଗତ କାରଣରୁ ସେ ଦଳରୁ ଓହରି ଯିବାକୁ ନିଷ୍ପତ୍ତି ନେଇଥିଲେ । ଏବେ ଇଶାନ ନଟିଂହାମଶାୟାର ଦଳରୁ କାଉଣ୍ଟିଂ ଚାମ୍ପିଅନଶିପରେ ତାଙ୍କର ପ୍ରଥମ ମ୍ୟାଚ ଖେଳିବା ପାଇଁ ମଇଦାନକୁ ଓହ୍ଲାଇଛନ୍ତି । ଇଶାନ କିଷନ କାଉଣ୍ଟିଂ ଚାମ୍ପିଅନଶିପରେ ୟର୍କସାୟାର ବିପକ୍ଷରେ ଖେଳିବେ । ସେ ନଟିଂହାମଶାୟାର ସହିତ ଦୁଇଟି ମ୍ୟାଚ୍ ପାଇଁ ଚୁକ୍ତି ସ୍ୱାକ୍ଷର କରିଛନ୍ତି ।

## ରଗ୍‌ବୀ ପ୍ରିମିୟର ଲିଗ୍: କେବିଟିର ପ୍ରଥମ ବିଜୟ



ମୁମ୍ବାଇ : ଜିଏମଆର ରଗବୀ ପ୍ରିମିୟର ଲିଗ ୨୦୨୫ରେ କଳିଙ୍ଗ ବ୍ଲାକ ଟାଇଗର୍ସ ଶନିବାର ସନ୍ଧ୍ୟାରେ ଶାହାଜୀ ରାଜେ କ୍ରୀଡା ସଂକୁଳ(ଅନ୍ଧେରୀ ସ୍ପୋର୍ଟସ କମ୍ପ୍ଲେକ୍ସ)ରେ ଅନୁଷ୍ଠିତ ୧୭ତମ ମ୍ୟାଚରେ ଦିଲ୍ଲୀ ରେଡଜ ସହିତ କଡା ମୁକାବିଲା କରି ୧୯-୧୫ରେ ବିଜୟ ହାସଲ କରିଛି । ଏହା କେବଳ ସ୍କୋରବୋର୍ଡରେ ବିଜୟ ନଥିଲା ବରଂ ଏହା ଏକ ଗ୍ଲାନିରୁ ମୁକ୍ତି ଥିଲା,କାରଣ ଚଳିତ ସିଜନରେ ପୂର୍ବରୁ ଦିଲ୍ଲୀ ନିକଟରୁ କଳିଙ୍ଗ ପରାସ୍ତ ହୋଇଥିଲା, ଏବଂ ଏହି ଫଳାଫଳ ସଠିକ ପ୍ରତ୍ୟାବର୍ତ୍ତନ ହୋଇଥିଲା । ମ୍ୟାଚରେ ଉଭୟ ସମସ୍ତ ପ୍ରକାର ନାଟକୀୟତା ଏବଂ କଡା ଟକ୍କର ଦେଖିବାକୁ ମିଳିଥିଲା । ଉଭୟ ଦଳ ମ୍ୟାଚରେ କଡା ମୁକାବିଲା କରିବା ସହିତ ତାହା ସମାନ ସ୍ତରରେ ରହିଥିଲା । ଚୂଡାନ୍ତ ମିନିଟଗୁଡିକରେ ଦିଲ୍ଲୀ ନିରବଚ୍ଛିନ୍ନ ଭାବରେ ଆଗକୁ ବଢିବା ପ୍ରୟାସ କରିଥିଲା, କିନ୍ତୁ ବ୍ଲାକ ଟାଇଗର୍ସ ଆଉ ସ୍କୋର କରିବାକୁ ସୁଯୋଗ ନଦେଇ ବହୁ ପ୍ରତୀକ୍ଷିତ ଏବଂ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରିଥିଲା । କଳିଙ୍ଗ ପକ୍ଷରୁ ଆଶିଷ ସବର, ଲୁକାସ ଲାକାମ୍ପ ଏବଂ କାଇଲେ ଟ୍ରେମ୍ବଲେ ପ୍ରୟାସକାରୀ ସ୍କୋରର ହୋଇଥିଲେ, ଯେଉଁମାନଙ୍କ ମଧ୍ୟରୁ ଲାକାମ୍ପ ଦୁଇଟି ଗୁରୁତ୍ୱପୂର୍ଣ୍ଣ ରୂପାନ୍ତରଣ କରିଥିଲେ । ଏ କ୍ଷେତ୍ରରେ ହ୍ୟାରୀ ମ୍ୟକନଲଟି, ପେରୀ ବେକର ଏବଂ ଟ୍ରେମ୍ବଲେ ସହାୟତା ଯୋଗାଇ ଦେଇଥିଲେ । ତାଙ୍କର ସାମଗ୍ରିକ ପ୍ରଦର୍ଶନ ନିମନ୍ତେ ପ୍ଲେୟର ଅଫ ଦି ମ୍ୟାଚ ଭାବରେ ନାମିତ ଲୁକାସ ଲାକାମ୍ପଙ୍କୁ ଦଳର ସାମଗ୍ରିକ ପ୍ରୟାସ ଏବଂ ସଂରଚନା ନିମନ୍ତେ ବିଜୟର ଶ୍ରେୟ ଦିଆଯାଇଥିଲା । ମ୍ୟାଚ ପରେ ପ୍ରକାଶକରି ସେ କହିଥିଲେ: 'ଏଥିପାଇଁ କିଛି ସମୟ ଲାଗିଥିଲା, କିନ୍ତୁ ଚଳିତଥର ଆମେ ତାହା କରିଦେଖାଇଲୁ । ଆମେ ଆମ ଯୋଜନାରେ ଅପରିବର୍ତ୍ତିତ ରହିଲୁ, ବଲ୍×କୁ ଗତିଶୀଳ ରଖିଲୁ ଏବଂ ଏହାକୁ ଉତ୍ତମ ଭାବରେ ନିଜ ନିୟନ୍ତ୍ରଣରେ ରଖିଥିଲୁ ।' ଟୁର୍ଣ୍ଣାମେଣ୍ଟରେ ଦଳର କଡା ମୁକାବିଲା ମୂଳକ ଆରମ୍ଭ ସମ୍ପର୍କରେ ପ୍ରକାଶ କରି ସେ କହିଥିଲେ: 'ବିଶେଷକରି ଗତକାଲି ମ୍ୟାଚକୁ ନେଇ ଆମେ ହତାଶ ହୋଇପଡିଥିଲୁ, କିନ୍ତୁ ଆମେ ମାଇକଙ୍କ ପରାମର୍ଶ ଅନୁପାଳନ କରି ଧିରେ ଧିରେ ମ୍ୟାଚ ଉପରେ ନିୟନ୍ତ୍ରଣ ରଖିବା ସହିତ ଆଗକୁ ବଢିଥିଲୁ, ଏବଂ ସଫଳତା ହାସଲ କଲୁ ।' ପ୍ରଥମ ଥର ପାଇଁ ଭାରତୀୟ ରଗବୀ ସମ୍ପର୍କରେ ଅନୁଭୂତି ହାସଲ କରୁଥିବା ଲାକାମ୍ପ ମଧ୍ୟ ଆରପିଏଲ ଉପସ୍ଥାପନ କରୁଥିବା ଅନନ୍ୟ ସୁଯୋଗ ସମ୍ପର୍କରେ ଆଲୋକପାତ କରି କହିଥିଲେ: 'ଏଠାକୁ ଆସି ମୋତେ ଅତ୍ୟନ୍ତ' ଗୌରବାନ୍ୱିତ ଲାଗୁଛି । ମୁଁ ଆଶା କରୁଛି ଯେ ଆମେ ଶୀର୍ଷ ଚାରିଟି ଦଳ ମଧ୍ୟରେ ସ୍ଥାନ ପାଇବୁ ଏବଂ ସେଠାରୁ ଆମେ ଆଗକୁ ବଢିବୁ । ଏହି ବିଜୟ ସହିତ, କଳିଙ୍ଗ ବ୍ଲାକ ଟାଇଗର୍ସ କେବଳ ନିଜର ବିଜୟ ଖାତା ଖୋଲିନାହି ତାହାସହିତ ସେମାନଙ୍କର ଅଭିଯାନକୁ ଆତ୍ମବିଶ୍ୱାସର ସହିତ ପୁନଃ ଶକ୍ତି ପ୍ରଦାନ କରିଛି । ସମ୍ପ୍ରତି ସେମାନେ ସେମାନଙ୍କର ପରବର୍ତ୍ତୀ ମ୍ୟାଚରେ ଏହି ଧାରାକୁ ଆଗକୁ ବଢାଇବାକୁ ଚାହିଁବେ । କଳିଙ୍ଗ ବ୍ଲାକ ଟାଇଗର୍ସ ତାହାର ପରବର୍ତ୍ତୀ ମ୍ୟାଚ ଜୁନ ୨୨ରେ ମୁମ୍ବାଇ ଡ୍ରିମର୍ସକୁ ଭେଟୁଛି ।



ଆପଣଙ୍କର ଏପରି କିଛି ଖରାପ ଅଭ୍ୟାସ ଅଛି କି ? ଦାନ୍ତରେ ସବୁବେଳେ ନଖକୁ କାମୁଡୁଛନ୍ତି କି ? ଏବେଠୁ ହୋଇଯାଆନ୍ତୁ ସାବଧାନ। ନହେଲେ ଆଗକୁ ହୋଇପାରେ ବଡ଼ ରୋଗ। ଦାନ୍ତରେ ବାରମ୍ବାର ନଖ କାମୁଡ଼ିବା ଦ୍ୱାରା ଆପଣଙ୍କ ନଖର ଚର୍ମରେ ଯନ୍ତ୍ରଣା ହେବା ସହ ନଖରେ ବଢୁଥିବା ଟିସୁକୁ ନଷ୍ଟ କରିପାରେ। ନଖ କାମୁଡ଼ିବା ଅଭ୍ୟାସ ହେତୁ ହାତର ମଇଳା ପେଟକୁ ଯାଏ ଏବଂ ସେମାନେ ସଂକ୍ରମିତ ହୁଅନ୍ତି। ଡାକ୍ତରଙ୍କ ମତରେ ତୁରନ୍ତ ଏହି କାର୍ଯ୍ୟରୁ ବାହାରିବା ଉଚିତ। ଆସନ୍ତୁ ଜାଣିବା ଏଥିରୁ କିପରି ମୁକ୍ତି ପାଇବେ... ? ଆପଣ ନିଜର ନଖକୁ ଛୋଟ ରଖନ୍ତୁ । ଯେପର୍ଯ୍ୟନ୍ତ ଆପଣଙ୍କ ନଖ ଛୋଟ ରହିଥିବ ସେପର୍ଯ୍ୟନ୍ତ ଆପଣ ତାକୁ ସହଜରେ ପାଟିରେ ଚୋବେଇ ପାରିବେ ନାହିଁ । ନଖ କାଟିବା ପ୍ରକ୍ରିୟାକୁ ବାରମ୍ବାର ଦୋହରାଇବାକୁ ହେବ । କାହିଁକିନା ନଖ ବହୁତ ଶୀଘ୍ର ବଢିଥାଏ।ମେନିକିୟର କରିବା ଦ୍ୱାରା ନଖକୁ ସୁନ୍ଦର କରା ଯାଇଥାଏ। ଯେବେ ଆପଣଙ୍କ ନଖ ଦେଖିବାକୁ ସୁନ୍ଦର ହୋଇଥାଏ। ଯେଉଁଥି ପାଇଁ ଏହାକୁ ଚୋବେଇବାରୁ ରକ୍ଷା ପାଇଥାଏ। ଏହି ଅଭ୍ୟାସରୁ ମୁକ୍ତି ପାଇବାକୁ ହେଲେ ଆପଣ ନଖରେ ଖରାପ ସ୍ୱାଦର ନେଲପଲିସ ଲଗେଇ ପାରିବେ। ଯେତେବେଳେ ଆପଣ ନଖ ଚୋବେଇବେ ତାହାର ଖରାପ ସ୍ୱାଦ ଆପଣଙ୍କୁ ପାଟିକୁ ନନେବା ପାଇଁ ସାହାଯ୍ୟ କରି ପାରିବ।

## ଗୋଲାପ ତେଲ ଲିଟର ୧୩ ଲକ୍ଷ ଟଙ୍କା

ଗୋଲାପ ଫୁଲ ଦେଖିବାକୁ ସୁନ୍ଦର ହୋଇଥିବା ବେଳେ ଏହାର ବାସ୍ନା ମଧ ମନମୁଗ୍ଧକର। ତେବେ ଉତ୍ତରାଖଣ୍ଡରେ ଚାଷ ହେଉଥିବା 'ଦାମସ୍କ' ନାମକ ଏକ ଗୋଲାପରୁ ବାହାରୁ ଥିବା ତେଲର ଦାମ୍ ଶୁଣିଲେ ଯେ କେହି ଆଶ୍ଚର୍ଯ୍ୟ ହୋଇଯିବ। ଦାମସ୍କ ଗୋଲାପ ତେଲର ଦାମ୍ ଲିଟର ପିଛା ଅନ୍ତର୍ଜାତୀୟ ବଜାରରେ ୧୨ରୁ ୧୩ ଲକ୍ଷ ଟଙ୍କା ରହିଛି। ଉତ୍ତରାଖଣ୍ଡର ପାର୍ବତ୍ୟାଞ୍ଚଳରେ ଏହି ଗୋଲାପ ଫୁଲ ଚାଷ କରାଯାଉଛି। ଉତ୍ତରାଖଣ୍ଡ କୃଷି ବିଭାଗର ବରିଷ୍ଠ ଅଧିକାରୀଙ୍କ କହିବାନୁଯାୟୀ ଏହି ଗୋଲାପ ପ୍ରଜାତିର ଚାଷ ପ୍ରାୟ ୧୨ ବର୍ଷ ତଳେ ଆରମ୍ଭ ହୋଇଥିଲା। ଏହି ଗୋଲାପର ଉତ୍ପତ୍ତି ସିରିୟାର ରାଜଧାନୀ ଦାମାସକସ୍‌ରେ ହୋଇଥିଲା। ତାହାର ନାମ ଅନୁଯାୟୀ ଏହି ଗୋଲାପର ନାମକରଣ ହୋଇଛି। ମୋଗଲ ଶାସନ ସମୟରେ ଏହି ଗୋଲାପ ଭାରତକୁ ଆସିଥିଲା। ପ୍ରଥମେ ଉତ୍ତରପ୍ରଦେଶର ହାଥରସ ଜିଲାରେ ଏହି ଗୋଲାପ ଫୁଲ ଚାଷ କରାଯାଉଥିଲା।ତେବେ ଜଳବାୟୁ ପରିବର୍ତ୍ତନଜନିତ ପରିସ୍ଥିତି ଯୋଗୁଁ ସେଠାରେ ଉତ୍ପାଦନ କମି ଯାଇଥିଲା। ଅନ୍ୟପକ୍ଷରେ ଉତ୍ତରାଖଣ୍ଡ ଜଳବାୟୁ ଏହି ଗୋଲାପ ଫୁଲ ଚାଷ ପାଇଁ ଅନୁକୂଳ ହୋଇଥିବାରୁ ଜୋଷୀମଠ ଓ ଅଲମୋଡ଼ା ଆଦି ଅଞ୍ଚଳର ଏହାର ଚାଷ ହେଉଛି। ଏହି ଗୋଲାପର ତେଲ ବ୍ୟବହାର କରାଯାଇ ନାନା ପ୍ରକାର ସୁଗନ୍ଧିତ ଦ୍ରବ୍ୟ, ପ୍ରସାଧନ ସାମଗ୍ରୀ ଆଦି ପ୍ରସ୍ତୁତ କରାଯାଇଥାଏ। ଏଥିରେ ଔଷଧୀୟ ଗୁଣ ରହିଥିବାରୁ ଏହାର ଦାମ୍ ବହୁତ ଅଧିକ। ଏହି ଅଞ୍ଚଳର ବହୁଚାଷୀ ହେକ୍ଟର ହେକ୍ଟର ଜମିରେ ଏହି ଗୋଲାପ ଚାଷ କରି ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ହୋଇ ପାରିଛନ୍ତି।






## ବକ୍ସ ଅଫିସ୍‌ରେ ଧମାଲ୍ କରୁଛି ବାବୁସାନଙ୍କ 'ବୋଉ ବୁଟୁ ଭୂତ'

### ସପ୍ତାହରେ ପାର କଲା ୭ କୋଟି



ବକ୍ସ ଅଫିସରେ ରେକର୍ଡ ଭାଙ୍ଗିଲା ଓଲିଉଡ୍ ଫିଲ୍ମ 'ବୋଉ ବୁଟୁ ଭୂତ' । ସପ୍ତାହରେ ୭ କୋଟି କଲେକ୍ସନ ପାର୍ । ତୃପ୍ତୀ ଶତପଥୀଙ୍କ ପ୍ରଯୋଜିତ ବୋଉ ବୁଟୁ ଭୂତ ଫିଲ୍ମ ଓଡ଼ିଆ ସିନେମାକୁ ଶିଖରରେ ପହଞ୍ଚାଇଛି । ରଜରେ ରିଲିଜ୍ ହୋଇଥିବା ବାବୁଶାନ ମହାନ୍ତି ଏବଂ ଅପରାଜିତଙ୍କ ଅଭିନୀତ ଏହି ହରର୍ କମେଡି ଫିଲ୍ମରେ ଓଡ଼ିଆ ଦର୍ଶକଙ୍କୁ ଏକ ଭିନ୍ନ ସ୍ୱାଦ ଦେଇଛି । ଫଳରେ ପ୍ରଥମ ଥର ପାଇଁ କୌଣସି ଓଡ଼ିଆ ସିନେମା ବକ୍ସ ଅଫିସ୍‌ରେ ଝଡ଼ ସୃଷ୍ଟି କରିଛି । ପ୍ରଥମ ଦିନରେ ସିନେମା ୫୧.୨ ଲକ୍ଷରୁ ଅଧିକ ଟଙ୍କା ରୋଜଗାର କରି ମେଗାଷ୍ଟାର ଅନୁଭବ ମହାନ୍ତିଙ୍କୁ ପଛରେ ପକାଇ ଦେଇଛନ୍ତି । ୨୦୨୪ ଦଶହରା ଅବସରରେ ପ୍ରେକ୍ଷାଳୟକୁ ଆସିଥିଲା ଅନୁଭବଙ୍କ ସିନେମା 'କର୍ମ' । ଯେଉଁଥିରେ ସାରା ଓଡ଼ିଶା 'ଚିରିଂ ଚିରିଂ' ହୋଇ ନାଚିଥିଲା। ସେତେବେଳେ ଏହି ସିନେମା ପ୍ରଥମ ଦିନ ବକ୍ସ ଅଫିସ୍ କଲେକ୍ସନ୍‌ରେ ଇତିହାସ ରଚିଥିଲା । 'କର୍ମ' ୩୭.୨୦ ଲକ୍ଷ ରୋଜଗାର କରିଥିଲା । ହେଲେ 'ବୋଉ ବୁଟୁ ଭୂତ' ଦିନକରେ ୫୧.୨ ଲକ୍ଷ ରୋଜଗାର କରି ସବୁ ରେକର୍ଡ ଭାଙ୍ଗିଛି । ଫିଲ୍ମର ଲିଡ୍‌ରେ ବାବୁଶାନଙ୍କ ବ୍ୟତୀତ ଭର୍ସାଟାଇଲ୍ ଆକ୍ଟର ଅପରାଜିତା ମହାନ୍ତି ଏବଂ ଚୁଲବୁଲି ନାୟିକା ଅର୍ଚ୍ଚିତା ସାହୁଙ୍କ ଦମଦାର ଅଭିନୟ ଦେଖିବାକୁ ମିଳିଛି । ସେହିପରି ଅନ୍ୟାନ୍ୟ ଚରିତ୍ରରେ ଅଛନ୍ତି ଜଗନ୍ନାଥ ସେଠ୍, ଚୌଧୁରୀ ଜୟପ୍ରକାଶ ଦାସ, କେକେ, ରବି ମିଶ୍ର, ଅନୁଗୁଳିଆ ବର୍ଣ୍ଣି, ଉଦିତ୍ ଗୁରୁ ରହିଛନ୍ତି । ଫିଲ୍ମର ନିର୍ଦ୍ଦେଶନା ଜଗଦୀଶ୍ ମିଶ୍ର ଦେଇଥିବା ବେଳେ ସମ୍ପାଦକ ରଶ୍ମି ରଞ୍ଜନ ଅଛନ୍ତି। ସଙ୍ଗୀତ ଦେଇଛନ୍ତି ବାବୁସାନ୍‌ଙ୍କ ପୁରୁଣା ଯୋଡ଼ିଦାର ଗୌରବ ଆନନ୍ଦ । ସିନେମାର କାହାଣୀ ଓ ଚିତ୍ରନାଟ୍ୟ ଲେଖିଛନ୍ତି ମହମ୍ମଦ ଇମ୍ରାନ୍ ଓ ଡାଏଲଗ୍ ଲେଖିଛନ୍ତି ପ୍ରଣବ ପ୍ରସନ୍ନ ରଥ। ଫିଲ୍ମର ଥିମ୍ ବିଜିଏମ୍ ଦର୍ଶକଙ୍କୁ ମନ୍ତ୍ର ମୁଗ୍ଧ କରିଥିବା ବେଳେ ସାଉଣ୍ଡ ଡିଜାଇନର ରହିଛନ୍ତି ତୁଷାର ଜେନା ଓ ବିଜିଏମରେ ଅଭିଷେକ୍ ପାଣିଗ୍ରାହୀ। ପ୍ରଥମ ଥର ପାଇଁ ଅପରାଜିତା ମହାନ୍ତି ତାଙ୍କ ପ୍ରଥମ ଗୀତ 'ଲାଲ ଟୁକ ଟୁକ' ଗାଇଛନ୍ତି ଏବଂ 'ଓଦା ଲାଗେ'ରେ କଣ୍ଠଦାନ କରିଛନ୍ତି ବାବୁସାନ ଓ ଶୁଭଶ୍ରୀ ଜେନା । ସୁନ୍ଦରୀ କୁକିଜ୍ ? 'ଡୁଙ୍ଗୁଥିଲି' ଗୀତରେ ଠୁମକା ଲଗାଇ ଦର୍ଶକଙ୍କୁ ମନୋରଞ୍ଜନର ତଡକା ଦେଇଛନ୍ତି । ସିନେମାର 'ଓଦା ଲାଗେ' ଆଉ ଗୀତ ଟ୍ରେଣ୍ଡିଂରେ ରହିଛି । ଫିଲ୍ମର ଅଧିକାଂଶ ସୁଟିଂ କେନ୍ଦୁଝର, ଆଠଗଡ ଓ କୋଣାର୍କରେ ହୋଇଛି। ବୋଉ-ବୁଟୁ-ଭୂତ ରିଲିଜର ପ୍ରଥମ ସପ୍ତାହରେ ୭କୋଟିରୁ ଅଧିକ ଆୟ କରିଛି । ନିର୍ମାତା ନିଜ ଇନଷ୍ଟାଗ୍ରାମରେ ଫିଲ୍ମର ସପ୍ତାହକର କଲେକ୍ସନର ଡାଟା ସେୟାର କରିଛନ୍ତି। ପ୍ରଥମ ସପ୍ତାହରେ ୭.୧୫ କୋଟି ଆୟ। ପୂର୍ବରୁ ଫିଲ୍ମର ଟ୍ରେଲରକୁ ଲୋକେ ବେଶ ପସନ୍ଦ କରିଥିବା ବେଳେ ଫିଲ୍ମକୁ ଉତ୍ସାହର ସହ ଅପେକ୍ଷା କରିଥିଲେ । ସାରା ଓଡ଼ିଶାର ବିଭିନ୍ନ ପ୍ରେକ୍ଷାଳୟରେ ୨୩୦ଟି ଶୋ' ଲାଗିଛି । ଆଗକୁ ରଥଯାତ୍ରା ରହିଥିବାରୁ ଏହି ଫିଲ୍ମ ୧୦ କୋଟିରୁ ଅଧିକ କଲେକ୍ସନ କରିବ ବୋଲି ନିର୍ମାତାଙ୍କ ଆଶା ରହିଛି।

## ଦୀର୍ଘ ୧୫ ବର୍ଷ ପରେ ଅଲଗା ହେଲେ ସୁପରହିଟ୍ ଯୋଡ଼ି



## ଗଜାମୁଗ ଖାଇଲେ ମିଳେ ଫାଇଦା...

*ଆମେ ସମସ୍ତେ ଖାଦ୍ୟ ଖାଇଥାଉ । ତେବେ ଅନେକ ଗୁଡିଏ ଖାଦ୍ୟ ରହିଛି । ଯାହାକି ଆମ ଶରୀର ପାଇଁ ବହୁତ ଲାଭକାରୀ ହୋଇଥାଏ । ଯାହାକୁ ଖାଇବା ଦ୍ୱାରା ଶରୀର ସୁସ୍ଥ ରହିବା ସହ ଅନେକ ମାରାତ୍ମକ ରୋଗ ମଧ ଶରୀରକୁ ଆଟାକ କରିପାରିନଥାଏ । ତେବେ ସେହିପରି ଆଜି ଆମେ ଗଜାମୁଗ ଖାଇବାର ଉପକାରୀତା ସମ୍ପର୍କରେ ଏଠାରେ କହିବାକୁ ଯାଉଛୁ। ଯାହା ଆପଣଙ୍କ ସ୍ୱାସ୍ଥ ପାଇଁ ବହୁତ ଭଲ ଖାଦ୍ୟ ହୋଇଥାଏ ।*

◆ ଗଜାମୁଗରେ ପ୍ରୋଟିନ, ଭିଟାମିନ, ମିନେରାଲ୍ସ, ଓ ଆଣ୍ଟିଅକ୍ସିଡେଣ୍ଟ ଭରି ହୋଇ ରହିଥାଏ । ତେଣୁ ଗଜାମୁଗକୁ ସୁପର ଫୁଡ୍ ବୋଲି ମଧ କୁହାଯାଇଥାଏ।

◆ ଗଜାମୁଗ ଖାଇବା ଦ୍ୱାରା ଶରୀରକୁ ବହୁତ ଲାଭ ମିଳିପାରିଥାଏ । ଏହା ଆମ ଶରୀରର ରୋଗପ୍ରତିରୋଧକ ଶକ୍ତିକୁ ବଢାଇଥାଏ । ଯାହା ଦ୍ୱାରା ବ୍ୟକ୍ତିକୁ ବାରମ୍ବାର ରୋଗ ଜୀବାଣୁ ସଂକ୍ରମଣ କରିପାରିନଥାଏ । ଏହା ଆମ ଶରୀରରେ ନୂଆ ହ୍ୱାଇଟ୍ ବ୍ଲଡ଼ସେଲ୍ସ ତିଆରି କରିବାରେ ହେଲ୍ପ କରିଥାଏ ।

◆ ଗଜାମୁଗରେ ବହୁତ ସାରା ଏମିନୋ ଏସିଡ ରହିଥାଏ। ଯେଉଁ ପିଲାଙ୍କର ଶାରୀରିକ ବିକାଶ ହୋଇପାରୁନଥାଏ । ଏହାକୁ ସେମାନେ ନିହାତି ଭାବେ ନିଜ ଖାଦ୍ୟରେ ଆଡ୍ କରିବା ଉଚିତ ।

◆ ଗଜାମୁଗରେ କିଛି ଆକ୍ଟିଭ ଏନଜାଇମ ରହିଥାଏ। ଯାହା ମେଟାବେଲିଜିମକୁ ତ୍ୱରାନିତ କରିଥାଏ । ତେବେ ଆପଣ ଶରୀରରେ ଯଦି ଡାଇଜେସନ ପ୍ରକ୍ରିୟା ଠିକ ଭାବେ ହେଉଥାଏ। ତେବେ ଆପଣ ବହୁତ ବଡ ମାରାତ୍ମକ କୋଲୋନ କ୍ୟାନ୍ସରରୁ ନିଜ ଶରୀରକୁ ବଞ୍ଚାଇ ରଖିପାରିବେ ।



୧୫ ବର୍ଷର ବୈବାହିକ ଜୀବନରେ ଫାଟ। ସ୍ୱାମୀ ତଥା ଅଭିନେତା ସଞ୍ଜୀବ ସେଠଙ୍କଠାରୁ ଅଲଗା ହୋଇଛନ୍ତି ଟେଲି ଅଭିନେତ୍ରୀ ଲତା ସବରୱାଲ। ସୋସିଆଲ ମିଡିଆରେ ପୋଷ୍ଟ କରି ସେ ଏନେଇ ପ୍ରଶଂସକଙ୍କୁ ଜଣାଇଛନ୍ତି। 'ୟେ ରିସ୍ତା କ୍ୟା କେହଲାତା ହୈ'ରେ ଏକାଠି କାମ କରିବା ବେଳଠାରୁ ପ୍ରଶଂସକ ଉଭୟଙ୍କ ଯୋଡ଼ିକୁ ବେଶ ପସନ୍ଦ କରୁଥିଲେ। ଏବେ ଦୁହେଁ ଅଲଗା ହେବା ଖବର ଝଟ୍‌କା ସାବ୍ୟସ୍ତ ହୋଇଛି। ଇନଷ୍ଟାଗ୍ରାମରେ ଏକ ପୋଷ୍ଟ କରି ଲତା ଲେଖିଛନ୍ତି, ଦୀର୍ଘଦିନର ନିରବତା ପରେ ଘୋଷଣା କରୁଛି ଯେ ମୁଁ(ଲତା ସବରୱାଲ) ସ୍ୱାମୀ(ସଞ୍ଜୀବ ସେଠ)ଙ୍କଠାରୁ ଅଲଗା ହୋଇଯାଇଛି। ଆଗାମୀ ଜୀବନ ଲାଗି ତାଙ୍କୁ ଶୁଭକାମନା ଦେଉଛି। ସମସ୍ତଙ୍କୁ ଅନୁରୋଧ କରୁଛି ଯେ ମୋ ସହ ମୋ ପରିବାରର ଶାନ୍ତିର ସମ୍ମାନ କରନ୍ତୁ। ଏନେଇ କିଛି ପ୍ରଶ୍ନ କରନ୍ତୁ ନାହିଁ। ଲତାଙ୍କ ପୋଷ୍ଟ ସୋସିଆଲ ମିଡିଆରେ ବେଶ ଭାଇରାଲ ହେଉଛି। ଏତେ ବର୍ଷର ସମ୍ପର୍କ ପରେ କ'ଣ ପାଇଁ ଦୁହେଁ ଏତେ ବଡ଼ ନିଷ୍ପତ୍ତି ନେଲେ ସେ ନେଇ ପ୍ରଶ୍ନ କରାଯାଉଛି। କହିରଖୁଛୁ, ଉଭୟ 'ୟେ ରିସ୍ତା କ୍ୟା କେହଲାତା ହୈ'ର ଶୁଟିଂ ସେଟ୍‌ରେ ପରସ୍ପରକୁ ଭେଟିଥିଲେ। ଏହାର ବର୍ଷକ ପରେ ୨୦୧୦ରେ ସେମାନେ ବିବାହ କରିଥିଲେ। ବିବାହରୁ ଦୁହିଁଙ୍କ ଗୋଟିଏ ପୁଅ ଅଛି, ଯାହାର ନାମ ଆରବ୍।

## ଭୟଙ୍କର ରୋଗ ସହ ଲଢୁଛନ୍ତି ସଲମାନ

ସଲମାନ ଖାନ ବଲିଉଡର ସବୁଠାରୁ ବଡ ସୁପରଷ୍ଟାରମାନଙ୍କ ମଧ୍ୟରୁ ଜଣେ। ସିନେମା ଜଗତକୁ ଅନେକ ହିଟ ଫିଲ୍ମ ଦେଇଛନ୍ତି ଏହି ଅଭିନେତା । ସଲମାନଙ୍କୁ ଏବେ ୫୯ ବର୍ଷ ବୟସ। ବୟସାଧିକ ସତ୍ତ୍ୱେ ଫିଲ୍ମରେ ବହୁତ ସକ୍ରିୟ ଅଛନ୍ତି ସେ। ହେଲେ ଏବେ ସଲମାନଙ୍କୁ ନେଇ ବଡ଼ ଖୁଲାସା ହୋଇଛି। ସେ ଭୟଙ୍କର ରୋଗରେ ପୀଡ଼ିତ ଥିବା ଜଣାପଡ଼ିଛି। ୧୯୮୮ ମସିହାରେ 'ବିବି ହୋ ତୋ ଐସି' ସହିତ କ୍ୟାରିଅର ଆରମ୍ଭ କରିଥିଲେ ସଲମାନ। ନିକଟରେ ସେ 'ଦ ଗ୍ରେଟ୍ ଇଣ୍ଡିଆନ କପିଲ ଶର୍ମା ଶୋ'ରେ ଅତିଥି ଭାବେ ନଜର ଆସିଥିଲେ। ଏହି ଶୋ'ରେ, ଅଭିନେତା ନିଜ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ବଡ଼ କଥା କହିଛନ୍ତି। ସେ ଟ୍ରାଇଜେମିନାଲ ନ୍ୟୁରାଲଜିଆ, ବ୍ରେନ ଆନ୍ୟୁରିଜମ୍ ଏବଂ ଏଭି ମାଲ୍‌ଫର୍ମେସନ ଭଳି ରୋଗରେ ପୀଡ଼ିତ। ଏଥିଯୋଗୁ ଶାରୀରିକ ଭାବରେ କ୍ଲାନ୍ତ ହେବା ଏବଂ ଅତ୍ୟଧିକ ଯନ୍ତ୍ରଣା ସତ୍ତ୍ୱେ ଫିଲ ପାଇଁ କଠିନ ପରିଶ୍ରମ କରୁଛନ୍ତି। ସଲମାନ କହିଥିଲେ, 'ମୁଁ ପ୍ରତିଦିନ ହାଡ଼ ଭାଙ୍ଗୁଛି, ପଞ୍ଜରା ଭାଙ୍ଗୁଛି, ଟ୍ରାଇଜେମିନାଲ ନ୍ୟୁରାଲଜିଆରେ ପୀଡ଼ିତ ଥିବା ସତ୍ତ୍ୱେ କାମ କରୁଛି, ମସ୍ତିଷ୍କରେ ଆନିଉରିଜମ୍ ହୋଇଥିବା ଯୋଗୁ ଏହାର ଚିକିତ୍ସା ଉପରେ କାମ କରୁଛି। ଏଭି ମାଲଫରମେସନ ଅଛି, ଏହାର ଚିକିତ୍ସା ଚାଲିଛି। ମୋ ଜୀବନରେ ଏସବୁ ଚାଲିଛି ଯଦି ଏହା କମ ବୟସରେ ହୋଇଥାନ୍ତା, ତେବେ ଏହା ଠିକ ହୋଇଥାନ୍ତା, ଆମେ ପୁଣି କାମ କରିଥାନ୍ତୁ। ହେଲେ ଏବେ ହୋଇ ଭୋଗିବାକୁ ପଡୁଥିବା ସେ ବେଶ ଅସୁବିଧା କହିଛନ୍ତି। ସଲମାନଙ୍କୁ ଶେଷ ଥର ପାଇଁ ରଶ୍ମିକା ମଣ୍ଡାନାଙ୍କ ସହିତ ସିକନ୍ଦର ଫିଲ୍ମରେ ଦେଖିବାକୁ ମିଳିଥିଲା। ଏହି ଫିଲ୍ମରେ କାଜଲ ଅଗ୍ରୱାଲ, ଶର୍ମନ ଜୋଶୀ, ସତ୍ୟରାଜ, ଜତିନ ସରନା, ସଞ୍ଜୟ କପୁର, ପ୍ରତୀକ, ସ୍ମିତା ପାଟିଲ ଏବଂ କିଶୋର ମଧ ନଜର ଆସିଥିଲେ।



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
**ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



କଣ୍ଟାପଡ଼ା, (ଭାସ୍କର ନ୍ୟୁଜ): କଣ୍ଟାପଡ଼ା ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଦାମୋଦର ପୁର ସ୍ଥିତ ହାରାମଣି ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ନବନିର୍ବାଚିତ ବିଜୁ ଜନତା ଦଳର ବ୍ଲକ ଓ ପଞ୍ଚାୟତ ସଭାପତିମାନଙ୍କୁ ସମ୍ବର୍ଦ୍ଧନା ସଭାରେ ପୂର୍ବତନ ବିଧାୟକ ଡ ପ୍ରମୋଦ କୁମାର ମଲ୍ଲିକ ଯୋଗ ଦେଇଥିଲେ। ସମ୍ବର୍ଦ୍ଧନା ସଭାରେ ସଭାପତିତ୍ୱ କରିଥିଲେ ନକୁଳ ରାଉତ। କଣ୍ଟାପଡା ବ୍ଲକର ବିଜୁ ଜନତା ଦଳର ସଭାପତି ଭାବେ କୈଳାସ ମହାରଣାଙ୍କୁ ମଲିକ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରିଥିଲେ। ଉକ୍ତ ବ୍ଲକ ଅଧୀନରେ ଥିବା ୧୪ ଗୋଟି ପଞ୍ଚାୟତରୁ ୧୩ ଜଣଙ୍କ ନାମ ସଭାପତି ଭାବେ ଘୋଷଣା କରାଯାଇଛି। ଅଡଶପୁରରୁ ନନ୍ଦ କିଶୋର ଭୋଇ, ଉରାଡ଼ର ଆର୍ତ୍ତତ୍ରାଣ ମହାପାତ୍ର, ଡିମିରି ଗ୍ରାମପଞ୍ଚାୟତର ହରେକୃଷ୍ଣ ଚୌଧୁରୀ, କଣ୍ଟାପଡାର ପ୍ରଶାନ୍ତ କୁମାର ବେହେରା, ଉତ୍ତାରଣର ଧର୍ମବୀର କାନୁନଗୋ, ପୋଷ୍ଟଲର ଶିତିକାନ୍ତ ପ୍ରଧାନ, ବାଗଲପୁରର ଲଲାଟ କିଶୋର ସ୍ୱାଇଁ, ନୂଆଗାଁ'ର ନବଘନ ମନ୍ତ୍ରୀ, ନାହାଳପୁରର ଦେବେନ୍ଦ୍ର ଦାଶ, ଝାରପଡ଼ାର ଅଶୋକ କୁମାର ସ୍ୱାଇଁ, ଗୋବିନ୍ଦପୁରର କବି ପ୍ରସାଦ ସ୍ୱାଇଁ, ବ୍ରାହ୍ମଣବାଟିର ରାଜେନ୍ଦ୍ର ଆଚାର୍ଯ୍ୟ, ବ୍ରାହ୍ମଣ ସାଇଲୋର କୃଷ୍ଣଚନ୍ଦ୍ର ମହାନ୍ତିଙ୍କୁ ମଲିକ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଣ୍ଟାପଡା ବ୍ଲକ କାର୍ଯ୍ୟକାରି ସଭାପତି ୯ ନମ୍ବର ଜୋନ ଜିଲ୍ଲା ପରିଷଦ କ୍ଷିରାଣୀ ବେହେରା, ବିଜେପି ନେତା ଅଭିମନ୍ୟୁ ମଲିକ, ସୁବ୍ରତ ପାତ୍ର, ଯୁବ ବିଜେଡି ସଭାପତି ବିମାନ ବିହାରୀ ବେହେରା ଓ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ରହିଥିଲେ।

# ସଂସ୍କୃତରେ ମେଧାବୀ ବିଦ୍ୟାର୍ଥୀଙ୍କ ସମ୍ବର୍ଦ୍ଧନା



ଜଳେଶ୍ୱର, (ଭାସ୍କର ନ୍ୟୁଜ): ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଶାଳୀକୋଠା ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଉତ୍ତର ବେଲେଶ୍ୱରର ଜଳେଶ୍ୱର ସଂସ୍କୃତ ସଂଗୋଷ୍ଠୀ, ଭୋଗରାଇ ଦେବଭାଷା ବିକାଶ ପରିଷଦ ଓ ବାଲିଆପାଳ ବେଦଚେତନ ସଂସ୍କୃତ ବିକାଶ ପରିଷଦ ମିଳିତ ସହଯୋଗରେ ସଂସ୍କୃତ ଉଚ୍ଚ ମାଧ୍ୟମିକ ଓ ସ୍ନାତକରେ ମେଧାବୀ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ସମ୍ବର୍ଦ୍ଧନା ସଭା ସହିତ ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଭୋଗରାଇ ଦେବଭାଷା ବିକାଶ ପରିଷଦର ସଭାପତି ଡକ୍ଟର ଶ୍ରୀଶ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ତଥା ପ୍ରାକ୍ତନ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ, ମୁଖ୍ୟ ବକ୍ତା ଭାବେ ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟନାରାୟଣ ଆଚାର୍ଯ୍ୟ, ସମ୍ମାନୀତ ବକ୍ତା ଭାବେ ଶାଳିକୋଠା ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ବିବେକାନନ୍ଦ ସାହୁ, ସମ୍ମାନିତ ଅତିଥି ଭାବେ ବେଦଚେତନ ସଂସ୍କୃତ ବିକାଶ ପରିଷଦର ସଭାପତି ସୁବାଷ ଚନ୍ଦ୍ର ଚୌଧୁରୀ ଯୋଗଦେଇ ସଂସ୍କୃତର ଭବିଷ୍ୟତ ଉଜ୍ଜଳ ଅଛି, ତେଣୁ ସଂସ୍କୃତ ଭାଷାକୁ ବଞ୍ଚାଇ ରଖିବାକୁ ଆହ୍ୱାନ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ୪ ବ୍ଲକର ୨୩ ଜଣ ସଂସ୍କୃତରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ଉତ୍ତରୀୟ, ମାନପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡ.ନୀଳକଣ୍ଠ ଖଣ୍ଡା, କବି ଶ୍ରୀ କୁମାର ଘୋଷ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପଦ୍ମନାଭ ପ୍ରଧାନ, ଗଣେଶ ଚନ୍ଦ୍ର ପରିଡ଼ା, ରବି ନାରାୟଣ ମିଶ୍ର ଉପସ୍ଥିତ ଥିଲେ। ପ୍ରଥମେ ମହାବିଦ୍ୟାଳୟର କିରଣ କୁମାର ଦାଶ, ପ୍ରିୟଙ୍କା ପଣ୍ଡା ଓ ସଂଗୀତା ଜେନା ପ୍ରମୁଖ ଛାତ୍ରଛାତ୍ରୀ ପ୍ରାରମ୍ଭିକ ନୃତ୍ୟ ପରିବେଷଣ କରିଥିବା ବେଳେ ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ କାର୍ତ୍ତିକେଶ୍ୱର ପାତ୍ର, ଓଡ଼ିଆ ଅଧ୍ୟାପକ ସାଗର ବଲ୍ଲଭ ସାହୁ, ଇତିହାସ ଅଧ୍ୟାପିକା ସୁଜାତା ରାଣୀ ଦାସ, ସାହିତ୍ୟ ଅଧ୍ୟାପକ ଡକ୍ଟର ଗୁରୁପ୍ରସାଦ ରାଉଳ ଓ ଦେବେନ୍ଦ୍ର ଭୂୟାଁ, ଶିକ୍ଷା କର୍ମଚାରୀ ଅଶୋକ କୁମାର ପାଣିଗ୍ରାହୀ, ତ୍ରିଲୋଚନ ବେହେରା ଓ ରାମକୃଷ୍ଣ ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବାଲିଆପାଳ ଲତାଯୋଡ଼ି ଧ୍ରୁବଚରଣ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରିୟବ୍ରତ ପଣ୍ଡା ମଞ୍ଚ ଆହ୍ୱାନ କରିଥିବା ବେଳେ ଭୋଗରାଇ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ସତିଶ ଚନ୍ଦ୍ର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ କମଳା କୁମାରୀ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜକିଶୋର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ଦୀପଦାନ



କେନ୍ଦୁଝର, (ଭାସ୍କର ନ୍ୟୁଜ): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅସ୍ତ୍ରୋପଚାର ପରେ ସୁସ୍ଥ ଆରୋଗ୍ୟ କାମନା କରି କେନ୍ଦୁଝର ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ରବିବାର ସନ୍ଧ୍ୟାରେ ସରକାରୀ ବସଷ୍ଟାଣ୍ଡ ନିକଟରେ ଦୀପ ପ୍ରଜ୍ଜ୍ୱଳନ କରାଯାଇଛି। ବିଜେଡି ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀଙ୍କ ନେତୃତ୍ୱରେ ଏହି ପୂଜାର୍ଚ୍ଚନା ଓ ଦୀପ ପ୍ରଜ୍ଜ୍ୱଳନ କାର୍ଯ୍ୟକ୍ରମରେ ରାଜ୍ୟ ସାଧାରଣ ସମ୍ପାଦକ ଜଗନ୍ନାଥ ନାୟକ, ମାଧବ ସର୍ଦ୍ଦାର, ମାନା ମାଝୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ, ଜିଲ୍ଲା ପରିଷଦ ସଦସ୍ୟ ରଥ ମୁଣ୍ଡା, ବରିଷ୍ଠ ନେତା ପ୍ରମୋଦ ପଟ୍ଟନାୟକ, ଭରତ ଚନ୍ଦ୍ର ପାତ୍ର, ରକ୍ଷାକର ସାହୁ, ତପନ କୁମାର ପାଣି, ସଦର ବ୍ଲକ ବିଜେଡି ସଭାପତି ଚକ୍ରଧର ପରିଡା, ନଗର ବିଜେଡି ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ପୂର୍ବତନ ଛାତ୍ର ବିଜେଡି ସଭାପତି ଆଶିଷ ଆଚାର୍ଯ୍ୟ, ଦେବୁ ପଟ୍ଟନାୟକ, କାଉନସିଲର ଶରତ କୁମାର ସାହୁ, ଦୟାନିଧି ପାତ୍ର, ଦମୟନ୍ତୀ ଦାସ, କେଳି କାଳନ୍ଦୀ କୁମ୍ଭ, ଭଗବାନ ନାଏକ, ପୂର୍ବତନ କାଉନସିଲର ପରେଶ ପ୍ରଧାନ, ପରେଶ ସାହୁ, ବାସୁଦେବ ଜେନା, ଟିକିନା ବ୍ରହ୍ମ, ମୁନା ପାଣି, ଜ୍ଞାନରଞ୍ଜନ ପତି, ଗଦାଧର ପଟ୍ଟନାୟକ, ପୁରୁଷୋତ୍ତମ ପାତ୍ର, କ୍ଷୀରୋଦ ପରିଡା, ରଞ୍ଜନ ବେହେରା, ବିଶ୍ୱରାଜ ସାହୁ, ବୁବୁ ସିହ୍ନା, ବାବି ପଟ୍ଟନାୟକ, ସୁନିଲ ବାରିକ, ଶିବା ମୁଖି, ତାପସ ଦେହୁରୀ, ମହିଳା ନେତ୍ରୀ ପୁନମକୁମାରୀ, ରୁନୁ, ଗୀତାଞ୍ଜଳି ପରିଡ଼ା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଅବମାନନା କରି ଗୃହ ନିର୍ମାଣ

# ଥାନା ଅଧିକାରୀଙ୍କ ଠାରୁ ନ୍ୟାୟ ନପାଇ ଏସ୍ପିଙ୍କ ଦ୍ୱାରସ୍ଥ

ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ଗଡ଼ବ ପୋଖରୀ ଗ୍ରାମର ଦେବେନ୍ଦ୍ର ଦାସ ନାମକ ଜଣେ ବ୍ୟକ୍ତିଙ୍କ ଜମିରେ ଅପରପକ୍ଷ ଦୀନବନ୍ଧୁ ପୃଷ୍ଟି ଓ ଅନ୍ୟମାନେ ଗୃହ ନିର୍ମାଣ କରୁଥିବା ନେଇ ଉପଜିଲ୍ଲାପାଳଙ୍କ କୋର୍ଟରେ ମକଦ୍ଦମା କରିଥିଲେ। ଉପଜିଲ୍ଲାପାଳଙ୍କ କୋର୍ଟ ଦେବେନ୍ଦ୍ରଙ୍କ ଆବେଦନକୁ ଗ୍ରହଣ କରି ୨୩/୨୫ରେ ମକଦ୍ଦମା ରୁଜୁ କରି ଶୁଣାଣି କରିଥିଲେ। ଉପଜିଲ୍ଲାପାଳ ଅପରପକ୍ଷ ଦୀନବନ୍ଧୁ ଓ ଅନ୍ୟମାନଙ୍କୁ ସେହି ଜମି ଉପରକୁ ପ୍ରବେଶ ନକରିବାକୁ ନିର୍ଦ୍ଦେଶ ଦେବା ସହିତ ଉଭୟ ପକ୍ଷଙ୍କୁ ସ୍ଥିତାବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ ଜାରି କରିଥିଲେ। ଏହି ନିର୍ଦ୍ଦେଶ ଉପରେ ଆବଶ୍ୟକ ପଦକ୍ଷେପ ନେବା ସହିତ ରିପୋର୍ଟ ଦେବାକୁ ତହସିଲଦାର ଓ ପୀରହାଟ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶକୁ ଅପରପକ୍ଷ ଅବମାନନା କରି ଗୃହନିର୍ମାଣ କରୁଥିବା ନେଇ ପୀରହାଟ ଥାନାରେ ଦେବେନ୍ଦ୍ର ଅଭିଯୋଗ କରିଥିଲେ। ମାତ୍ର ଥାନା ଅଧିକାରୀ କୌଣସି ପଦକ୍ଷେପ ନେଉନଥିବାରୁ ଦେବେନ୍ଦ୍ର ଜିଲ୍ଲା ଏସ୍ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଅତିରିକ୍ତ ଏସ୍ପି ପୀରହାଟ ଥାନା ଅଧିକାରୀଙ୍କୁ ଗୃହ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ଟେଲିଫୋନରେ ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀ ଦେବେନ୍ଦ୍ର ଉପଜିଲ୍ଲାପାଳଙ୍କ କୋର୍ଟରେ ଆବେଦନ କରିଛନ୍ତି ଯେ, ଆରୁହା ମୌଜାର ଖାତା ନଂ.୧୫୪, ପ୍ଲଟ ନଂ. ୭୫୦ ଏ୦.୩ ଡିସିମିଲ ଜମିକୁ ତାଙ୍କ ବାପା କୃଷ୍ଣ ଚନ୍ଦ୍ର ଦାସ ୧୮.୦୧.୧୯୯୨ ମସିହାରେ ଅପରପକ୍ଷଙ୍କ ଠାରୁ କ୍ରୟ କରିଥିଲେ। ମାତ୍ର ଜମିକୁ ନାମ ଜାରୀ କରାଇ ନଥିବାରୁ ଦେବେନ୍ଦ୍ରଙ୍କ ବାପାଙ୍କ ନାମରେ ପଟ୍ଟା ହୋଇନାହିଁ। ସେହି ଜମିରେ ଅପରପକ୍ଷ ଗୃହ ନିର୍ମାଣ କରୁଥିବା ନେଇ ଆବେଦନ କରିଥିବା ଜଣାପଡ଼ିଛି।

## ଶୁକଦେବ ସାହୁଙ୍କ ମୃତ୍ୟୁରେ ଶୋକ



ମାହାଙ୍ଗା, (ଭାସ୍କର ନ୍ୟୁଜ୍): ମାହାଙ୍ଗା ବ୍ଲକ ବାସୁଦେବ ପୁର ଗ୍ରାମ ପଞ୍ଚାୟତ ବାସୁଦେବପୁର ଗ୍ରାମର ଶୁକଦେବ ସାହୁଙ୍କ ୮୩ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣ, ମିଷ୍ଟଭାଷୀ, ମେଳାପି, ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କର ପରଲୋକରେ ସାରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡ ପୁଅ ବିକ୍ରମ ସାହୁ ମୁଖାଗ୍ନି ଦେଇଥିଲେ। ମୃତ୍ୟୁ ସମୟରେ ପରିବାର ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ସାନପୁଅ କେଶବ ସାହୁ, ରମେଶ ସାହୁ, ମଦନ ସାହୁ, ପ୍ରଭାତ ସାହୁ, ନାତି ଶିବାନୀ କୁମାର, ଭବାନୀ ସାହୁ, ଦେବନି ସାହୁଙ୍କ ସମେତ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ।

# ହୁତୁ ହୁତୁ ହୋଇ ଜଳିଗଲା ଦୁଇଟି ଗାଡ଼ି



ରାୟଗଡା, (ଭାସ୍କର ନ୍ୟୁଜ୍): ମା ମଝିଘରିଆଣି ମନ୍ଦିର ନିକଟ ଝଞ୍ଜାବତୀ ପୋଲ ଉପରେ ଏକ କୋଇଲା ବୋଝେଇ ଟ୍ରକ ସହ ଏକ ପିକପ ଭ୍ୟାନ ଧକ୍କା ହେବା ଫଳରେ ଦୁଇଟି ଗାଡି ହୁତୁ ହୁତୁ ହୋଇ ଜଳିଯାଇଥିବାବେଳେ ଦୁଇଟି ଗାଡିର ଡ୍ରାଇଭରଙ୍କ କିଛି ହୋଇ ନଥିବା ବେଳେ ମେକ୍ସ-ପିକଅପ ଗାଡିର ହେଲ୍ପର ସାମାନ୍ୟ ଆହତ ହୋଇଛନ୍ତି। ଘଟଣାରୁ ପ୍ରକାଶ ମେକ୍ସ-ପିକଅପ ଗାଡିର ମରାମତି କରିବା ପାଇଁ ଅତଡା ଗ୍ରାମରୁ ରାୟଗଡା ଆସୁଥିବା ସମୟରେ ଆନ୍ଧ୍ର ପଟୁ ଆସୁଥିବା କୋଇଲା ବୋଝେଇ ୧୬ ଚକିଆ ଟ୍ରକଟି ମଝିଘରିଆଣି ମନ୍ଦିର ନିକଟ ଝଞ୍ଜାବତୀ ନଦୀ ପୋଲ ଉପରେ ମେକ୍ସ-ପିକଅପ ଗାଡିର ପଛପଟୁ ଧକ୍କା ଦେଇଥିଲା। ଯାହାଫଳରେ ମେକ୍ସ-ପିକଅପ ଗାଡି ସହ କୋଇଲା ବୋଝେଇ ଟ୍ରକଟି ସମ୍ପୂର୍ଣ୍ଣ ପୋଡିଯାଇଥିବା ବେଳେ ଦୁଇଟି ଗାଡିର ଡ୍ରାଇଭର ଗାଡିରୁ ଡେଇଁ ପଡିବାରୁ ସେମାନେ ବର୍ତ୍ତିଯାଇଥିବା ବେଳେ ମେକ୍ସ-ପିକଅପ ଗାଡିର ହେଲ୍ପର ସାମାନ୍ୟ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ କର୍ମଚାରୀ ଓ ପୋଲିସ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ବେଳେ ରାୟଗଡା- ଆନ୍ଧ୍ର ଯୋଗାଯୋଗ ବନ୍ଦ ରହିଥିବା ବେଳେ ରାସ୍ତାର ଦୁଇପାର୍ଶ୍ୱରେ ବହୁ ଗାଡି ଅଟକି ରହିଛି।

## ବିଜେଡି ତରଫରୁ ପ୍ରଭୁ ମହାବିନାୟକ ନିକଟରେ ଦୀପ ପ୍ରଜ୍ୱଳନ

ବଡ଼ଚଣା, (ଭାସ୍କର ନ୍ୟୁଜ୍): ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବିଗତ କୋଡ଼ିଏ ତାରିଖରେ ଅସ୍ତ୍ରୋପଚାର ପାଇଁ ମୁମ୍ବାଇ ର ଏକ ଘରୋଇ ହସ୍ପିଟାଲକୁ ଯାଇଥିବା ବେଳେ ରାଜ୍ୟ ବାସୀ ତାଙ୍କ ଆଶୁ ଆରୋଗ୍ୟ କାମନା ପାଇଁ ବିଭିନ୍ନ ଦେବାଦେବୀଙ୍କ ନିକଟରେ ପୂଜାର୍ଚ୍ଚନା ଓ ପ୍ରାର୍ଥନା କରୁଥିବା ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଛି। ସେହିପରି ବଡ଼ଚଣା ବିଜେଡି ତରଫରୁ ଚଣ୍ଡୀଖୋଲ ସ୍ଥିତ ପ୍ରଭୁ ମହାବିନାୟକ ନିକଟରେ ରାଜ୍ୟବାସୀଙ୍କ ପ୍ରିୟ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା ସଫଳ ଚିକିତ୍ସା ଦୀର୍ଘାୟୁ ପାଇଁ ଦୀନ ତମାମ ପ୍ରଦୀପ ପ୍ରଜ୍ୱଳନ, ପୂଜାର୍ଚ୍ଚନା କରାଯାଇଛି। ଏହି ପରିପ୍ରେକ୍ଷୀରେ ବ୍ଲକ ବିଜେଡି ସଭାପତି ତାପସ ଚନ୍ଦ୍ର ରାୟ, ଜିଲ୍ଲା ପରିଷଦର ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ଦିପ୍ତିରଞ୍ଜନ ସାମଲ ବହୁ ବିଜେଡି କର୍ମୀ ପ୍ରଭୁ ମହାବିନାୟକ ନିକଟରେ ଦୀପ ଦାନ କରିଥିଲେ।

# ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ




କରଞ୍ଜିଆ, (ଭାସ୍କର ନ୍ୟୁଜ): କରଞ୍ଜିଆ ଠାରେ ଉପଖଣ୍ଡ ଅବକାରୀ ବିଭାଗ ଦ୍ୱାରା ନିଶାଦ୍ରବ୍ୟ ତଥା ଅପମିଶ୍ରିତ ମାଦକ ଦ୍ରବ୍ୟ ବିରୋଧରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କରଞ୍ଜିଆ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଅବକାରୀ ବିଭାଗ ଓ ଶିକ୍ଷା ବିଭାଗ ମିଳିତ ଆୟୋଜନାରେ ନିଶା ନିବାରଣ ବିଷୟବସ୍ତୁକୁ ନେଇ ଉପଖଣ୍ଡ ସ୍ତରୀୟ ଜ୍ଞାନ ବିଜ୍ଞାନ, ଚିତ୍ରକଳା, ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଓଡ଼ିଶା ଆଦର୍ଶ ଆବାସିକ ବିଦ୍ୟାଳୟ ଖିଚି, କରଞ୍ଜିଆ ଓ ଦିଗଧର, ୨ ଗୋଟି ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ସମେତ ଅନ୍ୟା ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ବାରିପଦା ଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏହାସହିତ ଜନସାଧାରଣଙ୍କୁ ପାଲା, ପଥପ୍ରାନ୍ତ ନାଟକ ଜରିଆରେ ନିଶାମୁକ୍ତ ସମାଜ ଗଠନରେ ନିଜକୁ ନିୟୋଜିତ କରିବାକୁ ସଚେତନ କରାଯାଇଥିଲା। ତେଣୁ ବେଳହୁଁ ସାବଧାନ ହେଲେ ନିଜେ ଓ ନିଜ ପରିବାର ଖୁସିରେ ରହିବେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନାରେ ଅବକାରୀ ଥାନା ଅଧିକାରୀ ସଞ୍ଜୟ କୁମାର କାଣ୍ଡି ଓ ଓଆଇସି ରଶ୍ମି ରଞ୍ଜନ ନାୟକ, ଯଶିପୁର ଓଆଇସି ସୂର୍ଯ୍ୟକାନ୍ତ ମଲ୍ଲିକ ଠାକୁରମୁଣ୍ଡା ଓଆଇସି ଭାରତୀ ନାଏକ, ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଚତୁର୍ଭୁଜ ବାରିକ୍ ତଥା ବିଭାଗ ସମସ୍ତ କର୍ମଚାରୀ ଓ ସରକାରୀ ଉଚ୍ଚ ବିଦ୍ୟାଳୟ କରଞ୍ଜିଆର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ ଓ ସହଯୋଗ ପ୍ରଦାନ କରିଥିଲେ।

# କାରକୁ ସାଇଟ ଦେବାକୁ ଯାଇ ରାସ୍ତା କଡ଼କୁ ଓଲଟିଲା ଟ୍ରକ



କୋରୁକୋଣ୍ଡା, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ପୁରୁଣା ଚିମିଟାପଲ୍ଲୀ ଗ୍ରାମ ପଞ୍ଚାୟତ କତାପାଲ୍ଲୀ ଛକ ନିକଟରେ ରାସ୍ତା କଡ଼କୁ ଓଲଟିପଡିଲା ସିମେଣ୍ଟ ବୋଝେଇ ଟ୍ରକ। ପ୍ରତ୍ୟକ୍ଷଦର୍ଶୀଙ୍କ ତଥ୍ୟ ଅନୁଯାଇ ଉକ୍ତ ସିମେଣ୍ଟ ଟ୍ରକଟି ପଡୋଶୀ ରାଜ୍ୟ ତେଲେଙ୍ଗାନା ଭଦ୍ରାଚଲମ ଠାରୁ ସିମେଣ୍ଟ ଧରି ବାଲିମେଳାକୁ ଆସୁଥିବା ବେଳେ ସାମ୍ନା ପଟରୁ ଆସୁଥିବା ଏକ କାରକୁ ସାଇଟ ଦେବାକୁ ଯାଇ ରାସ୍ତା ତଳକୁ ଓଲଟି ପଡିଥିଲା। ଯେହେତୁ ଗତରାତିରୁ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଝିପି ଝିପି ବର୍ଷା ହେଉଥିଲା ତେଣୁ ରାସ୍ତା କଡରେ ମାଟି ଓଦା ଥିବା କାରଣରୁ ନିଜର ଭାରସାମ୍ୟ ହରାଇ ଓଲଟି ପଡିଥିବା କହିଛନ୍ତି ପ୍ରତ୍ୟକ୍ଷଦର୍ଶୀ। ଏଥିରେ ଟ୍ରକଚାଳକ ସାମାନ୍ୟ ଭାବେ ଆହତ ହୋଇଛନ୍ତି। ବର୍ତ୍ତମାନ ଉକ୍ତ ଦୁର୍ଘଟଣା ଗ୍ରସ୍ତ ସିମେଣ୍ଟ ବୋଝେଇ ଟ୍ରକଟିକୁ ଦୁଇଗୋଟି କ୍ରେନ ସାହାଯ୍ୟରେ ଉଦ୍ଧାର ନିମନ୍ତେ ଚେଷ୍ଟା ଜାରିରହିଥିବା ଜଣାପଡ଼ିଛି।

## ଟ୍ରାକ୍ଟର କ୍ରୟ କାରୀଙ୍କ ପାଇଁ ଲାଟେରୀ ଉଠାଣ କାର୍ଯ୍ୟକ୍ରମ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ଚାଷୀମାନଙ୍କୁ ଉତ୍ସାହିତ କରିବା ପାଇଁ ଟ୍ରାକ୍ଟର କ୍ରୟ କରିଥିବା ସମସ୍ତଙ୍କୁ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ସୋନାଲିକା ଏଣ୍ଟରପ୍ରାଇଜର୍ସ ଦ୍ୱାରା କରାଯାଇଛି। ମାଲକାନଗିରି ସଦରରେ ଥିବା ସୋନାଲିକା ଏଣ୍ଟରପ୍ରାଇଜର୍ସ ୨୦୨୪ ମସିହା ଅଗଷ୍ଟ ମାସ ଠାରୁ ୨୦୨୫ ମସିହା ମଇ ମାସ ମଧ୍ୟରେ ଟ୍ରାକ୍ଟର ବିକ୍ରୀକୁ ନେଇ ସମସ୍ତ ଚାଷୀ ମାନଙ୍କୁ ନେଇ ଏକ ଲାଟେରୀ ଉଠାଣ କାର୍ଯ୍ୟକ୍ରମ ଜୟପୁରିଆ ଗୁଡା ସୋରୁମ ଠାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ କ୍ଷେତ୍ର ପରିଚାଳକ ସୁନିତ ଦେ, ଉପ-କ୍ଷେତ୍ର ପରିଚାଳକ ଚୟନ ମୈତି ଉପସ୍ଥିତ ଥିଲେ। କ୍ଷେତ୍ର ପରିଚାଳକ ଦେ ଚାଷୀମାନଙ୍କୁ ଟ୍ରାକ୍ଟରର ଉପକାରୀତା ଓ ବିକ୍ରି ସମ୍ବନ୍ଧରେ ବୁଝାଇବା ସହ ସେମାଙ୍କ ସହ ଆଲୋଚନା ମଧ୍ୟ କରିଥିଲେ। ସମୁଦାୟ ୬୨ ଜଣ କ୍ରୟ କରିଥିବା ଚାଷୀଙ୍କୁ ବିଭିନ୍ନ ପ୍ରକାର ଟିଭି, ଫ୍ରିଜ, ଓ୍ୱାସିଂମେସିନ, ଟେବୁଲ ଫେନ, ଗ୍ରାଇଁଣ୍ଡର, ହାତଘଣ୍ଟା ଓ ସାଉଣ୍ଡ ସିଷ୍ଟମ କୁ ବାଧ୍ୟତା ମୂଳକ ଭାବେ ଦେଇ ଚାଷୀମାନଙ୍କୁ ଉତ୍ସାହିତ କରି ସମସ୍ତଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଧନଲକ୍ଷ୍ମୀ ଇଣ୍ଟରପ୍ରାଇଜର୍ସର ସମସ୍ତ କର୍ମଚାରୀ





କାର୍ଯ୍ୟକ୍ରମରେ ସହଯୋଗ କରିବା ସହ ସୋନାଲିକା କମ୍ପାନୀର କ୍ଷେତ୍ରାଧିକାରୀ ବିକାଶ ବରାଳ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ନଳରେ ଆସୁନି ପାନୀୟଜଳ, ସରପଞ୍ଚଙ୍କୁ ଘେରିଲେ ଗ୍ରାମବାସୀ

ବୋଲଗଡ଼, (ଭାସ୍କର ନ୍ୟୁଜ): ବୋଲଗଡ଼ ବ୍ଲକ ଖଙ୍ଗୁରିଆ ପଞ୍ଚାୟତ ସଦର ମହକୁମାରେ ସ୍ୱଜଳଧାରା ଯୋଜନାରେ ଗ୍ରାମବାସୀମାନଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇବା ପାଇଁ ନବେ ଦଶକରେ ହୋଇଥିବା ବ୍ୟବସ୍ଥା ଏବେ ସଂକଟରେ ପଡ଼ିଛି। କେତେକ ଗ୍ରାମବାସୀଙ୍କ ଦ୍ୱାରା ପମ୍ପହାଉସ ଠାରୁ ଜଳଯୋଗାଣ ପାଇଁ ଯାଇଥିବା ମୁଖ୍ୟ ପାଣିପାଇପରେ ବେଆଇନ ଭାବେ ଟ୍ୟାପ ସଂଯୋଗ କରି ପାଣି ନେବା ଏବଂ ଅନ୍ୟ କେତେକ ପରିବାର ଏହି ମୁଖ୍ୟ ପାଇପରୁ ପାଣି ମଟର ଲଗାଇ ପାଣି ଚୋରି କରିବା ଦ୍ୱାରା ତଳମୁଣ୍ଡରେ ଥିବା ଟ୍ୟାପ୍‌ମାନଙ୍କରେ ପାଣି ଆସୁ ନଥିବା ଅଭିଯୋଗ ହେଉଛି। ଏଥିନେଇ ଗ୍ରାମର ଅନେକ ପରିବାର ଅନ୍ୟାନ୍ୟ ସ୍ଥାନରୁ ପାଣିସଂଗ୍ରହ ପାଇଁ ଧାଡ଼ି ଲଗାଉଥିବା ବେଳେ ଏଥିନେଇ ପ୍ରାୟତଃ ଉତ୍ତେଜନା ସୃଷ୍ଟି ହେଉଥିବା ଦେଖିବାକୁ ମିଳିଛି। ଏହି ବେଆଇନ ସଂଯୋଗକାରିମାନଙ୍କ ସଂଯୋଗ କାଟିବା ପାଇଁ ସରପଞ୍ଚଙ୍କ ନିକଟରେ ଅଭିଯୋଗ ହେବା ସହ ଅନେକଥର ଗ୍ରାମସଭା ବସି ସମାଧାନ ପାଇଁ ଚେଷ୍ଟା ବିଫଳ ହୋଇଛି। ଏଥିନେଇ ପାନୀୟଜଳ ପାଇବାରୁ ବଞ୍ଚିତ ହେଇଥିବା ପରିବାର ସଦସ୍ୟମାନେ ଶନିବାର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇ ସରପଞ୍ଚ ଜଳଧର ମହାନ୍ତିଙ୍କୁ ଘେରାଉ କରିଥିଲେ। ଏହି ସମସ୍ୟାର ସମାଧାନ ପାଇଁ ବ୍ଲକ ପ୍ରଶାସନ ଓ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ମାଧ୍ୟମରେ ତଦନ୍ତ କରି ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ସହଯୋଗ କରିବାକୁ ଦାବି କରିଥିଲେ। ତେବେ ଗ୍ରାମବାସୀ ମାନେ ଆପୋଷ ବୁଝାମଣା ମାଧ୍ୟମରେ ଏହି ବେଆଇନ ସଂଯୋଗ ଓ ମଟର ଦ୍ୱାରା ପାଣିଚୋରି ରୋକିବାକୁ ସରପଞ୍ଚ ମହାନ୍ତି କହିଥିଲେ। ଏଥିନେଇ ରାତିରେ ଗ୍ରାମରେ ସଭା ଡକାଯାଇଥିବା ବେଳେ ଏହି ସମସ୍ୟା ସମାଧାନ ପାଇଁ ନିଷ୍ପତ୍ତି ନିଆଯିବ ବୋଲି ସୂଚନା ମିଳିଛି।

# ବିଶାଳ ରକ୍ତ ଦାନ ଶିବିର ଅନୁଷ୍ଠିତ

ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍): ବ୍ରଜରାଜନଗର ପୌର କଲ୍ୟାଣମଣ୍ଡପ ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନ ଉପଲକ୍ଷେ ପୂର୍ବଦିନରୁ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଯାଇଅଛି। ଏହି କାର୍ଯ୍ୟକ୍ରମ ଓଡ଼ିଶା ୟୁଥ ଏଗେନଷ୍ଟ କରପସନ ଦ୍ୱାରା ରବି ସୋନିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି ରକ୍ତଦାନ ଶିବିରରେ ୫୯ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଧାରାଣୀ ପଣ୍ଡା ଉପସ୍ଥିତ ଥିବାବେଳେ ସମ୍ମାନୀତ ଅତିଥି ଭାବେ ମୋତିଲାଲ ତନ୍ତୀ, ସୁଶ୍ରୀ ଶୁଭଶ୍ରୀ ମିଶ୍ର, ଅନିଲ କୁମାର ନାଏକ, କନ୍ହେୟା ଝା, ବ୍ରିଜେଶ ଶର୍ମା ମଞ୍ଚରେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସମାଜସେବା କ୍ଷେତ୍ରରେ ନିଜ ସମୟ ଦେଇ ସମାଜସେବା ପାଇଁ ସବୁବେଳେ ତତ୍ପରତା ଦେଖାଇ ଆସୁଥିବା ମନୋଜ କୁମାର ପୋଦାର, ବିରଞ୍ଚି ସାହୁ, ଗୋପୀନାଥ ମାଝୀ, ପଓ୍ୱନ୍ ଶର୍ମା, କିରଣ ଦାସ, ରିଶୁ ରୁଙ୍ଗଟା, ମାନସୀ ପଣ୍ଡା, ସଞ୍ଜୁଲତା ନାଏକ, ରାଜେଶ ପାଢ଼ୀ, ଉପନଚରଣ ସାହୁ, ଅନିଲ ଅଗ୍ରୱାଲ, ସୁନିତା ଇନାନି, ଭାନୁ ପ୍ରତାପ ସିଂହ, ତପନ ସ୍ୱାଇଁ, ଅକ୍ଷୟ କୁମ୍ଭାରଙ୍କୁ ଓଡ଼ିଶା ୟୁଥ୍ ଏଗେନଷ୍ଟ କରପସନ ତରଫରୁ ଉପଢୌକନ୍ ଦେଇ ସମ୍ମାନିତ କରାଯାଇଥିଲା ଓ ଓଡ଼ିଶା ୟୁଥ ଏଗେନଷ୍ଟ କରପସନ ନୂତନ ସଭ୍ୟମାନଙ୍କ ନାମ ଘୋଷଣା କରାଯାଇଥିଲା। ଜିଲ୍ଲା ସଭାପତି ରାମଜୀ ଚୌହାନ, ସାଧାରଣ ସମ୍ପାଦକ ମୁକେଶ ଠାକୁର, ଝାରସୁଗୁଡ଼ା ଟାଉନ ସଭାପତି ଚୂଡ଼ାମଣି ମେହେର (ସୋହନ), ବ୍ରଜରାଜନଗର ଟାଉନ ସଭାପତି, ନିରାକାର ରାଉତ, ଜିଲ୍ଲା ସଂଯୋଜକ ଆକାଶ ସାହା, ପଶ୍ଚିମଓଡ଼ିଶା ରାଜ୍ୟ ଉପସଭାପତି ସାହେବ ପାଶୱାନ ରାଜ୍ୟ ସଂଯୋଜକ ଘୋଷଣା କଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଅଞ୍ଚଳର ଗଣ୍ୟମାନ୍ୟ ବ୍ୟକ୍ତି ତଥା ବିଭିନ୍ନ ସଙ୍ଗଠନ ଉପସ୍ଥିତ ଥିଲେ।

## ମୋବାଇଲ ସୋ ରୁମରୁ ଟଙ୍କା ଓ ମୋବାଇଲ ଚୋରି

ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ପୀରହାଟ ବଜାରରେ ଥିବା ଶ୍ରୀକ୍ଷେତ୍ର କମ୍ୟୁନିକେଶନ ନାମକ ଏକ ମୋବାଇଲ ସୋରୁମ୍‌ରୁ ଶନିବାର ରାତିରେ ଟଙ୍କା ଓ ମୋବାଇଲ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୀରହାଟ ପୁଲିସ ୧୬୨/୨୫ରେ ଏକ ମକଦ୍ଦମା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି। ଖବର ପାଇ ଭଦ୍ରକରୁ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଆସି ଘଟଣାର ସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ପ୍ରକାଶ ଯେ, ଦକ୍ଷିଣ ଦୌଲତପୁର ଗ୍ରାମର ବିଶ୍ୱରଞ୍ଜନ ମହାନ୍ତିଙ୍କର ପୀରହାଟ ବଜାରରେ ଏକ ମୋଇଲ ସୋରୁମ୍ ଅଛି। ସେ ଦୀର୍ଘ ୭ବର୍ଷ ହେବ ସୋରୁମ ଖୋଲି ବ୍ୟବସାୟ ଚଳାଇଥିଲେ। ଶନିବାର ବିଳମ୍ବିତ ରାତିରେ କେତେକ ଦୁର୍ବୃତ୍ତ ତାଙ୍କ ସୋରୁମର କବାଟ ଭାଙ୍ଗି ବିଭିନ୍ନ କମ୍ପାନୀର ମୋବାଇଲ ସହିତ ବ୍ୟାଟେରି, ଚାର୍ଜର ଓ ଟଙ୍କା ଚୋରି କରି ନେଇଥିଲେ। ଯାହାର ଆନୁମାନିକ ମୂଲ୍ୟ ୫ଲକ୍ଷ ଟଙ୍କାରୁ ଅଧିକ ହେବ। ସୋରୁମରେ ଥିବା କ୍ୟାସ ବାକ୍ସରୁ ୫୦ହଜାର ଟଙ୍କା ଦୁର୍ବୃତ୍ତ ମାନେ ଚୋରି କରି ନେଇଥିବା ବିଶ୍ୱରଞ୍ଜନ ଅଭିଯୋଗରେ ଦର୍ଶାଇଛନ୍ତି। ସେହିଦିନ ରାତିରେ ବିଶ୍ୱରଂଜନଙ୍କ ଭାଇ ସୋରୁମର ଉପର ମହଲାରେ ଶୋଇଥିଲେ। ସେ ସକାଳୁ ସୋରୁମରୁ ଚୋରି ହୋଇଥିବା ସମ୍ପର୍କରେ ତାଙ୍କ ଭାଇ ବିଶ୍ୱରଞ୍ଜନଙ୍କୁ ଜଣାଇଥିଲେ।

# ଢେଙ୍କାନାଳରେ ଯୋଗ ଦିବସ ପାଳିତ



ଢେଙ୍କାନାଳ, (ଭାସ୍କର ନ୍ୟୁଜ): ଆନ୍ତର୍ଜାତିକ ଯୋଗ ଦିବସ ପାଳନ ଅବସରରେ ଢେଙ୍କାନାଳ ସ୍ଥିତ ପଲ୍ଲିଶ୍ରୀ ମେଳା ପଡ଼ିଆଠାରେ ଯୋଗାଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାଳ ୬ ଘଟିକା ସମୟରେ ମୁଖ୍ୟଅତିଥି ମାନ୍ୟବର ମନ୍ତ୍ରୀ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ, କୃଷ୍ଣଚନ୍ଦ୍ର ପାତ୍ର ଏବଂ ଅନ୍ୟ ସମସ୍ତ ଅତିଥି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଯୋଗ ଅଭ୍ୟାସ ଦ୍ୱାରା ନିଜ ଦେହ ଓ ମନ ସୁସ୍ଥ ରହିବା ସହିତ କୌଣସି ପ୍ରକାରର ରୋଗ ଜୀବାଣୁ ସହଜରେ ରୋଗ ସୃଷ୍ଟି କରିପାରେ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ସେ ନିଜେ ପ୍ରତିଦିନ ଯୋଗାସନ ପ୍ରାଣାୟମ କରୁଛନ୍ତି ଏବଂ ସର୍ବଦା ସୁସ୍ଥ ଅଛନ୍ତି ବୋଲି କହିଥିଲେ। ନିୟମିତ ଯୋଗ ପ୍ରାଣାୟାମ ଅଭ୍ୟାସ ଦ୍ୱାରା ବୋଧ ଶକ୍ତି ଓ ଆତ୍ମ ଜ୍ଞାନ ଉଦୟ ହୋଇଥାଏ ବୋଲି ସେ ପ୍ରକାଶ କରିଥିଲେ। ବିଶ୍ୱବାସୀଙ୍କ ପାଇଁ ଯୋଗ ପ୍ରାଣାୟାମ ଆମର ମୁନି ଋଷିମାନଙ୍କର ଏକ ଅମୂଲ୍ୟ ଦାନ ବୋଲି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ପ୍ରକାଶ କରିଥିଲେ। ପ୍ରତିଦିନ ସମସ୍ତେ ଯୋଗ ଅଭ୍ୟାସ ଓ ପ୍ରାଣାୟମ କରିବା ପାଇଁ ଶପଥଗ୍ରହଣ କରିଥିଲେ। ଏହି ଅବସରରେ ମହିମା ଯୋଗ ଓ ୱେଲନେସ୍ ଟ୍ରଷ୍ଟର ପ୍ରଶିକ୍ଷକ ଅଶ୍ୱିନୀ କୁମାର ପତି, ମୋନାଲିସା ସାହୁ, ମିନତି ମହାରାଜ, ଚିନ୍ତାମଣି ନାଥ, ବିଭୂତି ଭୂଷଣ ସାହୁ ଓ ଚିନ୍ତାମଣି ମହାନ୍ତି ଯୋଗ ଦେଇଥିବା ସମସ୍ତ ଅତିଥି, ବିଭାଗୀୟ ଅଧିକାରୀ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କୁ ଯୋଗ ଅଭ୍ୟାସ କରାଇଥିଲେ।

# ଓଡ଼ିଶା ଖଣି ନିଗମ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

କେନ୍ଦୁଝର, (ଭାସ୍କର ନ୍ୟୁଜ): ଭାରତରେ ସୃଷ୍ଟ ଯୋଗ ନାମକ ଏକ ପ୍ରାଚୀନ ଶାରୀରିକ ଅଭ୍ୟାସର ଚିରନ୍ତନ ଉପକାର ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ବିଶ୍ୱ ବ୍ୟାପୀ 'ଆନ୍ତର୍ଜାତିକ ଯୋଗ ଦିବସ'ର ପରିକଳ୍ପନା କରାଯାଇଛି। ଏହାର ମୂଳ ଉଦ୍ଦେଶ୍ୟ ହେଉଛି, ମାନସିକ ଓ ଶାରୀରିକ ସୁସ୍ଥତା ପାଇଁ ଯୋଗାଭ୍ୟାସର ଉପାଦେୟତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା। ଆଜିର ବ୍ୟସ୍ତବହୁଳ ଜୀବନଚର୍ଯ୍ୟାରେ ଏକ ଶାନ୍ତ ତଥା ଚାପମୁକ୍ତ ପରିବେଶ ପାଇଁ ଯୁଝୁଥିବା ଲୋକମାନେ ଉଭୟ ମାନସିକ ଓ ଶାରୀରିକ ସ୍ତରରେ ସୁସ୍ଥ ରହିବା ଏକାନ୍ତ ଜରୁରୀ ହୋଇପଡ଼ିଛି। ୨୦୧୪ ମସିହାରେ ମିଳିତ ଜାତିସଂଘ ସାଧାରଣ ପରିଷଦର ୬୯ତମ ଅଧିବେଶନରେ ଉଦ୍‌ବୋଧନ ଦେଇ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ପରି ଏକ ଅନନ୍ୟ ଭାରତୀୟ ପରମ୍ପରାକୁ ସମସ୍ତେ ଆପଣେଇବା ଲାଗି ଏକ ପ୍ରସ୍ତାବ ଦେଇଥିଲେ। ତା' ପରେ ଯୋଗର ଉପକାରିତା ଓ ଆବଶ୍ୟକତାକୁ ହୃଦୟଙ୍ଗମ କରି ଜାତିସଂଘର ୧୯୩ ସଦସ୍ୟ ରାଷ୍ଟ୍ର ଜୁନ୍ ୨୧ ତାରିଖରେ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରିବା ପାଇଁ ରାଜି ହୋଇଥିଲେ। ୨୦୧୫ ମସିହାରୁ ପ୍ରତି ବର୍ଷ ଯୋଗ ଦିବସ ପାଳିତ ହୋଇ ଆସୁଛି। ଯୋଗ ଦ୍ୱାରା ଏକ ସୁସ୍ଥ ଓ ନୀରୋଗ ଶରୀର ଗଠନ ପାଇଁ ଶନିବାର ଓଡିଶା ଖଣି ନିଗମ ବଡ଼ବିଲ ଆଞ୍ଚଳିକ କାର୍ଯ୍ୟାଳୟ ଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଆଞ୍ଚଳିକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ଯୋଗ ଶିବିରରେ ଆଞ୍ଚଳିକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସାମିଲ ହୋଇଥିଲେ। ଅନ୍ତର୍ଜାତୀୟ ଯୋଗ ଦିବସରେ ଯୋଗ ଗୁରୁ ରିଶଙ୍କ କୁମାର ବିଭିନ୍ନ ପ୍ରକାର ଯୋଗ ପ୍ରଶିକ୍ଷଣ କରାଇଥିଲେ। ଏହି ଅବସରରେ ଓଡ଼ିଶା ଖଣି ନିଗମ ଆଞ୍ଚଳିକ ଅଧିକାରୀ ଅବନୀକାନ୍ତ ପ୍ରଧାନ ଯୋଗ ଦେଇ ଯୋଗ ଅଭ୍ୟାସ କରିବା ଦ୍ୱାରା ସ୍ୱାସ୍ଥ୍ୟ ଆରୋଗ୍ୟ, ମାନସିକ ସୁସ୍ଥ, ଯୋଗର ବିଭିନ୍ନ ମୁଦ୍ରାର ଭିନ୍ନଭିନ୍ନ ପ୍ରଭାବ ଶରୀର ଉପରେ ପଡୁଥିବାରୁ ଏହାର ଦୈନନ୍ଦିନ ଅଭ୍ୟାସ ଦ୍ୱାରା କିପରି ନିରୋଗ ରହିହେବ ରହିବ ବୋଲି କହିଛନ୍ତି। ଏହି ଯୋଗ ଶିବିରରେ ସୁରକ୍ଷା ପ୍ରବନ୍ଧକ ସନାତନ ବେହେରା, ସିଏସଆର ପରାମର୍ଶଦାତା ନୂତନ ରାଉତ, କାର୍ମିକ ପ୍ରବନ୍ଧକ ଜଗନ୍ନାଥ ବେହେରା, ପୃଥ୍ୱୀରାଜ ପ୍ରଧାନ, ଯାଜ୍ଞସେନି ସ୍ମୃତିସୁଦ୍ଧା, ମନ୍ଦୋଦରୀ ମହାନ୍ତ ଯୋଗ ଦେଇ ଯୋଗାଭ୍ୟାସ କରିଥିବା ବେଳେ ରାଜେଶ କୁମାର ରାଉତ, ଖିରୋଦ କୁମାର ସାହୁ ଏହି ଯୋଗ ଶିବିରକୁ ପରିଚାଳନା କରିଥିଲେ

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର






କୋଇଡ଼ା, (ଭାସ୍କର ନ୍ୟୁଜ୍): ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ସାରା ଦେଶ ଓ ପୃଥିବୀରେ ଯୋଗ ଦିବସ ପାଳିତ ହେଉଛି। ଏହି ଅବସରରେ କୋଇଡା ଖଣି ମଣ୍ଡଳ ଅନ୍ତର୍ଗତ ନାରାୟଣପୋଷି ସ୍ଥିତ ଜେଏସଡବ୍ଲୁ ଖଣି ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଇଣ୍ଡିଆନ ବ୍ୟୁରୋ ଅଫ ମାଇନ୍ସର ଭୁବନେଶ୍ୱର ରିଜିଓନାଲ କଣ୍ଟ୍ରୋଲର ଅରୁଣ କୁମାର ପ୍ରଦୀପ ପ୍ରଜ୍ୱଳନ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜେଏସଡବ୍ଲୁ ଷ୍ଟିଲ୍ ଓଡ଼ିଶା ମାଇନିଂ ବିଭାଗର ମାନବ ସମ୍ବଳ ମୁଖ୍ୟ ଚିତ୍ତରଞ୍ଜନ ବାହିନୀପତି, ଫାଇନାନ୍ସ ବିଭାଗର ମୁଖ୍ୟ ଅଙ୍କୁର ଦୋକାନିଆ, ପରିବେଶ ସ୍ୱାସ୍ଥ୍ୟ ଓ ସୁରକ୍ଷା ବିଭାଗ ମୁଖ୍ୟ ବିଜୟ କୁମାର, ସିକ୍ୟୁରିଟି ବିଭାଗର ମୁଖ୍ୟ ସଞ୍ଜୀବ ଚୌଧୁରୀ ଲଜିଷ୍ଟିକ ବିଭାଗର ଜେନେରାଲ ମ୍ୟାନେଜର ସଂଗ୍ରାମ ଗଡନାୟକ ନାରାୟଣପୋଷି ଖଣି ପରିଚାଳକ ତପନ ରଥ ପ୍ରମୁଖ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆର୍ଟ ଅଫ ଲିଭିଂ ଅର୍ଗନାଇଜେସନ ଭୁବନେଶ୍ୱରରୁ ଆସିଥିବା ଯୋଗଗୁରୁ ଉପସ୍ଥିତ ଥିବା ଶତାଧିକ ଖଣି କର୍ମଚାରୀମାନଙ୍କୁ ଯୋଗଶିକ୍ଷା ପ୍ରଦାନ କରିଥିଲେ। ଏକ ସୁସ୍ଥ ସମାଜର ଗଠନ ପାଇଁ ଯୋଗ ଏକାନ୍ତ ଆବଶ୍ୟକ ଓ ଯୋଗକୁ ଦୈନନ୍ଦିନ ଜୀବନର ଅଂଶ ଭାବେ ଗ୍ରହଣ କରିବା ପାଇଁ ମୁଖ୍ୟ ଅତିଥି ଅରୁଣ କୁମାର ମତ ପ୍ରକାଶ କରିଥିଲେ। ପରିଶେଷରେ ନାରାୟଣପୋଷି ଖଣି ପରିଚାଳକ ତପନ ରଥ ଭୋଟ ଅଫ ଥ୍ୟାଙ୍କସ ପ୍ରଦାନ କରିବା ସହ କାର୍ଯ୍ୟକ୍ରମକୁ ସମାପନ କରିଥିଲେ।

## ଶୋଚନୀୟ ଅବସ୍ଥାରେ ଉଠା ଜଳସେଚନ କାର୍ଯ୍ୟାଳୟ



ଆଳି, (ଭାସ୍କର ନ୍ୟୁଜ୍): ଛାତରୁ ପ୍ଲାଷ୍ଟର ଖସୁଛି। ଅନେକ ସ୍ଥାନରେ ଲୁହା ରଡ଼ ଦେଖାଯାଉଛି। ସାମାନ୍ୟ ବର୍ଷା ହେଲେ ପାଣି ଗଳୁଛି। କେତେବେଳେ ଯେ ଅଘଟଣ ଘଟିବ ତାହା କହି ହେବନାହିଁ। ଏପରି ଅବସ୍ଥାରେ ବି ଉକ୍ତ ଅସୁରକ୍ଷିତ ଗୃହରେ ଚାଲିଛି ଆଳି ବ୍ଲକରେ ଥିବା ଉଠା ଜଳସେଚନ ବିଭାଗ ର ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ। ଆବଶ୍ୟକ ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ଉକ୍ତ କୋଠଟି ଏପରି ଶୋଚନୀୟ ହୋଇପଡିଛି। ତତକାଳୀନ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସମୟରେ ଉଠା ଜଳ ସେଚନ ନିଗମ ସ୍ଥାୟୀ ଖଣ୍ଡ କାର୍ଯ୍ୟାଳୟ ଗୃହ ଦ୍ୱାରା ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଥିଲା। ପରେ ପରେ ସେହି ସ୍ଥାୟୀ ଗୃହରେ ନିର୍ମାଣ ପରେ ଅଫିସ ଚାଲିଆସୁଥିଲା। ଏନେଇ ଉଚ୍ଚ କର୍ତ୍ତୃପକ୍ଷ ଅବଗତ ଥିଲେ ବି ମରାମତି କରାଯାଉ ନଥିବାରୁ କର୍ମଚାରୀ ଅସୁରକ୍ଷିତ ଛାତ ତଳେ ବସି କାର୍ଯ୍ୟ କରିବାକୁ ବାଧ ହେଉଛନ୍ତି। ତୁରନ୍ତ ଏହାକୁ ଭଙ୍ଗାଯାଇ ନୂତନ କୋଠା ନିର୍ମାଣ କରାଯିବାକୁ ଦାବି ହେଉଛି। ସାମାନ୍ୟ ବର୍ଷା ହେଲେ କାର୍ଯ୍ୟାଳୟର ନଥିପତ୍ର, କମ୍ପ୍ୟୁଟର ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ରଗୁଡିକୁ ଘୋଡାଇ ରଖାଯାଉଛି। ଫଳରେ କର୍ମଚାରୀ କାର୍ଯ୍ୟ କରିବାରର ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୋଠାରୁ, ବହୁ ଝରକାରୁ ଓ ଛାତର ପଲସ୍ତରା ଖସିପଡୁଛି। ସାମାନ୍ୟ ବର୍ଷା ହେବା ମାତ୍ରକେ କାର୍ଯ୍ୟାଳୟ ପରିସରରେ କୃତ୍ରିମ ପୋଖରୀ ଭଳି ପାଣି ଜମା ହେଉଥିବା ଦେଖିବାକୁ ମିଳୁଛି। ସବୁ କାନ୍ଥଗୁଡିକରେ ପାଣି ଜମି ସାନ୍ତସନ୍ତିଆ ହୋଇ ପଡିଛି। ଏହା ପୁନଃରୁଦ୍ଧାର ନ ହେବାରୁ ଦିନକୁଦିନ କୋଠାର ଅବସ୍ଥା ଖରାପ ହେବା ସହ ଛାତ ଓ ପାର୍ଶ୍ୱରେ ଲତାବୁଦା ବି ଉଠିଗଲାଣି। ରେକର୍ଡର ରୁମରେ ପାଣି ପଶିଯିବା ଭୟ ବି କର୍ମଚାରିଙ୍କୁ ଘାରିଛି। ଯେଉଁ ବାଉଣ୍ଡ୍ରିୱାଲ ଥିଲା ତାହା ଭାଙ୍ଗିଯିବା ଫଳରେ ଜମି ମାଫିଆ ମାନେ ଧୀରେ ଧୀରେ ଜମି ମାଡି ବସିଥିବା ନଜରକୁ ଆସିଛି। ଏନେଇ ଉଠା ଜଳସେଚନ ବିଭାଗର ଅଧିକାରୀ ସଞ୍ଜୟ କୁମାର ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଏ ସମସ୍ୟା ସମ୍ବନ୍ଧରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛନ୍ତି। ସେ ଏହାର ନୂତନିକାରଣ ଦିଗରେ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।

### ବଢୁଛି ମାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା

## ଗ୍ରାମାଞ୍ଚଳରେ ଇଞ୍ଜେକ୍ସନ ଫୋଡୁଛନ୍ତି ଅନଭିଜ୍ଞ ବ୍ୟକ୍ତି

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ସ୍ୱାସ୍ଥ୍ୟ ବିଭାଗର ନିଷ୍କ୍ରିୟତାର ଫାଇଦା ଉଠାଉଛନ୍ତି କ୍ୱାକ ଓ ଅନଭିଜ୍ଞ ଔଷଧ ବ୍ୟବସାୟୀ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳ ପ୍ରତ୍ୟେକ ଗ୍ରାମରେ କିଛି ଅନଭିଜ୍ଞ ବ୍ୟକ୍ତି ଫାର୍ମାସିଷ୍ଟ ପାଠ ନପଢି ଗାଁ ଛକରେ ଏକ କ୍ୟାବିନ ପକାଇ ଔଷଧ ବିକ୍ରି କରିବା ସହ ରୋଗୀଙ୍କୁ ଇଞ୍ଜେକ୍ସନ ଦେଉଛନ୍ତି। ଡକ୍ଟରଙ୍କ ଭଳି ରୋଗୀ ଚିହ୍ନଟ କରୁଛନ୍ତି। ରୋଗ ଚିହ୍ନଟ ନ ହୋଇ ରୋଗୀଙ୍କୁ ଫୋଡୁଛନ୍ତି ଇଞ୍ଜେକ୍ସନ ଓ ଦେଉଛନ୍ତି ଔଷଧ। ଏବେ ବର୍ଷାଋତୁକୁ ନେଇ ଗାଁ ଗାଁ'ରେ ଜ୍ୱର ଓ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ରୋଗୀଙ୍କୁ ଶୋଷଣ କରିବାରେ ଲାଗି ପଡିଛନ୍ତି ଗାଁ'ରେ ଥିବା ଅନଭିଜ୍ଞ ଡକ୍ଟର ଅଥବା ମେଡ଼ିସିନ ବିକ୍ରି କରୁଥିବା କ୍ୱାକ। ବଡ଼ କଥା ହେଉଛି ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ବିଭିନ୍ନ ଗ୍ରାମରେ ଔଷଧ ଦୋକାନ ଓ ଗ୍ରାମାଞ୍ଚଳରେ ଅନଭିଜ୍ଞ ବ୍ୟକ୍ତି ଓ କ୍ୱାକ ବ୍ୟବସାୟୀମାନେ ରୋଗୀଙ୍କୁ ଇଞ୍ଜେକ୍ସନ ଦେବା ଚିନ୍ତାପ୍ରକଟ କରିଛନ୍ତି। କିଛିବର୍ଷ ପୂର୍ବେ ପାଟସୁନ୍ଦର ଅଞ୍ଚଳରେ ଜଣେ ବ୍ୟକ୍ତି ଏକ ଛୋଟ ଶିଶୁକୁ ଭୁଲ୍ ଇଞ୍ଜେକ୍ସନ ଦେଇ ମାରିଦେବା ଘଟଣା ପୂର୍ବରୁ ଅସ୍ତରଙ୍ଗ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଥିଲା। ଯାହାକି ଦୁଇମାସ ତଳେ ଏସବୁ ଔଷଧ ଦୋକାନରେ ଇଞ୍ଜେକ୍ସନ ଦେବାକୁ ବନ୍ଦ କରିବା ଉପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ସମସ୍ତ ସିଡ଼ିଏମ୍ଓଙ୍କୁ ଚିଠି ଲେଖିବା ସହ ଔଷଧ ଦୋକାନଗୁଡିକରେ ଏସବୁ ଅଭ୍ୟାସ ବନ୍ଦ କରିବା ଉପରେ ନିର୍ଦ୍ଦେଶ ରହିଛି। ହେଲେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଏହି ନିର୍ଦ୍ଦେଶନାମା ଫାଇଲରେ ଚାପିହୋଇ ରହିବା ଭଳି ମନେହେଉଛି। ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଉଛି ତାଲିମପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀ ଓ ଆବଶ୍ୟକ ମେଡିକାଲ ସୁବିଧା ଥିବା ସ୍ଥାନରେ ଇଞ୍ଜେକ୍ସନ ଦେବା ଉଚିତ। ଯାହାଦ୍ୱାରା କୌଣସି ପାର୍ଶ୍ୱ ପ୍ରତିକ୍ରିୟାର ମୁକାବିଲା କରାଯାଇ ପାରିବ। ହେଲେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମାଞ୍ଚଳରେ ନିର୍ଦ୍ଦିଷ୍ଟ କିଛି ଔଷଧ ଦୋକାନରେ ଏହାର ବ୍ୟାପକ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଜନ୍ମିତ ଶିଶୁଙ୍କ ଠାରୁ ଆରମ୍ଭ କରି ବୃଦ୍ଧବୃଦ୍ଧା ଓ ଗୁରୁତର ରୋଗୀଙ୍କୁ ସତମିଛ କହି ଇଞ୍ଜେକ୍ସନ ଓ ସାଲାଇନ ଦେବା ସହ ଡାକ୍ତରଙ୍କ ବିନା ପ୍ରେସକ୍ରିପସନରେ ଆଣ୍ଟିବାୟୋଟିକ ଭଳି ଔଷଧ ଦିଆଯାଉଛି। ଫଳରେ ଅନେକ ସମୟରେ କିଛି ରୋଗୀ ଓ ଶିଶୁଙ୍କ ମୃତ୍ୟୁ ହେଉଥିବାର ନଜିର ରହିଥିବା ବେଳେ ଗୁରୁତର ହେଲେ ନିଜ ଉପରୁ ଦୋଷ ଖସାଇ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଦିଆଯାଉଛି। ବର୍ଷା ଦିନ ସତ୍ତ୍ୱେ ଗ୍ରାମାଞ୍ଚଳରେ ଜ୍ୱର ଓ ମ୍ୟାଲେରିଆ ଆକ୍ରାନ୍ତ ସଂଖ୍ୟା ବଢିବାରେ ଲାଗିଛି। ଯାହାର ଫାଇଦା ଉଠାଉଛନ୍ତି ଗ୍ରାମାଞ୍ଚଳର କ୍ୱାକ ବ୍ୟବସାୟୀ। ଅସ୍ତରଙ୍ଗ ବ୍ଲକ ଅଧୀନ ନଈଗୁଆଁ, ଆଳସାହି, ନଗର, ପୋଟଳ ଛକ, ସରିପୁର, ନୂଆଗଡ, ତାଳଦା କେନ୍ଦ୍ରାପଟି, ପାଟଳଦା, କଣମଣ ଆଦି ସ୍ଥାନମାନଙ୍କରେ ଭଡ଼ା ଘର କିମ୍ବା କ୍ୟାବିନ ପକାଇ ଅନଭିଜ୍ଞ ଡାକ୍ତର ଔଷଧ ବିକ୍ରି କରିବା ସହ ଇଞ୍ଜେକ୍ସନ ଦେବା ସହ ଲୋକଙ୍କୁ ମାତ୍ରାଧିକ ଭାବେ ଶୋଷଣ କରୁଛନ୍ତି। ସ୍ୱାସ୍ଥ୍ୟ ବିଭାଗ କିମ୍ବା ଡ୍ରଗସ କଣ୍ଟ୍ରୋଲର ବିଭାଗ ପକ୍ଷରୁ ଏମାନଙ୍କ ଉପରେ କୌଣସି ଧରପଗଡ ହେଉନଥିବା ହେତୁ ଦିନକୁଦିନ ଏହି ବ୍ୟବସାୟ ବ୍ୟାପକ ମାତ୍ରାରେ ବୃଦ୍ଧି ପାଇଚାଲିଛି। ତେଣୁ ଏ ଦିଗରେ ତୁରନ୍ତ ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

## ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ଶ୍ରାଦ୍ଧୋତ୍ସବ ପାଳିତ



ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ନାଟ୍ୟକାର ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦ ପକ୍ଷରୁ ସୁନାମଧନ୍ୟ ନାଟ୍ୟକାର ସ୍ୱର୍ଗତ ସୁଧାକରଙ୍କର ୪୩ତମ ଶ୍ରାଦ୍ଧ ବାର୍ଷିକୀ ଜନ୍ମସ୍ଥାନ ଗଡ଼୍ମାପୁର ଗ୍ରାମରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନେ ନାଟ୍ୟକାରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା ଓ ପରିଷଦର ସଭାପତି ସାହିତ୍ୟିକ ଅଲେଖ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଶେଖର ଆଚାର୍ଯ୍ୟ ପ୍ରଖ୍ୟାତ ନାଟ୍ୟକାର, ନିର୍ଦ୍ଦେଶକ ତଥା ଅଭିନେତା ସୁଧାକର ଦ୍ୱିବେଦୀଙ୍କ କାଳଜୟୀ ନାଟକ ଗୃହଲକ୍ଷ୍ମୀ, ଶପଥ ନୁହେଁ କଳଙ୍କ, ଅକାଳ ଝଡ଼, ରଘୁ ଅରକ୍ଷିତ, ଶଙ୍ଖା ଶାଢ଼ି ସିନ୍ଦୁର, ଗରିବ ଝିଅ, ବିପ୍ଳବୀର ଅପମୃତ୍ୟୁ ଓ ଚମ୍ବଲ ଡାକୁ ସମ୍ପର୍କରେ ଆଲୋକପାତ କରି ଏହି ନାଟକରେ ଥିବା ସାମାଜିକ ଚେତନା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ପୁରସ୍କାର ପ୍ରାପ୍ତ ପ୍ରାକ୍ତନ ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ରାଉତ, ସାମାଜିକ କର୍ମୀ ଗୋବିନ୍ଦ ଓଝା, ରବି ମହାନ୍ତି, ପୂର୍ବତନ ସରପଞ୍ଚ ବିଜନ ମହାପାତ୍ର, ବୈଷ୍ଣବ ଚରଣ ରାଉତ, ରବୀନ୍ଦ୍ର ନାଥ ବିଶ୍ୱାଳ, କୃତୀ ଶିକ୍ଷକ ରାଜକିଶୋର ସାହୁ, ରମାକାନ୍ତ ମିଶ୍ର, ରବୀନ୍ଦ୍ର ଦ୍ୱିବେଦୀ, ପ୍ରଦ୍ୟୁମ୍ନ କୁମାର ବିଶ୍ୱାଳ ଓ ପ୍ରଭାତ କୁମାର ଦ୍ୱିବେଦୀ ପ୍ରମୁଖ ସ୍ୱର୍ଗତ ନାଟ୍ୟକାରଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ନାଟ୍ୟକାରଙ୍କ ସୁପୁତ୍ର ପରିଷଦର ସାଧାରଣ ସମ୍ପାଦକ ସରୋଜ କୁମାର ଦ୍ୱିବେଦୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମର ପରିଚାଳନାରେ ଦିବାକର ଦ୍ୱିବେଦୀ, ମନୋଜ କୁମାର ଦ୍ୱିବେଦୀ, ଭବାନୀ ଶଙ୍କର ଦ୍ୱିବେଦୀ ସହଯୋଗ କରିଥିଲେ।

## ନବୀନଙ୍କ ଆରୋଗ୍ୟ କାମନା କରି ସମୂହ ଦୀପଦାନ

କାକଟପୁର, (ଭାସ୍କର ନ୍ୟୁଜ୍): ୨୪ବର୍ଷ ଧରି ନିଜ ଓଡିଶାର ଶାସନ ଭାର ନିଜ କାନ୍ଧରେ ଧରି, ଲୋକମାନଙ୍କ ପାଇଁ ସମର୍ପିତ ଭାବରେ କାମ କରି ଆସିଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆରୋଗ୍ୟ କାମନା କରି କାକଟପୁର ମଙ୍ଗଳା ମନ୍ଦିର ସମ୍ମୁଖରେ ଦୀପ ଦାନ କରିଛନ୍ତି ନିର୍ବାଚନମଣ୍ଡଳୀର ବହୁ ବିଜୁ କର୍ମୀ ଓ ଜନସାଧାରଣ। ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସୁସ୍ଥ ଓ ଆଶୁ ଆରୋଗ୍ୟ କାମନା କରି ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ତରଫରୁ କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳାଙ୍କ ନିକଟରେ ରବିବାର ସନ୍ଧ୍ୟାରେ ପୂଜାର୍ଚ୍ଚନା ସହ ଶତାଧିକ ନବୀନ ପ୍ରେମୀ ଓ ଜନସାଧାରଣ ଏକତ୍ରିତ ହୋଇ ଦୀପଦାନ କରି ଆରୋଗ୍ୟ କାମନା କରିଛନ୍ତି। ଏଥିରେ ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ୭ନଂ ଜୋନ ଜିଲ୍ଲାପରିଷଦ ସଂଯୁକ୍ତା ଦୀକ୍ଷିତି, କାକଟପୁର ଯୁବ ବିଜେଡି ସଭାପତି ରଞ୍ଜନ ନାୟକ, କାକଟପୁର ସରପଞ୍ଚ ଅଭୟ ସିଠ, ରୁଦ୍ର ପ୍ରସାଦ ଲେଙ୍କା, ବିଶ୍ୱଜିତି ଦାଶ ସମେତ ଶତାଧିକ ମହିଳା ଓ ପୁରୁଷ ପ୍ରମୁଖ ସାମିଲ ହୋଇଥିଲେ।

## ଇରେଡ଼ା ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଭାରତ ସରକାରଙ୍କ ନବୀନ ଓ ଅକ୍ଷୟଶକ୍ତି ମନ୍ତ୍ରଣାଳୟ ଅଧୀନରେ ଥିବା ନବରତ୍ନ କମ୍ପାନି ଭାରତୀୟ ଅକ୍ଷୟଶକ୍ତି ବିକାଶ ଏଜେନ୍ସି ଲିମିଟେଡ୍ (ଇରେଡା) ପକ୍ଷରୁ ନୂଆଦିଲ୍ଲୀର ସୁନ୍ଦର ନର୍ସରୀରେ ଅନୁଷ୍ଠିତ ୧୧ତମ ଆନ୍ତର୍ଜାତୀୟ ଯୋଗ ଦିବସରେ ପ୍ରତ୍ୟକ୍ଷ ଭାବେ ଅଂଶଗ୍ରହଣ କରାଯାଇଥିଲା। ଅକ୍ଷୟଶକ୍ତି ମନ୍ତ୍ରଣାଳୟ, ଉପଭୋକ୍ତା ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ, ଅନ୍ୟାନ୍ୟ ସିପିଏସ୍ଇ ଓ ବିଭାଗ ସହଯୋଗିତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଚଳିତବର୍ଷର ବିଷୟବସ୍ତୁ 'ଗୋଟିଏ ପୃଥିବୀ, ଗୋଟିଏ ସ୍ୱାସ୍ଥ୍ୟ ପାଇଁ ଯୋଗ' ଉପରେ ଅନୁଷ୍ଠିତ ହୋଇଥିଲା, ଯାହା ବ୍ୟକ୍ତିଗତ କଲ୍ୟାଣ ଓ ଗ୍ରହ ସ୍ୱାସ୍ଥ୍ୟର ପ୍ରସାରରେ ଯୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲା। ନବୀନ ଓ ଅକ୍ଷୟଶକ୍ତି ମନ୍ତ୍ରଣାଳୟର ସଚିବ ସନ୍ତୋଷ କୁମାର ଷଡ଼ଙ୍ଗୀ, ଉପଭୋକ୍ତା ବ୍ୟାପାର ବିଭାଗର ସଚିବ ନିଧି ଖାରେ ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗର ସଚିବ ସଞ୍ଜୀବ ଚୋପ୍ରା ଓ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଏଥିରେ ଅତିଥି ଭାବେ ଯୋଗ ଦେଇଥିଲେ। ଯୋଗ ଅଧିବେଶନରେ ଅଂଶଗ୍ରହଣକାରୀ ମନ୍ତ୍ରଣାଳୟ ଓ ସିପିଏସ୍ଇଗୁଡ଼ିକର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଭାଗ ନେଇଥିଲେ ଯାହା ପ୍ରକୃତି ସହିତ ସ୍ୱାସ୍ଥ୍ୟ, ଧ୍ୟାନ ଓ ସୌହାର୍ଦ୍ଦ୍ୟର ଦଳଗତ ଭାବକୁ ସୁଦୃଢ଼ କରୁଛି। ଇରେଡାର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ କୁମାର ଦାସ ଓ ନିର୍ଦ୍ଦେଶକ (ଫାଇନାନ୍ସ) ଡକ୍ଟର ବିଜୟ କୁମାର ମହାନ୍ତି କାର୍ଯ୍ୟକ୍ରମରେ ପ୍ରତ୍ୟକ୍ଷ ଭାବେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଦାସ ଦୈନିକ ଯୋଗାଭ୍ୟାସ ଗ୍ରହଣ କରିବା ଦ୍ୱାରା ବିଶେଷକରି ଅକ୍ଷୟଶକ୍ତି ଓ ଜନସେବା ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ନିୟୋଜିତ ହୋଇଥିବା ପେସାଦାର ମାରଙ୍କ ଶାରିରୀକ, ମାନସିକ ଓ ଆବେଗିକ କଲ୍ୟାଣର ମହତ୍ୱ ଉପରେ ଆଲୋକପାତ କରିଥିଲେ। ଦେଶ ପାଇଁ ସ୍ୱଚ୍ଛ ଓ ସବୁଜଶକ୍ତି ସମାଧାନକୁ ଆଗକୁ ବଢ଼ାଇବାର ମିସନ ସହିତ ସାମଗ୍ରିକ କଲ୍ୟାଣର ପ୍ରସାର ପ୍ରତି ଇରେଡାର ରହିଥିବା ପ୍ରତିବଦ୍ଧତାକୁ ସେ ଦୋହରାଇ ଥିଲେ।

## ବଣ୍ଡା ସମାଜର ଲକ୍ଷପତି ଦିଦିଙ୍କୁ ସ୍ୱାଗତ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ଏକବର୍ଷର ଶାସନ ପୂର୍ତ୍ତି କେନ୍ଦ୍ର ସରକାରର ଏଗାର ବର୍ଷ ଅବସରରେ ରାଜଧାନୀ ଭୁବନେଶ୍ୱର ଠାରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯଶସ୍ୱି ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେଇ ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିଥିବା ମହିଳାମାନଙ୍କୁ ସେ ପୁରସ୍କୃତ ସହିତ ସମ୍ମାନିତ କେରିଥିଲେ। ଏହି ଅବସରରେ ମାଲକାନଗିରି ଜିଲ୍ଲାର ଖଇରପୁଟ ବ୍ଲକ ଅନ୍ତର୍ଗତ କଦମଗୁଡ଼ା ଗ୍ରାମର ଆଦିମ ବଣ୍ଡା ଜନ ଜାତି ର ମହିଳା ସମାରି ଜିଗିଡିଙ୍କୁ ମଧ ପୁରସ୍କୃତ କରିବା ସହ ସମ୍ମାନିତ କେରିଥିଲେ ପ୍ରଧାନମନ୍ତ୍ରୀ।ସମାରି ଜିଗିଡି ମାଲକାନଗିରିରେ ପହଞ୍ଚିବା ପରେ ଖଇରପୁଟ ବ୍ଲକ ଅଧକ୍ଷ ବିଘ୍ନ କିର୍ଷାନି ଓ କଦମ ଗୁଡା ପଞ୍ଚାୟତ ସରପଞ୍ଚ ସୂର୍ଯ୍ୟ ନାରାୟଣ ଜିଗିଡି ସହିତ ଶହଶହ ବଣ୍ଡା ମହିଳା ଓ ପୁରୁଷମାନଙ୍କ ସହିତ ଜିଲ୍ଲାର ସମସ୍ତ ସମାଜ ଓ ବଣ୍ଡା ସମାଜ ବାଜା ବାଇଦ, ନାଚଗୀତ ସହ ଭବ୍ୟ ସ୍ୱାଗତସମ୍ବର୍ଦ୍ଧନା ଜଣାଇ ପାଛୋଟି ନେଇଥିଲେ। ଏହି ପୁରସ୍କାର ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିବାରୁ ସମସ୍ତ ସମାଜ ପକ୍ଷରୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ବ୍ଲକସ୍ତରୀୟ ଯୋଗ ଦିବସ ପାଳିତ

କଣିହାଁ, (ଭାସ୍କର ନ୍ୟୁଜ୍): କଣିହାଁ ବ୍ଲକ ଅନ୍ତର୍ଗତ ବିଜିଗୋଳ କଲ୍ୟାଣ ମଣ୍ଡପ ଠାରେ ବ୍ଲକ ସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅନ୍ତର୍ଜାତୀୟ ଯୋଗ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ 'ଏକ ପୃଥିବୀ ଏକ ସ୍ୱାସ୍ଥ୍ୟ' ନିମନ୍ତେ ଯୋଗ ନିତ୍ୟାନ୍ତ ଆବଶ୍ୟକ। ଉକ୍ତ ଦିବସରେ କଣିହାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିବିକ୍ରମ କୁମ୍ଭୁରା, ସହକାରୀ ଯନ୍ତ୍ରୀ ସଲିଳ ସ୍ୱାଇଁ, ବିଜିଗୋଳ ସରପଞ୍ଚ ରୁକ୍ମିଣୀ ପ୍ରଧାନ, ଏସଏସଭିଏମ ଦୀପଶିଖାର ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ ତ୍ରିପାଠୀ, ସ୍ୱାମୀ ନାରାୟଣ ନନ୍ଦ, ରାଷ୍ଟ୍ରିୟ ସ୍ୱୟଂ ସେବକ ସଂଘ କଣିହାଁ ମଣ୍ଡଳ ପ୍ରଭାରୀ ଲକ୍ଷ୍ମୀଧର ବିଶ୍ୱାଳ, ସ୍ୱୟଂସେବକ ସଂଘର ସଦସ୍ୟ ପବିତ୍ର ମୋହନ ସାହୁ, ଅଶୋକ ସାହୁ, ଭୁବନ ବେହେରା, ବ୍ଲକର ସମସ୍ତ କର୍ମଚାରୀ ଏବଂ ବ୍ଲକ ସ୍ତରର ବିଭିନ୍ନ ବିଭାଗର କର୍ମଚାରୀ, ଦୀପଶିଖାର ଛାତ୍ରମାନେ ଏବଂ ସ୍ୱୟଂ ସେବକ ସଂଘର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଯୋଗଦେଇ ଯୋଗ ଅଭ୍ୟାସ କରିଥିଲେ। ଯୋଗ ଗୁରୁ ବିଚିତ୍ରାନନ୍ଦ ସାହୁ ଏବଂ ସୁଶିଲ ସାହୁ ସମସ୍ତଙ୍କୁ ଯୋଗ ଅଭ୍ୟାସ କରାଇଥିଲେ।

## ଶ୍ରୀବଳଦେବଜିଉ କଳା ସଂସ୍କୃତି ପ୍ରତିଷ୍ଠାନର ବାର୍ଷିକ ଉତ୍ସବ



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ଜିଲ୍ଲାର ପ୍ରତିଷ୍ଠିତ ସାଂସ୍କୃତିକ ଶିକ୍ଷାନୁଷ୍ଠାନ ଆଇନ କଲେଜ କଲୋନୀ ସ୍ଥିତ ଶ୍ରୀବଳଦେବଜୀଉ କଳା ସଂସ୍କୃତି ପ୍ରତିଷ୍ଠାନର ତ୍ରୟୋବିଂଶତମ ବାର୍ଷିକ ଉତ୍ସବ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଆୟୋଜିତ ହୋଇଯାଇଛି। ଦିବସ ବ୍ୟାପି ଆୟୋଜିତ ଏହି ଉତ୍ସବର ଉଦ୍ଘାଟନୀ ପର୍ବ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଅଜୟ ସାମଲଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା। ଉତ୍ସବକୁ ମୁଖ୍ୟ ଅତିଥି ରୂପେ ପାଟକୁରାର ଯୁବ ବିଧାୟକ ଅରବିନ୍ଦ ମହାପାତ୍ର ଉଦ୍ଘାଟନ କରିଥିବା ବେଳେ ଡେରାବିଶ ବିଡିଓ ନମିତା ବାରିକ ମୁଖ୍ୟବକ୍ତା ଭାବେ ପୂର୍ଣ୍ଣାଙ୍ଗ ମଣିଷ ଗଠନରେ କଳା ସଂସ୍କୃତିର ଉପଯୋଗିତା ବିଷୟରେ କହିଥିଲେ। ପ୍ରାଧ୍ୟାପକ ଦିଲ୍ଲୀପ କୁମାର ମିଶ୍ର, ଅଧ୍ୟାପିକା ଜୟଶ୍ରୀ ଜେନା ଏଥିରେ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିବା ବେଳେ ସମ୍ପାଦକ ମହେନ୍ଦ୍ର କୁମାର ପଟ୍ଟନାୟକ ଅନୁଷ୍ଠାନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରାଧ୍ୟାପକ ମୋହନ ଜେନାଙ୍କ ଚତୁର୍ଦ୍ଦଶ ପୁସ୍ତକ 'ମୋହନ ବଂଶୀ' ଉନ୍ମୋଚିତ ହୋଇଥିଲା। ପରେ ପରେ ଓଡିଶୀ ନାଚ, ଓଡିଶୀ ସଂଗୀତ, ତବଲା ବାଦନ, ଚିତ୍ରକଳା, ବକ୍ତୃତା ଆଦି ବିଭାଗରେ ଜିଲ୍ଲାର ବିଭିନ୍ନ କଳା ସଂସ୍କୃତି ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାକୁ ସଂଗୀତଜ୍ଞ ରାଜେନ୍ଦ୍ର କୁମାର ସ୍ୱାଇଁ, ପ୍ରାଧ୍ୟାପକ ପ୍ରଭାକର ମଲ୍ଲିକ, ନୃତ୍ୟଗୁରୁ ଜୟଶ୍ରୀ ଦାସ, ନୃସିଂହ ଚରଣ ମହାରଣା, ରଞ୍ଜନ କୁମାର ସାହୁ ପ୍ରମୁଖ ମୂଲ୍ୟାୟନ କରିଥିଲେ। ଅପରାହ୍ଣରେ ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ପ୍ରାଧ୍ୟାପକ ମୋହନ ଚରଣ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ଓଡିଶୀ ନୃତ୍ୟଗୁରୁ ରାଜଶ୍ରୀ ଚିନ୍ତକ ବେହେରା ମୁଖ୍ୟ ଅତିଥି, ସଂଗୀତ ନିର୍ଦ୍ଦେଶକ ଶରତ କୁମାର ନାୟକ ମୁଖ୍ୟବକ୍ତା ଓ ତବଲା ଗୁରୁ ସମୀରଞ୍ଜନ ଦାସ ସମ୍ମାନିତ ଅତିଥି ରୂପେ ଯୋଗଦେଇ ବ୍ୟକ୍ତି, ଗୋଷ୍ଠୀ ତଥା ଦେଶ ଦେଶ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବାରେ କଳା ସଂସ୍କୃତିର ଅମାପ ଶକ୍ତି ବିଷୟରେ ଅବତାରଣା କରିବା ସହ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ପଣ୍ଡିତ ପ୍ରତାପ ପତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମଧୁସୂଦନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମୋହନ ବଂଶୀ ନୃତ୍ୟ ନାଟିକା ପରିବେଶିତ ହୋଇଥିଲା। ଏଥିରେ ପ୍ରାଧ୍ୟାପକ ନନ୍ଦକିଶୋର ପରିଡ଼ା, ସଂଗୀତ ଗୁରୁ ରବୀନ୍ଦ୍ର ନାଥ ମିଶ୍ର, ଆଦିକନ୍ଦ ରାଉଳ, ଆକାଶ ନାୟକ, ଅରବିନ୍ଦ ମିଶ୍ର, ରାମକୃଷ୍ଣ ଦାଶ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ରବୀନ୍ଦ୍ର ପାତ୍ର, ପ୍ରଦୀପ ପରିଡା, ଦୀପକ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ରାୟଗଡ଼ା ସହରର ବିଭିନ୍ନ ହୋଟେଲ ଉପରେ ଚଢ଼ାଉ



ରାୟଗଡା, (ଭାସ୍କର ନ୍ୟୁଜ୍): ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ନିର୍ଦ୍ଦେଶକ୍ରମେ ଉପ ଜିଲ୍ଲାପାଳ ରମେଶ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାୟଗଡା ସହରର ବିଭିନ୍ନ ହୋଟେଲ ମାନଙ୍କରେ ଅଚାନକ ଚଢାଉ କରାଯାଇଥିଲା। ହୋଟେଲର ପରିଷ୍କାର ପରିଚ୍ଛନ୍ନତା, ଖାଦ୍ୟ ପଦାର୍ଥର ମାନ ଇତ୍ୟାଦି ତନଖି କରାଯାଇଥିଲା। ଏହିକ୍ରମରେ ରାୟଗଡ଼ ରେଳ ଷ୍ଟେସନ୍ ନିକଟରେ ଥିବା ୨୪ x ୭ ରେଷ୍ଟୁରାଣ୍ଟରେ ଚଢାଉ କରାଯାଇଥିଲା। ଏହି ହୋଟେଲର ଖାଦ୍ୟ ନିମ୍ନମାନର ଏବଂ ଅସ୍ୱାସ୍ଥ୍ୟକର ପରିବେଶ ଦେଖିବାକୁ ମିଳିଥିଲା। ତଦନ୍ତ ସମୟରେ ୩ ଟି ଘରୋଇ ସିଲିଣ୍ଡର ଜବତ କରାଯାଇଥିଲା। ଜୋରିମାନା ବାବଦରେ ୫୦୦୦୦ଟଙ୍କା ରୁଜୁ କରିଯାଇ ଥିଲା। ଏହାପରେ ହୋଟେଲ କୈଳାଶ, ରାୟଗଡାରେ ମଧ ଚଢାଉ କରାଯାଇଥିଲା। ସେହି ହୋଟେଲରେ ୫ଗୋଟି ଘରୋଇ ସିଲିଣ୍ଡର ଜବତ କରାଯାଇଥିଲା ଏବଂ ଅସ୍ୱାସ୍ଥ୍ୟକର ପରିବେଶ, ବହୁ ପରିମାଣର ଖାଦ୍ୟରେ ମିଶାଇବା ରଙ୍ଗ, ଚାଇନା ସାଲ୍ଟ ଦେଖିବାକୁ ମିଳିଥିଲା। ଜୋରିମାନା ବାବଦରେ ୫୦୦୦୦ ଟଙ୍କା ରୁଜୁ କରିଯାଇଥିଲା। ଏହା ପରେ ହୋଟେଲ ସାଇ ଇଣ୍ଟର ନ୍ୟାସନାଲ ଏବଂ ବାର, ରାୟଗଡାରେ ମଧ ଚଢାଉ କରାଯାଇଥିଲା। ବାରର ଲାଇସେନ୍ସ ଏବଂ ଖାଦ୍ୟ ଲାଇସେନ୍ସ ଉପସ୍ଥାପନ କରିପାରି ନଥିଲେ। ଜୋରିମାନା ବାବଦରେ ୫୦୦୦୦ ଟଙ୍କା ରୁଜୁ କରିଯାଇଥିଲା। ଏହି ଚଢାଉ ସମୟରେ ଏସିଏସ୍ଓ, ସୁହାନ୍ସ ଭୋଇ ଫୁଡ୍ ଇନ୍ସପେକ୍ଟର ଜ୍ୟୋତି ପ୍ରକାଶ ସୋରେନ, ସାନିଟାରୀ ଏକ୍ସପର୍ଟ ବିନୟ ବିକ୍ରମ ପରିଛା, ପୋଲିସ ଏବଂ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ହୋଟେଲର ମାଲିକ ମାନଙ୍କୁ ସ୍ୱାସ୍ଥ୍ୟକର ଏବଂ ଉନ୍ନତମାନର ଖାଦ୍ୟ ପରଶିବା ପାଇଁ ଉପ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

## କୃଷି ବିଭାଗ ଓ ବିହନ ବିକ୍ରେତାଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଚାଷୀ ହନ୍ତସନ୍ତ!




ଉମରକୋଟ, (ଭାସ୍କର ନ୍ୟୁଜ୍): ଚାଷ ପ୍ରାରମ୍ଭରେ ଜିଲ୍ଲା କୃଷି ବିଭାଗ ତତ୍ପରତା ଦେଖାଇ କିଛି ବିହନ ଓ ସାର ଦୋକାନକୁ ସିଲ କରିଥିବା ଦେଖିବାକୁ ମିଳିଥିଲା। ଯାହାଫଳରେ ବ୍ୟବସାୟୀଙ୍କ ମନରେ କୁକୁଆ ଭୟ ଲାଗି ରହିଥିଲା। କିନ୍ତୁ ଧୀରେ ଧୀରେ କିଛି କୃଷି ବିଭାଗୀୟ ଅଧିକାରୀ ଓ ବିହନ ଓ ସାର ଦୋକାନୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଦିନ ଦହାଡେ ରାସ୍ତା ଉପରେ ଅଣସ୍ୱୀକୃତି ପ୍ରାପ୍ତ ମକା ଓ ଧାନ ବିହନ ଖୁଲମ ଖୁଲା ବିକ୍ରୟ କରୁଥିବା ଦେଖିବାକୁ ମିଳିଛି। ସେହିଭଳି କିଛି ଦୋକାନୀ ନିଜକୁ ସରକାରୀ ଦୋକାନ କହି ଅଣସ୍ୱୀକୃତି ପ୍ରାପ୍ତ ବିହନ ବିକ୍ରୟ କରୁଥିବା ଦେଖିବାକୁ ମିଳିଛି। ଏ ବିଷୟରେ କୃଷି ବିଭାଗୀୟ ଅଧିକାରୀଙ୍କୁ ଜଣେଇଲେ ଆମେ କ'ଣ କରିପାରିବୁ, ସରକାର ସେମାନଙ୍କୁ ଲାଇସେନ୍ସ ଦେଇଛି ସେମାନେ କ'ଣ ବିକ୍ରୟ କରିବେ ଆମେ କଣ କହିବୁ ବୋଲି କହୁଛନ୍ତି। ଏହି ନବରଙ୍ଗୀ ତଥା ଓରମାସ ନାମକ ଦୋକାନଟି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅଧୀନରେ ଥିବା ଅଧିକାରୀଗୁଡା ନିକଟରେ ରହିଛି। ଉକ୍ତ ଦୋକାନରେ ଥିବା କର୍ମଚାରୀ ଆମକୁ ସରକାର ସ୍ୱୀକୃତି ଦେଇଛି ଏବଂ ଆମେ ସରକାରୀ ଦୋକାନ ଖୋଲିଛୁ ବୋଲି କହନ୍ତି। ସେପଟେ କୃଷି ବିଭାଗ ସ୍ୱୀକୃତି ପ୍ରାପ୍ତ ବିହନର କୌଣସି ତଥ୍ୟ ପ୍ରଦାନ କରିପାରୁ ନାହିଁ। ଏହି ଦୋକାନର ମୁଖ୍ୟ ଅଫିସ ବ୍ଲକ ପରିସରରେ ରହିଛି। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ କୃଷି ବିଭାଗ ଓ କିଛି ଦୋକାନୀଙ୍କ ମିଳିତ ମଧୁଚନ୍ଦ୍ରିକାରେ ଚାଷୀ ହନ୍ତସନ୍ତ ହେଉଛନ୍ତି। ବିଭାଗୀୟ ଅଧିକାରୀ ଓ ଦୋକାନୀ ବିହନ ବିକ୍ରୟ କରି ମାଲାମାଲ ହେଉଥିବା ବେଳେ ଯଦି ଚାଷୀର ଠିକ ପରିମାଣରେ ଅମଳ ନ ହୁଏ ତେବେ ଚାଷୀ ଆତ୍ମହତ୍ୟା ମଧ କରୁଥିବା ଦେଖିବାକୁ ମିଳିଛି ଏହାର ଦାୟୀ କିଏ ରହିବ।

## ନବୀନଙ୍କ ଆଶୁ ଆରୋଗ୍ୟ ପାଇଁ ସମୂହ ଦୀପଦାନ

ଆଳି, (ଭାସ୍କର ନ୍ୟୁଜ୍): ଓଡ଼ିଶାର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଶାରୀରିକ ଅସୁସ୍ଥତା କାରଣରୁ ଚିକିତ୍ସା ପାଇଁ ମୁମ୍ବାଇ ସ୍ଥିତ ଧିରୁଭାଇ ଅମ୍ବାନୀ ହସ୍ପିଟାଲକୁ ଯାଇଥିଲେ। ତାଙ୍କର ଆଶୁ ଆରୋଗ୍ୟ କାମନା କରି ଆଳି ବ୍ଲକ ବଡାମ୍ବିଳା ପଞ୍ଚାୟତର କଳଦିଆ ସ୍ଥିତ ସିଦ୍ଧ ମହାପୁରୁଷ ଗୁରୁମହାରାଜ ମଠ ଠାରେ ଏକ ସମୂହ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ବିଜେଡ଼ି ନେତା ପ୍ରଦ୍ୟୁମ୍ନ ଦାଶଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ଭରତ ଚରଣ ସେଠି, ଭୁବନାନନ୍ଦ ଦାଶ, ସୁନାକାର ବେହେରା, ବାବାଜୀ ମୁଦୁଲି, ଶରତ ମହାନ୍ତି, ବାବାଜୀ ପାତ୍ର, ଚକ୍ରଧର ପଣ୍ଡା, ସଞ୍ଜୟ ମହାନ୍ତି ଓ ରାଜେନ୍ଦ୍ର ସ୍ୱାଇଁଙ୍କ ସମେତ ଶତାଧିକ ବିଜୁ ଜନତା ଦଳର କର୍ମକର୍ତ୍ତାଙ୍କ ସହ ନବୀନ ପଟ୍ଟନାୟକଙ୍କୁ ଭଲପାଉଥିବା ଆବାଳ ବୃଦ୍ଧ ବନିତା ସମର୍ଥକମାନେ ଉପସ୍ଥିତ ରହି ସମୂହ ଦୀପଦାନ କରିଥିଲେ।

## ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ



ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ଶନିବାର ଶ୍ରୀ ଜଗନ୍ନାଥ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଆନ୍ତର୍ଜାତୀୟ ଯୋଗ ଦିବସ ମହା ଆଡମ୍ବରରେ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧକ୍ଷା ମାମିରାଣୀ ମହାନ୍ତି ପୌରାହିତ୍ୟ କରିଥିବା ବେଳେ ଏନଏସଏସର ସଂଯୋଜିକା ସୁରତୀ ଦେ ପରିଚାଳନା କରିଥିଲେ। ଅବସରପ୍ରାପ୍ତ ଅଧକ୍ଷା ରାଜଶ୍ରୀ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧକ୍ଷା ମହାନ୍ତି ଯୋଗର ଗୁରୁତ୍ୱ ସମ୍ପର୍କରେ ଉଲ୍ଲେଖ କରିବାକୁ ଯାଇ ଯୋଗ ଏକ ପ୍ରାଚୀନ ଭାରତୀୟ ଅଭ୍ୟାସ, ଯାହା ମନ ଏବଂ ଶରୀର ମଧ୍ୟରେ ସମନ୍ୱୟ ରକ୍ଷାକରେ ବୋଲି କହିଥିଲେ। ପୂର୍ବତନ ଅଧକ୍ଷା ପାଣିଗ୍ରାହୀ ଆଧୁନିକ ଯୁଗରେ ସମସ୍ତଙ୍କ ପାଇଁ ଯୋଗର ଆବଶ୍ୟକତା ଓ ଗୁରୁତ୍ୱ ସମ୍ପର୍କରେ ଛାତ୍ରୀମାନଙ୍କୁ ସବିଶେଷ ବଖାଣି ଥିଲେ। ଯୋଗ ଶିକ୍ଷିକା ଅବସରପ୍ରାପ୍ତ ଅର୍ଥନୀତି ଅଧ୍ୟାପିକା ଇନ୍ଦୁମତୀ ଗିରି ଛାତ୍ରୀମାନଙ୍କୁ ଯୋଗଶିକ୍ଷା ଦେଇଥିଲେ। ପିଲାମାନେ ୪୫ ମିନିଟ ବ୍ୟାପି ଯୋଗାଭ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ ଅର୍ଥନୀତି ଅଧ୍ୟାପକ ଅନନ୍ତ କୁମାର ଦାସ ଓ ସାମ୍ବାଦିକ ସୁକୁମାର ରଣା ଯୋଗ ଦେଇଥିଲେ। ଶେଷରେ ଗୃହ ବିଜ୍ଞାନର ଅଧ୍ୟାପିକା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଅଣ ଶିକ୍ଷକ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଯୁବ ସମାଜସେବୀଙ୍କ ପରଲୋକ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଛୁରିଆନା ପଞ୍ଚାୟତ ଆଇଁସିଣିଆଁ ଗ୍ରାମର ଯୁବ ସଂଗଠକ ଶ୍ରୀଯୁକ୍ତ ତପନ ସ୍ୱାଇଁଙ୍କ ୫୫ବର୍ଷ ବୟସରେ ଶନିବାର ପରଲୋକ ହୋଇଯାଇଛି। ସେ ଜଣେ ସ୍ନେହୀ ମିଷ୍ଟଭାଷୀ ସମାଜସେବୀ ଭାବରେ ଜଣାଶୁଣା। ତାଙ୍କ ମୃତ୍ୟୁ ଖବର ପାଇ ସ୍ୱାସ୍ଥ୍ୟ କେନ୍ଦ୍ରରେ ପୁରୀ ଜିଲ୍ଲା ପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ ଓ ପୂର୍ବତନ ସରପଞ୍ଚ ଭୀମସେନ ସ୍ୱାଇଁ ଯାଇ ଶେଷଦର୍ଶନ କରିଥିଲେ। ଅସ୍ତରଙ୍ଗ ବ୍ଲକ କଂଗ୍ରେସ ନେତା ସୁକାନ୍ତ ମହାନ୍ତି, ଛୁରିଆନା ସରପଞ୍ଚ କ୍ଷୀରୋଦ କୁମାର କାଣ୍ଡି ତାଙ୍କ ବାସଭବନରେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇ ଥିଲେ।



# ଆମ କଳାହାଣ୍ଡି







## ଜିଲ୍ଲାସ୍ତରୀୟ ବିକାଶ ମେଳା ଉଦ୍‌ଯାପିତ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ସ୍ଥାନୀୟ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିଅମ ଭବାନୀପାଟଣା ଠାରେ ଦୀର୍ଘ ନଅ ଦିନ ଧରି ଚାଲିଥିବା ଜିଲ୍ଲାସ୍ତରୀୟ ବିକାଶ ମେଳା ଉଦ୍‌ଯାପିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମ ଉପଲକ୍ଷେ ପ୍ରତିଦିନ ସନ୍ଧ୍ୟାରେ ସାଧାରଣ ସଭା, ବିଭିନ୍ନ ବିଭାଗୀୟ ଶ୍ରୀକାନ୍ତ ଦଳେଇ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜୀବୁନ ନିଶା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲାଞ୍ଜିଗଡ ଶଯୋଗ୍ୟ ହିତାଧିକାରୀମାନଙ୍କୁ ସହାୟତା ପ୍ରଦାନ ଓ ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା । ଜିଲାପାଳ ପାଣ୍ଡ୍ୱାର ସଚିନ ପ୍ରକାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନି ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢୀ, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାଏକ, ଡି.ଡି. ପ୍ଲାନିଂ ଶ୍ରୀକାନ୍ତ ଦଳାଇ, ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ, ଶିଶୁ ସୁରକ୍ଷା ୟୁନିଟ୍ ପ୍ରୋଗ୍ରାମ ଅଧିକାରୀ ଅଂଶୁମାନ ବାବୁ ପ୍ରମୁଖ ଯୋଗ



ଦେଇଥିଲେ । ଏହି ମେଳାରେ ୬୮ ଟି ଷ୍ଟଲ ସ୍ଥାନ ପାଇଥିଲା ବେଳେ ସେଥି ମଧ୍ୟରୁ ମିଶନ ଶକ୍ତିରୁ ପାରମ୍ପରିକ ଖାଦ୍ୟ ପାଇଁ ୨୫ ଗୋଟି, ଆମ୍ବ ପ୍ରଦର୍ଶନୀ ପାଇଁ ୧୦, ସ୍ୱୟଂ ସହାୟକ ଗୋଷ୍ଠୀର ୧୨ ଏବଂ ବିଭିନ୍ନ ବିଭାଗୀୟ ପ୍ରଦର୍ଶନୀ ଷ୍ଟଲ ୧୩ ଗୋଟି ଏବଂ ପୋଲିସ, ଅଗ୍ନିଶମ ଇତ୍ୟାଦି ୮ ଗୋଟି ରହିଥିଲା । ଏହି ଜିଲ୍ଲାସ୍ତରୀୟ ବିକାଶ ମେଳାରେ ୧୭ ଲକ୍ଷ ୬୬ ହଜାର ୬୬୮ ଟଙ୍କାର ବ୍ୟବସାୟ ହୋଇଥିବା ଜଣାପଡିଛି ଏଥିରେ କଳାହାଣ୍ଡି ଜିଲାର ସ୍ୱୟଂ ସହାୟକ ଗୋଷ୍ଠୀ ଓ କୃଷି ଉତ୍ପାଦକ ସଂଗଠନ ଗୁଡିକ ଉପକୃତ ହୋଇଥିଲେ । ବିଶେଷ କରି ସୁଭଦ୍ରା ପାରମ୍ପରିକ ଖାଦ୍ୟ ମେଳାରେ ଅଧିକ ଭିଡ଼ ଦେଖିବାକୁ ମିଳିଥିଲା । ଏହି ଅବସରରେ ନୂତନ ସରକାରଙ୍କ ଏକ ବର୍ଷ ମଧ୍ୟରେ କାର୍ଯ୍ୟକାରୀ ହେଇଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଚେତନନତା ବାର୍ତ୍ତା ପ୍ରସାର ପ୍ରଚାର ନିମନ୍ତେ ଜିଲ୍ଲାର ୧୩ ଗୋଟି ବ୍ଲକରେ ବିକାଶ ବାହନ ପରିଭ୍ରମଣ କରିଥିଲା । ଜିଲାସ୍ତରୀୟ ବିକାଶ ମେଳା କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲାର ୨୧୪୨ ଜଣ ହିତାଧିକାରୀଙ୍କୁ ଅନ୍ତୋଦୟ ଗୃହ ଯୋଜନାର ୱାର୍କ ଅର୍ଡର ଦିଆଯାଇଥିବା ବେଳେ ୧୩୪୦ ଜଣଙ୍କ ଠାରୁ ଆବେଦନ ପତ୍ର ଗ୍ରହଣ କରାଯାଇଥିଲା ସେହିପରି ୪୭୩୦ ଜଣ ହିତାଧିକାରୀଙ୍କୁ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଜବ କାର୍ଡ, ୧୦୪୭ ଜଣଙ୍କୁ ନୂତନ ରାସନ୍ କାର୍ଡ ପ୍ରଦାନ କରାଯାଇଥିଲା ଓ ୧୯୪୨ ଜଣ ହିତାଧିକାରୀଙ୍କୁ ସିଏମ କିଶାନ ଓ ୧୩୦୭ ଜଣଙ୍କୁ ପିଏମ କିଶାନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲା । ୭୩୭୮ ଜଣଙ୍କୁ ବାୟୋ ବନ୍ଦନା ଯୋଜନା କାର୍ଡ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୨୬୪ଟି ବ୍ୟକ୍ତିଗତ ଏବଂ ୭୮ ଟି ସାମୂହିକ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଥିଲା । ଜିଲ୍ଲାରେ "ଏକ୍ ପେଡ୍ ମା କେ ନାମ୍" ରେ ୮୯୯୭ ଗୋଟି ଚାରା ଗଛ ମଧ୍ୟ ରୋପଣ କରାଯାଇଥିଲା । ୧୪୭୮ ଜଣ ନୂତନ ପେନସନ ହିତାଧିକାରୀଙ୍କୁ ପେନସନ ପ୍ରଦାନ କରାଯାଇଥିଲା, ଓ ୪୬୨ ଗୋଟି ଜନ୍ ଧନ୍ ଆକାଉଣ୍ଟ ଖୋଲାଯାଇଥିଲା , ୩୫୩୧ ଜଣଙ୍କର ଆଧାର କାର୍ଡ ଏନରୋଲମେଣ୍ଟ କରାଯାଇଥିଲା, ୧୯୨୫ ଟି ଇ-କେ.ୱାଇ.ସି. କରାଯାଇଥିବା ବେଳେ ୪୮୭ ଜଣଙ୍କୁ ଶ୍ରମିକ କାର୍ଡ, ୪୦୩ ଜଣଙ୍କୁ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲା ଏବଂ ୧୮୫ ଜଣଙ୍କୁ କିଶାନ କ୍ରେଡିଟ କାର୍ଡ ପ୍ରଦାନ କରାଯାଇଥିଲା । ଉଦ୍‌ଯାପନୀ ସାଂସ୍କୃତିକ ସନ୍ଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମୂଳନିବାସୀ ବହୁଜନ ସମାଜର ବିକାଶ ପାଇଁ ଦାବି

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ରାଜ୍ୟରେ ଦଳିତ, ଆଦିବାସୀ ଓ ପଛୁଆ ବର୍ଗଙ୍କ ଜନସଂଖ୍ୟା ପ୍ରାୟ ୯୪ ପ୍ରତିଶତ । ଏହି ମୂଳନିବାସୀ ବହୁଜନ ସମାଜର ବିକାଶରେ ହିଁ ଓଡିଶାର ବିକାଶ ସମ୍ଭବ । ବହୁଜନ ସମାଜର ବିକାଶ ପାଇଁ ଜନସଂଖ୍ୟା ଅନୁପାତରେ ସବୁପ୍ରକାର ସରକାରୀ ଓ ବେସରକାରୀ ଶିକ୍ଷା ଓ ନିଯୁକ୍ତିରେ ସଂରକ୍ଷଣ ଦିଆଯିବାର ଆବଶ୍ୟକତା ରହିଛି । ମେଡିକାଲ, ଇଞ୍ଜିନିୟରିଂ ଭଳି ସମସ୍ତ ବୃତ୍ତିଗତ ଶିକ୍ଷା ଓ ଉଚ୍ଚଶିକ୍ଷା କ୍ଷେତ୍ରରେ ତଥା ସମସ୍ତ ପ୍ରକାର ନିଯୁକ୍ତିରେ ପଛୁଆ ବର୍ଗ ପାଇଁ ୫୪ ପ୍ରତିଶତ, ଜନଜାତିଙ୍କ ପାଇଁ ୨୨.୫୦% ଓ ଅନୁସୂଚିତ ଜାତିଙ୍କ ପାଇଁ ୧୬.୨୫% ସ୍ଥାନ ସଂରକ୍ଷଣ ଦିଆଯିବା ସହିତ ଚଳିତ ଶିକ୍ଷାବର୍ଷରୁ ଏହାକୁ କଡାକଡି ଭାବେ ଲାଗୁ କରାଯିବାକୁ ଦାବି କରିଛି ମୂଳନିବାସୀ ବହୁଜନ ମିଳିତ ମହାସଂଘ । ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ତଥା ପ୍ରାଥମିକ ଶିକ୍ଷକ ନିଯୁକ୍ତି ଜିଲ୍ଲା ଭିତ୍ତିକ କରାଯିବା, ପୋଲିସ ବିଭାଗ ତରଫରୁ ଚାଲିଥିବା ହୋମଗାର୍ଡ଼ ନିଯୁକ୍ତିରେ ମଧ୍ୟ ପଛୁଆ, ଅନୁସୂଚିତ ଜାତି ଓ ଜନଜାତି ବର୍ଗର ପ୍ରାର୍ଥୀ ପାଇଁ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯିବା, ଚାଷୀ ଓ ଚାଷକୁ ସୁରକ୍ଷା ଦିଆଯିବା, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିଙ୍କ ଜମିକୁ ସରକାର କିଣିବା ନିଷ୍ପତ୍ତିକୁ ପ୍ରତ୍ୟାହାର କରିବା, ଦଳିତ, ଆଦିବାସୀଙ୍କ ଉପରେ ଜାତି ନିର୍ଯାତନା ବନ୍ଦ କରାଯିବା ସହିତ ନ୍ୟାୟିକ ବ୍ୟବସ୍ଥାକୁ ସୁଦୃଢ଼ କରି ପୀଡିତ ବ୍ୟକ୍ତି ଓ ପରିବାରକୁ ତ୍ୱରିତ ନ୍ୟାୟ ଓ କ୍ଷତିପୂରଣ ଦିଆଯିବା, ଜିଲ୍ଲା ମଙ୍ଗଳ ବିଭାଗ ଅଧୀନରେ ଥିବା ଆଶ୍ରମ ସ୍କୁଲଗୁଡ଼ିକରେ ୧୦% ବଦଳରେ ଅତିକମରେ ୩୦% ଅନୁସୂଚିତ ଜାତିର ଛାତ୍ରଛାତ୍ରୀଙ୍କୁ ସଂରକ୍ଷଣ ଦିଆଯିବା ଓ ରାଜ୍ୟର ସବୁ ଛାତ୍ରୀ ନିବାସକୁ ସାବିତ୍ରୀ ବାଇ ଫୁଲେଙ୍କ ନାମରେ ନାମିତ କରାଯିବା ଉପରେ ମହାସଂଘ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛି । ଆସନ୍ତା ୨୦୨୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଓ ମୁନସିପାଲଟି ନିର୍ବାଚନରେ ପଛୁଆବର୍ଗଙ୍କ ପାଇଁ ୫୪% ସ୍ଥାନ ସଂରକ୍ଷଣ ଲାଗୁ କରାଯିବା, ଏଥିପାଇଁ ରାଜ୍ୟ ବଦଳରେ ଜିଲ୍ଲାକୁ ଏକକ ଭାବେ ଗ୍ରହଣ କରାଯିବାକୁ ମଧ୍ୟ ଦାବି କରାଯାଇଛି । ସେହିପରି ପଞ୍ଚାୟତର ୱାର୍ଡ ସଭ୍ୟ/ସଭ୍ୟା, ପିଅନ, ଝାଡୁଦାର, ରାତ୍ରି ଜଗୁଆଳି, ଆଶାକର୍ମୀ, ଗାଁ ସାଥୀ, କୃଷକ ସାଥୀ, ଏସଇଏମ, ଗ୍ରାମରକ୍ଷୀଙ୍କ ଭତ୍ତା ବୃଦ୍ଧି କରାଯିବା, କଳାହାଣ୍ଡି ଜିଲ୍ଲାରେ କୃଷିଭିତ୍ତିକ ଶିଳ୍ପ ସ୍ଥାପନ କରାଯିବା ସହିତ କୃଷିଭିତ୍ତିକ ଶିଳ୍ପ ସବୁ ସ୍ଥାପନ କରି ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି ଦିଆଯିବା, ବହୁଜନ ସମାଜର ଶିକ୍ଷିତ ଯୁବକ-ଯୁବତୀଙ୍କୁ ଏଭଳି ଶିଳ୍ପ ପ୍ରତିଷ୍ଠା ପାଇଁ ସବୁ ପ୍ରକାର ସାହାଯ୍ୟ ଦିଆଯିବା ଉପରେ ଗୁରୁତ୍ୱାରୋପ କରିଛି ମହାସଂଘ । କଳାହାଣ୍ଡିର ବିଭିନ୍ନ କ୍ରସର ମାଲିକ, ପଥର, ବାଲି ଓ ଖଣି ମାଫିଆ ମାନେ ସରକାରଙ୍କ ସମସ୍ତ ଆଇନକୁ ଭୃକ୍ଷେପ ନକରି କଳାହାଣ୍ଡିକୁ ଖୋଳ କରୁଛନ୍ତି, ତେଣୁ ଜିଲ୍ଲାରେ ଚାଲୁଥିବା ସମସ୍ତ କ୍ରସର, ପଥର କ୍ୱାରୀ, ବାଲିଘାଟ ଆଦିର ପରିଚାଳନା ସ୍ୱଚ୍ଛତା ଉପରେ ଏକ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ମହାସଂଘ ତରଫରୁ ଦାବି କରାଯାଇଛି । ମହାସଂଘର ଜିଲ୍ଲା କର୍ମକର୍ତ୍ତାଙ୍କ ନେତୃତ୍ୱରେ, ମହାସଂଘର ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ରହି କଳାହାଣ୍ଡି ଜିଲ୍ଲାପାଳ ସଚିନ ପାଣ୍ଡ୍ୱାର ପ୍ରକାଶଙ୍କୁ ସାକ୍ଷାତ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ୧୦ ଦଫା ଦାବିପତ୍ର ପ୍ରଦାନ କରିଥିଲେ ।

## ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଜୁନାଗଡ଼, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକସ୍ତରୀୟ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ବ୍ଲକ ପରିସରରେ ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ଅସ୍ଥିଶଲ୍ୟ ୧୬୨, ଚକ୍ଷୁ ୫୬, କାନ ୮୭, ମାନସିକ ୬୨, ଅନ୍ୟାନ୍ୟ ୬, ସମୁଦାୟ ୩୭୩ ଜଣ ମଧ୍ୟରୁ ୨୧ ଟି ଭିନ୍ନକ୍ଷମ ପ୍ରମାଣ ପତ୍ର, ବସ୍ ପାସ୍ ୬୧, ଟ୍ରେନ ପାସ୍ ୪୩, ଘର ୪୩, ଟ୍ରାଇସାଇକଲ ୧୯, ହ୍ୱିଲଚେଆର ୪୭ ଜଣଙ୍କୁ ପ୍ରଦାନ କରାଯାଇଛି । ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷ । ସବିତା ମେହେର,ବିଡିଓ ଦେବାଶିଷ କର, ବ୍ଲକ ଉପାଧକ୍ଷ ପ୍ରମୋଦ ବେହେରା, ପୂର୍ବତନ ନଗରପାଳ ମୁକେଶ ଅଗ୍ରୱାଲ, ବିଏସଏସଓ ତୁଷାର ସାହୁଙ୍କ ସମେତ ବ୍ଲକ କର୍ମଚାରୀ ଓ ବିଭିନ୍ନ ପଂଚାୟତ ଅଞ୍ଚଳର ଶତାଧିକ ଲୋକେ ଉପସ୍ଥିତ ଥିଲେ ।

## ବିଶ୍ୱ ଯୋଗ ଦିବସ ପାଳିତ

କୋକସରା, (ଭାସ୍କର ନ୍ୟୁଜ୍) : ବିଶ୍ୱ ଯୋଗ ଦିବସ ଉପଲକ୍ଷେ କୋକସରା ବ୍ଲକ ପରିସରରେ ଶନିବାର ଯୋଗ ଦିବସ ପାଳନ ହୋଇଛି । ବିଡିଓ ଡ଼ା. ହିମାଞ୍ଚଳ ମାଝୀଙ୍କ ତତ୍ତ୍ୱାବଧାନରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଥିଲା । ଯୋଗ ଦିବସରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କୋକସରା ଖଣ୍ଡର କାର୍ଯ୍ୟବାହି ଲକ୍ଷ୍ମୀକାନ୍ତ ପଟ୍ଟନାୟକ ଓ ଆର୍‌ଏସ୍‌ଏସ୍ କୋକସରା ଖଣ୍ଡ ବୌଦ୍ଧିକ ଉତ୍ତମକୁମାର ପଣ୍ଡା ଯୋଗଦେଇ ଯୋଗ ପ୍ରଶିକ୍ଷଣ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକ ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନ, ଜିପିଡିଓ ରାଜେନ୍ଦ୍ର ପାତ୍ର, କନିଷ୍ଠ ଯନ୍ତ୍ରୀ କୀର୍ତ୍ତି ରଞ୍ଜନ ବେହେରା, ସୁକାନ୍ତ ବେହେରା,



ଅଜୟ ସେନାପତି, ସୌରବ ବେହେରା, ବ୍ଲକ ଯୋଗାଣ ନିରିକ୍ଷକ ଜଗରାମ ମୁର୍ମୁ, ସୁନୀଲ ସାହୁ, ବ୍ଲକ ହିସାବ ରକ୍ଷକ ଅଧିକାରୀ ଦିଲୀପ କୁମାର ଶବର, ପ୍ରମୁଖ ଉପସ୍ଥିତ ଥିବାବେଳେ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଲୋକଙ୍କ ସମାଗମ ହୋଇଥିଲା । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : କର୍ଲାମୁଣ୍ଡା ବ୍ଲକ ରେଗଡା ପଞ୍ଚାୟତ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଏହି ଦିବସରେ ରେଗଡା ପଞ୍ଚାୟତ ସରପଞ୍ଚ ଦୀପ୍ତିରଣୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ନାଏବ ସରପଞ୍ଚ ସନ୍ଧ୍ୟା ରାଣୀ ବାଗ, ପିଇଓ ବସନ୍ତ



ମିଶ୍ର, ଯୋଗ ଗୁରୁ ଲିବାଙ୍ଗା ବଂଚୋର, ଏଡିଇଓ, ସମସ୍ତ ୱାର୍ଡ ସଭ୍ୟ ସଭ୍ୟା ପ୍ରମୁଖ ଉପସ୍ଥିତ ରହି ଯୋଗ ହିଁ ଉତ୍ତମ ସ୍ୱାସ୍ଥ୍ୟର ମାର୍ଗ ଏବଂ ଯୋଗ ଦ୍ୱାରା ସମସ୍ତ ଶାରୀରିକ ସୁସ୍ଥତା ହୋଇ ପାରିବ ବୋଲି ପରାମର୍ଶ ଦେଇଥିଲେ ।

## ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଆରୋଗ୍ୟ କାମନା

ନର୍ଲା (ଭାସ୍କର ନ୍ୟୁଜ୍) : ବିଜେଡି ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା ପାଇଁ ସମୂହ ପୂଜାର୍ଚ୍ଚନା ଚାଲିଛି । କିଛି ଦିନ ହେଲା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନଙ୍କ ଦେହ ଅସୁସ୍ଥ ଥିବାରୁ ଚିକିତ୍ସା ପାଇଁ ମୁମ୍ବାଇ ଯାଇଛନ୍ତି ।ତାଙ୍କ ଆଶୁ ଆରୋଗ୍ୟ କାମନା ପାଇଁ ସାରା ରାଜ୍ୟରେ ବିଜେଡି ନେତା, କର୍ମୀ ଓ ଓଡ଼ିଶାର ଅଗଣିତ ବିଜେଡି ପ୍ରେମୀ ବିଭିନ୍ନ



ମଠ ମନ୍ଦିରକୁ ଯାଇ ଶ୍ରୀ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା ଉଦ୍ଦେଶ୍ୟରେ ପୂଜା ଅର୍ଚ୍ଚନା କରୁଥିବା ବେଳେ ଆଜି କଳାହାଣ୍ଡି ଜିଲ୍ଲା ନର୍ଲା ସହରରେ ଥିବା ବଳଭଦ୍ରେଶ୍ୱର ଶିବ ମହାଦେବଙ୍କ ପାଖରେ ନର୍ଲା ବିଜେଡି ପକ୍ଷରୁ ମଧ୍ୟ ସମୂହ ପୂଜାର୍ଚ୍ଚନା ସହିତ ଦୀପ ପ୍ରଜ୍ୱଳନ କରାଯାଇଛି । ନର୍ଲା ବିଧାୟିକା ମନୋରମା ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ଉକ୍ତ ସମୂହ ପୂଜନୋତ୍ସବରେ ନର୍ଲା ବିଜେଡି ତ୍ରିଲୋଚନ୍ ଗଉଡିଆ, ଘାସି ରାମ୍ ସାହୁ, ଦେବାଶିଷ ପଟ୍ଟନାୟକ, ଲକ୍ଷ୍ମଣ ମାଝୀ, କିଶୋର୍ ମାଝୀ, ପୂର୍ଣ୍ଣ ଚନ୍ଦ୍ର ପୁଝାରୀ, ଅନିରୁଦ୍ଧ ବାଗ୍, ରୋହିତ୍ ମାଝୀ,ପ୍ରିୟବ୍ରତ ଚାନ୍ଦ, ବିଷ୍ଣୁ ବିଶ୍ୱାଳ, ଶଙ୍ଖନିଧି ଗଉଡିଆ, ଅଜିତ୍ ପଟ୍ଟନାୟକ, ପଙ୍କଜିନି ନାଏକଙ୍କ ସହିତ ମା ମାଣିକେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠ ମହିଳା ଓ ଶତାଧିକ ନବୀନ୍ ପ୍ରେମୀ ଉପସ୍ଥିତ ରହି ପୂଜକ ପ୍ରଭୋବ୍ ଚାନ୍ଦଙ୍କ ହାତରେ ପୂଜା କରାଇ ଶ୍ରୀଯୁକ୍ତ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

## ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଯୋଗ ଦିବସ ସ୍ଥାନୀୟ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ ଠାରେ ୨୧ ତାରିଖ ଶନିବାର ଦିନ ପାଳିତ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ସାମୂହିକ ଯୋଗାଭ୍ୟାସରେ ଜିଲ୍ଲାପାଳ କଳାହାଣ୍ଡି ପାଣ୍ଡ୍ୱାର ସଚିନ ପ୍ରକାଶ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢୀ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ (ପ୍ରୋବେସନ୍) ଅନିମେଷ ପ୍ରଧାନ, ଉପଜିଲ୍ଲାପାଳ ଭବାନୀପାଟଣା, ପ୍ରଭାତ କୁମାର ପରିଡା, ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାଏକ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି ଜୟଶଙ୍କର ନାଏକ, ବି.ଜେ.ପି. ଜିଲ୍ଲା ସଭାପତି ଯୁଗଳ କିଶୋର ପୋଢ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ତହସିଲଦାର କଳାହାଣ୍ଡି ଶୁଭସ୍ମିତା ମିଶ୍ର, ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ,



ନିର୍ବାହୀ ଅଧିକାରୀ ଭବାନୀପାଟଣା ପୌରପାଳିକା, ପ୍ରତୀକ ରଥ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂ ରାଉତଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ, ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା, ଶିକ୍ଷା ଅନୁଷ୍ଠାନର ଛାତ୍ରଛାତ୍ରୀ, ସହରର ବୁଦ୍ଧିଜୀବୀ, ଗଣମଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ । ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ତଥା ଯୋଗ ଗୁରୁ ଡା. ନିହାରେନ୍ଦ୍ର ପଣ୍ଡା ସମସ୍ତଙ୍କୁ ଯୋଗ ଶିକ୍ଷା ଦେଇଥିଲେ ଏବଂ ଶାରୀରିକ, ମାନସିକ ଏବଂ ଆଧାତ୍ମିକ ସୁସ୍ଥତା ପାଇଁ ଯୋଗର ଉପକାରିତା ବିଷୟରେ ସାମୂହିକ ଶପଥ ପାଠ କରାଇଥିଲେ । ଏହି ଶିବିରରେ ଦୈନନ୍ଦିନ ଜୀବନରେ ନିଜକୁ ସୁସ୍ଥ ଓ ସବଳ ରଖିବାକୁ ହେଲେ ସମସ୍ତେ ଯୋଗଭ୍ୟାସ କରି ସୁସ୍ଥ ରହିବା ସହିତ ଦୀର୍ଘାୟୁ ହେବା ପାଇଁ ଜିଲ୍ଲାପାଳ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ ।

## ବୃକ୍ଷରୋପଣ ସହିତ ଯୋଗ ଦିବସ ପାଳିତ

କେସିଙ୍ଗା, (ଭାସ୍କର ନ୍ୟୁଜ୍) : 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ' ମୂଳମନ୍ତ୍ରକୁ ଧ୍ୟେୟ କରି କଳାହାଣ୍ଡି ଜିଲ୍ଲାର କେସିଙ୍ଗା ସହରରେ ଏନ୍‌ଏସି, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଓ ଲିଟିଲ ଏଞ୍ଜେଲ ସ୍କୁଲରେ ୧୧ତମ ଆନ୍ତର୍ଜାତିକ ଯୋଗ ଦିବସ-୨୦୨୫ ସ୍ଥିରୀକୃତ ନିର୍ଦ୍ଦେଶାବଳୀ ଅନୁସାରେ ଆୟୋଜିତ ହୋଇଯାଇଛି । ସ୍ଥାନୀୟ ବିଜୁ ପଟ୍ଟନାୟକ ଖେଳ ଭବନ ପରିସରରେ ଆନ୍ତର୍ଜାତୀୟ ଯୋଗ ଦିବସ -୨୦୨୫ ଏନ୍‌ଏସି ତରଫରୁ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ୬ଟାରୁ ନାମ ପଞ୍ଜିକରଣ କରାଯିବା ପରେ ୭ଟାରୁ ୮ଟା ଯାଏଁ ଯୋଗାଭ୍ୟାସ କରାଯାଇଥିଲା । ଏହି ଅବସରର କେସିଙ୍ଗା ଏନଏସି ପକ୍ଷରୁ ୧୧ଟା ବେଳେ







ଡୁମେରମୁଣ୍ଡା ସ୍ଥିତ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ ଓ ୧୨. ୩୦ରେ କୁର୍ଲୁପଡା ସ୍ଥିତ ନୂତନ ବସଷ୍ଟାଣ୍ଡଠାରେ ପ୍ରାୟ ୧୦୦ଟି ବୃକ୍ଷରୋପଣ କରାଯାଇଥିବା ଏନ୍‌ଏସି ସୂତ୍ରରୁ ପ୍ରକାଶ । ଏନ୍‌ଏସି ଅଧକ୍ଷ ନୃପରାଜ ଯାଦବ, ଉପାଧାକ୍ଷା ସରସ୍ୱତୀ ସାହା ବର୍ଜ୍ୟବସ୍ତୁ ପ୍ଲାଣ୍ଟ ଓ ନୂତନ ବସଷ୍ଟାଣ୍ଡ ଠାରେ ବୃକ୍ଷରୋପଣ କରିଥିବା ବେଳେ ଏନଏସିର ଉପସ୍ଥିତ କର୍ମଚାରୀ ଓ ଠିକାଦାରମାନେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥଲେ । ଏଥିସହିତ ସେଠାରେ ଉପସ୍ଥିତ ଥିବା ଗଣମାଧ୍ୟମ ପ୍ରତିନିଧି ମାନେ ମଧ୍ୟ ବୃକ୍ଷରୋପଣ କରିଥିଲେ । ଆଜି ୧୦୦ଟି ବୃକ୍ଷରୋପଣ କରାଯାଇଥିଲା ବେଳେ ପର୍ଯ୍ୟାୟକ୍ରମେ ଆହୁରି ୪୦୦ଟି ବୃକ୍ଷରୋପଣ କରାଯିବାର କାର୍ଯ୍ୟକ୍ରମ ହୋଇଥିଲା ।

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ଜୁନ ୨୧ ଗ୍ରୀଷ୍ମ ସଂକ୍ରାନ୍ତିରେ ସୂର୍ଯ୍ୟ ଦକ୍ଷିଣାୟନ ମୋଡ଼ ନେଇଥାନ୍ତି, ଏହି ଦିନକୁ ଆନ୍ତର୍ଜାତିକ ଯୋଗ ଦିବସ ଭାବେ ନରେନ୍ଦ୍ର ମୋଦୀ ପ୍ରସ୍ତାବ ଦେଇ ଉପସ୍ଥାପନ କରିଥିଲେ ଯେ ଉତ୍ତର ଗୋଲାର୍ଦ୍ଧରେ ପୁରା ବର୍ଷରେ ଏହି ଦିନର ଅବଧି ବଡ଼ ହୋଇଥିବା ସହ ବିଶ୍ୱରେ ବିଭିନ୍ନ ସ୍ଥାନରେ ଏହିଦିନର ମହତ୍ୱ ଅଛି । ଏହି ଅବସରରେ ଗୋଲାମୁଣ୍ଡା ପଞ୍ଚାୟତ ସମିତି ସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ଗୋଲାମୁଣ୍ଡା ସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ହୋଇଯାଇଛି । ଗୋଲାମୁଣ୍ଡା ବିଡ଼ିଓ ବିଶ୍ୱନାଥ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ, ତହସିଲଦାର ଚନ୍ଦନ କୁମାର ନାଏକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେଶ ନାୟକ, ଗୋଲାମୁଣ୍ଡା ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ତାଣ୍ଡି, ଯୋଗଗୁରୁ ସ୍ୱାମୀ ସତ୍ୟ ସ୍ୱରୂପାନନ୍ଦ ସରସ୍ୱତୀ, ସହଯୋଗୀ ଯୋଗ ଶିକ୍ଷକ ବ୍ରହ୍ମା ପ୍ରସାଦ କାଣ୍ଡ, ସମାଜ ସେବୀ ଶ୍ୟାମସୁନ୍ଦର ଅଗ୍ରୱାଲା, ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଶିକ୍ଷା ବିଭାଗ, ବ୍ଲକ, ତହସିଲ, ଆଶାକର୍ମୀ, ସ୍ୱାସ୍ଥ୍ୟ କର୍ମୀ ସହ ଅନେ ଲୋକ ଉପସ୍ଥିତରେ ଗୋଲାମୁଣ୍ଡା ବ୍ଲକ ସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି ।

## ବିଦ୍ୟୁତ୍ ଆଘାତରେ ଜୁନାଗଡ଼ ଆତ୍ମା ଅଧକ୍ଷଙ୍କ ପରଲୋକ


ଧର୍ମଗଡ (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲାର ବିଶିଷ୍ଟ ଚାଷୀ ନେତା, ପରିବେଶବିତ୍, ଅଧାପକ ତଥା ଜୁନାଗଡ଼ ଆତ୍ମାର ଅଧକ୍ଷ ଅଶୋକ ପଟ୍ଟନାୟକ (୫୫)ଙ୍କ ପରଲୋକ ହୋଇଯାଇଛି । ସେ ରବିବାର ଘରର ଛାତକୁ ଯାଇଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ପରଲୋକ ଖବର ଶୁଣି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବାବେଳେ ଅନେକ ବ୍ୟକ୍ତି ବିଶେଷ ସୋସିଆଲ ମିଡିଆରେ ପୋଷ୍ଟ କରି ଶୋକ ପ୍ରକାଶ କରିଛନ୍ତି । ଅଶୋକ 'ଆତ୍ମା'ର ଅଧକ୍ଷ ସହ ଗଛ ଲଗାଇ ପରିବେଶ ରକ୍ଷା କରୁଥିବାରୁ ତାଙ୍କୁ ପ୍ରକୃତିବନ୍ଧୁ ପୁରସ୍କାରରେ ମଧ୍ୟ ସମ୍ମାନିତ କରାଯାଇଥିଲା । ଏହାସହ ଜଣେ ଆଇନଜୀବୀ ଓ ଅଧାପକ ଭାବେ ମଧ୍ୟ ବେଶ ପରିଚିତ ରହିଥିଲେ ।

## ରାଶିଫଳ


ସୋମବାର, ୨୩ ଜୁନ୍ ୨୦୨୫



**ମେଷ:** କର୍ମକ୍ଷେତ୍ରରେ ଅଧିକାରୀଙ୍କ ସହଯୋଗ ଏବଂ ବିଶ୍ୱାସ ପାଇବେ । ପାରିବାରିକ ବ୍ୟସ୍ତତା ରହିବ । ଅପ୍ରତ୍ୟାଶିତ ଖର୍ଚ୍ଚ ହେତୁ ଟେନସନ ହେବେ । ଆଶା କରାଯାଉଥିବା କାର୍ଯ୍ୟରେ ବିଳମ୍ବ ହେବ । ବୁଦ୍ଧିମାନ ଭାବରେ କାର୍ଯ୍ୟ କରନ୍ତୁ । ପରିବାର ସହିତ ସ୍ଥାନୀୟ ଧର୍ମସ୍ଥାନକୁ ଯାତ୍ରା କରିବେ ।




**ବୃଷ:** ଲାଭ ପାଇଁ ସୁଯୋଗ ମିଳିବ । ଶତ୍ରୁ ଭୟଭୀତ ହେବେ । ଗ୍ରାହକ ବ୍ୟବସାୟରେ ଭଲ ହେବେ । କାର୍ଯ୍ୟ ଆଚରଣ, ସଙ୍କୋଚତା କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । କଠିନ ପରିଶ୍ରମ କରିବା ଲାଭଦାୟକ ହେବ । ଚିନ୍ତା ରହିବ ।




**ମିଥୁନ:** ସମ୍ମାନ ପାଇବେ । ବ୍ୟବସାୟରେ ନୂତନ ଚୁକ୍ତିନାମା ହେବ । ଏକ ନୂତନ ଯୋଜନା ପ୍ରସ୍ତୁତ ହେବ । ବକ୍ତବ୍ୟକୁ ନିୟନ୍ତ୍ରଣ କରନ୍ତୁ । ମହିଳାମାନେ କଷ୍ଟ ପାଇପାରନ୍ତି । ବିବାଦ ଠାରୁ ଦୂରେଇ ରୁହନ୍ତୁ । କାର୍ଯ୍ୟରେ ସଫଳତା, ଶତ୍ରୁମାନେ ପରାସ୍ତ ହେବେ । କାର୍ଯ୍ୟ ଚତୁରତାର ସହିତ କରନ୍ତୁ ।




**କର୍କଟ:** ମନ୍ଦିରରେ ଠାକୁରଙ୍କ ଦର୍ଶନ ସୁଯୋଗ ପାଇବେ । ଯନ୍ତ୍ର ସହିତ ଯାନ ଏବଂ ଯନ୍ତ୍ର ବ୍ୟବହାର କରନ୍ତୁ । ଧନର ସମ୍ଭାବନା । ସାଙ୍ଗମାନଙ୍କୁ ଭେଟିବେ । ବିବାଦ କରନ୍ତୁ ନାହିଁ । ଯାତ୍ରା ସଫଳ ହେବ । ବିବାଦ କରନ୍ତୁ ନାହିଁ । କାରବାରରେ ସାବଧାନ ରୁହନ୍ତୁ ।



**ସିଂହ:** ସ୍ୱାସ୍ଥ୍ୟ ଭଲ ରହିବ । ପ୍ରେମ ସଂପର୍କରେ ଦୂରେଇ ରୁହନ୍ତୁ । ଯାନ ଏବଂ ଯନ୍ତ୍ରର ବ୍ୟବହାରରେ ସାବଧାନ ରୁହ । ବିବାଦକୁ ଯାଆନ୍ତୁ ନାହିଁ । ଶତ୍ରୁମାନେ ପରାସ୍ତ ହେବେ । ଉପକୃତ ହେବେ । ଅଜ୍ଞାତ ଭୟ ଆପଣଙ୍କୁ ହନ୍ତସନ୍ତ କରିବ । ଶତ୍ରୁମାନେ ଶାନ୍ତ ରହିବେ ।




**କନ୍ୟା:** ଜୀବନ ସାଥୀଙ୍କଠାରୁ ସମର୍ଥନ ପାଇବେ । ରାଜନୈତିକ ପ୍ରତିବନ୍ଧକ ଦୂର ହେବ । ଆଖି ଯନ୍ତ୍ରଣା ହେବାର ସମ୍ଭାବନା । ଧନ ଲାଭ ହେବ । ଶତ୍ରୁ ଦ୍ୱାରା ଅସୁବିଧାରେ ପଡ଼ିବେ । ଅପମାନିତ ହେବାର ସମ୍ଭାବନା । ଦୁଃଖଦ ଖବର ସମ୍ଭାବନା । ଧନ କ୍ଷତି । ଶାରୀରିକ ଯନ୍ତ୍ରଣା ହେବ । ସ୍ୱାସ୍ଥ୍ୟ ଦୁର୍ବଳ ହେବ ।




**ତୁଳା:** ପ୍ରଗତିର ରାସ୍ତା ଖୋଲାଯିବ । କାର୍ଯ୍ୟ ପ୍ରତି ଉଦାସୀନତା ରହିବ । ଦୁଃଖଦ ଖବର ଗ୍ରହଣ କରାଯାଇପାରେ । କିଛି ଲାଭର ସମ୍ଭାବନା । ଚିନ୍ତା କମ୍ ହେବ । ସ୍ୱାସ୍ଥ୍ୟ ଦୁର୍ବଳ ହେବ । ଜମି ଏବଂ ନିର୍ମାଣ ପାଇଁ ଏକ ଯୋଜନା ପ୍ରସ୍ତୁତ ହେବ ।



**ବିଛା:** ପାର୍ଟୀ ଏବଂ ପିକନିକ୍ ଉପଭୋଗ କରାଯିବ । ଛାତ୍ର ଶ୍ରେଣୀ ସଫଳତା ହାସଲ କରିବେ । ଶତ୍ରୁ ଉପରେ ବିଜୟ । କୁସଙ୍ଗରୁ କ୍ଷତି । ଜୀବନସାଥି ପାଇବେ । କିଛି ରୋଜଗାର ହେବ । ମାତା ଯନ୍ତ୍ରଣା ଭୋଗିବେ । କାରବାରରେ ସାବଧାନ ରୁହନ୍ତୁ । ସାଥୀ ସହିତ ମତଭେଦ ଦୂର ହେବ ।



**ଧନୁ:** ବୃଥା ବ୍ୟସ୍ତତା ରହିବେ । ଭୟ-ଯନ୍ତ୍ରଣା, ମାନସିକ ଦୁଶ୍ଚିନ୍ତା ସମ୍ଭାବନା । ଲାଭ ଠିକ ରହିବ । ଦୁଃଖଦ ଖବର ମିଳିପାରେ । କ୍ଷତି ଏବଂ ଭୟର ସମ୍ଭାବନା, ବୀରତ୍ୱ ସଫଳତା ଆଡକୁ ଗତି କରିବ, ଅସନ୍ତୋଷର ବାତାବରଣ ସୃଷ୍ଟି ହେବ । ଭୟ, ଯନ୍ତ୍ରଣା ଏବଂ ଦ୍ୱନ୍ଦ୍ୱ ହୋଇପାରେ । କାର୍ଯ୍ୟ ଚତୁରତାର ସହିତ କରନ୍ତୁ । ପେଟ ରୋଗରେ ପୀଡିତ ହେବାର ସମ୍ଭାବନା ।



**ମକର:** ଯାତ୍ରା ସମ୍ଭବ ହେବ । କିଛି ଦୁଃଖ ସମ୍ଭାବନା । ଲାଭ ହେବ । ମହିଳା ଶ୍ରେଣୀର ଯନ୍ତ୍ରଣା । କୁସଙ୍ଗ ଯୋଗୁଁ କଷ୍ଟ ସମ୍ଭାବନା । ଏହା ଏକ ଅସନ୍ତୁଷ୍ଟ ଦିନ ହେବ । ପତିପତ୍ନୀଙ୍କ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ । ଘର ବାହାରେ ଅଶାନ୍ତି ଦେଖାଦେଇପାରେ । ପ୍ରୟାସ ସଫଳ ହେବ । ବିବାଦ ଠାରୁ ଦୂରେଇ ରୁହନ୍ତୁ । କାର୍ଯ୍ୟରେ ସଫଳତା, ଶତ୍ରୁମାନେ ପରାସ୍ତ ହେବେ ।



**କୁମ୍ଭ:** ଆୟ ବୃଦ୍ଧି ପାଇବ । ଭଲ ଖବର ଗ୍ରହଣ କରାଯିବ । ପୁରୁଣା ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବେ । ସ୍ୱାସ୍ଥ୍ୟ ଦୁର୍ବଳ ହେବ । ବିରୋଧର ସମ୍ଭାବନା, ଅର୍ଥ ହରାଇବା, ଘରେ ଅସନ୍ତୋଷ, ରୋଗ ଦ୍ୱାରା ଘେରି ରହିବାର ସମ୍ଭାବନା, କିଛି ସଫଳତାର ସମ୍ଭାବନା । ଚିନ୍ତା ଉପୁଜିବ । ସ୍ତ୍ରୀ ପୀଡା, କିଛି ଲାଭ ଆଶା କରନ୍ତୁ ।



**ମୀନ:** ଲାଭ ହେବ । ରୋଜଗାର ବୃଦ୍ଧି ପାଇବ । ବ୍ୟବସାୟ ଯାତ୍ରା ସଫଳ ହେବ । ପରିବାରର ଚିନ୍ତା ରହିବ । ଆପଣ ଅସୁସ୍ଥ ଅନୁଭବ କରିବେ । ଚିନ୍ତା ଆପଣଙ୍କୁଠାରୁ ମୁକ୍ତି ପାଇବ ନାହିଁ । ଝଗଡା ଏବଂ ଅପମାନରୁ ଦୂରେଇ ରୁହନ୍ତୁ । ସମ୍ଭାବ୍ୟ ଯାତ୍ରା ସତର୍କତା ଅବଲମ୍ବନ କରିବାକୁ ପଡିବ ।





ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯